# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୨୦/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, January 20/2023 | Page 16 | ₹ 7.00

୪୯ଶ ଭାଗ ୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 58 | ମୂଲ୍ୟ ₹୭/-




## ଫଟୋ ପାଇଁ ପ୍ରଶଂସା

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ଫଟୋ ୟୁଜର୍ସଙ୍କ ପସନ୍ଦ ଆସିଛି।

୧୦

୧୬

## ଜୋକୋଭିଚ୍ ତୃତୀୟ ରାଉଣ୍ଡରେ

ସର୍ବିୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ୱେଲ୍ସକୁ ୪-୨ରେ ହରାଇଲା ଭାରତ

## ■ ନ୍ୟୁଜିଲାଣ୍ଡ ସହ କ୍ରସ୍ ଓଭର ଖେଳିବ ■ ଇଂଲଣ୍ଡ କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୯।୧

ଆକାଶଦୀପ ସିଂଙ୍କ ଡବଲ ଗୋଲ ବଳରେ ଭାରତ ହକି ବିଶ୍ୱକପ୍‌ର ଗ୍ରୁପ୍ 'ଡି' ଶେଷ ଲିଗ୍ ମ୍ୟାଚ୍‌ରେ ୱେଲ୍ସକୁ ୪-୨ ଗୋଲରେ ପରାସ୍ତ କରିଛି। ତେବେ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଏହି ବିଜୟ ଭାରତକୁ ସିଧାସଳଖ କ୍ୱାର୍ଟର ଫାଇନାଲ ପ୍ରବେଶରେ ସହାୟକ ହୋଇପାରିନାହିଁ। ଭାରତ ଓ ଇଂଲଣ୍ଡ ସମାନ ୭ ପଏଣ୍ଟ ଲେଖାଏ ପାଇ ଗ୍ରୁପ୍ ପର୍ଯ୍ୟାୟ ଶେଷ କରିଛନ୍ତି। ତେବେ ଉନ୍ନତ ଗୋଲ ବ୍ୟବଧାନରେ ଇଂଲଣ୍ଡ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଇଂଲଣ୍ଡର ଗୋଲ ବ୍ୟବଧାନ +୯ ରହିଥିବାବେଳେ ଭାରତର +୪ ରହିଛି। ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ହେଲେ ଭାରତକୁ ୮ ଗୋଲ ବ୍ୟବଧାନରେ ୱେଲ୍ସକୁ ହରାଇବା ଆବଶ୍ୟକ ହେଉଥିଲା। ମାତ୍ର ତାହା ସମ୍ଭବ ହୋଇ ନ ଥିବାରୁ ନିୟମ ଅନୁସାରେ ଭାରତକୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାକୁ ହେଲେ କ୍ରସ୍ ଓଭରରେ ଗ୍ରୁପ୍ 'ସି'ର ତୃତୀୟ ସ୍ଥାନୀୟ ଦଳ ନ୍ୟୁଜିଲାଣ୍ଡକୁ ହରାଇବାକୁ ପଡ଼ିବ। ଏହି ମ୍ୟାଚଟି ୨୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହିଦିନ ଅନ୍ୟ ଏକ କ୍ରସ୍ ଓଭର ମ୍ୟାଚ ଗ୍ରୁପ୍ 'ଡି'ର ତୃତୀୟ ସ୍ପେନ୍ ଓ ଗ୍ରୁପ୍ 'ସି'ର ଦ୍ୱିତୀୟ ମାଲେସିଆ ମଧ୍ୟରେ ଖେଳାଯିବ। ଅନ୍ୟପକ୍ଷରେ ଇଂଲଣ୍ଡ ୨୫ ତାରିଖରେ କ୍ୱାର୍ଟର ଫାଇନାଲରେ ପୁଲ୍ 'ଏ'ର ଦ୍ୱିତୀୟ ଓ ପୁଲ୍ 'ବି'ର ତୃତୀୟ ଦଳ ମଧ୍ୟରେ ହେବାକୁଥିବା କ୍ରସ୍ ଓଭର ମ୍ୟାଚର ବିଜେତାକୁ ଭେଟିବ।

ଭାରତ-ୱେଲ୍ସ ମ୍ୟାଚ ଆରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ନିକଟରେ ଥିଲେ ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଥିରୁ ଉଦୟନିଧି ଷ୍ଟାଲିନ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ। ମ୍ୟାଚ ଶେଷରେ ପଦ୍ମଶ୍ରୀ ଓ ଅର୍ଜୁନ ପୁରସ୍କାରପ୍ରାପ୍ତ ପାରା ଅଲିମ୍ପିଆନ ଦୀପା ମଲିକ ଅତିଥିଭାବେ ଯୋଗଦେଇ ଭାରତର ଆକାଶଦୀପ ସିଂଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ମ୍ୟାଚର ପ୍ରଥମ ମିନିଟରୁ ହିଁ ଆକ୍ରମଣାତ୍ମକ ଖେଳିଥିଲା ଭାରତ। ଏକାଧିକ ଥର ୱେଲ୍ସ ଗୋଲପୋଷ୍ଟ ନିକଟରେ ଗୋଲ ସୁଯୋଗ ସୃଷ୍ଟି କରିଥିଲା। ଡି' ଏରିଆ ମଧ୍ୟରେ ବଲ୍ ପୋଜେଶନ ଭଲ ରହିଥିଲେ ହେଁ ଫିନିଶିଂ ହୋଇପାରି ନ ଥିଲା। ୱେଲ୍ସ ଗୋଲକିପର ଟୋବି ରେନୋଲ୍ଡଙ୍କ ପ୍ରଦର୍ଶନ ମଧ୍ୟ ଚମତ୍କାର ରହିଥିଲା। ଭାରତୀୟ ଖେଳାଳିଙ୍କ ଏକାଧିକ ଶଟ୍‌କୁ ଟୋବି ସଫଳତାର ସହ ସେଭ୍ କରିଥିଲେ। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୬ତମ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଅଧିନାୟକ ହରମନ୍‌ପ୍ରୀତ ସିଂଙ୍କ ଶଟ୍ ଅତ୍ୟନ୍ତ ଦୁର୍ବଳ ରହିଥିଲା। ☞ପୃଷ୍ଠା-୪



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଭାରତ-ୱେଲ୍ସ ମ୍ୟାଚ୍‌ରେ ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।



### ହକି ବିଶ୍ୱକପ୍
### ଗୁରୁବାର ମ୍ୟାଚ୍ ଫଳାଫଳ

- ନେଦରଲାଣ୍ଡ୍ସ-୧୪: ଚିଲି-୦
- ମାଲେସିଆ-୩ : ନ୍ୟୁଜିଲାଣ୍ଡ-୨
- ଇଂଲଣ୍ଡ-୪: ସ୍ପେନ୍-୦

**ଆଜିର ସମ୍ପାଦକୀୟ**


କୋଭିଡ୍ ମୁକାବିଲାର ନୂଆ ରଣନୀତି

ଥାନାରେ ହ୍ୟୁମାନ ସାଗର, ଶ୍ରିୟା
ପୃଷ୍ଠା-୩










## ଡିସିଡବ୍ଲ୍ୟୁ ଅଧ୍ୟକ୍ଷାଙ୍କୁ ଅସଦାଚରଣ

### କାର୍‌ରେ ଘୋଷାଡ଼ିଲେ ମଦ୍ୟପ ଡ୍ରାଇଭର


ସ୍ୱାତୀ ମାଲିୱାଲ

**ନୂଆଦିଲ୍ଲୀ, ୧୯।୧:** ଦିଲ୍ଲୀରେ ଗତ କିଛିଦିନ ହେଲା ଅପରାଧ ସଂଖ୍ୟା ବଢ଼ିଚାଲିଛି। ବିଶେଷ କରି ମହିଳା ବିରୋଧୀ ଅପରାଧ ଯଥେଷ୍ଟ ବଢ଼ିଛି। ଏପରିକି ମହିଳା କମିଶନ ଅଧ୍ୟକ୍ଷା ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତୀ ମାଲିୱାଲଙ୍କୁ ଏମ୍ସ ହସ୍ପିଟାଲ ନିକଟରେ ଗୁରୁବାର ଭୋର ସମୟରେ ଜଣେ ମଦ୍ୟପ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣଙ୍କ ତାଙ୍କ କାର୍‌ରେ ସ୍ୱାତୀଙ୍କୁ ୧୫ରୁ ୨୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲେ। ଦିଲ୍ଲୀ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ କାର୍‌କୁ ଜବତ କରି ତଦନ୍ତ ଜାରି ରଖିଛି। ରାଜଧାନୀ ଦିଲ୍ଲୀରେ ମହିଳାମାନେ କେତେ ସୁରକ୍ଷିତ ତାହାର ☞ପୃଷ୍ଠା-୪

# ୯ ପ୍ରକଳ୍ପକୁ ୧.୫୩ ଲକ୍ଷ କୋଟି

## ■ ସୃଷ୍ଟି ହେବ ୨୭ ହଜାର ନିଯୁକ୍ତି ସୁଯୋଗ
## ■ ପାରାଦୀପ ମିତ୍ତଲ ଷ୍ଟିଲ୍ ପ୍ଲାଣ୍ଟକୁ ମିଳିଲା ମଞ୍ଜୁରୀ

ଭୁବନେଶ୍ୱର, ୧୯।୧ (ବ୍ୟୁରୋ)

ରାଜ୍ୟସ୍ତରୀୟ ହାଇଲେଭଲ କ୍ଲିୟରାନ୍ସ ଅଥରିଟି(ଏଚ୍‌ଏଲ୍‌ସିଏ) ପକ୍ଷରୁ ୧,୫୩,୦୭୪.୬୩ କୋଟି ଟଙ୍କାର ୯ଟି ବୃହତ୍ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଚ୍‌ଏଲ୍‌ସିଏ ବୈଠକରେ ଗ୍ରୀନ୍ ଏନର୍ଜି ଓ ଉପକରଣ କ୍ଷେତ୍ରର ୪ଟି ପ୍ରକଳ୍ପ, ପେପର ଶିଳ୍ପର ୨ଟି, ମେଟାଲ ଓ ମିନେରାଲ କ୍ଷେତ୍ରର ୨ଟି ଏବଂ ଆଇଟି କ୍ଷେତ୍ରର ଗୋଟିଏ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ରାଜ୍ୟରେ ମୋଟ ୨୭,୦୩୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ବୋଲି ଜଣାପଡ଼ିଛି।

ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ମାଧ୍ୟମରେ ରାଜ୍ୟରେ ପୁଞ୍ଜିନିବେଶ ନିମନ୍ତେ ଆସିଥିଲା। ଏହି ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ଢେଙ୍କାନାଳ, ଜଗତ୍‌ସିଂହପୁର, ଗଞ୍ଜାମ, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ ଓ ମୟୂରଭଞ୍ଜ ଜିଲାରେ ସ୍ଥାପନ ହେବ। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ୩୮ହଜାର କୋଟି ଟଙ୍କା ବ୍ୟୟରେ ପାରାଦୀପରେ ବାର୍ଷିକ ୭ନିୟୁତ ଟନ୍ ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନ କରିବ। ଏହାଦ୍ୱାରା ୧୧,୪୯୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ରୁଙ୍ଗଟା ମେଟାଲ୍‌ସ ପ୍ରାଃ ଲିମିଟେଡ୍ ୧୧୪୦କୋଟି ଟଙ୍କା ବ୍ୟୟରେ ମୟୂରଭଞ୍ଜରେ ନିଜର ଷ୍ଟିଲ୍ ପ୍ଲାଣ୍ଟକୁ ବାର୍ଷିକ ୦.୫ ନିୟୁତ ଟନ୍‌ରୁ ଏକ ନିୟୁତ ଟନ୍ କ୍ଷମତାକୁ ସମ୍ପ୍ରସାରଣ କରିବ। ଏହାଦ୍ୱାରା ଅଧିକ ୧୦୧୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ଏସିଏମ୍‌ଇ କ୍ଲିନ୍ ଏନର୍ଜି ପ୍ରାଇଭେଟ ଲିମିଟେଡ୍‌ର ୫୮୨୦୯.୧୩ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। କମ୍ପାନୀ ଜଗତ୍‌ସିଂହପୁର ଜିଲାର କୁଜଙ୍ଗଠାରେ ୧.୧ ମିଲିୟନ କ୍ଷମତା ବିଶିଷ୍ଟ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ ଓ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ସ୍ଥାପନ କରିବ। ସେହିପରି କୋରାପୁଟ ଓ କଳାହାଣ୍ଡି ଜିଲାରେ ୪୫୦୦ ମେଗାୱାଟ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ଏହା ଦ୍ୱାରା ମୋଟ ୩୪୦୦ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି। ସେହିପରି ଆଭାଦା ଗ୍ରୀନ୍ ଏଚ୍୨ପ୍ରାଇଭେଟ ଲିମିଟେଡ ଗଞ୍ଜାମ ଜିଲାରେ ୨୩,୫୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ☞ପୃଷ୍ଠା-୪

# ମାରାଥନ୍‌ରେ ୮୦ ବର୍ଷୀୟା

## ଶାଢ଼ି ପିନ୍ଧି ଧାଇଁଲେ ୪.୨ କି.ମି.

ମୁମ୍ବାଇ, ୧୯।୧

ଆଗ୍ରହ ଓ ଇଚ୍ଛାଶକ୍ତି ଆଗରେ କୌଣସି ସମସ୍ୟା ଦୀର୍ଘସ୍ଥାୟୀ ନୁହେଁ। ମୁମ୍ବାଇର ୮୦ ବର୍ଷୀୟା ଭାରତୀ ଜିତେନ୍ଦ୍ର ପାଠକ ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି। ନିକଟରେ ୧୮ତମ ଟାଟା ମୁମ୍ବାଇ ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାଠାରୁ ଆରମ୍ଭ କରି ପ୍ରତ୍ୟେକ ବୟସ ବର୍ଗର ଲୋକେ ଏଥିରେ ସାମିଲ ହୋଇଥିଲେ। ତେବେ ଏହି ମାରାଥନ୍‌ରେ ଦୌଡ଼ୁଥିବା ଲୋକଙ୍କ ମଧ୍ୟରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ମୁମ୍ବାଇର ଭାରତୀ। ସେ ମାରାଥନ୍ ଦୌଡ଼ୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି।

ଶାଢ଼ି ପିନ୍ଧି, ପାଦରେ ସ୍ନିକର (ଜୋତା) ମଡ଼େଇ ଏବଂ ହାତରେ ତ୍ରିରଙ୍ଗା ଧରି ଭାରତୀ ମାରାଥନ୍ ଦୌଡ଼ୁଥିବାର ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ୫୧ ମିନିଟ୍‌ର ଏହି ମାରାଥନ୍‌ରେ ଭାରତୀ ୪.୨ କିଲୋମିଟର ଦୌଡ଼ିଛନ୍ତି। ତାଙ୍କର ଏହା ପଞ୍ଚମ ମାରାଥନ୍ ଦୌଡ଼ ଥିଲା। ଫିଟ୍ ରହିବାକୁ ପସନ୍ଦ କରୁଥିବା ୮୦ ବର୍ଷୀୟା ଭାରତୀ ପ୍ରତିଦିନ ସକାଳେ ଚାଲୁଥିବା କହିଛନ୍ତି। ଏଥିସହ ସେ ଜଣେ ଭାରତୀୟ ବୋଲି ଗର୍ବିତ। ଦେଶର ଐତିହ୍ୟ ବିଷୟରେ ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରତ୍ୟେକ ଲୋକ ଜାଣନ୍ତୁ ବୋଲି ସେ ମାରାଥନ୍‌ରେ ତ୍ରିରଙ୍ଗା ପତାକା ଧରିଥିବା କହିଛନ୍ତି। ପ୍ରତିବର୍ଷ ଜାନୁୟାରୀ ମାସ ତୃତୀୟ ରବିବାର ଟାଟା ମୁମ୍ବାଇ ମାରାଥନ୍‌ର ଆୟୋଜନ କରାଯାଏ। ସିନେ କଳାକାରଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ଏଥିରେ ସାମିଲ ହେଉଥିବାବେଳେ ଚଳିତବର୍ଷ ୫୫,୦୦୦ ଲୋକ ଯୋଗ ଦେଇଥିଲେ।

ଭାରତୀଙ୍କ ନାତୁଣୀ ଡିମ୍ପଲ ମେହେଟା ଫର୍ନାଣ୍ଡିଜ୍ ତାଙ୍କର ଏହି ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଶେୟାର କରିଥିବାବେଳେ ୟୁଜର୍ସ ଭାରତୀଙ୍କୁ ଖୁବ୍ ପ୍ରଶଂସା କରି ବହୁ କମେଣ୍ଟ ଦେଇଛନ୍ତି। ୱାଓ, ନାନୀ ସମସ୍ତଙ୍କ ପାଇଁ ପ୍ରେରଣା କହି ଜଣେ ୟୁଜର୍ସ କମେଣ୍ଟ ଲେଖିଥିବାବେଳେ ଆଉ ଜଣେ ଲେଖିଛନ୍ତି, ନାନୀ ମାରାଥନ୍ ଦୌଡ଼ୁଥିବା ଦେଖି ଖୁସି ଲାଗିଲା। ବୟସ କେବଳ ଏକ ସଂଖ୍ୟାମାତ୍ର।



ଭାରତୀ ଜିତେନ୍ଦ୍ର ପାଠକ




ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଜାନୁୟାରୀ, ୨୦୨୩

**ଗୁରୁଦାସପୁରରେ ଚାଇନା ଅସ୍ତ୍ର ଖସାଇଲା ଡ୍ରୋନ୍**

ପଞ୍ଜାବର ଗୁରୁଦାସପୁର ଜିଲା ଉଞ୍ଚା ତକଲ ଗ୍ରାମରେ ମଙ୍ଗଳବାର ରାତିରେ ଏକ ପାକିସ୍ତାନୀ ଡ୍ରୋନ୍ ଅସ୍ତ୍ର ଖସାଇଛି। ସେଥିରେ ଚାଇନା ନିର୍ମିତ ଯୁଦ୍ଧାସ୍ତ୍ର ରହିଛି। ଭାରତ-ପାକିସ୍ତାନ ସୀମାଠାରୁ ୮.୫ କି.ମି. ଭିତରକୁ ଏହା ଆସିଯାଇଥିବା ବିଏସ୍‌ଏଫ୍ ଯବାନମାନେ ଦେଖି ଗୁଳି ଚଳାଇଥିଲେ। ଡ୍ରୋନ୍‌ରୁ ଅସ୍ତ୍ର ଖସାଯାଇଥିବା ସନ୍ଦେହ କରି ସୁରକ୍ଷା ବଳ ଉକ୍ତ ଅଞ୍ଚଳରେ ତଲାସି ଚଳାଇଥିଲା। ସେଠାରୁ ୪ଟି ଚାଇନା ନିର୍ମିତ ପିସ୍ତଲ, ୮ ମାଗାଜିନ, ୪୭ ରାଉଣ୍ଡ ଗୁଳି ଜବତ ହୋଇଛି।



## ସଂକ୍ଷେପରେ

### ଶଙ୍କର ମିଶ୍ରାଙ୍କୁ ୪ ମାସ ଯାତ୍ରା ମନା: ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୧୯।୧:** ଗତବର୍ଷ ନଭେମ୍ବର ୨୬ରେ ଏୟାର ଇଣ୍ଡିଆର ନ୍ୟୁୟର୍କ-ଦିଲ୍ଲୀ ବିମାନରେ ଜଣେ ବୃଦ୍ଧା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିବା ଶଙ୍କର ମିଶ୍ରାଙ୍କ ଉପରେ ଏୟାରଲାଇନ୍ସ ବ୍ୟାନ୍ ଲଗାଇଛି। ସେ ୪ ମାସ ପର୍ଯ୍ୟନ୍ତ ଏୟାର ଇଣ୍ଡିଆ ବିମାନରେ ଯାତ୍ରା କରିପାରିବେ ନାହିଁ। ଗତ ୬ ତାରିଖରେ ଅଭିଯୁକ୍ତ ମିଶ୍ରାଙ୍କୁ ବେଙ୍ଗାଲୁରୁରୁ ଗିରଫ କରାଯାଇଥିଲା। ଜାମିନ ଖାରଜ ହୋଇଯିବା ପରେ ଏବେ ସେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ମହିଳା ଯାତ୍ରୀଙ୍କ ଅଭିଯୋଗ କ୍ରମେ ଦିଲ୍ଲୀ ପୋଲିସ ଜାନୁୟାରୀ ୪ରେ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୩୫୪, ୫୦୯, ୫୧୦ ଏବଂ ଭାରତୀୟ ବିମାନ ଆଇନର ଧାରା ୨୩ରେ ମାମଲା ରୁଜୁ କରିଥିଲା। ମହିଳା ଜଣକ ନିଜେ ପରିସ୍ରା କରିଥିଲେ ବୋଲି ମିଶ୍ରା ଆଣିଥିବା ଅଭିଯୋଗକୁ ଅଦାଲତ ଖାରଜ କରିଦେଇଥିଲେ। ପରିସ୍ରା କରିବା ଅଭିଯୋଗ ପରେ ମିଶ୍ରାଙ୍କୁ ଆମେରିକା ଫାଇନାନ୍ସ ସର୍ଭିସ କମ୍ପାନୀ ୱେଲ୍ସ ଫାର୍ଗୋ ଚାକିରିରୁ ବହିଷ୍କାର କରିଥିଲା।

### ପୃଥିବୀ ଧ୍ୱଂସ ପାଇଁ ଇନ୍ଧନ ଦେଉଛି ଡାଭୋସ୍: ଗ୍ରେଟା



**ଡାଭୋସ୍,୧୯।୧:** ସୁଇଜରଲାଣ୍ଡର ଡାଭୋସ୍‌ରେ ବିଶ୍ୱ ଅର୍ଥନୀତି ଫୋରମ୍ ସମ୍ମିଳନୀ ଚାଲିଥିବାବେଳେ ସେଥିରେ ଭାଗ ନେଇଥିବା ଲୋକେ ବିଶ୍ୱକୁ ଧ୍ୱଂସ କରିଦେବା ଲାଗି ଇନ୍ଧନ ଯୋଗାଉଛନ୍ତି ବୋଲି ସୁଇଡେନ୍ ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗ ଅଭିଯୋଗ କରିଛନ୍ତି। ଜୀବାଶ୍ମ ଇନ୍ଧନ ବିରୋଧରେ ଗ୍ରେଟା ଚଳାଇଥିବା ଲଢ଼େଇ ନେଇ ଡାଭୋସ୍ ସମ୍ମିଳନୀରେ ଚାପ ପକାଇଛନ୍ତି। ଦୁଇଦିନ ପୂର୍ବରୁ ଜର୍ମାନୀ କୋଇଲା ଖଣି ବିରୋଧରେ ବିକ୍ଷୋଭ ବେଳେ ଗ୍ରେଟାଙ୍କୁ ଅଟକ ରଖିଥିଲା। ବିଶ୍ୱ ଅର୍ଥନୀତି ଫୋରମ୍ ଅବସରରେ ଗ୍ରେଟା ଓ ତାଙ୍କ ସହଯୋଗୀମାନେ ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଇଏ) ମୁଖ୍ୟ ଫତିହା ବିରୋଲଙ୍କ ସହ ବିତର୍କରେ ସାମିଲ ହୋଇଥିଲେ।

### ବୁର୍ଖାପିନ୍ଧା ଛାତ୍ରୀଙ୍କୁ କଲେଜରେ ପ୍ରବେଶ ଅନୁମତି ମିଳିଲାନି

**ମୋରଦାବାଦ,୧୯।୧:** ଉତ୍ତରପ୍ରଦେଶର ମୋରଦାବାଦସ୍ଥିତ ଏକ କଲେଜରେ ବୁର୍ଖା ପିନ୍ଧି ଆସିଥିବା କେତେଜଣ ଛାତ୍ରୀଙ୍କୁ ପ୍ରବେଶ ଅନୁମତି ଦିଆ ନ ଯିବାରୁ ଏହାକୁ ନେଇ ଗୁରୁବାର ପୁଣିଥରେ ବିବାଦ ଦେଖାଦେଇଛି। ମୋରଦାବାଦର ହିନ୍ଦୁ କଲେଜରେ ଏହି ଘଟଣା ଘଟିଛି। ବୁର୍ଖା ପିନ୍ଧିଥିବା ଛାତ୍ରୀମାନଙ୍କୁ କଲେଜ ପରିସରରେ ପ୍ରବେଶ ଅନୁମତି ଦିଆ ନଯାଇ ଫାଟକ ନିକଟରେ ବୁର୍ଖା ଖୋଲିବାକୁ କୁହାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ଛାତ୍ରୀ ଏବଂ ସମାଜବାଦୀ ଛାତ୍ର ସଭା କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ନିୟମ ପାଳନ ଲାଗି କଲେଜ ପ୍ରଫେସରମାନେ ସେମାନଙ୍କ ନିଷ୍ପତ୍ତିରେ ଅଟଳ ରହିଥିଲେ। ସେହି ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରଫେସର ଡ. ଏ.ପି. ସିଂ କହିଛନ୍ତି, କଲେଜରେ ନିର୍ଦ୍ଦିଷ୍ଟ ଡ୍ରେସ୍ କୋଡ୍ କାର୍ଯ୍ୟକାରୀ ହୋଇଛି। ଏହାକୁ ଅନୁପାଳନ କରିବାକୁ ମନା କରୁଥିବା ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସ୍‌ରେ ପ୍ରବେଶ ଅନୁମତି ମିଳିବ ନାହିଁ। ବୁର୍ଖାକୁ ଡ୍ରେସ୍ କୋଡ୍‌ରେ ସାମିଲ କରିବା ସହ ଏହାକୁ ପିନ୍ଧିଥିବା ଛାତ୍ରୀମାନଙ୍କୁ ପ୍ରବେଶ ଅନୁମତି ଦେବାକୁ ସମାଜବାଦୀ ଛାତ୍ର ସଭା ପକ୍ଷରୁ ସ୍ମାରକପତ୍ର ଦିଆଯାଇଥିଲା।



ସାଧାରଣତନ୍ତ୍ର ଦିବସ ପୂର୍ବରୁ ଗୁରୁବାର ନୂଆଦିଲ୍ଲୀରେ ଭାରତୀୟ ବାୟୁସେନା ପକ୍ଷରୁ ସାରଙ୍ଗ ହେଲିକପ୍ଟରରେ ରିହର୍ସାଲ କରାଯାଇଛି।

## ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଇସ୍ତଫା ଘୋଷଣା କଲେ

**ସିଡ୍‌ନୀ,୧୯।୧:** ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେର୍ନ ଆସନ୍ତା ଫେବୃୟାରୀ ୭ରେ ତାଙ୍କ ପଦରୁ ଇସ୍ତଫା ଦେବେ ବୋଲି ଗୁରୁବାର ଘୋଷଣା କରିଛନ୍ତି। ପ୍ରଗତିଶୀଳ ରାଜନୀତିର ଜଣାଶୁଣା ନେତ୍ରୀଙ୍କ ଏଭଳି ଘୋଷଣା ଦେଶବାସୀଙ୍କୁ ସ୍ତବ୍ଧ କରିଛି। ପ୍ରାକୃତିକ ବିପର୍ଯ୍ୟୟ, କୋଭିଡ୍ ମହାମାରୀ ଏବଂ ସବୁଠୁ ଭୟାବହ ଆତଙ୍କବାଦୀ ଆକ୍ରମଣ ବେଳେ ସେ ଦେଶର ନେତୃତ୍ୱ ନେଇଥିଲେ। ତେବେ ଆଉ ନେତୃତ୍ୱ ନେବାକୁ ସମର୍ଥ ନୁହନ୍ତି ବୋଲି ୪୨ ବର୍ଷୀୟ ନେତ୍ରୀ କହିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ପାରୁଥିଲି, ଯେତେଦୂର ସମ୍ଭବ ଦେଇଥିଲି। ଏବେ ମୋ ପାଇଁ ଏହା ହିଁ ସମୟ ବୋଲି ଲେବର ପାର୍ଟି ବୈଠକରେ ସେ ଦଳୀୟ ସଦସ୍ୟମାନଙ୍କୁ କହିଛନ୍ତି। ଜେସିଣ୍ଡା ୨୦୧୭ରୁ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ତଥା ଲେବର ପ୍ରାର୍ଟି ନେତ୍ରୀ ରହିଥିଲେ। ସେ ମାଉଣ୍ଟ ଆଲବର୍ଟରୁ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ତାଙ୍କର ଇସ୍ତଫା ଘୋଷଣା ପରେ ଦଳରେ ନେତୃତ୍ୱ ନିର୍ବାଚନର ଆବଶ୍ୟକତା ପଡ଼ିଛି।



ଜେସିଣ୍ଡା ଆର୍ଡେର୍ନ

# ଅଭିଯୁକ୍ତଙ୍କୁ ଜେଲରେ ସବୁଦିନ ରଖିହେବ ନାହିଁ

### ଲଖିମପୁର ଖେରି ମାମଲା: ଆଶିଷ ମିଶ୍ରାଙ୍କ ଜାମିନ ରାୟ ସଂରକ୍ଷିତ





**ନୂଆଦିଲ୍ଲୀ,୧୯।୧**

କୌଣସି ମାମଲାରେ ଜଣେ ଅଭିଯୁକ୍ତଙ୍କ ଦୋଷ ପ୍ରମାଣିତ ହୋଇ ନ ଥିଲେ ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜେଲରେ ବନ୍ଦୀ ରଖାଯାଇପାରିବ ନାହିଁ। ଉତ୍ତର ପ୍ରଦେଶର ଲଖିମପୁର ଖେରି ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଜାମିନ ଆବେଦନର ଶୁଣାଣି ବେଳେ ଗୁରୁବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ମାମଲାର ସବୁଠୁ ବଡ଼ ପୀଡ଼ିତ ହେଲେ ଜେଲରେ ଥିବା ଚାଷୀମାନେ। ଯଦି ଆଶିଷଙ୍କୁ ଜାମିନ ଦିଆଯିବ ନାହିଁ, ତେବେ ସେହି ଚାଷୀମାନେ ମଧ୍ୟ ଜେଲରେ ରହିପାରନ୍ତି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ଆଶିଷଙ୍କ ଜାମିନ ଆବେଦନର ରାୟ ସଂରକ୍ଷିତ ରଖିଛନ୍ତି।

୨୦୨୧ ଅକ୍ଟୋବର ୩ରେ ଲଖିମପୁର ଖେରି ଜିଲାର ତିକୁନିଆକୁ ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଯାଉଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ କୃଷକମାନେ ବିକ୍ଷୋଭ କରୁଥିଲେ। ଆଶିଷ ବସିଥିବା ଏକ ଏସ୍‌ୟୁଭି ବିକ୍ଷୋଭକାରୀଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ୪ କୃଷକଙ୍କ ମୃତ୍ୟୁ ଘଟିବା ପରେ ସେଠାରେ ହିଂସା ଉପୁଜିଥିଲା। ଉତ୍ୟକ୍ତ ଚାଷୀମାନେ ଜଣେ ଡ୍ରାଇଭର ଓ ୨ ଭାଜପା କର୍ମୀଙ୍କୁ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଥିଲା। ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ସାମ୍ବାଦିକଙ୍କ ମଧ୍ୟ ହିଂସାରେ ମୃତ୍ୟୁ ଘଟିଥିବା ୟୁପି ପୋଲିସ ନିଜ ଏଫ୍‌ଆଇଆର୍‌ରେ ଦର୍ଶାଇଥିଲା। ଆଶିଷଙ୍କ ଜାମିନ ଆବେଦନ ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜେ.କେ. ମାହେଶ୍ୱରୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏହା ହେଉଛି ପକ୍ଷମାନଙ୍କ ଅଧିକାରକୁ ନେଇ ସନ୍ତୁଳନ ବଜାୟ ରଖିବାର ମାମଲା। ବାହ୍ୟ ସ୍ଥିତିରେ ପ୍ରଭାବିତ ନ ହୋଇ ଉପଯୁକ୍ତ ଶୁଣାଣି ସୁନିଶ୍ଚିତ କରାଇବା ହେଉଛି ରାଷ୍ଟ୍ରର ଅଧିକାର। ଉକ୍ତ ମାମଲାରେ ସମାଜର ଅନେକ ପକ୍ଷ ସମ୍ପୃକ୍ତ ଥିବାରୁ ଏହା ରାଷ୍ଟ୍ରର ଅଧିକାର। ଅପରାଧକୁ ନେଇ ଅଭିଯୁକ୍ତଙ୍କ ଦୋଷ ପ୍ରମାଣିତ ନ ହେବା ଯାଏ ତାଙ୍କର ମଧ୍ୟ ଅଧିକାର ରହିଛି। ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦୀ ରଖାଯିବା ଅନୁଚିତ।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆହୁରି କହିଛନ୍ତି, ସର୍ବୋଚ୍ଚ ଅଦାଲତଙ୍କ ସମ୍ମୁଖରେ କେବଳ ଆଶିଷ ଜଣେ ମାତ୍ର ଆବେଦନକାରୀ ନୁହନ୍ତି। ମୋ ସାମ୍ନାରେ ଥିବା ପୀଡ଼ିତଙ୍କୁ ନ ଦେଖିବା ଗତ ୧୯ ବର୍ଷ ଧରି ମୋର ସିଦ୍ଧାନ୍ତ ରହିଆସିଛି। ମୁଁ ସେହି ପୀଡ଼ିତମାନଙ୍କୁ ମଧ୍ୟ ଦେଖିଥାଏ, ଯେଉଁମାନେ କୋର୍ଟକୁ ଆସିପାରି ନ ଥାଆନ୍ତି। ସେମାନେ ହେଉଛନ୍ତି ସବୁଠୁ ଅଧିକ ପୀଡ଼ିତ। ତୁମେ ଆମ ମୁହଁ ଖୋଲିବାକୁ ଚାହୁଁଛ। ଜେଲରେ ଶଢ଼ୁଥିବା ଚାଷୀମାନଙ୍କୁ କିଏ ଦେଖୁଛନ୍ତି। ଏହି ବ୍ୟକ୍ତି (ଆଶିଷ)ଙ୍କୁ ଆଶ୍ୱସ୍ତି ଦିଆ ନ ଗଲେ ସେହି ଚାଷୀମାନେ ମଧ୍ୟ ଜେଲରେ ରହିବେ। ତଳ କୋର୍ଟ ସେମାନଙ୍କ ଜାମିନ ଆବେଦନକୁ ଖାରଜ କରିସାରିଛନ୍ତି ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ମୌଖିକ ଭାବେ କହିଛନ୍ତି।

ଜାମିନ ଆବେଦନର ବିରୋଧୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଦବେ କହିଥିଲେ, କୋର୍ଟଙ୍କ ଏପରି ତୁଳନାକୁ ନେଇ ସେ ବିସ୍ମିତ ଓ ନିରାଶ ହୋଇଛନ୍ତି। ଖଣ୍ଡପୀଠ କହିଲେ, ଏହି ମାମଲାରେ ସୁପ୍ରିମକୋର୍ଟ ଅଧିକ ଅନୁଧ୍ୟାନ କରିବା ଆବଶ୍ୟକତା ରହିଛି। ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯିବା ପର୍ଯ୍ୟନ୍ତ ମାମଲାକୁ ବିଚାରାଧୀନ ରଖାଯିବ। ଟ୍ରାଏଲ୍ କୋର୍ଟ ଉପରେ ଆମେ ଚାପ ସୃଷ୍ଟି କରିପାରିବୁ ନାହିଁ। ଏହାର ଦୈନନ୍ଦିନ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେବା ମଧ୍ୟ ଅଯୌକ୍ତିକ।

ୟୁପି ସରକାରଙ୍କ ଆଡିଶନାଲ ଆଡ୍‌ଭୋକେଟ୍ ଜେନେରାଲ ଗାରିମା ପ୍ରସାଦ, ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗି ଏବଂ ଦୁଷ୍ୟନ୍ତ ଦବେଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ କହିଥିଲେ, ଆମେ ରାୟ ପ୍ରକାଶ କରିବୁ। ଜାମିନ ଆବେଦନକୁ ବିରୋଧ କରି ଗାରିମା କହିଥିଲେ, ଏହା ଏକ ଗମ୍ଭୀର ଅପରାଧ। ଅଭିଯୁକ୍ତଙ୍କୁ ଜାମିନ ଦେବା ଦ୍ୱାରା ସମାଜକୁ ଖରାପ ସନ୍ଦେଶ ଯିବ। ଦବେ କହିଥିଲେ, ଜାମିନ ପ୍ରଦାନ କରିବା ସମାଜ ପାଇଁ ଭୟଙ୍କର ବାର୍ତ୍ତା ହେବ। ଦବେଙ୍କ ଯୁକ୍ତିକୁ ଆଶିଷଙ୍କ ଓକିଲ ରୋହତଗି ଦୃଢ଼ ଭାବ ବିରୋଧ କରି କହିଥିଲେ, ତାଙ୍କ ମହକିଲ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜେଲରେ ରହିସାରିଲେଣି। ଯେପରି ଭାବେ ବିଚାର ଚାଲିଛି, ଏହା ସମ୍ପୂର୍ଣ୍ଣ ହେବା ପାଇଁ ୭-୮ ବର୍ଷ ଲାଗିଯିବ। ଅଭିଯୋଗକାରୀ ଜଗଜିତ ସିଂ ଜଣେ ପ୍ରତ୍ୟକ୍ଷଦର୍ଶୀ ନୁହନ୍ତି। ଶୁଣା କଥାରେ ସେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଉପରେ ଆଶିଷ ନିର୍ଦ୍ଦୟ ଭାବେ ଗାଡ଼ି ମଡ଼ାଇଦେଇଥିଲେ ବୋଲି ବହୁ ଲୋକ କହୁଥିବାବେଳେ ଏଫ୍‌ଆଇଆର୍ ଏପରି ଜଣେ ବ୍ୟକ୍ତିଙ୍କ ଏତଲାକ୍ରମେ ହୋଇଛି, ଯିଏକି ପ୍ରତ୍ୟକ୍ଷଦର୍ଶୀ ନୁହନ୍ତି। ଆଶିଷ ଜଣେ ଅପରାଧୀ ନୁହନ୍ତି କି ତାଙ୍କର ଆପରାଧିକ ରେକର୍ଡ ନାହିଁ।

ପ୍ରକାଶ ଯେ ଗତବର୍ଷ ଡିସେମ୍ବର ୬ରେ ତଳ କୋର୍ଟ ଆଶିଷ ଓ ଅନ୍ୟ ୧୨ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା, ଆପରାଧିକ ଷଡ଼ଯନ୍ତ୍ର ଓ ଅନ୍ୟ ଅଭିଯୋଗକୁ ନେଇ ଚାର୍ଜଫ୍ରେମ୍ କରିଥିଲେ। ଆଶିଷଙ୍କ ସମେତ ଅଭିଯୁକ୍ତ ଅଙ୍କିତ ଦାସ, ନନ୍ଦନ ସିଂ ବିଷ୍ଟ, ଲତିଫ୍ କାଲେ, ସତ୍ୟ ପ୍ରକାଶ ତ୍ରିପାଠୀ, ଶେଖର ଭାରତୀ, ସୁମିତ୍ ଜୟସ୍ୱାଲ, ଆଶିଷ ପାଣ୍ଡେ, ଲବକୁଶ ରାଣା, ଶିଶୁ ପାଲ୍, ମୋହିତ ତ୍ରିବେଦୀ, ରିଙ୍କୁ ରାଣା ଓ ଧର୍ମେନ୍ଦ୍ର ବଞ୍ଜାରା ମଧ୍ୟ ଜେଲରେ ଅଛନ୍ତି। ଗତବର୍ଷ ଡିସେମ୍ବର ୧୨ରେ ସୁପ୍ରିମକୋର୍ଟରେ ଏହି ପ୍ରସଙ୍ଗରେ ଶୁଣାଣି ବେଳେ ରାଜ୍ୟ ସରକାର ଆଶିଷଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲେ।

## ଗୁଜରାଟ ଦଙ୍ଗା ପାଇଁ ମୋଦି ଦାୟୀ: ବିବିସି

### ନିନ୍ଦାକଲା ଭାରତ

**ଲଣ୍ଡନ/ନୂଆଦିଲ୍ଲୀ,୧୯।୧**

୨୦୦୨ ଫେବୃୟାରୀ ଓ ମାର୍ଚ୍ଚରେ ସଂଘଟିତ ଗୁଜରାଟର ସାମ୍ପ୍ରଦାୟିକ ଦଙ୍ଗାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକା ଥିବା ବିଷୟ ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି)ରେ ମଙ୍ଗଳବାର ରାତିରେ ପ୍ରସାରିତ ହୋଇଥିଲା। ରିଚାର୍ଡ କୁକ୍‌ସନ ଏବଂ ମାଇକ୍ ରାଡ୍‌ଫୋର୍ଡଙ୍କ ପ୍ରଯୋଜନାରେ ନିର୍ମିତ 'ଇଣ୍ଡିଆ: ଦି ମୋଦି କ୍ୱେଶ୍ଚେନ୍' ଶୀର୍ଷକ ଏହି ଡକ୍ୟୁମେଣ୍ଟାରିରେ ପ୍ରଧାନମନ୍ତ୍ରୀ ମୋଦି ଓ ଦେଶର ମୁସ୍‌ଲିମ୍ ସଂଖ୍ୟାଲଘୁଙ୍କ ମଧ୍ୟରେ ବଢ଼ୁଥିବା ଉତ୍ତେଜନାକୁ ପ୍ରଦର୍ଶିତ କରାଯାଇଛି। ୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ଗ୍ରୋଧ୍ରା ଦଙ୍ଗା ଉପରେ ବ୍ରିଟେନ୍ ସରକାର ଏକ ତଦନ୍ତ କରାଇଥିଲେ। ଉକ୍ତ ତଦନ୍ତରୁ ଏହି ବିଷୟ ଜଣାପଡ଼ିଥିବା ବ୍ରିଟେନର ନ୍ୟାଶନାଲ ବ୍ରଡ୍‌କାଷ୍ଟର ବିବିସି ସିରିଜ୍‌ରେ ଦର୍ଶାଯାଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଏହାକୁ ଉପନିବେଶବାଦୀ ମାନସିକତା ବୋଲି ନିନ୍ଦା କରିଛନ୍ତି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଭାରତୀୟ ପ୍ରତିପକ୍ଷ ମୋଦିଙ୍କୁ ନେଇ ଏଭଳି ଚିତ୍ରଣ ସହ ଏକମତ ନ ଥିବା କହିଛନ୍ତି। ଏହି ପ୍ରସଙ୍ଗରେ ବିବାଦ ସୃଷ୍ଟି ହେବା ପରେ ୟୁଟ୍ୟୁବ୍ ସମେତ ଆଉ କେତେକ ଲାଇଭ୍ ଷ୍ଟ୍ରିମିଂ ଚ୍ୟାନେଲ ଭିଡିଓକୁ ହଟାଇଦେଇଛନ୍ତି।

## ରାକ୍ଷୀ ସାୱନ୍ତ ଗିରଫ

**ମୁମ୍ବାଇ, ୧୯।୧:** ମୁମ୍ବାଇର ଅମ୍ବୋଲି ପୋଲିସ ଗୁରୁବାର ବଲିଉଡ୍ ଆଇଟମ୍ ଗର୍ଲ ତଥା ବିବାଦୀୟ ଅଭିନେତ୍ରୀ ରାକ୍ଷୀ ସାୱନ୍ତଙ୍କୁ ଗିରଫ କରିଛି। ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ସେର୍ଲିନ୍ ଚୋପ୍ରାଙ୍କୁ ରାକ୍ଷୀ ଖରାପ ଭାଷାରେ ଗାଳି କରିବା ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ରାକ୍ଷୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ପରେ ରାକ୍ଷୀଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିବାକୁ ଥିବାବେଳେ ମାନବୀୟ ଆଧାରରେ ତାଙ୍କୁ ଛାଡ଼ି ଦିଆଯାଇଛି। ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବାନେଇ ରାକ୍ଷୀ ଦସ୍ତାବିଜ୍ ଉପସ୍ଥାପନ କରିବା ପରେ ତାଙ୍କୁ ଛାଡ଼ିଦିଆଯାଇଥିବା ସେର୍ଲିନ୍ ଚୋପ୍ରାଙ୍କ ଓକିଲ ସୁହେଲ ଶରିଫ୍ କହିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ଯାଞ୍ଚରେ ରାକ୍ଷୀ ସମ୍ପୂର୍ଣ୍ଣ ସହଯୋଗ କରିଥିବା କାରଣରୁ ପୋଲିସ ତାଙ୍କୁ ଘରକୁ ଯିବାକୁ ଅନୁମତି ଦେଇଥିଲା। ଅଭିଯୋଗ ନେଇ ରାକ୍ଷୀ ବୁଧବାର ଦିନ୍ଦୋଶି କୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବାବେଳେ କୋର୍ଟ ତାହାକୁ ଖାରଜ କରିଦେଇଥିଲେ।



## ୩ୟ ଥର ସୁପାରିସ କଲେ କଲେଜିୟମ୍

### ସମଲିଙ୍ଗୀ ଆଇନଜୀବୀଙ୍କୁ ହାଇକୋର୍ଟ ବିଚାରପତି ନିଯୁକ୍ତି

**ନୂଆଦିଲ୍ଲୀ,୧୯।୧**

ସମଲିଙ୍ଗୀ ଆଇନଜୀବୀ ସୌରଭ କିର୍ପାଲଙ୍କୁ ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପ୍ରିମକୋର୍ଟ କଲେଜିୟମ ତୃତୀୟ ଥର ପାଇଁ ସୁପାରିସ କରିଛନ୍ତି। ଜଣେ ବରିଷ୍ଠ ଆଇନଜୀବୀଙ୍କୁ ବିଚାରପତିଭାବେ ପଦୋନ୍ନତି ଦେବା ଲାଗି ପୂର୍ବରୁ ଦୁଇଥର କଲେଜିୟମ ସୁପାରିସ କରିଥିଲେ ମଧ୍ୟ ସରକାର ଏହାକୁ ଗ୍ରହଣ କରି ନ ଥିଲେ। ସୁପାରିସ୍‌କୁ ସରକାର ବିରୋଧ କରିଥିବାର କାରଣ ସମ୍ପର୍କରେ ପ୍ରଥମ ଥର ପାଇଁ ସର୍ବୋଚ୍ଚ ଅଦାଲତ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। କିର୍ପାଲଙ୍କୁ ପଦୋନ୍ନତି ଦେବା ପ୍ରସ୍ତାବ ୫ ବର୍ଷ ହେଲା ଅଟକି ରହିଛି। ଜଜ୍ ନିଯୁକ୍ତିକୁ ନେଇ ସରକାର ଏବଂ ନ୍ୟାୟପାଳିକା ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଗୋପନ ଦସ୍ତାବିଜ୍ ସମ୍ପର୍କରେ ଅଦାଲତ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। କିର୍ପାଲ ଜଣେ ଜଣାଶୁଣା ସମଲିଙ୍ଗୀ ଏବଂ ତାଙ୍କର ପାର୍ଟନର ଜଣେ ସୁଇସ୍ କହି ସରକାର ତାଙ୍କ ପଦୋନ୍ନତି ସୁପାରିସ୍‌କୁ ଗ୍ରହଣ କରି ନ ଥିଲେ। ଉଭୟ କାରଣକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। କିର୍ପାଲଙ୍କ ପାର୍ଟନରଙ୍କ ବ୍ୟକ୍ତିଗତ ଆଚରଣ ଏବଂ ବ୍ୟବହାରକୁ ନେଇ ଗୋଇନ୍ଦା ବିଭାଗ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) ରିପୋର୍ଟରେ କୌଣସି ଆଶଙ୍କା ବ୍ୟକ୍ତ କରାଯାଇ ନାହିଁ। ସାମ୍ବିଧାନିକ ପଦବୀରେ ଥିବା ଅନେକ ବ୍ୟକ୍ତିଙ୍କର ବିଦେଶୀ ନାଗରିକ ଜୀବନ ସାଥୀ ଅଛନ୍ତି।



ସୌରଭ କିର୍ପାଲ

ତେଣୁ ଏହାକୁ ନେଇ କଲେଜିୟମ ସୁପାରିସ୍‌କୁ ଖାରଜ କରାଯାଇପାରିବ ନାହିଁ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଜୋଶେଫ ସ୍ୱାକ୍ଷର କରିଥିବା ପତ୍ରରେ ଉଲ୍ଲେଖ କରାଯାଇଛି।

## ଲକ୍ଷେ ଡଲାରରେ ଗଲା ଟୁଇଟର ପକ୍ଷୀ

**ସାନ୍ ଫ୍ରାନ୍ସିସ୍କୋ, ୧୯।୧**



ଆମେରିକାର ସାନ୍ ଫ୍ରାନ୍ସିସ୍କୋରେ ଥିବା ମାଇକ୍ରୋବ୍ଲଗିଂ ଆପ୍ ଟୁଇଟର ହେଡ୍‌କ୍ୱାର୍ଟର୍ସର ଅଧିକାଂଶ ଆସବାବପତ୍ର ନିଲାମ କରିଛନ୍ତି ଏଲନ ମସ୍କ। ନିଲାମ ହୋଇଥିବା ବସ୍ତୁଗୁଡ଼ିକ ଭିତରୁ ଟୁଇଟର ପକ୍ଷୀ ଷ୍ଟାଚ୍ୟୁ ସର୍ବାଧିକ ୧ ଲକ୍ଷ ଡଲାରରେ ନିଲାମ ହୋଇଛି। ଏହାବ୍ୟତୀତ କର୍ମଚାରୀଙ୍କ ସୁବିଧା ପାଇଁ ଅଫିସ୍‌ରେ ଥିବା ପିଜା ଓଭାନ୍, ଇସ୍ପ୍ରେସୋ ମେଶିନ୍, ବାଇସାଇକେଲ ପାର୍କିଂ, ଚାର୍ଜିଂ ଷ୍ଟେଶନ୍, ଟେଲିଭିଜନ୍ ଏବଂ ଫୁଲଦାନି ନିଲାମ କରାଯାଇଛି। ନିଲାମ ବସ୍ତୁର ମୂଲ୍ୟ ବଜାର ମୂଲ୍ୟଠାରୁ ଢେର୍ ଗୁଣା ଅଧିକ ଥିବା କେତେଜଣ ୟୁଜର୍ସ ସୋସିଆଲ ସାଇଟ୍‌ରେ ଆପତ୍ତି ଉଠାଇଛନ୍ତି। ଗତବର୍ଷ ଅକ୍ଟୋବରରେ ମସ୍କ ୪୪ ବିଲିୟନ୍ ଡଲାରରେ ଟୁଇଟର କିଣିଥିଲେ। ଏହାପରଠାରୁ ବହୁକର୍ମଚାରୀଙ୍କୁ ଚାକିରିରୁ ବିଦା କରିବା ସହ କମ୍ପାନୀର ବହୁ ନିୟମରେ ସେ ପରିବର୍ତ୍ତନ ଆଣିଥିଲେ। ଅନ୍ୟପକ୍ଷେ ବହୁ ଆଡଭାର୍ଟାଇଜର ଟୁଇଟର ଠାରୁ ମୁହଁ ଫେରାଇନେବା କାରଣରୁ କମ୍ପାନୀର ଆୟ କ୍ରମାଗତ କମିବାରେ ଲାଗିଛି। ଏ ଦୃଷ୍ଟିରୁ ମସ୍କ ହେଡ୍‌ଅଫିସର ଆସବାବପତ୍ର ନିଲାମ କରୁଥିବା କୁହାଯାଉଛି।

## ମଣିଷଖିଆ ଚିତାକୁ ଗୁଳି ନିର୍ଦ୍ଦେଶ

**ରାଞ୍ଚି,୧୯।୧**




- ୪ ଜଣଙ୍କ ଜୀବନ ନେଲାଣି
- ବନ ବିଭାଗ ନାକେଦମ୍

ଝାଡ଼ଖଣ୍ଡର ଗଢ଼ୱା ଓ ଲାଟେହାରରେ ଏକ ଚିତାବାଘ ୩ ପିଲାଙ୍କ ସମେତ ୪ ଜଣଙ୍କୁ ମାରି ଖାଇସାରିଲାଣି। ଶେଷରେ ରାଜ୍ୟର ବନ ବିଭାଗ ଏହି ମଣିଷଖିଆ ବାଘକୁ ଗୁଳି କରିବାକୁ ନିର୍ଦ୍ଦେଶନାମା ଜାରି କରିଛି। ବାଘକୁ ଟ୍ରାଙ୍କୁଲାଇଜ୍ କରିବା ସହ ଧରିବା ପାଇଁ ହାଇଦ୍ରାବାଦର ଜଣାଶୁଣା ଶିକାରୀ ନୱାବ ଶଫାଥ ଅଲୀ ଖାନ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ଏବେ ଶୁଟିଂ ଅର୍ଡର ମିଳିବା ପରେ ସେ ମଣିଷଖିଆ ଚିତାକୁ ମାରିବାକୁ ଉଦ୍ୟମ କରିବେ। ଗୁଳି କରିବା ପାଇଁ ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର ଫର୍ ଫରେଷ୍ଟ (ପିସିସିଏଫ୍ ୱାଇଲ୍ଡ ଲାଇଫ୍) ଶଶିକର ସାମନ୍ତ ସର୍ତ୍ତମୂଳକ ଅନୁମତି ଦେଇଥିବା ସ୍ପଷ୍ଟ କରିଛନ୍ତି। କାହା ଜୀବନ ପ୍ରତି ବିପଦ ଥିବା ଅନୁଭୂତ ହେଲେ ଚିତାକୁ ହତ୍ୟା କରାଯିବ। ତଥାପି ଏହାକୁ ନିଶ୍ଚେତକ ଦେଇ ଧରିବା ପାଇଁ ଉଦ୍ୟମ ଚାଲିଛି। ଗୁଳି କରିବା ଶେଷ ବିକଳ୍ପ ବୋଲି ସାମନ୍ତ କହିଛନ୍ତି। ପ୍ରକାଶ ଯେ, ପାଲାମୁ ଆଞ୍ଚଳିକ ବନ ମୁଖ୍ୟ ସଂରକ୍ଷକ (ଅର୍‌ସିସିଏଫ୍) କୁମାର ଆଶୁତୋଷଙ୍କ ସୁପାରିସକ୍ରମେ ଚିତାକୁ ଗୁଳି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ଡିସେମ୍ବରରେ ଏହି ଚିତା ୪ ଜଣଙ୍କୁ ଖାଇଦେବା ପରେ ଏହାର ଗତିବିଧି ଉପରେ ନଜର ରଖିବା ପାଇଁ ୫୦ କ୍ୟାମେରା ସମେତ ଗୋଟିଏ ଡ୍ରୋନ୍ ଓ ବହୁ ସଂଖ୍ୟକ ବନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।




# ଖବରଦାତାଙ୍କୁ ଯାଜପୁର ଥାନା ଅଧିକାରୀଙ୍କ ଦୁର୍ବ୍ୟବହାର

## କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରେସ୍ କ୍ଲବ୍‌ର ଦାବି

ଯାଜପୁର ଟାଉନ,୧୯।୧(ଡି.ଏନ୍.ଏ.)

ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ଗୁରୁବାର ଯାଜପୁର ଜିଲାପାଳଙ୍କ ବାସଭବନକୁ ଧାନ ବିକ୍ରି ସମସ୍ୟା ନେଇ ଅଭିଯୋଗ କରିବାକୁ ଯିବାବେଳେ ଓଟିଭିର ଜଣେ ଖବରଦାତାଙ୍କୁ ଥାନା ଅଧିକାରୀ ଦୁର୍ବ୍ୟବହାର କରିଛନ୍ତି। ଖବରଦାତା ସଞ୍ଜୀବ କୁମାର ନାୟକ ସେଠାରେ ଖବର ସଂଗ୍ରହ କରିବା ସମୟରେ ହଠାତ୍ ଯାଜପୁର ଥାନା ଅଧିକାରୀ ଅଜୟ କୁମାର ଯେନା ଉତ୍କ୍ଷିପ୍ତ ହୋଇ ଖବରଦାତାଙ୍କ ବୁମ୍‌କୁ ଠେଲି ଦେଇଥିଲେ। ଏହି ଘଟଣା ନେଇ ସମ୍ପୃକ୍ତ ଖବରଦାତା ଯାଜପୁର ଏସ୍‌ପିଙ୍କୁ ଜଣାଇବା ପରେ ପୁନର୍ବାର ଥାନା ଅଧିକାରୀ ହଠାତ୍ ଉତ୍ୟକ୍ତ ହୋଇପଡ଼ି କହିଥିଲେ 'ତମେ ମୋ ବିରୋଧରେ ଏସ୍‌ପିଙ୍କୁ ମିଛ ଅଭିଯୋଗ କାହିଁକି କଲ। ତମେ କି ସାମ୍ବାଦିକ। ମତେ ଚିହ୍ନିନା। ମୁଁ ବାଡ଼େଇକି ଶୋଇଦେବି''। ଏହି ଧମକର ଭିଡିଓ ଭାଇରାଲ୍ ହେବା ପରେ ଖବରଦାତାଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଏହାକୁ ତୀବ୍ର ନିନ୍ଦା କରାଯିବା ସହ ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସମ୍ପୃକ୍ତ ଅଧିକାରୀ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଯାଜପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଦାବି ହୋଇଛି। ଏନେଇ କ୍ଲବ୍ ସଭାପତି ରାଜୀବ ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି। ଘଟଣା ସମ୍ପର୍କରେ ସମ୍ପୃକ୍ତ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏସ୍‌ଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଥାନାରେ ହ୍ୟୁମାନ, ଶ୍ରୀୟା

**ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ**

- କାଉନ୍‌ସେଲିଂ ପରେ ୨ ଦିନ ମହଲତ ନେଲେ ଉଭୟ ପକ୍ଷ
- ଧର୍ମାନ୍ତରୀକରଣ ପାଇଁ ବାଧ କରୁଥିଲେ ହ୍ୟୁମାନ
- ଆପୋସ ସମାଧାନ ନ ହେଲେ ମାମଲା: ଏସିପି

କଟକ ଅଫିସ,୧୯।୧

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଦ୍ୱାରା ସମନ ପାଇ କଟକ ମହିଳା ଥାନାରେ ଗୁରୁବାର ହାଜର ହୋଇଛନ୍ତି ଓଲିଉଡ୍‌ର କଣ୍ଠଶିଳ୍ପୀ ହ୍ୟୁମାନ ସାଗର। ପୂର୍ବାହ୍ନ ପ୍ରାୟ ୧୧ଟା ପରେ ହ୍ୟୁମାନ ମହିଳା ଥାନାରେ ପହଞ୍ଚିଥିବା ବେଳେ ସ୍ତ୍ରୀ ଶ୍ରୀୟା ମିଶ୍ର ପ୍ରାୟ ଘଣ୍ଟାଏ ବିଳମ୍ବରେ ଥାନାରେ ପହଞ୍ଚିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣା ପାଇଁ କାଉନ୍‌ସେଲରଙ୍କ ଜରିଆରେ ଉଦ୍ୟମ କରାଯାଇଥିଲା। ଜୋନ୍-୨ ଏସିପି, ମହିଳା ଥାନାଧିକାରୀ, ଶ୍ରୀୟାଙ୍କ ବାପା ଓ ହ୍ୟୁମାନଙ୍କ ମା'ଙ୍କ ଉପସ୍ଥିତିରେ କାଉନସେଲିଂ କରାଯାଇଥିଲା। ହେଲେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନାହିଁ। ପୋଲିସ ଉଭୟଙ୍କୁ ୨ଦିନ ସମୟ ଦେଇଛି। ୨ ଦିନ ପରେ ଉଭୟ ମହିଳା ଥାନାକୁ ଆଉ ଥରେ ଆସି ସମାଧାନ କରନ୍ତୁ। ଶ୍ରୀୟାଙ୍କ ପକ୍ଷରୁ ଆସିବାର ଦିନ ସମ୍ପର୍କରେ ଥାନାକୁ ଜଣାଯିବା ପରେ ହ୍ୟୁମାନଙ୍କୁ ଆସିବାକୁ କୁହାଯିବ ବୋଲି ମହିଳା ଥାନା ଆଇଆଇସି ଅନସୂୟା ନାୟକ ସୂଚନା ଦେଇଛନ୍ତି।

ଶ୍ରୀୟାଙ୍କ ଅଭିଯୋଗ ଅନୁସାରେ, ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଦାମ୍ପତ୍ୟ କଳହ ହେତୁ ପ୍ରାୟ ୫ମାସ ହେବ ସେ ଶାଶୁଘର ଛାଡ଼ି ଝିଅ ସହ ବାପଘରେ ରହୁଛନ୍ତି। ହ୍ୟୁମାନ ପ୍ରବଳ ମଦ ପିଅନ୍ତି, ନିଶାସକ୍ତ ଅବସ୍ଥାରେ ତାଙ୍କୁ ବାଡ଼ାବାଡ଼ି କରନ୍ତି, ଜୀବନରୁ ମାରିଦେବାକୁ ଉଦ୍ୟମ ମଧ୍ୟ କରନ୍ତି ଆଦିକୁ ଶ୍ରୀୟା ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାର ସମାଧାନ ପାଇଁ ମହିଳା ଥାନା ପୋଲିସ ଉଭୟ ପକ୍ଷଙ୍କୁ ଡାକିଥିଲା। ହ୍ୟୁମାନଙ୍କ ସହ ତାଙ୍କ ମା' ଶେଫାଳୀ ସୁନା, ଆଇନଜୀବୀ ସତ୍ୟରଞ୍ଜନ ମୂଳିଆ ଏବଂ ଶ୍ରୀୟାଙ୍କ ସହ ବାପା ଶ୍ରୀକାନ୍ତ ମିଶ୍ର, ଆଇନଜୀବୀ ଅନିଲ କୁମାର ରାୟ କାଉନସେଲିଂ ବେଳେ ଉପସ୍ଥିତ ଥିଲେ।




ଶ୍ରୀୟାଙ୍କ ବାପା ଶ୍ରୀକାନ୍ତ ମିଶ୍ର କହିଛନ୍ତି ଯେ, ହ୍ୟୁମାନ ଧର୍ମ ପରିବର୍ତ୍ତନ ନିମନ୍ତେ ତାଙ୍କ ଝିଅକୁ ବାଧ କରୁଥିଲେ। ତାଙ୍କର ପରକୀୟା ପ୍ରୀତି ଥିଲା। ଝିଅକୁ ବିଭିନ୍ନ ସମୟରେ ମାରପିଟ କରୁଥିଲେ। ଏପରି କି ତାକୁ ଜୀବନରେ ମାରି ଦେବାକୁ ମଧ୍ୟ କେତେ ଥର ଉଦ୍ୟମ କରିଛନ୍ତି। ଝିଅ ଜନ୍ମ ହେବା ପରେ ସେ ଆଦୌ ଖୁସି ନ ଥିଲେ। ହ୍ୟୁମାନ ଯୌତୁକ ଦାବି ମଧ୍ୟ କରିଥିଲେ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫ ଲକ୍ଷ ଟଙ୍କା ଦିଆଯାଇଥିଲା। ୫ମାସ ତଳେ ଝିଅକୁ ଅଧିକ ମାରପିଟ କରିବାରୁ ତାକୁ ଘରକୁ ନେଇଆସିଥିଲୁ। ସେତେବେଳେ ହ୍ୟୁମାନ ଓ ତାଙ୍କ ମା' ଦୁର୍ବ୍ୟବହାର ମଧ୍ୟ କରିଥିଲେ। ହ୍ୟୁମାନଙ୍କ ମା' ଶେଫାଳୀ ସୁନା କହିଛନ୍ତି ଯେ, ବୋହୂ ମଦ ପିଏ। ତାଙ୍କ ବାପା, ଭାଇ ମଧ୍ୟ ୮ ଦିନରେ ଥରେ ଲେଖାଏ ଆମ ଘରକୁ ଆସି ଶ୍ରୀୟା ସହ ମଦ ପିଇ ହ୍ୟୁମାନକୁ ପିଆନ୍ତି। ଶ୍ରୀୟା ଶାଶୁଘରେ କିଛି କରେନି କି କାହାରିକୁ ମାନେନି। ଶ୍ରୀୟାଙ୍କ ନାମରେ ପ୍ଲଟ, ଗାଡ଼ି ସବୁ କିଣାଯାଇଛି। ଘର କିଣିବାକୁ ଚାହୁଁଥିଲେ ସେଥିପାଇଁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ଲାଗିରହୁଥିଲା। ଧର୍ମାନ୍ତରୀକରଣ ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ଉଭୟଙ୍କ ଭୁଲ୍ ଅଛି। ଉଭୟେ ଭୁଲ ସ୍ୱୀକାର କରି ମିଶନ୍ତୁ ବୋଲି ଶେଫାଳୀ କହିଛନ୍ତି। ହ୍ୟୁମାନ କହିଛନ୍ତି ଯେ, ତାଙ୍କ ବିରୋଧରେ ହୋଇଥିବା ସବୁ ଅଭିଯୋଗ ମିଛ। ଧର୍ମାନ୍ତରୀକରଣ ପାଇଁ ଆଦୌ ଚାପ ପକାଇନାହିଁ। ମୁଁ କାହିଁକି ହତ୍ୟା ଉଦ୍ୟମ କରିବି, ମୁଁ କାହିଁକି ଯୌତୁକ ମାଗିବି ବୋଲି ସେ ପାଲଟା ପ୍ରଶ୍ନ କରିବା ସହ ଲୋକଙ୍କ ଆଶୀର୍ବାଦରୁ ଭଲରେ ଅଛି ବୋଲି କହିଛନ୍ତି। ଜୋନ୍-୨ ଏସିପି ଅମିତାଭ ମହାପାତ୍ର କହିଛନ୍ତି, ହ୍ୟୁମାନ ଓ ଶ୍ରୀୟାଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ବୁଝାମଣା ପାଇଁ ଉଦ୍ୟମ କରାଯାଇଛି। ସେମାନେ ପରସ୍ପର ମଧ୍ୟରେ ଆଲୋଚନା କରିବାକୁ ୨ ଦିନ ସମୟ ନେଇଛନ୍ତି। ୨ଦିନ ପରେ ପୁଣି ଥାନାକୁ ଆସିବେ। ସେମାନଙ୍କ ଦ୍ୱାରା କୌଣସି ଆପୋସ ସମାଧାନ ନ ହେଲେ ମାମଲା ରୁଜୁ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରାଯିବ।

# ୪ମାସର ଶିଶୁକୁ ହତ୍ୟାକରି ଫିଙ୍ଗିଦେଲେ

## ହତ୍ୟା ପଛରେ ଦାଦାଙ୍କ ହାତ ଥିବା ଅଭିଯୋଗ କଲେ ମା'

ଖଇରା/ସୋର, ୧୯।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ଅଧୀନ ପାଣିସିଆଳି ଗ୍ରାମର ଜଣେ ୪ମାସ ଶିଶୁପୁତ୍ରକୁ ହତ୍ୟା କରି ବିଲ ମଝିକୁ ଫିଙ୍ଗି ଦିଆଯାଇଛି। ଶିଶୁଟିର କ୍ଷତବିକ୍ଷତ ମୃତଦେହ ଗୁରୁବାର ସନ୍ଧ୍ୟାରେ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ଜବତ କରି ଖୋଳତାଡ କରୁଥିବା ବେଳେ ଶିଶୁର ମା' ଗୌରୀ ବାସ୍କିଆ ଏନେଇ ଖଇରା ଥାନାରେ ସଙ୍ଗୀନ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ଗୌରୀଙ୍କ ଶାଶୁ ଘର ବାଘମରା ଗ୍ରାମରେ। ସେ କିଛି ବର୍ଷଧରି ସୋର ଥାନା ଅଧୀନ ଆଟପୁର ଗ୍ରାମସ୍ଥିତ ବାପଘରେ ରହୁଥିଲେ। ଶନିବାରଠାରୁ ତାଙ୍କ ୪ମାସର ପୁଅ ନିଖୋଜ ଥିଲେ। ତାଙ୍କ ଜମିବାଡି ହଡପ କରିବାକୁ ଚାହୁଁଥିବା ୩ ବ୍ୟକ୍ତି ଟିଲୁ ବାସ୍କିଆ, ଅମର ମହାନ୍ତି, ଟୁନା ମୁର୍ମୁ ଏହି ହତ୍ୟାକାଣ୍ଡ ଘଟାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିରେ ତାଙ୍କ ଦିଅର ଦୁଲାରାମ ବାସ୍କିଆ ମୁଖ୍ୟ ସୂତ୍ରଧର ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏନେଇ ଖଇରା ପୋଲିସ ତଦନ୍ତ ଚଳାଇଛି।

# ଶନିବାର କ୍ୟାବିନେଟ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଆସନ୍ତା ଶନିବାର ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପ୍ରାୟ ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ମିଳିଥିବା ସୂଚନା ଅନୁଯାୟୀ ବୈଠକରେ କ୍ରୀଡ଼ା ଓ ଯୁବସେବା, ପଞ୍ଚାୟତିରାଜ, ଉଚ୍ଚଶିକ୍ଷା, ସାଧାରଣ ପ୍ରଶାସନ ବିଭାଗ, ସ୍ୱାସ୍ଥ୍ୟ, ଜଳ ସମ୍ପଦ, କୃଷି ଆଦି ବିଭାଗର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବ। ବିଶେଷକରି ପାନୀୟ ଜଳ ପ୍ରକଳ୍ପ, କ୍ୟାଡର ରୁଲ୍ ସଂଶୋଧନ, ନଦୀବନ୍ଧ ଯୋଜନା ପ୍ରକଳ୍ପ ଆଦି ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି।

# ବାଘ ଚମଡ଼ା ଜବତ, ୩ ଗିରଫ


ଜବତ ବାଘ ଚମଡ଼ା ସହ ଗିରଫ ୩ ବ୍ୟକ୍ତି ।

ମାଲକାନଗିରି/ଏମ୍‌ଭି ୭୯, ୧୯।୧ (ଡି.ଏନ୍.ଏ.)

ମାଲକାନଗିରି ବନଖଣ୍ଡ ପକ୍ଷରୁ ଗୁରୁବାର ଏକ କଲରାପତରିଆ ବାଘର ଚମଡା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମୁକେଶ ମାଡକାମି, ପେଣ୍ଟା ମାଡକାମି ଓ ଦୁଲା ମାଡକାମି। ଏମାନଙ୍କ ଘର ମୋଟୁ ଥାନା ଅନ୍ତର୍ଗତ ମାନ୍ୟମକୋଣ୍ଡା ପଞ୍ଚାୟତର ମାଙ୍ଗିପାଲି ଗ୍ରାମରେ। ଖବରରୁ ଜଣାପଡିଛି, ବୁଧବାର ରାତିରେ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲି ବାଘ ଚମଡା କାରବାର ସମ୍ପର୍କରେ ସୂଚନା ପାଇ ଏହାକୁ ଧରିବାକୁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାଲକାନଗିରି ବନଖଣ୍ଡ ଅନ୍ତର୍ଗତ ମୋଟୁ ବନାଞ୍ଚଳର ପୋଟେରୁ କେନାଲଠାରେ କର୍ମଚାରୀମାନେ ଚଢାଉ କରି ବାଘ ଚମଡା ନେଇ ଯାଉଥିବା ଉପରୋକ୍ତ ୩ ବ୍ୟକ୍ତିଙ୍କଠାରୁ ଜବତ କରିଥିଲେ। ଉକ୍ତ ଚମଡାର ଲମ୍ବ ପ୍ରାୟ ୧.୧୩ ମିଟର ଥିବା ଜଣାପଡିଛି। ବାଘ ଚମଡା ସହ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଗୋଟିଏ ହୋଣ୍ଡା ସାଇନ ବାଇକ୍ (ଏପି୦୩ ବିଏମ୍-୪୭୬୭) ଜବତ ହୋଇଛି। ଗିରଫ ୩ଜଣଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଚଢାଉରେ ବନାଞ୍ଚଳ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁଙ୍କ ସହ ସମସ୍ତ ବନରକ୍ଷୀ ସାମିଲ ହୋଇଥିଲେ। ଏହି କାରବାରରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ତାହାର ତଦନ୍ତ କରାଯାଉଛି ବୋଲି ବନାଞ୍ଚଳ ଅଧିକାରୀ ସ୍ୱାଇଁ କହିଛନ୍ତି।

# ଟ୍ରାକ୍ଟର ମାଡ଼ି ଯାଇ ଜେଜେ, ନାତି ମୃତ

କୁଆଁରମୁଣ୍ଡା,୧୯।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଟାଙ୍ଗରାଣୀ ଗ୍ରାମ ନିକଟରେ ଗୁରୁବାର ରାତି ୮ଟାରେ ଦୁର୍ଘଟଣା ଘଟିଛି। ଉକ୍ତ ଗ୍ରାମର ଜେଜେ ଓ ନାତି ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବାବେଳେ ଏକ ଟ୍ରାକ୍ଟର ଓଆର୍ ୧୪ ଆର୍ ୪୮୪୫ ହଠାତ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସାନିକା ବାରା (୬୬) ଓ ମନୀଷ ବାରା (୧୧)। ଏହି ଖବର ପ୍ରଚାରିତ ହୋଇଯିବା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ।






**ଆଜିର ମନ୍ତବ୍ୟ**

“ଭାଜପା ସରକାର କେବଳ ବିକାଶ ଉପରେ ପ୍ରାଥମିକତା ଦେଉଥିବାବେଳେ ବିରୋଧୀ ଦଳଗୁଡ଼ିକର ଭୋଟ ବ୍ୟାଙ୍କ ରାଜନୀତି କର୍ନାଟକର କେତେକ ଅଞ୍ଚଳରେ ଅନଗ୍ରସରତା ପାଇଁ ଦାୟୀ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଉ ଯିବିନାହିଁ ଘଇତା ଘର**
**ତେନ୍ତୁଳି ଛାଟକୁ ଶହେ ଜୁହାର**
**ପାଣି ଯୋଡ ଯୋଡ଼ା ବୋହିବି ନାହିଁ**
**ଘର ଘର କାଞ୍ଜି ଖାଇବି ନାହିଁ।**

ଯେଉଁଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ, ସେ ଘର ପ୍ରତି ବ୍ୟକ୍ତିର ମୋହମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଉ ସବୁ କଥା କର ଠୁଳ**
**ଟଙ୍କା ଟି ଅଟେ ସବୁରି ମୂଳ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଅର୍ଥ ହେଉଛି ଚଳନ୍ତି ଲକ୍ଷ୍ମୀ। ପ୍ରତ୍ୟେକ କାର୍ଯ୍ୟ ପାଇଁ ଅର୍ଥର ଆବଶ୍ୟକତା ପଡ଼ିଥାଏ। ବିନା ଅର୍ଥରେ କିଛି ବି ସମ୍ଭବ ହୋଇ ନ ଥାଏ। ଅର୍ଥ ହିଁ ସବୁର କାରଣ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଓଡ଼ିଶା ଷ୍ଟେଟ ଫିଲ୍ମ ଆୱାର୍ଡ-୨୦୧୯ ତାଲିକାକୁ ଖାରଜ କଲେ ହାଇକୋର୍ଟ

## ସାନି ବିଜେତାଙ୍କ ନାମ ଘୋଷଣା କରିବାକୁ ନିର୍ଦ୍ଦେଶ

**କଟକ ଅଫିସ,୧୯।୧**

ଓଡ଼ିଶା ରାଜ୍ୟ ଫିଲ୍ମ ଆୱାର୍ଡ-୨୦୧୯ ମନୋନୟନ ତାଲିକାକୁ ହାଇକୋର୍ଟ ଖାରଜ କରିବା ସହ ଆଉ ଏକ ସାନି ତାଲିକା ପ୍ରସ୍ତୁତ କରି ବିଜେତାଙ୍କ ନାମ ଘୋଷଣା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୩୧ତମ ଓଡ଼ିଶା ଷ୍ଟେଟ ଫିଲ୍ମ ଆୱାର୍ଡ-୨୦୧୯ ପାଇଁ ୨୦୨୧ ନଭେମ୍ବର ୫ରେ ନାମ ଘୋଷଣା କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ‘ଖୁସି’କୁ ବେଷ୍ଟ ଆକ୍ଟର, ବେଷ୍ଟ ଆକ୍ଟ୍ରେସ୍, ବେଷ୍ଟ ଏଡିଟର ଏବଂ ବେଷ୍ଟ ଚାଇଲ୍ଡ ଆର୍ଟିଷ୍ଟ ବର୍ଗରେ ମନୋନୀତ କରାଯାଇଥିବାବେଳେ ‘ଗୋଲମାଲ୍ ଲଭ୍’କୁ ବେଟେ କମେଡି ଆର୍ଟିଷ୍ଟ ବର୍ଗରେ ମନୋନୀତ କରାଯାଇଥିଲା। ଏହି ମନୋନୟନ ତାଲିକାକୁ ଓଲିଉଡ୍ ନିର୍ଦ୍ଦେଶକ ଏବଂ କୋରିଓଗ୍ରାଫର ବବି ଇସ୍‌ଲାମ ସେତେବେଳେ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଫିଲ୍ମ ଖୁସି ଏବଂ ଗୋଲମାଲ ଲଭ୍



ଯଥାକ୍ରମେ କୋରିଆନ୍ ଫିଲମ୍ ଏବଂ ପଞ୍ଜାବୀ ଫିଲ୍ମର ରିମେକ୍ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଏସ୍.କେ. ପାଣିଗ୍ରାହୀ ଉକ୍ତ ୨ ଫିଲ୍ମକୁ ସାନି ତାଲିକାରେ କୌଣସି ବର୍ଗର ଆୱାର୍ଡ ପାଇଁ ବିଚାର ନ କରିବାକୁ କହିଛନ୍ତି। ଓଡ଼ିଶା ଫିଲ୍ମ ଆୱାର୍ଡ ରୁଲ୍‌ସ ଅନୁସାରେ ଉକ୍ତ ଫିଲ୍ମକୁ ଓରିଜିନାଲ ବୋଲି କୁହାଯାଇପାରିବ ନାହିଁ। ଯେଉଁଭଳି ଭାବେ ଉକ୍ତ ୨ଟି ଫିଲ୍ମକୁ ମନୋନୀତ କରାଯାଇ ବିଜେତାଙ୍କ ନାମ ଘୋଷଣା କରାଯାଇଛି, ତାହା ଅସ୍ୱାଭାବିକ ଏବଂ ଓଡ଼ିଆ ସିନେ ଜଗତ ପାଇଁ ଏକ ବଡ଼ ଚିନ୍ତାର କାରଣ ବୋଲି ଅଦାଲତ କହିଛନ୍ତି।

# ‘ଓଡ଼ିଶା ହାଇକୋର୍ଟଙ୍କ ଭିତ୍ତିଭୂମି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି’

**ନୂଆଦିଲ୍ଲୀ,୧୯।୧**

ରାଜ୍ୟରେ ନୂଆ କୋର୍ଟ ରୁମ୍ ନିର୍ମାଣ ଲାଗି ଓଡ଼ିଶା ହାଇକୋର୍ଟ ପଠାଇଥିବା ପ୍ରସ୍ତାବଗୁଡ଼ିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ପଡ଼ିରହିଥିବା ଆମିକସ୍ କ୍ୟୁରି ବିଜୟ ହଂସାରିଆ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ସୁପ୍ରିମକୋର୍ଟରେ ନ୍ୟାୟିକ ଭିତ୍ତିଭୂମି ମାମଲାଗୁଡ଼ିକ ପାଇଁ ଆମିକସ୍ କ୍ୟୁରି ନିଯୁକ୍ତ ଥିବା ହଂସାରିଆ ସର୍ବୋଚ୍ଚ ଅଦାଲତରେ ସତ୍ୟପାଠ ଦାଖଲ କରି ଜଣାଇଛନ୍ତି, ଓଡ଼ିଶାରେ ତଳକୋର୍ଟଗୁଡ଼ିକରେ ୧୭୪ ପଦବୀ ଖାଲିପଡ଼ିଛି। ଏଥିସହିତ ରାଜ୍ୟରେ ୧୨୩ କୋର୍ଟରୁମ୍ ଏବଂ ନ୍ୟାୟିକ ଅଧିକାରୀମାନଙ୍କ ଲାଗି ୫୦୩ଟି କ୍ୱାର୍ଟର୍ସ ଅଭାବ ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। କେନ୍ଦ୍ର ସରକାରଙ୍କ ଯୋଜନା ଅଧୀନରେ ନୂଆ କୋର୍ଟରୁମ୍ ନିର୍ମାଣ ଲାଗି ୨୦୨୦-୨୧ ଏବଂ ୨୦୨୧-୨୨ ବର୍ଷରେ ପାଣ୍ଠି ପ୍ରଦାନ କରାଯାଇ ନାହିଁ। କେନ୍ଦ୍ର ପ୍ରାୟୋଜିତ ଯୋଜନାରେ ୨୦୨୨-୨୩ ବର୍ଷ



ପାଇଁ ହାଇକୋର୍ଟ ୬୦.୪୦ କୋଟି ଟଙ୍କାର କାର୍ଯ୍ୟଯୋଜନା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିଥିଲେ। ଉକ୍ତ ଅର୍ଥରୁ କେନ୍ଦ୍ର ଭାଗ ୩୬.୨୪ କୋଟି ହୋଇଥିବାବେଳେ ରାଜ୍ୟ ସରକାରଙ୍କ ଭାଗ ୨୪.୧୬ କୋଟି ଟଙ୍କା। ଏହି ଅର୍ଥ ଜାନୁୟାରୀ ୧୪ ସୁଦ୍ଧା ମିଳି ନ ଥିବା ସତ୍ୟପାଠରେ ଦର୍ଶାଯାଇଛି। ରାଜ୍ୟ ସେକ୍ଟର ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ମୋଟ ୭୨୨.୪୮୬୮ କୋଟି ଟଙ୍କା ଦାବି କରାଯାଇଛି। ଏହି ଅର୍ଥରେ ତଳକୋର୍ଟଗୁଡ଼ିକର ଭିତ୍ତିଭୂମି ବିକାଶ କରାଯିବ।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅଧୀନରେ କାର୍ଯ୍ୟରତ ମୋଟ ୧୬୯ ଜଣ ଓଏଏସ୍ ଅଫିସରଙ୍କ ବଦଳି କରାଯାଇଥିବା ବେଳେ ୭୯ଟି ତହସିଲରେ ନୂଆ ତହସିଲଦାରଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ବିଭାଗ ପକ୍ଷରୁ ୩ଟି ଭିନ୍ନ ଭିନ୍ନ ବିଜ୍ଞପ୍ତି ଜାରି କରାଯାଇ ମୋଟ ୧୬୯ଜଣ କନିଷ୍ଠ ଓ ବରିଷ୍ଠ ଓଏଏସ୍ ଅଫିସର ଏବଂ ଓଆରଏସ୍ ଅଫିସରଙ୍କୁ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ ୭୯ ଜଣଙ୍କୁ ତହସିଲଦାର ଓ ୫୮ ଜଣଙ୍କୁ ଉପଜିଲାପାଳ ଭାବେ ବିଭିନ୍ନ ସ୍ଥାନରେ ନିଯୁକ୍ତି ମିଳିଛି। ଗୋଟିଏ ବିଜ୍ଞପ୍ତିରେ ୫୬ଜଣ ଓଏଏସ୍ ସିନିୟର ଓ ଜୁନିୟର ବ୍ରାଞ୍ଚ ଅଫିସରଙ୍କୁ ବିଭିନ୍ନ ଜିଲାର ଉପଜିଲାପାଳ ଭାବେ ବଦଳି ହୋଇଛି। ସେହିପରି ଅନ୍ୟ ଗୋଟିଏ ବିଜ୍ଞପ୍ତିରେ ମୋଟ ୬୧ଜଣ ଓଏଏସ୍ ସିନିୟର ଓ ଜୁନିୟର ବ୍ରାଞ୍ଚ ଅଫିସରଙ୍କ ବଦଳି ହୋଇଛି। ଏଥିରେ ୬୦ଜଣଙ୍କୁ ବିଭିନ୍ନ ତହସିଲରେ ତହସିଲଦାର ଓ ଜଣେ ଅଫିସରଙ୍କୁ ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଛି। ବିଭାଗ ପକ୍ଷରୁ ଜାରି ଅନ୍ୟ ଏକ ବିଜ୍ଞପ୍ତିରେ ୫୨ଜଣ ଓଏଏସ୍ ଜୁନିୟର ବ୍ରାଞ୍ଚ ଏବଂ ଓଆରଏସ୍ ଅଫିସରଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ଏଥିରେ ୧୯ ଜଣ ଅଫିସରଙ୍କୁ ବିଭିନ୍ନ ତହସିଲରେ ତହସିଲଦାର ଭାବେ ନିଯୁକ୍ତି ମିଳିଛି। ସମସ୍ତ ଅଫିସରଙ୍କୁ ତୁରନ୍ତ ରିଲିଭ କରିବା ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି।

# ‘ଲିଡରଶିପ ଡେଭଲପମେଣ୍ଟ’ ଉପରେ ୩ ଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ‘ଲିଡରଶିପ ଡେଭଲପମେଣ୍ଟ’ ଉପରେ ୩ଦିନିଆ ତାଲିମ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହାକୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଡାଇରେକ୍ଟର ଜେନେରାଲ ରାଜ କୁମାର ଶର୍ମା ଉଦ୍‌ଘାଟନ କରିବା ସହ ଜନସାଧାରଣଙ୍କୁ ଉନ୍ନତ ସେବା ପ୍ରଦାନ ନିମନ୍ତେ ଆଗେଇ ଆସିବାକୁ ଅଧିକାରୀଙ୍କୁ କହିଛନ୍ତି। ସରକାରଙ୍କ ପକ୍ଷରୁ ଜାରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗରିବ ଲୋକଙ୍କ ନିକଟରେ ଯେଭଳି ପହଞ୍ଚିପାରିବ ଏଥିନିମନ୍ତେ ଅଧସ୍ତନ ଅଧିକାରୀମାନଙ୍କ ମାର୍ଗଦର୍ଶନ କରିବା ପାଇଁ ସେ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିନିମନ୍ତେ ନେତୃତ୍ୱ ବିକାଶର ଆବଶ୍ୟକତା ଥିବା ସେ କହିଛନ୍ତି। ୫-ଟି ଉପକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ଅମର କେଜେଆର୍ ନାୟକ ଏଥିରେ ଯୋଗଦେଇ କହିଛନ୍ତି, ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ବ୍ୟକ୍ତିଗତ କାର୍ଯ୍ୟଶୈଳୀ ଏବଂ ଗୋଷ୍ଠୀଗତ ବିଚାରଧାରାକୁ ସମ୍ମିଳିତ କରି ବିଭିନ୍ନ କ୍ଷେତ୍ରରେ ଏହାକୁ ସଫଳତାର ସହ ପ୍ରୟୋଗ କରିବା ଜରୁରୀ। କର୍ମକ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାକୁ ସୁଯୋଗରେ ପରିଣତ କରିବା ସହ ସମ୍ବିଧାନିକ ମୂଲ୍ୟବୋଧ, ଦାୟିତ୍ୱ ଓ କର୍ତ୍ତବ୍ୟବୋଧକୁ ପାଥେୟକରି ଆଗକୁ ବଢ଼ିବା ଦରକାର। ଏହି ୩ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପ୍ରାୟ ୫୦ ଜଣ ଅଧିକାରୀ ଭାଗ ନେଇଛନ୍ତି। ରାଜ୍ୟ ସରକାରଙ୍କ ସହଯୋଗିତା ଏବଂ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ମିଳିତ ଆନୁକୂଲ୍ୟରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

# ପ୍ରେମିକାଙ୍କୁ ଭିଡିଓ କଲ୍ କରି ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

- ପ୍ରେମ ବିଚ୍ଛେଦକୁ ନେଇ ଚିନ୍ତାରେ ଥିଲେ
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ପୋଲିସ

ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ଜଣେ ଯୁବକ ତାଙ୍କ ପ୍ରେମିକାଙ୍କୁ ଭିଡିଓ କଲ୍ କରି ଫ୍ୟାନରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଞ୍ଚଳର ସର୍ବେଶ୍ୱର ପରିଡ଼ା ଓରଫ ପିଙ୍କୁ (୧୯)। ବୁଧବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବା ବେଳେ ଗୁରୁବାର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୦୨୩) ରୁଜୁ କରି ଘଟଣା ସମ୍ପର୍କରେ ପଚରାଉଚରା କରିବା ସହ ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ସର୍ବେଶ୍ୱର ଆତ୍ମହତ୍ୟା କରିଥିବା ଜଣାପଡ଼ିଥିବା ବେଳେ ଏନେଇ ସ୍ପଷ୍ଟ ହେବାକୁ ପୋଲିସ



ସର୍ବେଶ୍ୱର ପରିଡ଼ା

ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ସର୍ବେଶ୍ୱର ଭିଡିଓ କଲ୍ କରି ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ କହୁଥିଲେ ମଧ୍ୟ ପୋଲିସ ଏନେଇ ସ୍ପଷ୍ଟ ହୋଇପାରିନାହିଁ। ସିଡିଆର୍ ରିପୋର୍ଟ ଏବଂ ଅନ୍ୟ ଦିଗକୁ ତଦନ୍ତ ହେବା ପରେ ଏନେଇ ସ୍ପଷ୍ଟ ସୂଚନା ମିଳିପାରିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ସର୍ବେଶ୍ୱର କିଛି ମାସ ହେବ ପୁରୁଣା ଭୁବନେଶ୍ୱରରେ ଥିବା ଏକ ଗାଡ଼ି ସର୍ଭିସ୍ ସେଣ୍ଟରରେ କାମ କରୁଥିଲେ। ନିକଟରେ ରହୁଥିବା ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ହୋଇଥିଲା। ତେବେ କିଛିଦିନ ହେବ ପ୍ରେମିକାଙ୍କ ସହ ତାଙ୍କର ବିଚ୍ଛେଦ ହୋଇଥିଲା। ଏପରିକି ପ୍ରେମିକାଙ୍କ ସହିତ ଅନ୍ୟ ଜଣେ ଯୁବକଙ୍କ ବିବାହ ସ୍ଥିର ହୋଇଯିବା ପରେ ସର୍ବେଶ୍ୱର ଭାଙ୍ଗିପଡ଼ିଥିଲେ। ବୁଧବାର ସେ କାମ ସାରି ସନ୍ଧ୍ୟାରେ ଘରକୁ ଫେରିବା ପରେ ପ୍ରେମିକାଙ୍କୁ ଭିଡିଓ କଲ୍ କରି ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏନେଇ ଯୁବତୀ ଜଣଙ୍କ ତାଙ୍କ ରୁମ୍ ପାଖକୁ ଆସି ଘର ମାଲିକଙ୍କୁ ଜଣାଇଥିଲେ। ଘର ମାଲିକ ଓ ସ୍ଥାନୀୟ ଲୋକେ କବାଟ ତାଲା ଭାଙ୍ଗି ଦେଖିବାବେଳକୁ ସର୍ବେଶ୍ୱର ଆତ୍ମହତ୍ୟା କରିଥିଲେ। ଏନେଇ ସେମାନେ ପୋଲିସକୁ ଖବର ଦେବା ସହ ତାଙ୍କୁ ମେଡିକାଲ ନେଇଯାଇଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

**ରାଜଶ୍ରୀ ମୃତ୍ୟୁ ଘଟଣା**

# ଭିସେରା ରିପୋର୍ଟକୁ ଅପେକ୍ଷା

**ଖୁଣ୍ଟୁଣୀ,୧୯।୧(ଡି.ଏନ.ଏ.)**

ବହୁ ଚର୍ଚ୍ଚିତ ଓ ପ୍ରତୀକ୍ଷିତ ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ମୃତ୍ୟୁର ୮ ଦିନ ପରେ ବି ରହସ୍ୟ ଉନ୍ମୋଚିତ ହୋଇନାହିଁ। ମଙ୍ଗଳବାର ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଥିଲେ ସୁଦ୍ଧା ଏହାକୁ ସାର୍ବଜନିନ କରାଯାଇନାହିଁ। ପୋଲିସ ଭିସେରା ରିପୋର୍ଟକୁ ଅପେକ୍ଷା କରିଛି। ଆସନ୍ତା ୩ରୁ ୪ଦିନ ମଧ୍ୟରେ ଭିସେରା ରିପୋର୍ଟ ଓ ଏକ୍ସପର୍ଟ ଟିମ୍‌ର ମତାମତ ଆସିବା ପରେ ଉଭୟ ରିପୋର୍ଟକୁ ଆଧାର କରି ମୃତ୍ୟୁ ରହସ୍ୟ ସାର୍ବଜନୀନ କରାଯିବ ବୋଲି ଗୁରୁଡିଝାଟିଆ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପୁରୀ ଜିଲା ରାମଚଣ୍ଡୀ ଥାନା ଭୁଆଗାଁର ଗୁଣନିଧି ସ୍ୱାଇଁଙ୍କ ଝିଅ ରାଜଶ୍ରୀ କଟକ ବଜ୍ରକବାଟିଠାରେ ରହି ତାଙ୍କର ୨୫ ଜଣ ସାଙ୍ଗଙ୍କ ସହିତ କ୍ରିକେଟ ପ୍ରଶିକ୍ଷଣ ନେଉଥିଲେ। ଜାନୁୟାରୀ ୧୫ ତାରିଖରେ ପୁଡୁଚେରୀଠାରେ ହେବାକୁ ଥିବା ବରିଷ୍ଠ ମହିଳା କ୍ରିକେଟ ଟିମ୍ ପାଇଁ ଓଡ଼ିଶା ପକ୍ଷରୁ ୧୦ତାରିଖରେ ଟିମ୍ ସଦସ୍ୟ ଚୟନ କରାଯାଇଥିଲା। ହେଲେ ଚୟନ ଲିଷ୍ଟରେ ରାଜଶ୍ରୀଙ୍କ ନାମ ନ ଥିବାରୁ ସେ ଅତ୍ୟନ୍ତ ଭାଙ୍ଗି ପଡ଼ିଥିଲେ। ୧୧ ତାରିଖରେ ଟାଙ୍ଗିସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡଠାରେ ଅଭ୍ୟାସ ମ୍ୟାଚ ପାଇଁ ତାଙ୍କୁ କୋଚ୍ ଡାକିଥିଲେ। ରାଜଶ୍ରୀ କିନ୍ତୁ ମନା କରିବା ସହିତ ଘରକୁ ଯାଉଛି ବୋଲି କହି ଚାଲି ଯାଇଥିଲେ। ସେ ଫେରିବା ବିଳମ୍ବ ହେବାରୁ କୋଚ୍ ତାଙ୍କ ଘର ସହ ଯୋଗାଯୋଗ କରିଥିଲେ। ହେଲେ ସେ ଘରକୁ ଯାଇ ନ ଥିବା ପରିବାର ଲୋକଙ୍କଠାରୁ ଶୁଣିବାକୁ ପାଇଥିଲେ। କୋଚ୍ ସେହି ଦିନ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ୧୨ ତାରିଖ ସକାଳୁ ଖୁଣ୍ଟୁଣୀ ବନାଞ୍ଚଳର ଜଣେ କର୍ମଚାରୀ ଏକ ସ୍କୁଟି ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରେ ଥୁଆ ହୋଇଥିବା ଦେଖି ଗୁରୁଡ଼ିଝାଟିଆ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଆଇଆଇସି ପ୍ରଧାନ ମଙ୍ଗଳାବାଗ ଥାନାକୁ ଏହା ଜଣାଇଥିଲେ। ଉଭୟ ପୋଲିସ ଜଙ୍ଗଲ ମଧ୍ୟରେ ବହୁ ଖୋଜାଖୋଜି କରି ରାତି ହୋଇଯିବାରୁ ଫେରି ଆସିଥିଲେ ଓ ପରଦିନ ୧୩ ତାରିଖରେ ସ୍କୁଟିଥିବା ସ୍ଥାନରୁ ୩ଶହ ମିଟର ଦୂର ଘଞ୍ଚ ଜଙ୍ଗଲ ମଧ୍ୟରୁ ରାଜଶ୍ରୀଙ୍କ ମୃତ ଶରୀର ଝୁଲନ୍ତା ଅବସ୍ଥାରେ ଏକ ଗଛରୁ ଠାବ କରିଥିଲା। ସେତେବେଳେ ରାଜଶ୍ରୀଙ୍କ ପରିବାର ଲୋକେ ଝିଅକୁ ହତ୍ୟା କରାଯାଇ ଗଛରେ ଟାଙ୍ଗି ଦିଆ ଯାଇଥିବା ସଙ୍ଗିନ ଅଭିଯୋଗ ଆଣିବା ସହ ରାଜଶ୍ରୀଙ୍କ ମୃତ୍ୟୁପାଇଁ ଓସିଏକୁ ଦାୟୀ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ୱେଲ୍ସକୁ ୪-୨ରେ...

ଭାରତ ଆକ୍ରମଣ ଜାରି ରଖି ୨୧ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ହରମନ୍‌ପ୍ରୀତଙ୍କ ଶଟ୍ ଗୋଲକିପରଙ୍କ ଦ୍ୱାରା ସେଭ୍ ହୋଇ ଫେରି ଆସୁଥିବାବେଳେ ରିବାଉଣ୍ଡ ଶଟ୍ ଜରିଆରେ ଏହାକୁ ଗୋଲରେ ପରିଣତ କରିଥିଲେ ଶମସେର ସିଂ। ଏହାପରେ ଅଗ୍ରଣୀ ବ୍ୟବଧାନ ବଢ଼ାଇବାକୁ ଭାରତ ଉଦ୍ୟମ କରିଥିଲେ ହେଁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଆଉ ଗୋଲ ହୋଇ ନ ଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ୩୨ତମ ମିନିଟରେ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରି ଗୋଲ ପରିଶୋଧ ଉଦ୍ୟମ କରିଥିଲା ୱେଲ୍ସ। ମାତ୍ର ବଲ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ଏହାର ୧ ମିନିଟ୍ ପରେ ଅର୍ଥାତ୍ ୩୩ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ ଆକାଶଦୀପ ସିଂ। ୩୫ତମ ମିନିଟରେ ଦଳ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଏକାଧିକ ଖେଳାଳିଙ୍କ ମାଧ୍ୟମରେ କନଭର୍ସନ ରଣନୀତି ଫେଲ୍ ମାରିଥିଲା। ୱେଲ୍ସ ଡିଫେଣ୍ଡରମାନେ ବଲ୍‌କୁ ବାହାରକୁ ପଠାଇବାରେ ସକ୍ଷମ ହୋଇଥିଲେ। ୩୯ ଓ ୪୧ତମ ମିନିଟରେ ଭାରତ ଆଉ ୨ଟି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଭାଗ୍ୟ ସାଥ୍ ଦେଇ ନ ଥିଲା। ୨ଥରଯାକ ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କ ଶଟ୍ ସେଭ୍ ହୋଇ ଯାଇଥିଲା। ଏହାପରେ ୱେଲ୍ସ ୨ଟି ଯାକ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଖେଳାଇ ଦେଇଥିଲା। ୪୨ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗାରେଥ ଫୁରଲଙ୍ଗ ଗୋଲରେ ପରିଣତ କରିଥିବାବେଳେ ୪୪ତମ ମିନିଟରେ ପେନାଲ୍ଟି କର୍ନର କନଭର୍ସନ ସମୟରେ ଫେରି ଆସୁଥିବା ବଲ୍‌କୁ ଜ୍ୟାକବ ଡ୍ରାପର ଶକ୍ତିଶାଳୀ ରିବାଉଣ୍ଡ ଶଟ୍ ଜରିଆରେ ଗୋଲପୋଷ୍ଟ ମଧ୍ୟକୁ ପ୍ରବେଶ କରାଇବାରେ ସଫଳ ହୋଇଥିଲେ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ସ୍କୋର ୨-୨ ହୋଇ ଯାଇଥିଲା। ଚତୁର୍ଥ କ୍ୱାର୍ଟର ଆରମ୍ଭର କିଛି ସେକେଣ୍ଡ ମଧ୍ୟରେ ଆକାଶଦୀପ ସିଂ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରି ଉଷ୍ମତା ଭରିଥିଲେ। ସାଥୀ ଖେଳାଳିଙ୍କଠାରୁ ପାଇଥିବା ପାସ୍‌କୁ ସେ ନିୟନ୍ତ୍ରଣକୁ ଆଣି ବଲ୍‌କୁ ଚତୁରତାର ସହ ଗୋଲପୋଷ୍ଟକୁ ପଠାଇ ଦେଇଥିଲେ। ଏହାପରେ ଅଗ୍ରଣୀ ବ୍ୟବଧାନ ବଢ଼ାଇବାକୁ ସୁଯୋଗ ଆସିଥିଲେ ହେଁ ୱେଲ୍ସ ଗୋଲକିପରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ୫୪ତମ ମିନିଟରେ ଭାରତ ଏକ ଗୋଲ ଦେଇ ଖୁସି ମନାଇଥିଲେ ହେଁ ରେଫରାଲରେ ତାହା ନାକଚ ହୋଇ ଯାଇଥିଲା। ୫୯ତମ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିଲା। ୬୦ତମ ମିନିଟରେ ଅଧିନାୟକ ହରମନ୍‌ପ୍ରୀତ ତାହାକୁ ଗୋଲରେ ପରିଣତ କରି ଭାରତର ଅଗ୍ରଣୀ ବ୍ୟବଧାନକୁ ୪-୨ରେ ପହଞ୍ଚାଇଥିଲେ। ଏହାର କିଛି ସେକେଣ୍ଡ ପରେ ଶେଷ ହୁଇସିଲ ବାଜିଥିଲା।



### ୯ ପ୍ରକଳ୍ପକୁ ୧.୫୩ ଲକ୍ଷ...

ଏହାଦ୍ୱାରା ୧୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରିନ୍ୟୁଏଫ୍ୟୁଏସସ ପ୍ରାଇଭେଟ ଲିମିଟେଡ ଏବଂ ଓସିଅର ଏନର୍ଜୀ ପ୍ରାଇଭେଟ ଲିମିଟେଡ ସବୁଜ ଶକ୍ତି ଓ ଉପକରଣ କ୍ଷେତ୍ରରେ ୨ଟି ପ୍ରକଳ୍ପ ସ୍ଥାପନ କରିବେ। ଏଥିରେ ୩,୩୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। କାଗଜ କ୍ଷେତ୍ରରେ ବ୍ୟାଙ୍କ ନୋଟ୍ ପେପର ମିଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ ଏବଂ ଦିବ୍ୟଶକ୍ତି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ ବାଲେଶ୍ୱରରେ ୨୫୦୦ କୋଟି ବ୍ୟୟରେ ଏକ ବ୍ୟାଙ୍କ ନୋଟ ପେପର ୟୁନିଟ୍ ସ୍ଥାପନ କରିବେ। ଏଥିରେ ୮୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଦିବ୍ୟଶକ୍ତି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଢେଙ୍କାନାଳଠାରେ ୧ ହଜାର କୋଟି ବ୍ୟୟରେ ଇଣ୍ଟିଗ୍ରେଟେଡ ପଲପ ଆଣ୍ଡ ପେପର ମିଲ୍ ସ୍ଥାପନ କରିବ। ଏଥିରେ ୩ ହଜାର ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଆଇଟି ଭିତ୍ତିଭୂମି କ୍ଷେତ୍ରରେ ମାଇଁ ହୋମ୍ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ ଭୁବନେଶ୍ୱରରେ ୧୫୨୫.୫୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏଥିରେ ପ୍ରାୟ ୨୫୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବା ସମ୍ଭାବନା ରହିଛି।

### ଡିସିଡବ୍ଲ୍ୟୁ ଅଧକ୍ଷାଙ୍କୁ...

ଅନୁଧ୍ୟାନ କରିବାକୁ ସ୍ୱାତୀ ରାତି ୩ଟାରେ ରାସ୍ତାକୁ ଆସିଥିଲେ। ସେ ଟୁଇଟ୍ କରି ତାଙ୍କ ପ୍ରତି ହୋଇଥିବା ଅସଦାଚରଣ ଓ ଘୋଷାଡ଼ିବା ଘଟଣା ସମ୍ପର୍କରେ ଜଣାଇଛନ୍ତି। ଭଗବାନ ତାଙ୍କ ଜୀବନ ବଞ୍ଚାଇଦେଲେ ବୋଲି ଡିସିଡବ୍ଲ୍ୟୁ ଅଧକ୍ଷା କହିଛନ୍ତି। ଦିଲ୍ଲୀରେ ଯଦି ମହିଳା କମିଶନ ଅଧକ୍ଷା ସୁରକ୍ଷିତ ନୁହନ୍ତି, ତେବେ ରାଜଧାନୀର ସ୍ଥିତି କ’ଣ ସହଜେ ଅନୁମାନ କରାଯାଇପାରେ ବୋଲି ସେ ମତ ଦେଇଛନ୍ତି।

ଖବର ଅନୁଯାୟୀ ସ୍ୱାତୀ ଗୁରୁବାର ଭୋର ୩ଟା ୧୧ ମିନିଟ ସମୟରେ ଦିଲ୍ଲୀ ଏମ୍ସ ନିକଟରେ ଥିବା ଫୁଟ୍‌ପାଥରେ ଛିଡ଼ା ହୋଇଥିଲେ। ସେହି ସମୟରେ ହରିଶ ଚନ୍ଦ୍ରା (୪୭) ନାମକ ବ୍ୟକ୍ତି ଏକ ବାଲେନୋ କାର୍ ଚଳାଇ ସେଠାକୁ ଆସିଥିଲେ ଏବଂ ତାଙ୍କୁ କାର୍‌ରେ ବସିବା ଲାଗି ବାଧ କରିଥିଲେ। ସେ ପ୍ରଚୁର ମଦ୍ୟପାନ କରିଥିଲେ ବୋଲି ସ୍ୱାତୀ ପୋଲିସକୁ କହିଛନ୍ତି। ମହିଳା କମିଶନ ଅଧକ୍ଷା ମନା କରିବାରୁ ଅଭିଯୁକ୍ତ ପଳାଇଯାଇ କିଛି ସମୟ ପରେ ପୁଣି ଫେରିଥିଲେ। ସେ ପୁଣିଥରେ ସ୍ୱାତୀଙ୍କୁ କାର୍ ଭିତରକୁ ଯିବା ଲାଗି ବାଧ କରିଥିଲେ। ସ୍ୱାତୀ ତାଙ୍କୁ ଧରିବା ଲାଗି କାର୍ ୱିଣ୍ଡୋ ଭିତରକୁ ହାତ ନେଇଥିବାବେଳେ ଅଭିଯୁକ୍ତ ୱିଣ୍ଡୋ କାଚକୁ ଉପରକୁ ଉଠାଇଦେଇଥିଲେ। ସେ ସ୍ୱାତୀଙ୍କ ହାତକୁ ଟାଣିଧରି କାର୍‌କୁ ୧୫-୨୦ ମିଟର ଯାଏ ଚଳାଇଥିଲେ। ଏହି ଘଟଣାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ଗୁଣ୍ଡାମାନଙ୍କ ମନୋବଳ ଏତେ ବଢ଼ିଯାଇଛି ଯେ ମହିଳା କମିଶନ ଅଧକ୍ଷା ମଧ୍ୟ ସୁରକ୍ଷିତ ନୁହନ୍ତି। ସମ୍ବିଧାନ ଦିଲ୍ଲୀ ସୁରକ୍ଷା ଦାୟିତ୍ୱ ଉପରାଜ୍ୟପାଳଙ୍କୁ ଦେଇଥିବା କେଜ୍‌ରିୱାଲ କହିଛନ୍ତି। ନୂଆବର୍ଷରେ ଜଣେ ୧୦ ବର୍ଷୀୟ ଯୁବତୀଙ୍କୁ କାର୍‌ରେ ୧୩ କିଲୋମିଟର ଘୋଷାଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଦିଲ୍ଲୀରେ ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରତ୍ୟେକ କାର୍ଯ୍ୟରେ ସଫଳତା ହାସଲ ହେତୁ ଖୁସି ରହିବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନ କାରବାରରୁ ଭଲ ଫଳ ମିଳି ନ ପାରେ। ଆନୁଷ୍ଠାନିକ କାମରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଅଫିସ୍‌ରେ ଆଲୋଚନା ପରିସରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ବୃଷ**
ସ୍ନାୟବିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ରୋହିଣୀ ନକ୍ଷତ୍ର ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ଶୁଭକାମ ପାଇଁ ସମୟ ଅନୁକୂଳ।

**ମିଥୁନ**
ନିଜ ଲୋକଙ୍କ ସାହାଯ୍ୟରେ କାମ ହାସଲ ଫଳରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବା କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ**
ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅପଦସ୍ଥ ହେବେ। ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ଅବଶ୍ୟ କେତେକାଂଶରେ ଉପକୃତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବା ପାଇଁ ଚେଷ୍ଟା କରି ପାରନ୍ତି। ପାରିବାରିକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ପରିଲକ୍ଷିତ ହେବ।

**ସିଂହ**
ପାରିବାରିକ କ୍ଷେତ୍ରରେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସାଙ୍ଗକୁ ମାନମନାନ୍ତର ଦେଖା ଦେଇପାରେ। ମିତ୍ର କେହି ଛଳନା କରି ଦୂରେଇ ଯାଇ ପାରନ୍ତି।

**କନ୍ୟା**
ଆଜି ପ୍ରତ୍ୟେକ କାମ ଠିକ୍ ସମୟରେ ସମ୍ପନ୍ନ ହେବା କାରଣରୁ ଖୁସି ରହିବେ। ବାଣିଜ୍ୟ, ବ୍ୟବସାୟ ଓ ସାମ୍ବାଦିକତା ତଥା ଏଜେନ୍ସିପରେ ଆଶାଜନକ ସୁଫଳ ମିଳିବ। କଠିନ ପରିଶ୍ରମଜନିତ ଆକସ୍ମିକ ଭାବରେ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଅସୁବିଧାଜନକ ସ୍ଥିତିରୁ ମଧ୍ୟ ମୁକୁଳିଯିବେ।

**ତୁଳା**
ଘରୋଇ ସମସ୍ୟା ସମାଧାନ ହୋଇଯିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ସତ୍‌ସଙ୍ଗ କିମ୍ବା ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କର ଖୁସି ହେବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ସଭାସମିତିରେ ସୁନାମ ମିଳିବ।

**ବିଛା**
ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ମାନସିକ ଅବସାଦ ଲାଗି ରହିପାରେ। କାମରେ ଅବହେଳା କାରଣରୁ ମନରେ ବିରକ୍ତି ସୃଷ୍ଟି ହେବ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନିର୍ଭୀକତା ଓ ସତ୍ୟଭାଷଣରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। କୋର୍ଟକଚେରି କାମ ଅନୁକୂଳ।

**ଧନୁ**
ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି ଆପଣଙ୍କ କାମଗୁଡ଼ିକ ସୁବିଧାରେ ହେବ। ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିବ। ସେହି ଅନୁସାରେ କାମ ହେବ। ଦ୍ରବ୍ୟ ଲାଭରେ ମଉଳି ଯାଇଥିବା ଆଶା କଅଁଳି ଉଠିବ।

**ମକର**
କର୍ମକ୍ଷେତ୍ରରେ ପରୋକ୍ଷ ସାହାଯ୍ୟ ଲାଭ କରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇବେ। ଅନ୍ୟମନସ୍କ ରହିବା କାରଣରୁ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

**କୁମ୍ଭ**
ମାନସିକ ସ୍ଥିତି ଯାହା ଥାଉନା କାହିଁକି ଅନ୍ୟମାନଙ୍କୁ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ। ନିର୍ମାଣ କାମ ଧିମେଇ ଯିବାରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବ୍ୟବସାୟିକ ସଫଳତା ମିଳିବ, ତଥାପି ସଙ୍କଟ ସ୍ଥିତି ସୁଧୁରି ପାରିବ ନାହିଁ। ଆଜିର ଯାତ୍ରାରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ।

**ମୀନ**
ନିଜ ପରିସରରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଜଣେ କାମରେ ଅସହଯୋଗ କରିପାରେ। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ କିମ୍ବା ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ। ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ପରିବାରରେ ଛୋଟ ଛୋଟ କଥାରେ କଳହ ଲାଗିବାର ସମ୍ଭାବନା ରହିଛି।

ଆଜି ମାଘ କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ, ଶୁକ୍ରବାର, ଜାନୁୟାରୀ ୨୦ ତାରିଖ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ରଟନ୍ତି କାଳିକା ପୂଜା, ରାଶି ନକ୍ଷତ୍ର ମୂଳାଧନୁ, ଦିବା ଘ.୧୨।୩୯ ଗତେ ପୂର୍ବାଷାଢ଼ା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୭ମି. ଗତେ ଘ.୦୭।୧୧ ମଧ୍ୟେ, ଘ.୭।୫୫ମି. ଗତେ ଘ.୦୯।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୫ମି. ଗତେ ଘ.୧୧।୫୭ ମଧ୍ୟେ ରାହୁକାଳ।

# ଗଞ୍ଜେଇ ଚାଷ ପାଇଁ ଅନୁମତି ମାଗିଲେ ଚାଷୀ

- ପଞ୍ଜୀକୃତ ଜମିର ଧାନ ବିକ୍ରି ହେଲାନାହିଁ
- ଆତ୍ମହତ୍ୟା ଧମକ ଦେଲେ

ବଲାଙ୍ଗୀର ଅଫିସ/ଖପ୍ରାଖୋଲ, ୧୯।୧ (ଡି.ଏନ୍.ଏ.)

ବାରମ୍ବାର ଅନୁରୋଧ ପରେ ମଧ୍ୟ ଜଣେ ପଞ୍ଜୀକୃତ ଚାଷୀ ଉତ୍ପାଦିତ ଧାନ ବିକ୍ରୟ କରି ପାରିଲେ ନାହିଁ। ଶେଷରେ ପୈତୃକ ଜମିରେ ଧାନ ପରିବର୍ତ୍ତେ ଗଞ୍ଜେଇ ଚାଷ ପାଇଁ ତହସିଲଦାରଙ୍କୁ ଅନୁମତି ମାଗିଛନ୍ତି। ଜାନୁୟାରୀ ୨୦ତାରିଖ ଭିତରେ ତାଙ୍କ ଅମଳ ହୋଇଥିବା ସମସ୍ତ ଧାନ ବିକ୍ରୟ ହୋଇ ନ ପାରିଲେ ଏବଂ ଗଞ୍ଜେଇ ଚାଷ ପାଇଁ ତାଙ୍କୁ ବିଧିବଦ୍ଧ ଅନୁମତି ନ ଦେଲେ ଜିଲାପାଳ ଅଫିସ ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ ଭାଲୁଡୁଙ୍ଗୁରି ମୌଜାର ଚାଷୀ ନୀଳାମ୍ବର ବିଶ୍ୱାଳ ଗୁରୁବାର ଦରଖାସ୍ତ ଦେବା ଘଟଣା ଆଲୋଡନ ଖେଳାଇ ଦେଇଛି।

ମିଳିଥିବା ସୂଚନା ମୁତାବକ ନୀଳାମ୍ବର ତାଙ୍କ ଭାଲୁଡୁଙ୍ଗୁରି ମୌଜାରେ ଥିବା ୧୫ ଏକର ପୈତୃକ ଜମିରେ ୨୦୨୨-୨୩ ଖରିଫ ଋତୁରେ ଧାନଚାଷ କରିଥିଲେ।


ନୀଳାମ୍ବର ବିଶ୍ୱାଳ

ପଞ୍ଜୀକୃତ ହେବା ପରେ ତାଙ୍କ ନାଁରେ ୭୮କୁଇଣ୍ଟାଲ ଏବଂ ତାଙ୍କ ପୁତୁରା ଅବିନାଶ ବିଶ୍ୱାଳଙ୍କ ନାଁରେ ୫୪ କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଅନୁମତି ମିଳିଥିଲା। ତେବେ ତାଙ୍କ ଅଧାଜମିକୁ ଜାଣିଶୁଣି ପଞ୍ଜୀକୃତ କରାଯାଇ ନ ଥିବା ଖପ୍ରାଖୋଲ ତହସିଲଦାରଙ୍କୁ ଜଣାଇବା ପରେ ଧଣ୍ଡାମୁଣ୍ଡା ରାଜସ୍ୱ ଅଧିକାରୀ ତାଙ୍କ ଜମିକୁ ଯାଇ ଯାଞ୍ଚ କରିଥିଲେ। ରାଜସ୍ୱ ଅଧିକାରୀ ଯାଞ୍ଚ କରି ଫେରିଥିଲେ ମଧ୍ୟ ଏ ସଂକ୍ରାନ୍ତରେ କୌଣସି ରିପୋର୍ଟ ଦେଇ ନ ଥିଲେ। ରାଜସ୍ୱ ଅଧିକାରୀଙ୍କ ସର୍ଭେ ରିପୋର୍ଟ ଏବଂ ତାଙ୍କ ଧାନବିକ୍ରୟ ସମସ୍ୟାକୁ ନେଇ ଚାଷୀ ନୀଳାମ୍ବର ଖପ୍ରାଖୋଲଠାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଥିଲେ। ସେତେବେଳେ ତହସିଲଦାର ତାଙ୍କୁ ଧାନ ବିକ୍ରି ନେଇ କୌଣସି ସମସ୍ୟା ହେବନାହିଁ ବୋଲି ଆଶ୍ୱାସନା ଦେଇଥିଲେ। ତହସିଲଦାରଙ୍କ ଏଭଳି ଆଶ୍ୱାସନାରେ ଗତ ୨ ତାରିଖରୁ ଧାନକୁ ନେଇ ମଣ୍ଡିରେ ପକାଇ ରଖିଥିଲେ ମଧ୍ୟ ନୀଳାମ୍ବରଙ୍କ ଧାନ ଏଯାବତ୍ ବିକ୍ରି ହୋଇନାହିଁ। ନୀଳାମ୍ବର ତହସିଲଦାରଙ୍କୁ ଦେଇଥିବା ଦରଖାସ୍ତରେ ଲେଖିଛନ୍ତି ଯେ, ଠିକଣା ସମୟରେ ଧାନ ବିକ୍ରୟ ହୋଇ ନ ଥିବାରୁ ଅର୍ଥାଭାବ ଯୋଗୁ ସେ ତାଙ୍କ ୧୫ ଏକର ଜମିରେ ଡାଲୁଅ ଧାନ ପାଇଁ ତଳି ପକାଇ ପାରିଲେ ନାହିଁ। ୨୦ ତାରିଖ ପର୍ଯ୍ୟନ୍ତ ତାଙ୍କର ଧାନ ବିକ୍ରୟ ନ ହେଲେ ସବୁ ଧାନକୁ ତହସିଲ ଅଫିସରେ ପକାଇ ଦେବେ ଏବଂ ଭବିଷ୍ୟତରେ କେବେ ଧାନଚାଷ କରିବେ ନାହିଁ ବୋଲି ସେ ଲେଖିଛନ୍ତି। ଏଭଳି କି ଆଉ ଆଗକୁ ଜମି ଖଜଣା ମଧ୍ୟ ଦେବେନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଧାନଚାଷ କରି ସେ ପରିବାର ପ୍ରତିପୋଷଣ କରିପାରୁ ନାହାନ୍ତି। ଏଣୁ ତାଙ୍କୁ ତାଙ୍କ ପୈତୃକ ଜମିରେ ଗଞ୍ଜେଇ ଚାଷ ପାଇଁ ଅନୁମତି ଦିଅନ୍ତୁ ବୋଲି ଗଭୀର ହତାଶରେ ନୀଳାମ୍ବର ଜଣାଇଛନ୍ତି। ତାଙ୍କର ସବୁ ଧାନ ବିକ୍ରୟ ନ ହେଲେ ଏବଂ ଗଞ୍ଜେଇ ଚାଷ ପାଇଁ ତାଙ୍କୁ ଅନୁମତି ନଦେଲେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା କରିବେ ଏବଂ ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ନୀଳାମ୍ବର ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ଜଣାଇଛନ୍ତି।

# ମହିଳାଙ୍କୁ ଗଣ ବଳାତ୍କାର

କେନ୍ଦୁଝର(ସ୍ୱ.ପ୍ର.)/ହାଟଡ଼ିହୀ (ଡି.ଏନ୍.ଏ.)୧୯।୧

କେନ୍ଦୁଝର ଜିଲା ସୋସୋ ଥାନା ଅଞ୍ଚଳରେ ବୁଧବାର ରାତିରେ ଜଣେ ୩୭ ବର୍ଷୀୟ ମହିଳାଙ୍କୁ ୩ ଯୁବକ ଗଣ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମହିଳାଙ୍କ ଘର ମୟୂରଭଞ୍ଜ ଜିଲାରେ। ସେ ମକର ଯାତ୍ରା ଦେଖିବାକୁ ସୋସୋ ଥାନା ଅଞ୍ଚଳର ମାଉସୀ ଘରକୁ ଆସିଥିଲେ। ବୁଧବାର ରାତିରେ ମାଉସୀ ପୁଅ ଭାଇ ସହିତ ବଜାରକୁ ବୁଲିବାକୁ ଯାଇଥିଲେ। ସେଠାରେ କୌଣସି କାମରେ ତାଙ୍କ ଭାଇ ତାଙ୍କୁ ଛାଡ଼ି ଯାଇଥିବା ବେଳେ ୨ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ଡାକି ଘରେ ଛାଡ଼ି ଦେବାକୁ କହିଥିଲେ। ସେ ମନା କରିବାରୁ ଜୋର୍ ଜବରଦସ୍ତ ଉଠାଇ ନେଇଥିଲେ। ଅନ୍ୟ ଜଣେ ଯୁବକ ପିଛା କରି ଯାଇଥିଲେ। ବାଲି ବାରେଇ ନିକଟ ଆମ୍ବ ବଗିଚାରେ ୩ଜଣ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ମହିଳା ଜଣକ ଏକଥା ଘରେ ଜଣାଇବା ପରେ ମାଉସୀ ଘର ଲୋକେ ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୋଲିସ ନଂ. ୧୧/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜଣେ ଯୁବକଙ୍କୁ ସନ୍ଦେହରେ ଅଟକ ରଖାଯାଇଥିବା ଥାନା ଅଧିକାରୀ ପ୍ରଦୀପ ସେଠୀ ସୂଚନା ଦେଇଛନ୍ତି।




# ତାମିଲନାଡୁ କ୍ରୀଡ଼ା ମନ୍ତ୍ରୀଙ୍କ ଡବ୍ଲ୍ୟୁଏସ୍‌ସି ପରିଦର୍ଶନ


ଡବ୍ଲ୍ୟୁଏସ୍‌ସି ପରିଦର୍ଶନ ଅବସରରେ ତାମିଲନାଡୁର ଯୁବ କଲ୍ୟାଣ ଓ କ୍ରୀଡ଼ା ଉନ୍ନୟନ ମନ୍ତ୍ରୀ ଥିରୁ ଉଦୟନିଧି ଷ୍ଟାଲିନ୍‌ଙ୍କୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

ତାମିଲନାଡୁର ଯୁବ କଲ୍ୟାଣ ଓ କ୍ରୀଡ଼ା ଉନ୍ନୟନ ମନ୍ତ୍ରୀ ଥିରୁ ଉଦୟନିଧି ଷ୍ଟାଲିନ୍‌ଙ୍କ ସମେତ ବରିଷ୍ଠ ପଦାଧିକାରୀବୃନ୍ଦ ଗୁରୁବାର ଓଡ଼ିଶା ଗସ୍ତରେ ଆସି ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର (ଡବ୍ଲ୍ୟୁଏସ୍‌ସି) ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷତା ତାଲିମ ପ୍ରତି ଥିବା ଦୂରଦୃଷ୍ଟିକୁ ତାମିଲନାଡୁ ମନ୍ତ୍ରୀ ଷ୍ଟାଲିନ୍ ଉଚ୍ଚ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୩ ତାରିଖରୁ ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଉତ୍ତୀର୍ଣ୍ଣ ୨୪ ଜଣ ପ୍ରଶିକ୍ଷାର୍ଥୀ ସିଙ୍ଗାପୁରକୁ ତାଲିମ ପାଇଁ ଯାଇଛନ୍ତି। ସିଙ୍ଗାପୁର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେଠାରେ ବିଶ୍ୱସ୍ତରୀୟ ସରଞ୍ଜାମ ଓ ଜ୍ଞାନକୌଶଳର ତାଲିମ ପ୍ରଦାନ କରାଯାଉଛି। ପ୍ରାରମ୍ଭରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ପ୍ରଦାନ ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ବୈଷୟିକ ତାଲିମ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ଷ୍ଟାଲିନ୍‌ଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଦକ୍ଷତା ବିକାଶ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଳକା ମିଶ୍ର, କେନ୍ଦ୍ରର ଅଧ୍ୟକ୍ଷ ସଙ୍ଗରନ ଗୋପାଳଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ଷ୍ଟାଲିନ୍‌ଙ୍କ ସହିତ ତାମିଲନାଡୁର ବରିଷ୍ଠ ପଦାଧିକାରୀବୃନ୍ଦ ଏୟାର କଣ୍ଡିସନିଙ୍ଗ୍ ଏବଂ ରେଫ୍ରିଜେରେସନ୍ ଲାବ୍ ଏବଂ ରୋବୋଟିକ୍ ଲାବ୍‌ର ବିଭିନ୍ନ ମେଶିନ୍ ବୁଲି ଦେଖିଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କ ସମ୍ପର୍କୀୟ ଭାଇ ଗିରଫ

## କାଠଫାଳିଆରେ ପିଟି ସାଙ୍ଗଙ୍କୁ ହତ୍ୟା ଘଟଣା

- କୋର୍ଟ ଚାଲାଣ ପରେ ଜେଲ ଗଲେ
- ବୁଧବାର ଗିରଫ ହୋଇଥିଲେ ବିଶ୍ୱନାଥ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ଇଡ୍‌କୋ ବସ୍ତିରେ ଜଣେ ଯୁବକଙ୍କୁ କାଠଫାଳିଆରେ ପିଟି ହତ୍ୟା କରିବା ଘଟଣାରେ ଗୁରୁବାର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମ୍ପର୍କୀୟ ଭାଇଙ୍କୁ ଗିରଫ କରିଛି। ସେ ହେଲେ ଏଠାରେ ରହୁଥିବା ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ପତର ଗ୍ରାମର ସୁନାରାମ୍ ମୁର୍ମୁ ଓରଫ ସୋନୁର୍। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିବା ମୃତ ସୁଶିଲଙ୍କ ସାଙ୍ଗ ବିଶ୍ୱନାଥ କିସ୍କୁ ଓରଫ ଲୁଚାଙ୍କୁ ବୁଧବାର ଗିରଫ କରାଯାଇ ଜେଲ ପଠାଯାଇଥିଲା। ସୋନୁର୍‌ଙ୍କୁ ମଧ୍ୟ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ମୃତକ ଓ ଅଭିଯୁକ୍ତଙ୍କ ଘର ମୟୂରଭଞ୍ଜ ଜିଲାରେ ହୋଇଥିବା ବେଳେ ସେମାନେ ଭୁବନେଶ୍ୱର ଇଡ୍‌କୋ ବସ୍ତିର ଆଦିବାସୀ ସାହିରେ ପାଖାପାଖି ରହି ଶ୍ରମିକ ଭାବେ କାମ କରୁଥିଲେ। ସୁଶିଲ ଗୋଟିଏ ଘରେ ରହୁଥିବାବେଳେ ସୋନୁର୍ ଓ ବିଶ୍ୱନାଥ ସାମ୍ନା ଘରେ ରହୁଥିଲେ। ରବିବାର ସୋନୁର୍ ଓ ସୁଶିଲଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସୋମବାର ବିଶ୍ୱନାଥ ଓ ସୋନୁର୍ ସ୍ଥାନୀୟ ପଡ଼ିଆକୁ ସୁଶିଲଙ୍କୁ ଡାକି ପାଟିତୁଣ୍ଡ କରିଥିଲେ। ଏହାପରେ ଦୁହେଁ ଆହୁରି ଉତ୍ତ୍ୟକ୍ତ ହୋଇପଡ଼ିବା ସହ ସୁଶିଲଙ୍କୁ ହତ୍ୟା ଯୋଜନା କରିଥିଲେ। ସୁଶିଲ ଘରେ ଶୋଇଥିବାବେଳେ ମଙ୍ଗଳବାର ଭୋର ୩ଟାରୁ ୫ଟା ଭିତରେ ବିଶ୍ୱନାଥ ଓ ସୋନୁର୍ କାଠଫାଳିଆରେ ତାଙ୍କ ମୁଣ୍ଡକୁ ଏକାଧିକ ଥର ପିଟି ହତ୍ୟା କରିଥିଲେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୧/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଦନ୍ତାର ମୃତ୍ୟୁ, କାରଣ ଅସ୍ପଷ୍ଟ



ଭଞ୍ଜନଗର,୧୯।୧(ଡି.ଏନ.ଏ)

ଗଞ୍ଜାମ ଜିଲା ଘୁମୁସର ଉତ୍ତର ବନଖଣ୍ଡ ତାରସିଂ ରେଞ୍ଜ ମାଣିତରା ଗ୍ରାମ ନିକଟ ପରିବା କିଆରିରେ ବୁଧବାର ରାତିରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ହାତୀଟିର କିପରି ମୃତ୍ୟୁ ଘଟିଛି କାରଣ ଜଣାପଡ଼ିନାହିଁ। ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥାଇ ପାରେ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ସନ୍ଦେହ କରୁଥିବା ବେଳେ ବନ ବିଭାଗ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ହାତୀ ମୃତଦେହ ବ୍ୟବଚ୍ଛେଦ ବେଳେ ପାକସ୍ଥଳୀରୁ ବଡ଼ ବଡ଼ ପୋକ ବାହାରିଥିବା ଦେଖାଯାଇଥିଲା। ତେବେ କେଉଁ କାରଣରୁ ହାତୀ ପେଟରୁ ପୋକ ବାହାରିଲା ସେ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନି।

ଘୁମୁସର ଉତ୍ତର ବନଖଣ୍ଡରେ ଗତ ୫ମାସ ମଧ୍ୟରେ ୪ଟି ହାତୀଙ୍କ ମୃତ୍ୟୁ ଘଟିଲାଣି। ୨୦୧୭ରେ ହୋଇଥିବା ହାତୀ ଗଣନା ଅନୁସାରେ ଏହି ବନଖଣ୍ଡ ବର୍ତ୍ତମାନ ଦନ୍ତାଶୂନ୍ୟ ହୋଇଛି। ବନଖଣ୍ଡରେ ଥିବା ଶେଷ ଦନ୍ତାହାତୀର ମୃତ୍ୟୁ ଖବରପାଇ ଗୁରୁବାର ସକାଳେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରାହ୍ନରେ ଭୁବନେଶ୍ୱର ପିସିସିଏଫ୍ ବନ୍ୟପ୍ରାଣୀ ଅଫିସରୁ ଆସିଥିବା ଯୁଗ୍ମ ଟାସ୍କଫୋର୍ସ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା। ସ୍ଥାନୀୟ ୩ଜଣ ପ୍ରାଣୀ ବିଶେଷଜ୍ଞ ଏଥିରେ ସହାୟତା କରିଥିଲେ। ଏ ନେଇ ଡିଏଫଓ ସୁଦର୍ଶନ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ହାତୀର କେଉଁଭଳି ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହାର ପ୍ରକୃତ କାରଣ ଜଣାପଡ଼ି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ପ୍ରତ୍ୟେକ ଜିଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ନିଯୁକ୍ତ ହୋଇଛନ୍ତି। ଭଞ୍ଜନଗରରେ ରହୁଥିବା ଗଞ୍ଜାମ ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀଙ୍କୁ ବନ ବିଭାଗ ଆଦୌ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ସେ ସ୍ଥାନୀୟ ବନ ବିଭାଗ ଡାକ ବଙ୍ଗଳାରେ ଆରସିସିଏଫ୍‌ଙ୍କୁ ଭେଟି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

ବଡ଼ବିଲ,୧୯।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳର ଗୁଆଲି ଫରେଷ୍ଟ ବିଟ୍‌ସ୍ଥିତ ପାଣ୍ଡୁଲିପଶି ଗ୍ରାମରେ ଜଣେ ବୃଦ୍ଧଙ୍କୁ ହାତୀ କଚାଡ଼ି ମାରିଦେଇଛି। ବୃଦ୍ଧ ଜଣଙ୍କ ପାଣ୍ଡୁଲିପଶି ଗ୍ରାମର ଭୀମସେନ ନାଏକ(୫୨)। ଏ ନେଇ ରୁଗୁଡ଼ି ଥାନାରେ ମାମଲା ରୁଜୁ ହୋଇଛି। ଘଟଣାରେ ବନ ବିଭାଗ ପକ୍ଷରୁ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଭୀମସେନ ଶ୍ରୀମେଟାଲିକ୍ସ ପ୍ଲାଣ୍ଟର ଲୋଇଡ଼ାପଦାସ୍ଥିତ ପମ୍ପ ହାଉସ୍‌ର କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ବୁଧବାର ସନ୍ଧ୍ୟାରେ ପମ୍ପ ହାଉସକୁ ଯାଉଥିଲେ। ଅଧା ରାସ୍ତାରେ ସେ ୬ ଟିକିଆ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀପଲରୁ ଏକ ହାତୀ ଆସି ତାଙ୍କୁ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଭୀମସେନଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାର ସକାଳେ ବନ ବିଭାଗର କର୍ମଚାରୀ ଓ ରୁଗୁଡ଼ି ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ନଂ. ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଛି। କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ମୃତକଙ୍କ ପରିବାର ଲୋକଙ୍କୁ ଅନୁକମ୍ପାମୂଳକ ରାଶିରୁ ଅଗ୍ରିମ ୪୦ ହଜାର ଟଙ୍କା ଚେକ୍ ଆକାରରେ ପ୍ରଦାନ କରାଯାଇଥିବା ବଡ଼ବିଲ ବନାଞ୍ଚଳ ଅଧିକାରୀ ରଞ୍ଜନ ପାଣି ସୂଚନା ଦେଇଛନ୍ତି।

# ଖରାପ ପାଗ ଯୋଗୁ କୋଲକାତାରେ ବିମାନର ଜରୁରୀ ଅବତରଣ

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

ଭୁବନେଶ୍ୱରରେ ପାଗ ଖରାପ ଥିବାରୁ ଗୁରୁବାର ସକାଳେ ଭିସ୍ତାରାର ଏକ ବିମାନ କୋଲକାତାରେ ଜରୁରୀ ଅବତରଣ କରିଥିଲା। ଏ ନେଇ ଭିସ୍ତାରା ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୂଚନାନୁସାରେ, ମୁମ୍ବାଇରୁ ଭୁବନେଶ୍ୱର ଆସୁଥିବା ଭିସ୍ତାରା ବିମାନ ୟୁକେ-୫୪୩ ମୁମ୍ବାଇରୁ ସକାଳ ୫ଟା ୪୦ରେ ଉଡ଼ାଣ କରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ୭ଟା ୩୦ରେ ଅବତରଣ କରିଥାଏ। ତେବେ ଗୁରୁବାର ଏହି ବିମାନଟି ମୁମ୍ବାଇରୁ ସକାଳ ୫ଟା ୫୧ରେ ଉଡ଼ାଣ କରିଥିଲା। ଭୁବନେଶ୍ୱରରେ ଅବତରଣ କରିବା ସମୟରେ କମ୍ ଦୃଶ୍ୟମାନ (ଲୋ ଭିଜିବିଲିଟି) ରହିଥିଲା। ତେଣୁ ଭୁବନେଶ୍ୱରରେ ବିମାନ ଅବତରଣ କରିବା ସମ୍ଭବପର ହୋଇ ନ ଥିଲା। ଫଳରେ ବିମାନକୁ ନିକଟସ୍ଥ କୋଲକାତା ବିମାନବନ୍ଦରରେ ଅବତରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କୋଲକାତାରେ ବିମାନଟି ୯ଟା ୩୦ରେ ଅବତରଣ କରିଥିଲା। ସେଠାରୁ ପୁଣି ଭୁବନେଶ୍ୱର ଅଭିମୁଖେ ୧୧ଟା ୧୯ରେ ଉଡ଼ାଣ ଭରିଥିଲା। ଭୁବନେଶ୍ୱରରେ ଅପରାହ୍ନ ୧ଟା ୨୦ରେ ଅବତରଣ କରିଥିବା ଜଣାପଡ଼ିଛି।

DADLS - 83
ଓଡ଼ିଶା ସରକାର

ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
ତା.୨୦.୦୧.୨୦୨୩
ସକାଳ ୮ଟା - ଭୁବନେଶ୍ୱରସ୍ଥିତ କଳ୍ପନା ଛକଠାରେ ଥିବା ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସନ୍ଧ୍ୟା ୬ଟା ସାଧାରଣ ସଭା ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ, ମାନ୍ୟବର ବିଧାୟକ
ବିଶିଷ୍ଟ ଅତିଥି - ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି, ପୂର୍ବତନ ବାଚସ୍ପତି ଓଡ଼ିଶା ବିଧାନ ସଭା ତଥା ପ୍ରତିଷ୍ଠାତା ସଭାପତି ଚାଖି ଖୁଣ୍ଟିଆ ସ୍ମୃତି ସମିତି
ମୁଖ୍ୟବକ୍ତା - ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର, ବିଶିଷ୍ଟ ଆଲୋଚକ ତଥା ପୂର୍ବତନ ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ
ପ୍ରାରମ୍ଭିକ ବକ୍ତବ୍ୟ - ଡ. ବସନ୍ତ ପତି, ସଭାପତି, ଚାଖି ଖୁଣ୍ଟିଆ ସ୍ମୃତି ସମିତି
ସଭାପତି - ଶ୍ରୀଯୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ
ପଞ୍ଚମ ଅନୁଷ୍ଠାନ ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଚନ୍ଦନ ହଜୁରୀଙ୍କ ରଚନାରୁ ଜଣାଣ ଓ ଭକ୍ତି ସଙ୍ଗୀତ ପରିବେଷଣ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି, ପୁରୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ନିର୍ଦ୍ଦେଶକ (ବୈଷୟିକ)
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0233/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଜାନୁୟାରୀ, ୨୦୨୩

ଭଗବାନ ବଳବାନ ମଣିଷ ଚାହାନ୍ତି– ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା– ଦୃଢ଼ତା ଓ ବୀରତ୍ୱ– ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। **–ଶ୍ରୀଅରବିନ୍ଦ**



# କୋଭିଡ୍ ମୁକାବିଲାର ନୂଆ ରଣନୀତି



ୱିଲିୟମ୍ ଏ.ହାସେଲ୍‌ଟିନ

ବିଶ୍ୱରେ କୋଭିଡ୍-୧୯ ମହାମାରୀ ଦେଖାଦେବାର ୩ ବର୍ଷ ପରେ ବି ଥମିବା ନାଁ ଧରୁନାହିଁ। ଦୁର୍ଭାଗ୍ୟବଶତଃ, ସାମଗ୍ରିକ ଭାବେ ସରକାରୀ ସ୍ତରରେ ଏହାର ଗତିରୋଧ କରିବା ଏବଂ କଟକଣାରେ ଅତ୍ୟଧିକ ଦୁର୍ବଳତା ପ୍ରକାଶ ପାଇଆସିଛି। ଗୋଟିଏ ସମୟରେ ଚାଇନା କରୋନା ଭୂତାଣୁ ନିୟନ୍ତ୍ରଣ କରିବା ଓ ସଂକ୍ରମଣ କମାଇବା ପାଇଁ ଲୋକମାନଙ୍କୁ ଖୁବ୍‌ଶୀଘ୍ର ସେବା ଯୋଗାଇବାରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା କଥା କୁହାଯାଉଥିଲା। କିନ୍ତୁ କୋଭିଡ୍-୧୯ ଏବେ ଚାଇନାରେ ତାହାର ସ୍ଥିତି ସ୍ପଷ୍ଟ କରିବା ସହ ସାରା ବିଶ୍ୱ ପ୍ରତି ବିପଦ ସୃଷ୍ଟି କରିଛି। ଗବେଷଣାରୁ ଜଣାପଡ଼ିଛି ଯେ, ଦୁଇ କିମ୍ବା ତା'ଠାରୁ ଅଧିକ ଥର କୋଭିଡ୍‌ରେ ସଂକ୍ରମଣ ହେଲେ ମୃତ୍ୟୁ ହେବା, ରକ୍ତ ଜମାଟ ଏବଂ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ଭଳି ନକାରାତ୍ମକ ସ୍ୱାସ୍ଥ୍ୟ ପରିଣାମର ଦୁଇଗୁଣ ଅଧିକ ଆଶଙ୍କା ରହିଛି। ସଂକ୍ରମଣ ପରେ ୧୨ ମାସ ପର୍ଯ୍ୟନ୍ତ କାର୍ଡିଓଭାସ୍କୁଲାର ସମସ୍ୟା ୪.୫% ଅଧିକ ହୋଇଥିବା ଜଣାପଡ଼ିଛି। ତେବେ ସମ୍ପ୍ରତି ପ୍ରକାଶ ପାଇଥିବା ନୂତନ ପ୍ରକାର କୋଭିଡ୍-୧୯ ଭୂତାଣୁକୁ ପୂର୍ବ ସଂକ୍ରମଣ ଏବଂ ଟିକା ଦ୍ୱାରା ଶରୀରରେ ସୃଷ୍ଟି ହୋଇଥିବା ରୋଗ ପ୍ରତିରୋଧକ ଶକ୍ତି ସାମ୍ନା କରିପାରୁନାହିଁ। ଏହି ସମୟରେ ଭଲ ଖବର ହେଉଛି, ଭୂତାଣୁ ଆକ୍ରମଣରୁ ବଞ୍ଚିବା ପାଇଁ ବର୍ତ୍ତମାନ ଆମ ପାଖରେ ଶକ୍ତିଶାଳୀ ପ୍ରତିରୋଧକ ସାଧନଗୁଡ଼ିକ ଅଛି। ଅବଶ୍ୟ ବ୍ୟବହାରିକ ପରିବର୍ତ୍ତନ କିମ୍ବା କଟକଣାର ଆବଶ୍ୟକତା ନ ଥିବା ଏକ ରଣନୀତିକୁ ଆମେ ଅତ୍ୟଧିକ ଅଣଦେଖା କରୁଛୁ । ବାସ୍ତବରେ ଏହି ରଣନୀତି ଯେକୌଣସି ସ୍ଥାନରେ ଉପଯୋଗ କରାଯାଇପାରିବ। ଏହା କୋଭିଡ୍ ସହ ଆର୍‌ଏସ୍‌ଭି ଓ ଇନ୍‌ଫ୍ଲୁଏଞ୍ଜା ଭଳି ବାୟୁବାହିତ ଭୂତାଣୁର ମୁକାବିଲା କରି ଆମକୁ ସୁରକ୍ଷା ଦେବ। ପ୍ରାରମ୍ଭିକ ପଦକ୍ଷେପରେ ଭେଣ୍ଟିଲେଶନ, ଏୟାର ଫିଲ୍‌ଟ୍ରେଶନ, ଅଲ୍‌ଟ୍ରାଭାଓଲେଟଜର୍ମିସିଡାଲ ଲାଇଟ୍ ଓ ନୂତନ ଆବିଷ୍କାରଗୁଡ଼ିକୁ ଗତିଶୀଳ କରିବା ଲାଗି ଅଧିକ ନିବେଶ ଆବଶ୍ୟକ ପଡ଼ିବ। ଆମକୁ ନିର୍ଦ୍ଦିଷ୍ଟ କେତେକ ବାୟୁବାହିତ ଭୂତାଣୁକୁ ନଷ୍ଟ କରିବା ସକାଶେ ଏରୋସୋଲ୍ ଏସିଡିଟି ସ୍ତର(ଭୂତାଣୁ ମୁକ୍ତ ତଥା ଗୁଣବତ୍ତା ବାୟୁ)ର ବ୍ୟବହାର କ୍ଷେତ୍ରରେ ନୂତନ ଆବିଷ୍କାର ପାଇଁ ନିବେଶ ଦରକାର।

ଉଦ୍ଭାବନ ହୋଇଥିବା ଟିକାଗୁଡ଼ିକ ଗମ୍ଭୀର ଅସୁସ୍ଥତା ଓ ମୃତ୍ୟୁ ଆଶଙ୍କା ହ୍ରାସ କରିବାରେ ପ୍ରଭାବୀ ହୋଇଥିଲେ ବି ସଂକ୍ରମଣ ରୋକିବା ପାଇଁ ପ୍ରଭାବଶଳୀ ହୋଇନାହିଁ। ମାସ୍କ ପିନ୍ଧିବାକୁ ନେଇ ବହୁ ରାଜନୀତୀକରଣ ହୋଇଆସିଛି ଏବଂ ଅନେକ ପାଶ୍ଚାତ୍ୟ ଦେଶରେ ଏହାକୁ ସ୍ୱୀକାର କରାଯାଇନାହିଁ। ଏପରି କି କେତେକ ସ୍ୱାସ୍ଥ୍ୟ କର୍ମୀ ମାସ୍କ ପିନ୍ଧିବାରେ ଅବହେଳା କରୁଛନ୍ତି। ତଥାପି ଭୂତାଣୁ ବହନ କରୁଥିବା ଏରୋସୋଲ୍ (ବାୟୁରେ ଭାସମାନ ସୂକ୍ଷ୍ମ କଣିକା) ଅନେକ ଘଣ୍ଟା ରହିପାରେ । ତାହାକୁ ପ୍ରଶ୍ୱାସରେ ଗ୍ରହଣ କରିବା ପରେ କିଭଳି ବିପଜ୍ଜନକ ସ୍ଥିତି ସୃଷ୍ଟି କରିବା ତାହା ଜାଣିବା କଷ୍ଟକର। ଏହିସବୁ ବିଷୟକୁ ଦେଖିଲେ, ପ୍ରାରମ୍ଭିକ ସ୍ତରରେ ପ୍ରଶ୍ୱାସରେ ନେବାକୁ ଥିବା ଭୂତାଣୁଗୁଡ଼ିକର ସାନ୍ଦ୍ରତା କମ୍ କରାଯାଇପାରିଲେ ହିଁ ସଂକ୍ରମଣଜନିତ ବିପଦ ହ୍ରାସ ପାଇବ ଏବଂ ଏହା ହିଁ ହେବ ସବୁଠୁ ଭଲ ଉପାୟ। ଦୈନନ୍ଦିନ ଜୀବନରେ ଆବଦ୍ଧ ସ୍ଥାନ କିମ୍ବା ଘରେ ବାୟୁବାହିତ ଭୂତାଣୁଜନିତ ସଂକ୍ରମଣ ବୃଦ୍ଧି କରୁଥିବା ଆମ ଦୈନନ୍ଦିନ ଜୀବନର ପ୍ରଚଳିତ ପ୍ରବୃତ୍ତିକୁ ରୋକିବା ଅପରିହାର୍ଯ୍ୟ। ବହୁ ଦଶନ୍ଧି ହେଲା ବିଶ୍ୱରେ ବିଭିନ୍ନ ଦେଶ ସାର୍ବଜନୀନ ସ୍ୱାସ୍ଥ୍ୟ ରକ୍ଷା ନାଁରେ ଖାଦ୍ୟ,ପରିମଳ ଏବଂ ବିଶୁଦ୍ଧ ପାନୀୟଜଳ ଉପରେ ଅତ୍ୟଧିକ ନିବେଶ କରିଛନ୍ତି। ବିକାଶଶୀଳ ଦେଶଗୁଡ଼ିକରେ ଗବେଷଣା, ଆଇନ, ନିୟନ୍ତ୍ରିତ ସାର୍ବଜନୀନ ସ୍ୱାସ୍ଥ୍ୟ ସଂସ୍ଥା ଏବଂ ଭିତ୍ତିଭୂମି ପାଣ୍ଠି ଯୋଗାଣ ମାଧ୍ୟମରେ ଖାଦ୍ୟ ଓ ଜଳବାହିତ ରୋଗକୁ ବହୁଳ ଭାବେ ଦୂର କରାଯାଇଛି। ତେବେ ସାର୍ବଜନୀନ ଏବଂ ଘରୋଇ ସ୍ଥାନଗୁଡ଼ିକରେ ସ୍ୱଚ୍ଛ, ରୋଗସୃଷ୍ଟିକାରୀ ଭୂତାଣୁମୁକ୍ତ ବାୟୁ ପାଇଁ କାହିଁକି ଆମେ ସମାନ ପ୍ରକାର ପ୍ରାଧାନ୍ୟ ଦେବା ନାହିଁ ?



ଭୂତାଣୁଗୁଡ଼ିକ ସଂକ୍ରମଣ କରିବା ପୂର୍ବରୁ ସେମାନଙ୍କୁ ରୋକିବା ଲାଗି ଆମକୁ ବହୁମୁଖୀ ରଣନୀତି ଅପଣାଇବା ଦରକାର। ବୃତ୍ତିଗତ ଇଞ୍ଜିନିୟରିଂ ସଂସ୍ଥାସବୁ ବ୍ୟାପକ ଭେଣ୍ଟିଲେଶନ ମାନକ ବିକାଶ କରିବା ଆବଶ୍ୟକ ଏବଂ ଏସବୁ କିଭଳି ନୂତନ ପଦ୍ଧତିରେ ହାସଲ କରିହେବ ତାହା ସୁନିଶ୍ଚିତ କରିବା ଆବଶ୍ୟକ। ଅର୍ଥାତ୍ ନିର୍ମାଣ କ୍ଷେତ୍ରରେ ଏହି ମାନକଗୁଡ଼ିକ ଲାଗୁ କରି ନିରୀକ୍ଷଣ କରିବା ପାଇଁ ବୈଧାନିକ ସଂସ୍ଥା ଗଠନ କରିବାକୁ ପଡ଼ିବ। କେବଳ ନୂଆ ନିର୍ମାଣ ନୁହେଁ ବରଂ ଏବେ ଥିବା ଘରଗୁଡ଼ିକର ପୁନଃ ରୂପାନ୍ତରଣ ପାଇଁ ଏହା କାମ କରିବ। ଏଥିପାଇଁ ସରକାର ବିଲ୍ଡିଂ ସଞ୍ଚାଳକ ଏବଂ ମାଲିକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଯୋଗାଇବାରେ ସାହାଯ୍ୟ କରିବା ଉଚିତ। ସବୁ ବିଲ୍ଡିଂରେ ଥିବା ସ୍ଥାନଗୁଡ଼ିକରେ ବାୟୁ ପୁନଃ ସଞ୍ଚାଳନ କରିବା ଓ ସେହି ସ୍ଥାନଗୁଡ଼ିକରେ ଘଣ୍ଟାକୁ ଅତିକମ୍‌ରେ ୬ ଥର ବାୟୁ ପରିବର୍ତ୍ତନ କରିବା ଲକ୍ଷ୍ୟ ରହିବା ଆବଶ୍ୟକ। ଶୁଣିଲେ ଲାଗିପାରେ ଏହା ଏକ ବଡ଼ କାମ । କିନ୍ତୁ ବିଭିନ୍ନ ସେକ୍ଟରରେ ଧୀରେ ଧୀରେ ଏବଂ ଯୋଜନାବଦ୍ଧ ଭାବରେ ଏଥିପାଇଁ ବିକାଶ କରାଯାଇପାରେ। ତେବେ ସଂକ୍ରମଣ ଶିକାର ହେବା ଆଶଙ୍କା ଥିବା ରୋଗୀଙ୍କୁ ରକ୍ଷା କରିବା ପାଇଁ ଏବେ ତୁରନ୍ତ ପ୍ରାଥମିକତା ଭିତ୍ତିରେ ହସ୍ପିଟାଲ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା ସ୍ଥାନଗୁଡ଼ିକରେ ଭୂତାଣୁମୁକ୍ତ ବାୟୁ ନିଶ୍ଚିତ କରାଯାଉ। ଏହାସହ ବିଶ୍ୱ ସାରା ଉଡ଼ାଜାହାଜରେ ବାୟୁକୁ ଭୂତାଣୁ ମୁକ୍ତ କରି ନୂଆ ଭାରିଆଣ୍ଟର ଦ୍ରୁତ ସଂକ୍ରମଣ ରୋକିବା ଲାଗି ପଦକ୍ଷେପ ନିଆଯାଉ। ଏହା ପରେ ଟ୍ରେନ ଓ ବସ୍ ଭଳି ସାର୍ବଜନୀନ ପରିବହନ କ୍ଷେତ୍ର ଉପରେ ଗୁରୁତ୍ୱ ଦେବା ଉଚିତ। ତା'ପରେ ଅଫିସ, ସ୍କୁଲ ଏବଂ ଡେ'କେୟାର ସେବାଗୁଡ଼ିକୁ ଏଥିରେ ସାମିଲ କରିବା ଆବଶ୍ୟକ। ଜଣାପଡ଼ିଛି ଯେ, ଭୂତାଣୁ ସଂକ୍ରମଣ ରୋକିବା ସହ ଉତ୍ତମ ବାୟୁ ଚଳାଚଳ କରୁଥିବା ସ୍ଥାନଗୁଡ଼ିକ ପିଲାମାନଙ୍କ ମାନସିକ ଦକ୍ଷତା ବୃଦ୍ଧି କରିବା ସହ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ସମ୍ପର୍କିତ ଅସୁସ୍ଥତା ହ୍ରାସ ପାଉଛି। ଶେଷରେ ନିଜ ଘରେ ଏବଂ ଆବାସିକ ବିଲ୍ଡିଂଗୁଡ଼ିକରେ ଆମେ ବାୟୁଚଳାଚଳରେ ଥିବା ସମସ୍ୟାର ସମାଧାନ କରିବା ଉଚିତ।

ଏହିସବୁ ପ୍ରସ୍ତାବିତ ରଣନୀତିକୁ ନେଇ ସମାଲୋଚନା ଉଠୁଛି। ଏଥି ନିମନ୍ତେ ଖର୍ଚ୍ଚକୁ ଏକ ବାଧା ରୂପେ ଦର୍ଶାଯାଉଛି। ଜଣାପଡ଼ିଛି,ଏକ ସାଧାରଣ ଫ୍ଲୁ ସିଜନ୍‌ରେ ଅସୁସ୍ଥତା କାରଣରୁ କାର୍ଯ୍ୟ କ୍ଷେତ୍ରରେ ଅନୁପସ୍ଥିତ ରହିବା ଏବଂ ଉତ୍ପାଦନ ହ୍ରାସ ପାଇବା ଯୋଗୁ ଆମେରିକାର ୧୧.୨ ବିଲିୟନ ଡଲାର କ୍ଷତି ହେଉଛି। ବ୍ରୁକିଂ ଇନ୍‌ଷ୍ଟିଚ୍ୟୁଶନର ଅଗଷ୍ଟ ୨୦୨୨ ରିପୋର୍ଟ ଅନୁଯାୟୀ, ଦୀର୍ଘ ସମୟ ଧରି ଲାଗି ରହିଥିବା କୋଭିଡ୍ ଯୋଗୁ ଆମେରିକାରେ ୪୦ ଲକ୍ଷରୁ ଅଧିକ ଲୋକ କାମ ହରାଇପାରନ୍ତି । ଲଗାତର ଭାବେ ଶ୍ରମବଳ ଦୁର୍ବଳ ହୋଇଯିବା ଅର୍ଥ ବିଶ୍ୱରେ ସବୁ ଶିଳ୍ପରେ ଆମେ ଲଗାତର ବାଧାର ସମ୍ମୁଖୀନ ହେଉଛୁ। ତେବେ ସ୍କୁଲ ଓ ଡେକେୟାରଗୁଡ଼ିକୁ କ୍ଷତି କରି ଆସୁଥିବା ଇନ୍‌ଫ୍ଲୁଏଞ୍ଜା, ଆର୍‌ଏସ୍‌ଭି ଏବଂ କୋଭିଡ୍-୧୯(ଟ୍ରିପଲ୍‌ଡେମିକ)କୁ ନେଇ ଅଭିଭାବକମାନେ ଥକିପଡ଼ିଲେଣି ଓ ହାରିଗଲେଣି ବି। ମହାମାରୀ ଦ୍ୱାରା ହେଉଥିବା ପ୍ରତ୍ୟକ୍ଷ ଆର୍ଥିକ କ୍ଷତି, ଆଘାତ ଓ ଅନିଶ୍ଚୟତା ସ୍ପଷ୍ଟ କରିଛି ଯେ, ଘର ଭିତର ବାୟୁକୁ ଭୂତାଣୁମୁକ୍ତ କରିବାରେ ନିବେଶ ଯେ କେବଳ ଆର୍ଥିକ ଦୃଷ୍ଟିକୋଣରୁ ପ୍ରଭାବୀ ବିକଳ୍ପ ତାହା ନୁହେଁ, ବରଂ ନୈତିକ ଦିଗରୁ ସ୍ୱୀକାର୍ଯ୍ୟ ମଧ୍ୟ। ସାର୍ବଜନୀନ ସ୍ୱାସ୍ଥ୍ୟରେ ଅନ୍ୟ ପ୍ରଭାବୀ ନିବେଶ ଭଳି ଏହା ମଧ୍ୟ ଖୁବ୍ ଶୀଘ୍ର ଲାଭ ଦେବ।

**ବାୟୋଟେକ୍ ଏଣ୍ଟ୍ରେପ୍ରେନ୍ୟୁର ଆଣ୍ଡ୍ ଇନ୍‌ଫେକ୍ସିୟସ୍ ଡିଜିଜ୍ ଏକ୍ସପର୍ଟ**

## ମାନବୀୟ ମୂଲ୍ୟବୋଧ



ସୁମନ୍ତ କୁମାର ଭୂୟାଁ

ଆଜିର ବସ୍ତୁବାଦୀ ଓ ଭୋଗସର୍ବସ୍ୱ ସମାଜରେ ମୂଲ୍ୟବୋଧ ଆମ ସମସ୍ତଙ୍କ ପାଇଁ ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତାହା ଅନେକେ ବୁଝି ନ ଥା'ନ୍ତି। ଏହି ପ୍ରସଙ୍ଗରେ ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ସତ୍ୟ ହେଉଛି ଚିରନ୍ତନ ଓ ଜୀବାତ୍ମାର ସନ୍ଧାନରେ ମେଧାର ସଫଳତା' ଏହା ସତ୍ୟର ପାରମାର୍ଥିକ ବା ଆଧ୍ୟାତ୍ମିକ ବା ଉଚ୍ଚତର ନିଗୂଢ଼ ଅର୍ଥ। ନୈତିକ ଦୃଷ୍ଟିକୋଣରୁ ଆମର ବଚନରେ ସତ୍ୟତା ଏବଂ ଆମର ଚିନ୍ତା ଓ କର୍ମ ମଧ୍ୟରେ ସମତାକୁ ସତ୍ୟ ବୁଝାଏ। ସତ୍ୟ ହେଉଛି ବାସ୍ତବତା ସହିତ ସମ୍ପୂର୍ଣ୍ଣ ଐକ୍ୟ। ଏହା ହିଁ ପ୍ରତ୍ୟେକ ଜୀବର ପ୍ରକୃତ ସ୍ୱଭାବ। ଏହା ଆମ ପ୍ରତ୍ୟେକଙ୍କ ମଧ୍ୟରେ ରହିଥିବା ଦୈବତ୍ୱ। ଆମ ମଧ୍ୟରେ ନିହିତ ଉତ୍କର୍ଷ ବା ତ୍ରୁଟିହୀନତା ଯେତେ ଅଧିକରୁ ଅଧିକ ପ୍ରକଟିତ ହେଉଥିବ ଆମର ପ୍ରକୃତ ସ୍ୱରୂପ ସମ୍ପର୍କରେ ସେତିକି ଅଧିକରୁ ଅଧିକ ସଚେତନତା ଓ ଉପଲବ୍ଧି ବୃଦ୍ଧି ପାଇବ। ସତ୍ୟର ପରିପ୍ରକାଶ ପ୍ରଣାଳୀ ଆମର ଜ୍ଞାନାନୁସନ୍ଧାନ ସହ ଆରମ୍ଭ ହୁଏ ଏବଂ ଧୀଶକ୍ତିର ଉତ୍କର୍ଷ ସାଧନ ଓ ଆତ୍ମଅବବୋଧ ଶକ୍ତି ଭାବେ ରୂପାନ୍ତରଣ ଯୋଗୁ ଫଳପ୍ରସୂ ହୁଏ। ଯେତେବେଳେ ମନ ସମସ୍ତ ସାଂସାରିକ ଓ ଇନ୍ଦ୍ରିୟାନୁରାଗୀ କାମନାକୁ ପରିତ୍ୟାଗ କରି ଏକାଗ୍ର ଚିତ୍ତରେ ସତ୍ୟକୁ ଅନୁଧ୍ୟାନ କରିବ, ସେତେବେଳେ ମନ ଏକ ଉଚ୍ଚତର ଚୈତନ୍ୟ ଓ ଅନ୍ତର୍ଜ୍ଞାନଲବ୍ଧ ଦ୍ରଷ୍ଟା ସ୍ତରକୁ ଉନ୍ନୀତ ହେବ ଏବଂ ସେ ତ୍ରିକାଳ ସତ୍ୟ, ଯାହା ଅପରିବର୍ତ୍ତନୀୟ ଓ ଚିରନ୍ତନ, ତାକୁ ଉପଲବ୍ଧି କରିପାରିବ। ଏହାକୁ ହିଁ ବାସ୍ତବ ଆତ୍ମା ବା ଈଶ୍ୱର ବା ଜୀବାତ୍ମା ଅବା ପରମ ଚୈତନ୍ୟ ବୋଲି କୁହାଯାଏ।

ଧର୍ମକୁ ବୁଝାଇବା ପାଇଁ ସେ କହିଛନ୍ତି, 'ସର୍ବଦା ସତ୍‌କାର୍ଯ୍ୟ କରିବା ପାଇଁ ମାନବର ଇଚ୍ଛାଶକ୍ତିକୁ ଶୃଙ୍ଖଳିତ କରିବା ହେଉଛି ଧର୍ମ।' ମାନବିକ ଇଚ୍ଛାଶକ୍ତିର ତ୍ରୁଟିହୀନ ଅନୁଶୀଳନ ମାଧ୍ୟମରେ ସଦାଚାରର ସାଧନ ସମ୍ଭବ। ସଦାଚାର, ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱର ଅପରିହାର୍ଯ୍ୟ ଅଙ୍ଗ। ସତ୍‌କର୍ମରେ ମାନବର ଇଚ୍ଛା ବା ଅଭିରୁଚି ଅନୁବର୍ତ୍ତୀ ହୋଇ କାର୍ଯ୍ୟ କରିବାକୁ ଏହା ବୁଝାଇଥାଏ। ଭାରତୀୟ ଭାବଧାରାରେ ଧର୍ମ ଏକାଧାରରେ ସମସ୍ତ ଶାରୀରିକ, ନୈତିକ, ସାମାଜିକ, ଧାର୍ମିକ ଓ ଆଧ୍ୟାତ୍ମିକ କର୍ତ୍ତବ୍ୟ ଓ ବାଧ୍ୟତାମୂଳକ ଦାୟିତ୍ୱକୁ ବୁଝାଏ। ଏହା ପ୍ରଭାତରୁ ସନ୍ଧ୍ୟା ଓ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମାନବର ସମସ୍ତ କ୍ରିୟାକଳାପକୁ ନିୟନ୍ତ୍ରଣ କରିଥାଏ। ଶାନ୍ତି ହେଉଛି 'ମାନବର ସମସ୍ତ ଆବେଗର ସଂଘର୍ଷ ଓ ଦ୍ୱନ୍ଦ୍ୱର ସମାଧାନ ହେଲା ଶାନ୍ତିର ମୌଳିକ ଭାବ'। ମଣିଷର କାମନାଗୁଡ଼ିକ ତା'ର ମନରୂପକ ହ୍ରଦର ନିଶ୍ଚଳ ଜଳ ଉପରେ ଆଲୋଡ଼ନ ଘଟାଇ ନାନା ପ୍ରକାରର ଅସ୍ଥିରତା ସୃଷ୍ଟି କରିଥାଏ। କାମନାରହିତ ମନ ତା'ର ଶାନ୍ତି ଅବସ୍ଥା ଫେରି ପାଇଥାଏ। ଯେତେବେଳେ ମଣିଷର ମନରେ ସ୍ଥାୟୀ ସ୍ଥିରତା ଥାଏ ସେତେବେଳେ ସେ ଚିରସ୍ଥାୟୀ ଶାନ୍ତି ପାଇପାରେ ; କେବଳ ପ୍ରଶାନ୍ତ ମନରେ ହିଁ ଜ୍ଞାନଲୋକ ଉଦିତ ହୋଇପାରିବ। ପୁଣି କେବଳ ଜ୍ଞାନାଲୋକିତ ବା ବୌଦ୍ଧିକ ମନ ସାହାଯ୍ୟ ଦ୍ୱାରା ପରମ-ଶାନ୍ତି (ପ୍ରଶାନ୍ତି) ଲାଭ ଓ ଉପଭୋଗ କରାଯାଇ ପାରିବ। ଏହି ପରମ ଶାନ୍ତି ହିଁ ଆନନ୍ଦ। ପରମ ଶାନ୍ତି ଲାଭ କରିବା ପାଇଁ ମଣିଷକୁ ସହନଶୀଳତା ଅନୁଶୀଳନ କରିବାକୁ ହେବ, ଦୁଃଖ ଓ ସୁଖ ଉଭୟକୁ ସମାନ ଭାବରେ ଗ୍ରହଣ କରିବାକୁ ହେବ, ଯେପରି ତାହା ମନର ଭାରସାମ୍ୟକୁ ଦୋହଲାଇ ନ ଦିଏ, ଜୀବାତ୍ମାର ଶକ୍ତି ତଥା ନିୟତିର ରକ୍ଷାକାରୀ କ୍ଷମତା ଉପରେ ଯେପରି ଅଟଳ ଆସ୍ଥା ରହେ ସେଥିପାଇଁ ଅଭ୍ୟାସ କରିବାକୁ ହେବ। ପ୍ରତ୍ୟହ ଭଗବାନଙ୍କୁ ଧ୍ୟାନ ଧାରଣା କରିବାକୁ ହେବ। ଏହି ସମସ୍ତ କାର୍ଯ୍ୟ କରିବା ଦ୍ୱାରା ଜଣେ ବ୍ୟକ୍ତି ନିଶ୍ଚୟ ପରମ ଶାନ୍ତି ଲାଭ କରିପାରିବ। ବାବା କହନ୍ତି, 'ପ୍ରେମ ସ୍ୱାର୍ଥରହିତ' ଏବଂ 'ତ୍ୟାଗ ଓ କ୍ଷମା ଦ୍ୱାରା ହିଁ ପ୍ରେମ ବଞ୍ଚିରହେ'। ପ୍ରେମ ସର୍ବଜନ ଐକ୍ୟଭାବକୁ ଗ୍ରହଣ କରେ। ଅନ୍ୟମାନଙ୍କ ସହିତ ନିଜର ଅଭିନ୍ନତା ଓ ଐକ୍ୟଭାବକୁ ପ୍ରେମ ସନ୍ଦର୍ଶନ କରେ। ଯେତେବେଳେ ସଦା ଭଗବତ୍ ପ୍ରେମାସକ୍ତ ବ୍ୟକ୍ତିର ହୃଦୟ ସମଗ୍ର ମାନବ ଜାତିର ଭ୍ରାତୃତ୍ୱ ଓ ସମସ୍ତ ଜୀବମାନଙ୍କର ଜ୍ଞାତିତ୍ୱ ବିଷୟକ ସତ୍ୟକୁ ଉପଲବ୍ଧି କରେ, ସେତେବେଳେ ଏହା 'ପ୍ରେମ' ପଦବାଚ୍ୟ ହୁଏ।

ଆତ୍ମାର ସଂପୂର୍ଣ୍ଣ ପ୍ରସ୍ଫୁଟନ ଏବଂ ଅଦ୍ୱୈତ ଭାବାବସ୍ଥାର ପ୍ରାପ୍ତି ତଥା ସର୍ବଜୀବରେ ଏକତ୍ୱ ଓ ଐକ୍ୟବୋଧରୁ ଅହିଂସାର ସୃଷ୍ଟି। ସୃଷ୍ଟିର ସମସ୍ତ ଜୀବ ସହ ନିଜର ଐକ୍ୟ ଅନୁଭୂତିର ସ୍ତର ହେଲା ଅହିଂସା। ଆଧ୍ୟାତ୍ମିକ ସଚେତନତାରୁ ଏହାର ଜନ୍ମ; ଜାଗ୍ରତ ଜୀବାତ୍ମାର ଏହା ଗୁଣ ଓ ଲକ୍ଷଣ। ସୃଷ୍ଟିର ସମସ୍ତ ଅଣୁ ପରମାଣୁରେ ସର୍ବ ପ୍ରାଣରେ, ସର୍ବ ବସ୍ତୁରେ ଓ ସର୍ବତ୍ର ଏହା ଭଗବତ୍ ସତ୍ତା ଦର୍ଶନ କରେ। ଏହିପରି ସଚେତନ ଆତ୍ମା, ଅନ୍ୟ ଯେ କୌଣସି ଜୀବ ଓ ପ୍ରାଣୀର ସୁଖ ଓ ଦୁଃଖକୁ ନିଜର ବୋଲି ଅନୁଭବ କରେ।

**ବାଲିଚନ୍ଦ୍ରପୁର, ଯାଜପୁର,**
**ମୋ:୯୯୩୭୪୭୦୯୮୦**

## ଏଇ ଭାରତରେ

ଜୁନାଗଡ଼ରେ ଏମିତି ଏକ କାଫେ ଅଛି, ଯେଉଁଠି ପୋଷକ ଖାଦ୍ୟ ଖାଇଲେ କିଛି ଦେୟ ଦେବାକୁ ପଡୁନାହିଁ। କାରଣ କ'ଣ ଜାଣନ୍ତି? ଏଠାରେ ପ୍ଲାଷ୍ଟିକ୍ ବର୍ଜ୍ୟ ଦେଲେ ମାଗଣାରେ ଖାଇବାକୁ ମିଳୁଛି। ଉକ୍ତ କାଫେର ନାମ 'ପ୍ରକୃତି ପ୍ଲାଷ୍ଟିକ କାଫେ' । ବଡ଼ କଥା ହେଉଛି, ଏହି କାଫେକୁ 'ଓମ୍ ଶାନ୍ତି' ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ପରିଚାଳନା କରୁଛନ୍ତି। ଏହି ବ୍ୟବସ୍ଥାର ପ୍ରାୟୋଜକ ହେଉଛନ୍ତି ଜୁନାଗଡ଼ ଜିଲାପାଳ ରଚିତ ରାଜ ଓ ତାଙ୍କ ଟିମ୍। ସହରକୁ ସିଙ୍ଗଲ ୟୁଜ୍‌ଡ ପ୍ଲାଷ୍ଟିକ୍ ବା ଏକକ ବ୍ୟବହୃତ ପ୍ଲାଷ୍ଟିକମୁକ୍ତ ରଖିବା ଲାଗି ରାଜ୍ ଏଭଳି କାଫେ କରିଛନ୍ତି। କାଫେରେ ମିଲ୍ ପାଇଁ ଲୋକେ ଯେଉଁ ପ୍ଲାଷ୍ଟିକ ବର୍ଜ୍ୟ ଦାଖଲ କରୁଛନ୍ତି, ତାହାକୁ 'ପ୍ଲାଷ୍ଟିକ ମନି' କୁହାଯାଉଛି। ପ୍ଲାଷ୍ଟିକ୍ ମନି ଦେଇ ସେମାନେ ମନ ପସନ୍ଦ ଶାକାହାରୀ ଖାଦ୍ୟ ପାଉଛନ୍ତି। ସମସ୍ତ ଖାଦ୍ୟ ପ୍ରାକୃତିକ ପଦ୍ଧତିରେ ଉତ୍ପାଦିତ ପରିବାରେ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ପ୍ରାକୃତିକ ପଦ୍ଧତିରେ ଚାଷ କରୁଥିବା କୃଷକମାନଙ୍କ ସହ ଚୁକ୍ତି କରାଯାଇଛି। ଅଧାକେଜି ପ୍ଲାଷ୍ଟିକ ଦେଲେ କାଫେରେ ଗୋଟିଏ ପାନୀୟ ମିଳୁଛି ଓ ୧ କେଜି ପ୍ଲାଷ୍ଟିକ ବର୍ଜ୍ୟ ବଦଳରେ ମିଳୁଛି ଗୋଟିଏ ମିଲ୍। ୩୦ ଜୁନ୍ ୨୦୨୨ରେ ଏହି କାଫେ ଆରମ୍ଭ କରାଯାଇଥିଲା। ଏବେ ସୁଦ୍ଧା ଖାଉଟିଙ୍କଠାରୁ କାଫେ ୬୭୩ କେ.ଜି. ବର୍ଜ୍ୟ ସଂଗ୍ରହ କରିସାରିଲାଣି। ଏହି ବର୍ଜ୍ୟକୁ ରିସାଇକିଲିଂ ପାଇଁ ପଠାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜାନୁୟାରୀ ୧୯୯୮

- ନେପାଳର ପ୍ରଧାନମନ୍ତ୍ରୀ ସୂର୍ଯ୍ୟବାହାଦୁର ଥାପ୍ପା ୧୦ ବିଦ୍ରୋହୀ ସଦସ୍ୟଙ୍କୁ ୬ ବର୍ଷ ପାଇଁ ବହିଷ୍କାର କରିଛନ୍ତି।
- ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ ଅନ୍ୟତମ ସହଯୋଗୀ ସୁଦୀପ ବନ୍ଦୋପଧ୍ୟାୟଙ୍କ ପଶ୍ଚିମବଙ୍ଗ ବିଧାନସଭା ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 2 | 1 |
| | 7 | | | | | 9 | | |
| | | | | 9 | | | 8 | 5 |
| 3 | | | 8 | 7 | | | | |
| | | | 1 | | | | 5 | |
| 5 | | | | | 6 | 3 | | 8 |
| | | | 6 | | 7 | | | |
| | | 2 | | | 1 | | 6 | |
| | 4 | | | | 2 | 1 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 6 | 8 | 9 | 3 | 5 | 7 | 2 |
| 8 | 3 | 2 | 7 | 6 | 5 | 1 | 9 | 4 |
| 5 | 7 | 9 | 1 | 2 | 4 | 6 | 3 | 8 |
| 4 | 6 | 1 | 9 | 7 | 8 | 2 | 5 | 3 |
| 7 | 2 | 3 | 5 | 4 | 6 | 8 | 1 | 9 |
| 9 | 5 | 8 | 2 | 3 | 1 | 7 | 4 | 6 |
| 6 | 9 | 7 | 3 | 5 | 2 | 4 | 8 | 1 |
| 3 | 8 | 4 | 6 | 1 | 7 | 9 | 2 | 5 |
| 2 | 1 | 5 | 4 | 8 | 9 | 3 | 6 | 7 |

ଗତକାଲିର ଉତ୍ତର

# ଗାଁ ଜନ୍ତାଳ ଓ ଆଜିର ପିକ୍‌ନିକ୍



ଡ. ମନୋରଞ୍ଜନ ପ୍ରଧାନ

ମନେପଡ଼େ ଗାଁ କଥା। ଗାଁ କେବଳ କେତୋଟି ପରିବାରକୁ ନେଇ ଏକ ଜନବସତି ନୁହେଁ। ଏହା ଏକ ସାମାଜିକ ସଦ୍ଭାବନା, ଭାଇଚାରାର ଭୂସ୍ୱର୍ଗ ଓ ସଂସ୍କାର କେନ୍ଦ୍ର। ଗାଁରେ ଲୋକଙ୍କ ଭିତରେ ସମ୍ପର୍କ, ସମ୍ବନ୍ଧ ଓ ସମନ୍ୱୟ ସମ୍ପୂର୍ଣ୍ଣ ନିଆରା। ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ, ଭଲମନ୍ଦରେ ଠିଆ ହେବା, ଅନ୍ୟ ଦୁଃଖରେ ସମଦୁଃଖୀ ଓ ସୁଖକୁ ସାମୂହିକ ଆନନ୍ଦ ଉପଭୋଗ କରିବା ଗ୍ରାମ୍ୟ ଜୀବନର ଏକ ଅନନ୍ୟ ଉପଲବ୍ଧି। କିନ୍ତୁ ଏଭଳି ସଂସ୍କାର ଓ ସାମାଜିକ ଅନୁବନ୍ଧନ ସ୍ୱତଃ ସୃଷ୍ଟି ନୁହେଁ, ବରଂ ସାମାଜିକ ବିଧି ବ୍ୟବସ୍ଥାର ଫଳଶ୍ରୁତି। ଗାଁରେ ଅନେକ ସାମାଜିକ ପର୍ବପର୍ବାଣି ପାଳନ କରାଯାଇଥାଏ, ଯାହା ଗ୍ରାମବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖେ। ଏଭଳି ଏକ ପର୍ବ ହେଉଛି ଜନ୍ତାଳ, ଯାହା ଗାଁରେ ସାମାଜିକ ସଦ୍ଭାବନା ଓ ସଂହତି ସ୍ଥାପନାରେ ସହାୟକ ହୋଇଥାଏ। ଆଜି ନୁହେଁ, କେଉଁ ଅନାଦି କାଳରୁ ଗାଁଗୁଡ଼ିକରେ ଅନୁଷ୍ଠିତ ହୋଇଆସୁଛି ଜନ୍ତାଳ, ଯାହାକୁ ଆଜିକାଲିର ଭାବ ଓ ଭାଷାରେ କମ୍ୟୁନିଟି ପିକ୍‌ନିକ୍ କୁହାଯାଇପାରେ। ଏଭଳି ଭୋଜିର ଆୟୋଜନ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ଦେଖିବାକୁ ମିଳେ।

ଜନ୍ତାଳ କ'ଣ ? ଏହା କେଉଁ ସମୟରେ ଓ କିଭଳି ଆୟୋଜିତ ହୁଏ ? ଏହା ଏକ କୃଷିଭିତ୍ତିକ ସାମାଜିକ ପର୍ବ ମଧ୍ୟ। ଚାଷୀକୁଳ ହାଡ଼ଭଙ୍ଗା ପରିଶ୍ରମ କରି ସୁନାର ଫସଲ ଅମଳ କରି ଘରକୁ ଆଣିବା ପରେ ଏଭଳି ଗୋଷ୍ଠୀ ଭୋଜିର ଆୟୋଜନ ପୌଷ ମାସରେ ଗାଁମୁଣ୍ଡ ଦେବୀ ମନ୍ଦିରରେ ହୁଏ। ଆୟୋଜନର ବ୍ୟବସ୍ଥା ମଧ୍ୟ ଅତି ବ୍ୟବସ୍ଥିତ ଓ ସମାବେଶୀ। ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପୂର୍ବରୁ ଗ୍ରାମବାସୀ ଏକ ବୈଠକରେ ଏକତ୍ରିତ ହୋଇ ଜନ୍ତାଳ ଆୟୋଜନର ସ୍ୱରୂପ, ଖର୍ଚ୍ଚ ଓ ବ୍ୟବସ୍ଥା ଦିଗ ସମ୍ପର୍କରେ ବିଶଦ ଆଲୋଚନା କରି ଗାଁର ସମସ୍ତ ଅଧିବାସୀ କିପରି ଅଂଶୀଦାର ହୋଇପାରିବେ, ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରନ୍ତି। ପ୍ରତ୍ୟେକ ପରିବାରର ଅନ୍ୟୂନ ଜଣେ ସଦସ୍ୟ ମନ୍ଦିର ପରିସର ସଫା କରିବାକୁ ଯାଆନ୍ତି, ଯାହାକୁ ଗାଁ ଭାଷାରେ ବେଠି କୁହାଯାଏ। ଯଦି କୌଣସି ଜରୁରିକାଳୀନ ପରିସ୍ଥିତି ହେତୁ ଜଣେ ବେଠି କରିପାରେ ନାହିଁ, ତେବେ ସେ ପରିବାର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପଠେଇବେ କିମ୍ବା ସେବାବଦକୁ ନିର୍ଦ୍ଧାରିତ ଦେୟ ଦେବାକୁ ପଡ଼ିବ। ବିଶେଷକରି ଯେଉଁ ପରିବାରର କୌଣସି ବି ସଦସ୍ୟ ଚାକିରି ଭଳି କାମଧନ୍ଦା ହେତୁ ଗାଁରେ ରହୁନାହାନ୍ତି, ସେମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। କିନ୍ତୁ ସେମାନେ ଜନ୍ତାଳ ଦିନ ନିଶ୍ଚୟ ଯୋଗ ଦେଇ ଗ୍ରାମବାସୀଙ୍କ ସହ ସହଭୋଜ (ଏକତ୍ର ଭୋଜନ ବା ପଂକ୍ତି ଭୋଜନ) କରନ୍ତି। ଏଥିସହ ରୋଷେଇ ପାଇଁ ଚାଉଳ, ପନିପରିବା, କାଠ ଓ କିଛି ଆର୍ଥିକ ସହଯୋଗ ନିଷ୍ପତ୍ତି ପୂର୍ବକ ପ୍ରତି ଘରୁ ସଂଗ୍ରହ ହୁଏ। ସେଦିନ ଗାଁର ସବୁ କାମଧନ୍ଦା ବନ୍ଦ। କେବଳ ଆୟୋଜନ, ଆନନ୍ଦ ଓ ଆମୋଦପ୍ରମୋଦର ଦିନଟିଏ। ଉଭୟ ପୁରୁଷ ଓ ମହିଳା ଜନ୍ତାଳ ଭୋଜି ଆୟୋଜନରେ ମଜ୍ଜି ଯାଆନ୍ତି। ରୋଷେଇ ପରେ ଗ୍ରାମଦେବତୀଙ୍କ ପାଖରେ ପୂଜାର୍ଚ୍ଚନା, ସାମୂହିକ କୀର୍ତ୍ତନ ଓ ପରେ ସାମୂହିକ ଭୋଜନ। ଜନ୍ତାଳର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ଅତି ପ୍ରେରଣାଦାୟୀ। ଏହା ଗାଁ ଲୋକଙ୍କ ମଧ୍ୟରେ ଏକତ୍ୱବୋଧ, ସମାଜବୋଧ ଓ ଗୋଷ୍ଠୀଗତ ଜୀବନଯାପନର ଆବଶ୍ୟକତା ସମ୍ପର୍କରେ ସକାରାତ୍ମକ ଚେତନା ଉନ୍ମେଷ କରିଥାଏ। ସାମୂହିକ ଭୋଜନ ସହ ବିଭିନ୍ନ ଲୋକଗୀତ, ଲୋକନୃତ୍ୟ ପ୍ରଦର୍ଶନ, ବିଭିନ୍ନ ଖେଳ ଯଥା ବୋହୂଚୋରି, କବାଡ଼ି ଆଦି ଖେଳ ଓ କୀର୍ତ୍ତନ ଭଜନ ଏକ ଅଦ୍ଭୁତ ସାଂସ୍କୃତିକ ବାତାବରଣ ସୃଷ୍ଟି କରେ। ନିଜ କୃଷିଜାତ ଦ୍ରବ୍ୟ ସାମଗ୍ରୀ ନିଜ ଗ୍ରାମଦେବତୀଙ୍କଠାରେ ସମର୍ପଣ କରି ତାହାକୁ ପ୍ରସାଦ ରୂପେ ଗ୍ରହଣ କରିବାର ଆଧ୍ୟାତ୍ମିକ ପରମ୍ପରା ଗ୍ରାମ୍ୟ ଜୀବନର ଏକ ଶାଶ୍ୱତ ବ୍ୟବସ୍ଥା। ଜନ୍ତାଳ ସମାପନ ପରେ ମନ୍ଦିର ପରିସର ସଫାସୁତୁରା କରି ଗ୍ରାମବାସୀ ସର୍ବଦା ସ୍ୱଚ୍ଛ ପରିବେଶ ଉପରେ ଗୁରୁତ୍ୱ ଦେଇଥା'ନ୍ତି, ଯାହାକି ଶିକ୍ଷଣୀୟ।



ଆଜିକାଲି ପରିସ୍ଥିତି ପରିବର୍ତ୍ତନ ହୋଇଛି। ପିକ୍‌ନିକ୍ ବା ବଣଭୋଜି ବା ପରିବାର ମିଳନ ଆଧୁନିକ ସମାଜର ଏକ ସାମାଜିକ ପର୍ବର ରୂପ ନେଇଛି। ଏହା ଆଜି କେବଳ ପରିବାର ବା ପଡ଼ୋଶୀ ଭିତରେ ସୀମିତ ନ ରହି କାର୍ଯ୍ୟାଳୟ, ନିଜ ବୃତ୍ତିଗତ କ୍ଷେତ୍ର, ସହପାଠୀ, ସହକର୍ମୀ, ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ଦଳ, କ୍ଲବ ଆଦି ବିଭିନ୍ନ ଛୋଟ ଛୋଟ ଗୋଷ୍ଠୀଭିତ୍ତିକ ପିକ୍‌ନିକ୍ ଆୟୋଜନ ହେଉଛି। କିନ୍ତୁ ବିଡ଼ମ୍ବନା ହେଉଛି, ପିକ୍‌ନିକ୍ ନାମରେ ଅନୁଶାସନହୀନ କାର୍ଯ୍ୟକଳାପ ଓ ଦାୟିତ୍ୱହୀନ ତଥା ବିଶୃଙ୍ଖଳିତ ଆଚରଣ ଏହା ଗାଁ ଜନ୍ତାଳଠାରୁ କେତେଯେ ସଂସ୍କାରହୀନ, ଏହା ସହଜରେ ଅନୁମେୟ। ନିଜକୁ ବଡ଼ ପାଠୁଆ ବୋଲାଉଥିବା ଆଧୁନିକ ମଣିଷ ନିଜ ପରିବାର, ସାହି ପଡ଼ିଶା ବା ବନ୍ଧୁବାନ୍ଧବ ନେଇ ପିକ୍‌ନିକ୍ ଯାଆନ୍ତି ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ। ସ୍ଥାନଟିର ପରିବେଶ ସୁରକ୍ଷା ଓ କୀର୍ତ୍ତିରାଜିଗୁଡ଼ିକର ମୌଳିକତା ଅକ୍ଷୁଣ୍ଣ ରଖିବା ମଧ୍ୟ ଭ୍ରମଣକାରୀ ବ୍ୟକ୍ତି ବିଶେଷଙ୍କ ପ୍ରମୁଖ କର୍ତ୍ତବ୍ୟ ଓ ଦାୟିତ୍ୱ। କିନ୍ତୁ ସେଭଳି ଆଚରଣ ଅଧିକାଂଶ ପର୍ଯ୍ୟଟକଙ୍କ କ୍ଷେତ୍ରରେ ଦେଖାଦେଇନଥାଏ। ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ କୋଳାହଳ କରିବା, ଅତି ଅଶ୍ରାବ୍ୟ ଅଶ୍ଳୀଳ ଗୀତ ବଜାଇ ଅନ୍ୟମାନଙ୍କ ଶାନ୍ତି ଭଙ୍ଗ କରିବା, ସ୍ଥାନଟିକୁ ଅପରିଷ୍କାର କରିବା, କାନ୍ଥ ବାଡ଼ ଏପରିକି ଗଛ, ପତ୍ର, ପଥର ଆଦିରେ ନିଜର ନାମ ଲେଖି ବିକୃତ କରିବା, ଭୋଜି ଶେଷ ହେବା ପରେ ଅଳିଆ ସେହି ସ୍ଥାନରେ ଏଣେତେଣେ ଫିଙ୍ଗିବା ଅଧୁନା ପିକ୍‌ନିକ୍ ଆୟୋଜନର ମୁଖ୍ୟ ସମସ୍ୟା ତଥା ଆହ୍ୱାନ ଭାବେ ଉଭା ହୋଇଛି। ତେଣୁ ଆମେ ଏଇ କ୍ଷେତ୍ରର ଗାଁରେ ରହୁଥିବା ସାଧାରଣ ଲୋକଙ୍କଠାରୁ ଜନ୍ତାଳ ଆୟୋଜନର କଳା ଓ ଶୃଙ୍ଖଳା ଶିଖିବା ସମୟର ଆହ୍ୱାନ ମନେହୁଏ।

ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ସୁରକ୍ଷା ଦିଗରେ ବିଦେଶୀ ନାଗରିକମାନଙ୍କ ମୂଳବୋଧ ବାସ୍ତବରେ ପ୍ରଶଂସନୀୟ। ଏଠାରେ ଗୋଟିଏ ଉଦାହରଣ ଉପସ୍ଥାପନ କରୁଛି, ଯାହାକି ଆମ ପାଇଁ ଶିକ୍ଷଣୀୟ ଓ ପାଳନୀୟ। ସ୍ୱାମୀ ଜଗଦାନନ୍ଦାନନ୍ଦ ମହାରାଜା ତାଙ୍କ ପୁସ୍ତକ ଜୀବନ ଗଠନର ପଥେ ପୁସ୍ତକର ୬୫ ପୃଷ୍ଠାରେ ଲେଖିଛନ୍ତି –"ଜାପାନର ଏକ ଗ୍ରାମରେ ମୁଁ ଦୁଇଦିନ ରହିଥିଲି। ସେଠାରେ ଏକ ଗରମ ପାଣିରେ ସ୍ରୋତ (ଜଳଧାରା) ଅଛି, ଯେଉଁଠାକୁ ପ୍ରାୟ ୫୦୦ ଜଣ ଜାପାନୀ ପର୍ଯ୍ୟଟକ ୧୫୦ ଜଣ ପିଲାଙ୍କୁ ନେଇ ଆସିଥିଲେ। ତାହା ନ ଦେଖିଲେ କେହି ବିଶ୍ୱାସ କରିପାରିବେ ନାହିଁ ଯେ, ସେଠାରେ ଏତେ ଲୋକ ଥିଲେ। ସମସ୍ତେ ଅତ୍ୟନ୍ତ ଶାନ୍ତ ଓ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲେ, କାରଣ ସେମାନେ ଶାନ୍ତି ସହକାରେ କାର୍ଯ୍ୟ ସମ୍ପାଦନ କରିବାରେ ଅଭ୍ୟସ୍ତ ଥିଲେ। ସେଠାରେ ଏକ ସଭାସ୍ଥଳୀରେ ଏକ ହଜାରରୁ ଊର୍ଦ୍ଧ୍ୱ ଶ୍ରୋତା ମଧ୍ୟ ଶାନ୍ତ ଓ ମୌନ ଭାବରେ ବସିଥିଲେ।" ଏଭଳି ଆଚରଣ ଆମଠାରୁ ଆଶା କରାଯିବା ଉଚିତ।

**ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ଚିରନ୍ତନୀ

ଆକାଶର ଶଶି ସମ ଦୂରେ
କେତେ ରୂପ ପରଶିଲା ପ୍ରାଣେ
ଆକାଶର ଶଶି ସମ ମୋର
କେତେ ରୂପ ହେଲା ପ୍ରିୟତର
ଯଉବନ ଉଦାମ ଗାନେ
କେତେ ରୂପ ପରଶିଲା ପ୍ରାଣେ।
–(ପୌଷ-ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚେତା ପଶୁନି

ମହାଶୟ,

କଟକ ସହରର ଚାରିଆଡ଼େ ମୁକୁଳା ଡ୍ରେନ। ପ୍ରତି ବର୍ଷ ସିଏମ୍‌ସି ଛୋଟ ଡ୍ରେନ୍‌ରେ ସ୍ଲାବ ପକାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। କିନ୍ତୁ ସଫଳତା ମିଳୁନାହିଁ। ଏଣୁ ମୁକୁଳା ଡ୍ରେନ୍ ଯୋଗୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। କୌଣସି ସ୍ଥାନରେ କଂକ୍ରିଟ ବାଡ଼ ତ ଦୂର କଥା, ଲୁହାବାଡ଼ ଖଣ୍ଡେ ଘେରା ହୋଇନି। କିଛି ବର୍ଷ ତଳେ ଅନ୍ଦରପୁର ଅଞ୍ଚଳରେ ଜଣେ କାରଚାଳକ କାର ସହ ଡ୍ରେନରେ ପଡ଼ି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି କିଛି ମାସ ତଳେ ବଜ୍ରକବାଟି ମୁଖ୍ୟ ଡ୍ରେନ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଯେଉଁଠି ସାମାନ୍ୟ ଜୀବନକୁ ମୂଲ୍ୟବାନ ଭାବେ ଗ୍ରହଣ କରାଯାଇ ବିଭିନ୍ନ ବିଭାଗ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ସେଠାରେ ସିଏମ୍‌ସିର ଏଭଳି ଅବହେଳା ପାଇଁ ଜୀବନ ଯାଉଥିଲେ ମଧ୍ୟ ଏ ଦିଗରେ ସରକାର ମୁହଁ ଖୋଲୁନାହାନ୍ତି। ତେଣୁ ସରକାର ତୁରନ୍ତ ସହରର ସବୁ ମୁକୁଳା ଡ୍ରେନକୁ ବନ୍ଦ କରନ୍ତୁ।

**–ରଶ୍ମୀରେଖା ପରିଡ଼ା, ମରିଚପୁର, ବାଲିକୁଦା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପୂର୍ଣ୍ଣିମା


@ ଦୁର୍ଗା


@ ରିଷି


@ ସିଲି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି

**ଦ୍ୱିତୀୟ ଦିନରେ ଓଲାଶୁଣୀ ଗୁମ୍ଫାମେଳା**

ଚଣ୍ଡିଖୋଲ,୧୯।୧(ଡି.ଏନ.ଏ.): ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ୧୮୬ତମ ବ୍ରହ୍ମ ଲୀନ ଦିବସ ଅବସରରେ ଆରମ୍ଭ ହୋଇଥିବା ଓଡ଼ିଶା ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାମେଳା ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ମେଳା ପରିସରକୁ ଦିନ ଅପେକ୍ଷା ସନ୍ଧ୍ୟା ହେଲେ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବାରେ ଲାଗିଛି। ପ୍ରତ୍ୟେକ ଦିନ ଅପରାହ୍ନରୁ ରାତି ୧୨ ପର୍ଯ୍ୟନ୍ତ ଲୋକଙ୍କ ଯାତାୟାତ ମେଳାକୁ ବେଶ୍ ଆକର୍ଷଣୀୟ କରିଛି। ମେଳାରେ ୨ ହଜାରରୁ ଅଧିକ ଅସ୍ଥାୟୀ ଦୋକାନୀ ସେମାନଙ୍କ ପସରା ମେଲାଇଛନ୍ତି। ମେଳା ପରିସରକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଧର୍ମାବଲମ୍ବୀ ଆସୁଥିବା ଦେଖିବାକୁ ମିଳିଛି।


ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିରରେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼।

## ସାଧୁସେବା ଶିବିର

ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଜଣେ ସିଦ୍ଧ ସାଧକ ଭାବେ ପରିବ୍ୟାପ୍ତ। ସେଥିପାଇଁ ଏଠାକୁ ବହୁ ସାଧୁ ସନ୍ଥଙ୍କ ଆଗମନ ହୋଇଥାଏ। ଦଶମୀ ତିଥିରେ ସାଧୁସନ୍ଥ ମହାପୁରୁଷଙ୍କ ପୀଠକୁ ଆସିଥାନ୍ତି। ଏକାଦଶୀ ତିଥିରେ ରାତ୍ରୀଯାପନ କରିବା ସହିତ ଭଜନ ଜଣାଣ ଗାନ କରିଥାନ୍ତି। ଦ୍ୱାଦଶୀ ତିଥିରେ ସାଧୁସନ୍ଥ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ସାଧୁ ସନ୍ଥଙ୍କ ଆଗମନକୁ ଦେଖି ଓଲାଶୁଣୀ ପାହାଡ଼ର ପୂର୍ବ ପଟରେ ମା'ଓଲାଶୁଣୀଙ୍କ ମନ୍ଦିର ନିକଟରେ ସାଧୁ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଶୋକ ସାମଲଙ୍କ ଅଧ୍ୟକ୍ଷତାରେ ଶିବିରକୁ କୃଷ୍ଣଚନ୍ଦ୍ର ଜେନା, ମାନସ ସାହୁ, ସୂର୍ଯ୍ୟକାନ୍ତ ପ୍ରଧାନ, ନିହାର ରଞ୍ଜନ ଜେନା ଓ ବିଶ୍ୱଜିତ୍ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଦଶମ ଓଲାଶୁଣୀ ଗୁମ୍ଫା ମହୋତ୍ସବ

ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଦଶମ ରାଜ୍ୟସ୍ତରୀୟ ଓଲାଶୁଣୀ ଗୁମ୍ଫା ମହୋତ୍ସବକୁ ବଡ଼ଦାଣ୍ଡ ଅନନ୍ତ ଗୁମ୍ଫାଠାରେ ଉଦ୍‌ଘାଟନ କରାଯାଇଛି। ଏହାକୁ ଶ୍ରୀମନ୍ଦିର ପରିଚାଳନା କମିଟି ପୂର୍ବତନ ସଦସ୍ୟ ବରିଷ୍ଠ ସନ୍ଥ ସଚ୍ଚିଦାନନ୍ଦଜୀ ଉଦ୍‌ଘାଟନ କରି କହିଥିଲେ, ସନ୍ଥ ଜନମାନଙ୍କର ବାଣୀ ଓ ଦର୍ଶନ ଆଗାମୀ ପିଢ଼ିର ମଣିଷ ସମାଜ ପାଇଁ ସବୁବେଳେ ଦିଗବାରେଣୀ ହୋଇ କାର୍ଯ୍ୟ କରିଥାଏ। ଭୌତିକ ଜଗତର ଯାବତୀୟ ସୁଖ, ସ୍ୱାଚ୍ଛନ୍ଦ୍ୟ, ବାହ୍ୟାଡ଼ମ୍ବର ଓ କୋଳାହଳ ଭିତରେ ସନ୍ଥଭୂମି ଓଲାଶୁଣୀପୀଠରୁ ଆଧ୍ୟାତ୍ମିକତାର ଏକ ଆହ୍ୱାନ ସଂପ୍ରସାରିତ ହେବା ଆବଶ୍ୟକ ବୋଲି ପୁରୀ ଝାଞ୍ଜପିଟା ମଠ ଅଧ୍ୟକ୍ଷ ପୂଜ୍ୟ ସନ୍ଥ ସଚ୍ଚିଦାନନ୍ଦ ଦାସ ମହାରାଜ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସଦସ୍ୟା ସୁଲତା ଦେଓ କହିଥିଲେ, ଓଲାଶୁଣୀ ପୀଠ ହେଉଛି ଆମ ଗାଁ ମାଟିର ଏକ ପବିତ୍ର ପୁଣ୍ୟକ୍ଷେତ୍ର। ଏହା ସହିତ ପିଲାଦିନର ସବୁ ସ୍ମୃତି ବିଜଡ଼ିତ ଏବଂ ପୀଠର ଉନ୍ନତି ପାଇଁ ସର୍ବାଧିକ ସହଯୋଗ ଜାରି ରହିବ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମହୋତ୍ସବରେ ଅଧ୍ୟକ୍ଷତା କରି କହିଥିଲେ, ଓଲାଶୁଣୀ କ୍ଷେତ୍ରର ଆଧ୍ୟାତ୍ମିକ ବିଭବ ବିକଶିତ ହେବା ସହିତ ସନ୍ଥ ଅରକ୍ଷିତ ଦାସଙ୍କ ଜୀବନୀ, ତାଙ୍କର ରଚନା ସମଗ୍ର ଓ ବିଶେଷ କରି ଏହି ପୀଠ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ଭୂୟାଁ ପ୍ରାରମ୍ଭିକ ଭାଷଣ ଦେବା ସହିତ ଟ୍ରଷ୍ଟ ପକ୍ଷରୁ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଖବରଦାତା ବିରୂପାକ୍ଷ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ଟ୍ରଷ୍ଟ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ପୂର୍ବତନ ଜିଲାପରିଷଦ ସଦସ୍ୟ ବିପିନ ବିହାରୀ ଜେନା, ସରସ୍ୱତୀ ବେହେରା, ଅଲେଖ ଚନ୍ଦ୍ର ସାମଲ ପ୍ରମୁଖ ମହାପୁରୁଷଙ୍କ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ସ୍ନେହାଶିଷ ସାମଲ ଓ ଶାରଦା ପ୍ରସାଦ ଦାସ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ 'ଓଲାଶୁଣୀ' ସୃଜନଶୀଳ ପତ୍ରିକାର ସନ୍ଥ ଅରକ୍ଷିତ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟ ପକ୍ଷରୁ ପୂଜ୍ୟ ସଚ୍ଚିଦାନନ୍ଦ ଦାସଙ୍କୁ ମା'ଓଲାଶୁଣୀ ସମ୍ମାନ ଏବଂ ସ୍ୱାମୀ ସମର୍ପଣାନନ୍ଦ ଗିରିଙ୍କୁ ସନ୍ଥ ଅରକ୍ଷିତ ଦାସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ ଜ୍ଞାନେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଶେଷରେ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୁରୀର କଳିଙ୍ଗ କଲଚରାଲ ଏକାଡେମୀ ପକ୍ଷରୁ ଗୋଟିପୁଅ ନୃତ୍ୟ ଓ କେନ୍ଦ୍ରାପଡ଼ାର ମହାବୀର ଭଜନ ସନ୍ଧ୍ୟା ପକ୍ଷରୁ ମନୋଜ୍ଞ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା।

## ଗଣମାଧ୍ୟମ ପ୍ରକୋଷ୍ଠ ଉଦ୍‌ଘାଟିତ

ଓଲାଶୁଣୀ ପାହାଡ଼ର ପାଦଦେଶରେ ମେଳା ପଡ଼ିଆରେ ବିଭିନ୍ନ ସୂଚନା ପାଇଁ ପ୍ରେସ୍ କ୍ଲବ୍ ବାଲିଚନ୍ଦ୍ରପୁର ତରଫରୁ ଗଣମାଧ୍ୟମ ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଛି। ପ୍ରେସ୍ କ୍ଲବ୍ ସଭାପତି ପ୍ରକାଶ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସାମାଜିକ କର୍ମୀ ଦିଲୀପ ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା ସାମ୍ବାଦିକ ସଂଘ ଉପସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ବିପିନ ବିହାରୀ ସାମଲ ଯୋଗ ଦେଇଥିଲେ। ପ୍ରେସ୍ କ୍ଲବ୍ ସଦସ୍ୟ ପ୍ରଭାସ ଦାଶ, ସେକ୍ ଇକବାଲ୍ ହୁସେନ୍, ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, ଅଜୟ କୁମାର ଦାସ, ପ୍ରକାଶ କୁମାର ସିଂହ, ସୁମନ୍ତ କୁମାର ଜେନା, ତୁସାର କୁମାର ଜେନା, ଜ୍ଞାନରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ କେଶରୀ ସାମଲ ଧନ୍ୟବାଦ ଦେଇଥିଲେ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/22-23/E-Tender/141 ତା.13.01.2023ରିଖ

(1) ଟେଣ୍ଡର ସଂ. etender-CENT-KUR-397-2022, ତା.13.01.2023ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ) ଅଧୀନସ୍ଥ ବିଭିନ୍ନ ୟାର୍ଡ଼ଗୁଡ଼ିକ ଠାରେ ନୂଆ ଥିକ୍ ୱେବ୍ (Thick web) ସୁଇଚ୍ ଦ୍ୱାରା କ୍ଷତିଗ୍ରସ୍ତ କର୍ଭ ସୁଇଚଗୁଡ଼ିକର ନବୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 149.73 ଲକ୍ଷ, EMD : ₹ 2,24,900/-

(2) ଟେଣ୍ଡର ସଂ. etender-CENT-KUR-393-2022, ତା.13.01.2023ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଭୁବନେଶ୍ୱର ଅଧୀନସ୍ଥ ବାରଙ୍ଗ-ଭୁବନେଶ୍ୱର ସେକ୍ସନ ମଧ୍ୟରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ 10.40 କି.ମି. CTR (P) କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 298.43 ଲକ୍ଷ, EMD : ₹ 2,99,200/-

(3) ଟେଣ୍ଡର ସଂ. etender-TM-KUR-391-2022, ତା.13.01.2023ରିଖ

ବିବରଣୀ : ବର୍ଷ 2022-23 ଏବଂ 2023-24 ନିମନ୍ତେ ଉପ ମୁଖ୍ୟ ଯନ୍ତ୍ରୀ/କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(XEN)/ ସହାୟକ ଯନ୍ତ୍ରୀ(AEN)/ଟ୍ରାକ୍ ମେସିନ୍/ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ ଟ୍ରାକ୍ ମେସିନ୍‌ଗୁଡ଼ିକର ବିଭିନ୍ନ କାର୍ଯ୍ୟସ୍ଥଳ ଠାରେ ଏବଂ IOH ଡିପୋ/ଖୋର୍ଦ୍ଧା ରୋଡ୍ ଠାରେ ଟ୍ରାକ୍ ମେସିନ୍‌ଗୁଡ଼ିକର IOH/POH ସମ୍ବନ୍ଧରେ ଜଡ଼ିତ ବିବିଧ ଜବ୍ (Job) କାର୍ଯ୍ୟ ଏବଂ ବିଭିନ୍ନ ମେସିନିଙ୍ଗ୍ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 45.85 ଲକ୍ଷ, EMD : ₹ 91,700/-

(4) ଟେଣ୍ଡର ସଂ. etender-EAST-KUR-398-2022, ତା.13.01.2023ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ପୋଲଗୁଡ଼ିକର ଯାଞ୍ଚ / ନିରୀକ୍ଷଣ ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ (Modern technologies)ର କାର୍ଯ୍ୟାନ୍ୱୟନ ଏବଂ ତୃତୀୟ ପକ୍ଷ ଅଡିଟ୍ ଅଧୀନରେ ପୋଲ ନଂ.544 DNର ପରିମାର୍ଜନ ନିରୀକ୍ଷଣ (Scour Monitoring) ଏବଂ ପୋଲ ନଂ.66 (ନୟାଗଡ଼-ପୋର୍ଜନପୁର ସେକ୍ସନ), ପୋଲ ନଂ.144 & 242 (କଟକ-ପାରାଦ୍ୱୀପ ସେକ୍ସନ)ର ୱାଟର ଲେବଲ ନିରୀକ୍ଷଣ ପ୍ରଣାଳୀ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 40.91 ଲକ୍ଷ, EMD : ₹ 81,800/-

ଶେଷ ହେବା ଅବଧି : 10 (ଦଶ) ମାସ (କ୍ରମ ସଂ. 1 ପାଇଁ), 08 (ଆଠ) ମାସ (କ୍ରମ ସଂ. 2 ପାଇଁ), 24 (ଚବିଶି) ମାସ (କ୍ରମ ସଂ. 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.02.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-921/N/22-23

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି । ଏହି ନିଲାମ ଦିନାଙ୍କ **24.01.2023** କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) BUILDING NO.354, PURBANCHAL, KALIKAPUR, OPPOSITE OF SBI, CALCUTTA - 700078. ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି। ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

**Loan Nos: BHUBANESWAR (BUU)- 1958089, 1945597, 1962298, 1928014, 1956383**

For more details, please contact : **Mr. UMAKANTA BAG - 9937043634**

*(Reserves the right to alter the number of accounts to be auctioned &/ postpone / cancel the auction without any prior notice.)*

**ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ**
**Odisha Real Estate Regulatory Authority**
ORERA

DSPL - 435

**ଜରୁରୀ ସୂଚନା**

ରିୟଲ୍ ଇଷ୍ଟେଟ୍ (ରେଗୁଲେସନ ଆଣ୍ଡ ଡେଭଲପମେଣ୍ଟ) ଅଧିନିୟମ, ୨୦୧୬ ର ଧାରା ୧୧(୨) ଅନ୍ତର୍ଗତ ବ୍ୟବସ୍ଥା ଅନୁସାରେ ଓ ସର୍ବସାଧାରଣଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ଏହା ଜଣାଇ ଦିଆଯାଉଅଛି କି ସମସ୍ତ ରିୟଲ୍ ଇଷ୍ଟେଟ୍ ପ୍ରମୋଟର/ ଡେଭଲପର ସେମାନଙ୍କର ପ୍ରକଳ୍ପ ବାବଦ ବିକ୍ରୟ/ବିପଣନ ପାଇଁ ଉଦ୍ଦିଷ୍ଟ ବିଜ୍ଞାପନରେ ଓଡ଼ିଶା ରେରାର ୱେବସାଇଟ୍ **www.rera.odisha.gov.in** ଠିକଣା ଏବଂ ପ୍ରକଳ୍ପ ପଞ୍ଜୀକରଣ ସଂଖ୍ୟା ଉଲ୍ଲେଖ କରିବା ବାଧ୍ୟତାମୂଳକ ଅଟେ ।

ଉପରୋକ୍ତ ବୈଧାନିକ ବ୍ୟବସ୍ଥାର କୌଣସି ଉଲ୍ଲଂଘନ କ୍ଷେତ୍ରରେ ଉକ୍ତ ଅଧିନିୟମର ଧାରା ୬୧ ଅନ୍ତର୍ଗତ ଜରିମାନା ଜନିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଯାହାକି ଆକଳିତ ପ୍ରକଳ୍ପ ମୂଲ୍ୟର ପାଞ୍ଚ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ ।

OIPR-13223/13/0003/2223

BLOCK-A1, 3rd Floor, Toshali Bhawan, Satya Nagar, Bhubaneswar-751007

**TENDER NOTICE**

No. MM-429: Sealed tenders are invited from the intending purchasers for sale of 60 Nos. of confiscated vehicles of Ghumsur South Division, Bhanjanagar on "as is where is basis" presently available in different campus so as to reach the Office of the Divisional Forest Officer, Ghumsur South Division, Bhanjanagar by Registered Post within Dtd.30.01.2023. The tenders will be opened on 31.01.2023 at 10.30 A.M.

The tender form with detail of vehicles and place of stacking along with terms & conditions of the tender slae will be obtained on payment of Rs.50/- (Fifty) only from the office of the undersigned on any working day during office hours from 10.00 A.M. to 05.00 P.M. The details of vehicles are also displayed at Divisional as well as Range Notice Board.

**Sd./- Divisional Forest Officer**
**Ghumsur South Division**
OIPR-08051/11/0013/2223

**STATE INSTITUTE FOR RURAL DEVELOPMENT & PANCHAYATI RAJ**
PR & DW Department, Govt. of Odisha, Bhubaneswar
Gopabandhu Nagar, Unit - VIII, Bhubaneswar - 12

**EXPRESSION OF INTEREST**

**No. 146** **Date: 18.01.2023**

No. i-347: Expression of Interest is invited for Empanelment of Catering Services for providing food to the delegates for National Workshop during 17 - 19 February, 2023 will be held at KIIT Campus.

The organizations are required to submit their EoI only through speed post / Courier. The detail ToR is available on the official website of SIRD&PR (**www.sirdodisha.nic.in**).

The undersigned reserved the right to extend the date and accept or reject any or all proposals without assigning any reason thereof.

The last date for the submission of the EoIs is 25.01.2023.

**Sd./- Director**
OIPR-19012/11/0002/2223

GOVT. OF ODISHA
**DEPARTMENT OF WATER RESOURCES**
**O/o. THE SUPERINTENDING ENGINEER, PRACHI DIVISION, BHUBANESWAR - 12**
E-mail: prachi.division@yahoo.co.in, Phone: 0674-2562427, Fax: 0674-2562472

No. 294 (A) Dt.18.01.2023

**e-PROCUREMENT NOTICE No. SEPRD-25/2022-23**

No. A-1047: Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **www.tendersorissa.gov.in** complete online process only.

| | | | |
|---|---|---|---|
| 01 | Nature of work | : | Canal Works, embankment works & structure works |
| 02 | No. of works | : | 35 Nos. |
| 03 | Bid Identification No. | : | SEPRD - 25/2022-23 |
| 04 | Estimated Cost | : | 6.00 Lakhs to 50.00 Lakhs |
| 05 | Earnest Money Deposit | : | Referred to DTCN |
| 06 | Cost of Tender Paper | : | Referred to DTCN |
| 07 | Period of Completion | : | Referred to DTCN |
| 08 | Date & time of availability of Bid documents in the portal | : | From 20.01.2023 (11.00 A.M.) to 30.01.2023 (5.00 P.M.) |
| 09 | Date and time of opening of Tender Document & online bids | : | 31.01.2023 at 11.00 A.M. |
| 10 | Date of Lottery (In case of situation arises) | : | 08.02.2023 at 11.30 A.M. |
| 11 | Name and address of the Officer Inviting Bid | : | Superintending Engineer, Prachi Division, Bhubaneswar - 12, E-mail: **prachi.division@yahoo.co.in**, Phone: 0674-2562427, Fax: 0674-2562472 |

Further details can be seen from the State Govt. Portal **www.tendersorissa.gov.in**.

**Sd./- Superintending Engineer**
**Prachi Division, Bhubaneswar**
OIPR-32096/11/0008/2223

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

**OFFICE OF THE DISTRICT PROJECT COORDINATOR**
**SAMAGRA SHIKSHA, BALANGIR**
dpcbolangirssa.opepa@nic.in, Ph. No.: 06652-251010

**No. 160/02/PDG/2023** **Dated: 19.01.2023**

**NOTICE INVITING TENDER (NIT)**

No. n-91: Sealed tenders are invited from the reputed & credible printers/printing firms having office as well as Printing setup in the State of Odisha for printing & supply of "Question cum Answer Sheets, Answer Key & Oral questions" for SA-II 2022-23 for Class-I to VIII Students & Lakshya and Target Posters for FLN grades for Class-I to III & Balvatika of Balangir district in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & Time of Receipt of Bid | Date & Time of Opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2022-23 for Class-I to VIII Students | Rs.1000/- | 60000/- | 08.02.2023 upto 05.00 P.M. (in all working days, office hour only) | 09.02.2023 at 4.30 P.M. |
| Printing & Supply of Lakshya and Target Posters for FLN Grades | Rs.1000/- | 10000/- | | |

The detailed BID Document is available in the website **www.balangir.nic.in** & **www.osepa.odisha.gov.in**. Interested and eligible printers/firm may download BID Document from the above website and apply accordingly. Corrigendum/Addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/ cancel the entire selection process at any stage without assigning any reason thereof.

**OIPR-27071/11/0004/2223** **Sd./- Collector-cum-Chairman, Samagra Shiksha, Balangir**

**DISTRICT PROJECT OFFICE**
**SAMAGRA SHIKSHA, KHORDHA**
**Phone No.- 06755-223525**

No.260/SS/2023 Dated 19.01.2023

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms/ agencies for printing & supply of (1) "Question cum Answer Sheets, Answer Key & Oral questions" for SA-II 2022-23 for Class-I to VIII Students & (2) Posters of Lakhya & Target in two bid systems (Technical & Commercial Bid) as detailed below.

| Name of the tender | Bid processing fees | Amount of EMD | Last date & time of receipt of bid | Date & time of opening of technical bid |
|---|---|---|---|---|
| Printing & Supply of Question cum Answer Sheet for SA-II 2022-23 for Class-I to VIII Students & Posters | Rs.500/- | 2% of Bid Value | 09.02.2023 by 5.30 P.M. | 10.02.2023 at 3 P.M. |

The detailed BID document is available in the website www.khordha.nic.in & www.osepa.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in contineous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By the order of Collector-cum-Chairman
**Sd./- DEO-cum-District Project Coordinator**
**Samagra Shiksha, Khordha**

## ସଂକ୍ଷେପରେ

### ଜନଜାତି ଛାତ୍ରୀ ସୁମିତ୍ରାଙ୍କୁ କ୍ରୀଡ଼ାରେ ୪ ସ୍ୱର୍ଣ୍ଣ



ଚଣ୍ଡିଖୋଲ,୧୯।୧(ଡି.ଏନ.ଏ.): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସମିଆ ପଞ୍ଚାୟତର ଆଦିବାସୀପୂର୍ଣ୍ଣ କୋହ୍ଲା ଗ୍ରାମର ରାକେଶ ଆଲୋଡ଼ାଙ୍କ ଝିଅ ସୁମିତ୍ରା ଆଲୋଡ଼ା ଯୁକ୍ତ ୨ ରେଭେନସା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଭାଗନେଇ ୪ ସ୍ୱର୍ଣ୍ଣ ପଦକ ହାସଲ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ସେ ଶହେ ମିଟର, ୨ଶହ ମିଟର, ୪ଶହ ମିଟର ଦୌଡ଼ ସହ ଲଙ୍ଗ୍ ଜମ୍ପରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ୪ ସ୍ୱର୍ଣ୍ଣ ପଦକ ସହ ମାନପତ୍ର ଓ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଛି। ଏହି ଖବର ତାଙ୍କ ପଞ୍ଚାୟତରେ ପହଞ୍ଚିବା ପରେ ସମସ୍ତ ଆଦିବାସୀ ଜନଜାତିର ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି କୃତିତ୍ୱ ପାଇଁ ସମିଆ ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମ ଓ ସମିତିସଭ୍ୟା ରେବତୀ ଭୋଇ ଛାତ୍ରୀ ସୁମିତ୍ରାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ବାପାମା'ଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜିଲାପାଳଙ୍କ ବାସଭବନ ଆଗରେ ଧାନ ଢାଳି ଧାରଣା

## ଯାଜପୁରରେ ଧାନ ବିକ୍ରି ସମସ୍ୟା

ଯାଜପୁର ଟାଉନ୍,୧୯।୧(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଷୀଙ୍କଠାରୁ ଧାନ କିଣାଯିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ମଣ୍ଡି ଖୋଲାଯାଇଛି। ମାତ୍ର ଉକ୍ତ ମଣ୍ଡିଗୁଡ଼ିକରେ ଧାନକିଣାକୁ ନେଇ ବିଭିନ୍ନ ସମସ୍ୟା ଉପୁଜିଥିବା ଅଭିଯୋଗ ହେଉଛି। ଏପରି କି ଯାଜପୁର ଜିଲାରେ ଧାନବିକ୍ରିର ଅଭାବୀ ଚିତ୍ର ଦେଖିବାକୁ ମିଳିଛି। ଚାଷୀଙ୍କ ଧାନ ବିକ୍ରି ନ ହୋଇ ପଡ଼ିରହୁଥିବା ବେଳେ ଦଲାଲମାନେ ମାଲାମାଲ୍ ହେଉଛନ୍ତି। ଏହାକୁ ନେଇ ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହସଂଯୋଜକ ନିମାଇଁ ଚରଣ ରାଉତଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଟ୍ରାକ୍ଟର ଯୋଗେ ଧାନବସ୍ତା ଆଣି ଜିଲାପାଳଙ୍କ ସରକାରୀ ବାସଭବନ ଆଗରେ ଢାଳି ଧାରଣାରେ ବସିବା ସହ ନାରାବାଜି କରିଥିଲେ। ଫଳରେ ଏହାକୁ ନେଇ ସେଠାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୂଚନା ପାଇ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ସେମାନଙ୍କ ସମସ୍ୟା ଆଲୋଚନା କରିଥିଲେ। ମଣ୍ଡିରେ କୁଇଣ୍ଟାଲ୍ ପିଛା ୫କେ.ଜି.ରୁ ୮କେ.ଜି କାଟିବା ଓ ଧାନ ମଣ୍ଡିରେ ଅବ୍ୟବସ୍ଥା ଭାବେ ପଡ଼ିରହିବା, ଚାଷୀଙ୍କୁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ଲୋଡିଂ ବାବଦ ଖର୍ଚ୍ଚ ଆଦି ସମସ୍ୟା ଉପରେ ଜିଲାପାଳଙ୍କୁ ଚାଷୀ ଅବଗତ କରାଇଥିଲେ। ଜିଲାପାଳ ଚାଷୀମାନଙ୍କ ସହ ଆଲୋଚନା କରିବା ପରେ କଟ୍‌ନି ଛଟ୍‌ନି ନ ହେବା ସହିତ ଗୋଟିଏ ଜିଲାସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇ ତଦାରଖ କରାଯିବ। ଏଥିରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହେଲେ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଓହରିଥିଲେ। ସୂଚନାଯୋଗ୍ୟ, ଜିଲାରେ ୧୨୦ ସମବାୟ ସମିତି ଓ ୪୮ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହାୟତାରେ ଧାନ କିଣାଯାଉଥିବା ବେଳେ ଅନେକ ମଣ୍ଡି ଏଯାବତ୍ ଖୋଲିପାରିନାହିଁ। ଧାନ କିଣା ଦାୟିତ୍ୱ ପାଇଥିବା ୬ ମିଲରଙ୍କ ମନମାନି ଯୋଗୁ ମଣ୍ଡିରେ ଧାନ ପଡ଼ି ରହୁଛି। ଅନ୍ୟପଟେ ଦଲାଲ୍‌ମାନେ ମଣ୍ଡିକୁ ଯିବା ପୂର୍ବରୁ ଚାଷୀଙ୍କ ଧାନକୁ କମ୍ ମୂଲ୍ୟରେ କିଣି ନେଇ ମାଲାମାଲ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି।



ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

# ଠିକାଦାରଙ୍କୁ ଆକ୍ରମଣ, ବୋମାମାଡ଼

## ଠିକାସଂସ୍ଥା ମାଲିକଙ୍କ ସମେତ ୩ ଗୁରୁତର

କଳିଙ୍ଗନଗର,୧୯।୧(ଡି.ଏନ୍.ଏ.) ଯାଜପୁର ଜିଲା ଯଖପୁରା ଥାନା ଅନ୍ତର୍ଗତ ଯଖପୁରା ଠାରେ ନିର୍ମାଣଧୀନ ଜଟିଆ ଷ୍ଟିଲ କାରଖାନା ପାଚେରୀ କାମକୁ ନେଇ ଗୁରୁବାର ଦାୟିତ୍ୱରେ ଥିବା ଠିକାଦାରଙ୍କ ଉପରକୁ ବୋମାମାଡ଼ ସହିତ ଆକ୍ରମଣ କରାଯାଇଛି । ପାଚେରୀ ନିର୍ମାଣକୁ ବିରୋଧ କରୁଥିବା ଯଖପୁରା ଗ୍ରାମର ରାଜା ସାମଲଙ୍କ ଗୋଷ୍ଠୀର ପ୍ରାୟ ୧୫ ରୁ ଊର୍ଦ୍ଧ୍ୱ ଯୁବକ ଠିକା ସଂସ୍ଥା ମମିତା ଏଣ୍ଟରପ୍ରାଇଜେସ କ୍ୟାମ୍ପ ନିକଟରେ ପହଞ୍ଚି ଥିଲେ । ସେମାନେ ପ୍ରଥମେ କ୍ୟାମ୍ପ ଉପରକୁ ପେଟ୍ରୋଲ ବୋମା ଫିଙ୍ଗିବା ସହ ଅଫିସ ଭିତରେ ପଶି ବିଭିନ୍ନ ମାରଣାସ୍ତ୍ରରେ ଏଣ୍ଟରପ୍ରାଇଜେସ୍‌ର ମାଲିକ ତଥା ଠିକାଦାର ପ୍ରସନ୍ନଜିତ୍ ନାୟକଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ପ୍ରସନ୍ନଜିତ୍‌ଙ୍କ ସମେତ ତାଙ୍କ ସାନଭାଇ ଆଶିଷ ଅମିତାଭ ନାୟକ ଓ ସୁପରଭାଇଜର ସ୍ମୃତି ରଞ୍ଜନ ବ୍ରହ୍ମ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଦାନଗଦି ଡ଼ାକ୍ତରଖାନାରେ ପ୍ରଥମେ ଭର୍ତ୍ତି କରାଯାଇଥିଲା । ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସ୍ମୃତି ରଞ୍ଜନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆଶିଷ ଓ ପ୍ରସନ୍ନଜିତ୍ ଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିଛି। ଖବର ପାଇ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍ ଟପୋ ଫୋର୍ସ ସହ ଜଖପୁରା ଗାଁରେ ଚଢ଼ାଉ ଜାରି ରଖିଛନ୍ତି । ଏହି ଘଟଣାରେ ୫ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୭/୨୦୨୩) ରୁଜୁ ହୋଇଛି।



ଏହି ଘଟଣାର କିଛିଦିନ ପୂର୍ବରୁ ସେଠାରେ ଗଣ୍ଡଗୋଳ ଆଶଙ୍କା କରି ଠିକାଦାର ଯଖପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ପୋଲିସ ସେହି ଅଭିଯୋଗକୁ ହାଲ୍‌କା ଭାବେ ଗ୍ରହଣ କରି କେବଳ ଏକ ଷ୍ଟେଶନ ଡାଏରୀ କରିଥିଲା । ଫଳରେ ଗୁରୁବାର ଅଭିଯୁକ୍ତ ବୋମାମାଡ ସହ ବିଭିନ୍ନ ମାରଣାସ୍ତ୍ରରେ ଠିକାଦାର ଓ ଅନ୍ୟମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।

### ଧର୍ମଶାଳା ପ୍ରେସ୍ କ୍ଲବ ଦିବଂଗତ ସଭାପତିଙ୍କ ପୁଣ୍ୟତିଥି ୨୩ରେ

ଧର୍ମଶାଳା,୧୯।୧(ଡି.ଏନ.ଏ.): ଜାରକାସ୍ଥିତ ଧର୍ମଶାଳା ପ୍ରେସକ୍ଲବର ଆଜୀବନ ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ଦିବଂଗତ ନରହରି ମହାନ୍ତିଙ୍କ ୧୪ତମ ପୁଣ୍ୟତିଥି ଆସନ୍ତା ୨୩ ତାରିଖରେ ପ୍ରେସ୍‌କ୍ଲବ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏନେଇ କ୍ଲବ୍ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁସାରେ, ପୁଣ୍ୟତିଥିରେ ଅତିଥି ଭାବେ ବରିଷ୍ଠ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା, ବରିଷ୍ଠ ଖବରଦାତା କୃଷ୍ଣଚନ୍ଦ୍ର ସାମଲ, ବିଶ୍ୱନାଥ ସାମଲ ଓ ମହେଶ୍ୱର ବଳ ଯୋଗଦେବେ। ଏହି ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସୂଚନା ପ୍ରଦାନ କରିଥିଲେ। ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ଗୁଲାମ ଗସ, ସୀତାକାନ୍ତ ସାମଲ, ସହସମ୍ପାଦକ ମାନସ ରଞ୍ଜନ ଜେନା, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ, ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି, ବିବେକାନନ୍ଦ ରାୟ, କପିଳେନ୍ଦ୍ର ରାଉତ, ରଶ୍ମିରଞ୍ଜନ ରାୟ, ବିନୋଦ ପରିଡା, ବିନୋଦ ସାହୁ, ଅକ୍ଷୟ କୁମାର ରାଉତ, ବିକ୍ରମ ମହାନ୍ତି, କିଶୋର ରାଉତ, ଅନିଲ ନାୟକ, ସୁବ୍ରତ ଜେନା, ଗିରିଧାରୀ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଚିନ୍ଦା ହରିହାଟ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବରେ ଜଣେ କୃତୀ ପ୍ରତିଭାଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ପାଣିକୋଇଲି,୧୯।୧(ଡି.ଏନ୍.ଏ.): ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ହରିହାଟ ମହୋତ୍ସବ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଶରତ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଭରତ ଚନ୍ଦ୍ର ସାହୁ, ଗ୍ରାମ ମୁରବୀ ରଘୁନାଥ ପାଢ଼ୀ, ପୂର୍ବତନ ମୁରବୀ ମୋହନ ଚରଣ ପାଢ଼ୀ ପ୍ରମୁଖ ଯୋଗଦେଇ ସଂକଳ୍ପର ବାସ୍ତବତାରେ ଉତ୍ସବ ସାକର ହୁଏ ବୋଲି ମତବ୍ୟକ୍ତ କରିଥିଲେ। ସଂଯୁକ୍ତା ମହାରଣାଙ୍କ ସଂଚାଳନାରେ ବରିଷ୍ଠ ଖବରଦାତା ସୁବାସ ଧଳ, ପାଲାଗାୟକ ରଘୁନାଥ ପାଢ଼ୀ, ଶିକ୍ଷାବିତ୍ ସତ୍ୟଭାମା ସେନାପତି, କଳାକାର ହରିହର ଗିରି, ସମବାୟବିତ୍ ତଉଲି ସାମଲ, କୁଳଗୁରୁ ପରମାନ୍ଦ ଶତପଥୀ, ଶିଳ୍ପୀ କାରିଗର ମନ୍ମଥ ଗିରି, ବାୟକ କାର୍ତ୍ତିକ ଜେନା, ଶିଳ୍ପପତି ଶରତ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶ୍ରୀପତି ପୁରୀ ଧନ୍ୟବାଦ ଦେଇଥିଲେ। ସତିସ ଧଳ, ଅଚ୍ୟୁତାନନ୍ଦ ସାହୁ, ଅକ୍ଷୟ ସାମଲ, ପ୍ରକାଶ ମଲିକ, ଜିତେନ୍ଦ୍ର ଭାରତୀ, ପରମେଶ୍ୱର ନାୟକ, ଭୀମସେନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ଷ୍ଟାର ଇଣ୍ଡିଆ ପରିବାର ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଜାରକା ବଡ଼ବଜାର ବ୍ୟବସାୟୀ ସଂଘର ବାର୍ଷିକ ଉତ୍ସବ

ଧର୍ମଶାଳା,୧୯।୧(ଡି.ଏନ.ଏ.): ଜାରକା ବଜାରସ୍ଥିତ ଗଣେଶ ମଣ୍ଡପଠାରେ ବଡ଼ବଜାର ବ୍ୟବସାୟୀ ସଂଘର ୩୨ତମ ବାର୍ଷିକ ଉତ୍ସବ ସଂଘ ସଭାପତି ଅମରେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ପୀତବାସ ସାହୁ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଉତ୍ସବରେ ଖବରଦାତା ଇନ୍ଦ୍ରମଣି ନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଅଜୟ ମହାପାତ୍ର, ଚନ୍ଦ୍ରମଣି ପରିଡ଼ା, ସୁରେନ୍ଦ୍ର ସାହୁ, ଧର୍ମାନନ୍ଦ ସାହୁ, ସେକ୍ ନୌଶାଦ ଅଲ୍ଲି ଓ ମନୋରମା ସିଂଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋର ଚନ୍ଦ୍ର ନାୟକ, ସୁବାସ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ ସାହାଣୀ, ତାରିଣୀ ମୋହନ ବିଶ୍ୱାଳ, ଦୁର୍ଯ୍ୟୋଧନ ସାହୁ, ସଂଗ୍ରାମ କେଶରୀ ରାୟ, ମନୋରମା ସିଂ ଓ ବନମାଳି ଦାସ ପ୍ରମୁଖ ସଂଘର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆସନ୍ତା ୨ ବର୍ଷ ପାଇଁ ପୁନର୍ବାର ପୂର୍ବ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ସଂଘ ଉପଦେଷ୍ଟା କରୁଣାକର ବରାଳ ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ବ୍ୟବସାୟୀ ସଂଘ ସଭ୍ୟଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥରଲା। ସଭ୍ୟ ଶ୍ରୀକାନ୍ତ ଶର ଧନ୍ୟବାଦ ଦେଇଥିଲେ।

# ବିକାଶ ମଞ୍ଚର ଶୀତ ଉତ୍ସବ



ବିକାଶ ମଞ୍ଚ ତରଫରୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି।

ଯାଜପୁର ଟାଉନ,୧୯।୧(ଡି.ଏନ.ଏ.): ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଯାଜପୁର ବିକାଶ ମଞ୍ଚର ଶୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ତରଫରୁ ପ୍ରତିବର୍ଷ ଭଳି ଏ ବର୍ଷ ଶୀତବସ୍ତ୍ର ସଂଗ୍ରହ ଓ ବିତରଣ ସପ୍ତାହ କାର୍ଯ୍ୟକ୍ରମ କିଆନାଳୀକୂଳଠାରେ ଗତ ୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଉଦ୍‌ଘାଟକ ଭାବେ ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ (ଏସ୍.ଡି.ପି.ଓ.) ସରୋଜ ଉପାଧ୍ୟାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ହେମାଙ୍ଗିନୀ ମହାନ୍ତି, ମୁଖ୍ୟବକ୍ତା ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଅନ୍ୟତମ ଅତିଥି ଯାଜପୁର ରୋଟାରି କ୍ଲବ ସଭାପତି ସୁବାସ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଦାମୋଦର ବେହେରା ଓ ପତଞ୍ଜଳି ଯୋଗପୀଠର ଯୋଗୀ ମନମଥ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟକ ଉପାଧ୍ୟାୟ ମଞ୍ଚର ଏପରି କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଜନହିତକର କାର୍ଯ୍ୟ ନିମନ୍ତେ ପ୍ରଶାସନିକସ୍ତରରେ ସମସ୍ତ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଗରିବ ଓ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ବିକାଶ ମଞ୍ଚର ଏହି କାର୍ଯ୍ୟକ୍ରମରେ ନିଜ ସମ୍ବଳ ଅନୁସାରେ ସହରବାସୀ ଉତ୍ସାହର ସହିତ ସହଯୋଗର ହାତ ବଢ଼ାଉଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ମଞ୍ଚର ବରିଷ୍ଠ ସଦସ୍ୟ ସୁବାସ ତ୍ରିପାଠୀ ପରିଚାଳନା କରିଥିଲେ। କିଶୋର କୁମାର ଦାସ, ତରୁଣ ନନ୍ଦ, ନିତ୍ୟାନନ୍ଦ ମିଶ୍ର, ନୀଳମଣି ନାୟକ, ସଞ୍ଜୀବ ସାହୁ, ଜୟଦେବ ନାୟକ, ହରିହର ବାରିକ, ତରୁ ସାହୁ ଓ ଭବାନୀ ଶଙ୍କର ସାମଲ ପ୍ରମୁଖ ସହଯୋଗ କରିଥିଲେ। ସଭାପତି ଅକ୍ଷୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ଗ୍ରାମ୍ୟ ଉନ୍ନୟନ ରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

## ୧୧କି.ମି. ରାସ୍ତା ପାଇଁ ୮ କୋଟି ବ୍ୟୟବରାଦ

ରସୁଲପୁର,୧୯।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ପଞ୍ଚାୟତର କଣ୍ଟିଆକଣ ଓ ରାହାମ୍ବା ପଞ୍ଚାୟତର ଷଣ୍ଢ ଛକ ନିକଟରେ ୨ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜାବରା-ସାରଙ୍ଗପୁର ଓ ବାରବାଟୀ-ରସୁଲପୁର ରାସ୍ତା ଦୁଇଟିର ୧୧କି.ମି.ରୁ ୭କି.ମି ପିଚୁ, ୪କି.ମି. କଂକ୍ରିଟ ରାସ୍ତା ଓ ୧୪ଟି କଲଭର୍ଟ ନିର୍ମାଣ ପାଇଁ ଆକଳନ କରାଯାଇଛି। ଜାବରା-ସାରଙ୍ଗପୁର ୬ କି.ମି. ରାସ୍ତା ପାଇଁ ୪.୫୬କୋଟି ଟଙ୍କା ମଞ୍ଜୁର କରାଯାଇଛି। ଉକ୍ତ ଅର୍ଥରେ ୩ କି.ମି. ଲେଖାଏ ପିଚୁ ଓ କଂକ୍ରିଟ ରାସ୍ତା କରାଯିବ। ୬ଟି ସ୍ଥାନରେ କଲଭର୍ଟ ନିର୍ମାଣ କରାଯିବା ନେଇ ବ୍ୟବସ୍ଥା କରାଯାଇଛି। ସେହିଭଳି ବାରବାଟୀ-ରସୁଲପୁର ରାସ୍ତା ପାଇଁ ୩.୩୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଉକ୍ତ ଅର୍ଥରେ ୫.୨୨୦କି.ମି. ରାସ୍ତା ଉନ୍ନତୀକରଣ କରାଯିବାକୁ ଆକଳନ କରାଯାଇଥିବାବେଳେ ସେଥିରୁ ୩.୭୦୦ପିଚୁ, ୧.୫୨୦କି.ମି. ଢଳେଇ ରାସ୍ତା କରାଯିବ। ୮ ସ୍ଥାନରେ କଲଭର୍ଟ ନିର୍ମାଣ କରାଯିବ। ପ୍ରଥମ ରାସ୍ତାର ନିର୍ମାଣ କାର୍ଯ୍ୟ ୧୧-୦୬-୨୩ରେ ଶେଷ କରାଯିବ। ଏହି ରାସ୍ତାରେ ନଠୁଆବର, ଜବରା, ଶ୍ରୀବନ୍ତପୁର, ଟିକରପଡ଼ା ଆଦି ପଞ୍ଚାୟତର ୭ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଗମନାଗମନ ସୁବିଧା ସୃଷ୍ଟି ହେବ। ଏଥିସହ ଦ୍ୱିତୀୟ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ୧୫-୦୧-୨୪ରେ ଶେଷ ହେବ। ଏହି ରାସ୍ତା ଦ୍ୱାରା ବାରବାଟୀ, ରସୁଲପୁର, ଓଡ଼ିଶୋ, କଲଣ, ରାହାମ୍ବା, ପ୍ରଥମାଖଣ୍ଡି, ସିଂହାପୁର ଆଦି ପଞ୍ଚାୟତର ୩୦ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ଦିଆଯାଇଛି। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି ରସୁଲପୁର ବ୍ଲକ୍ ଅଧକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ଜାରକା-୨ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳନ୍ଧର ବେହେରା, କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣା, ରସୁଲପୁର ବ୍ଲକ ବିଜେଡି ସଭାପତି ଲୋକନାଥ ପଣ୍ଡା, ଯୁବ ବିଜେଡି ସଭାପତି ମନୋଜ କୁମାର ରାଉତ, ଜିଲା ପରିଷଦ ସଭ୍ୟା ମମତା ଖୁଣ୍ଟିଆ, ଶଶିରେଖା ପୃଷ୍ଟି, ସରପଞ୍ଚ ଝରଣା ତରାଇ, ଆୟୁଷମତି ଦାସ ଓ ସମିତିସଭ୍ୟା ସନ୍ଧ୍ୟାରାଣୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏବଂ ଅନ୍ୟମାନେ।

# ଆବାସ ତାଳିକାକୁ ନେଇ ଦ୍ୱନ୍ଦ୍ୱ ବଢୁଛି

- ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା
- ହରଡ଼ଘଣାରେ ତଦନ୍ତ ଅଧିକାରୀ
- କମ୍ପ୍ୟୁଟର ତ୍ରୁଟି ଦର୍ଶାଇ ଖସିଯିବାକୁ ପ୍ରୟାସ

ରସୁଲପୁର,୧୯।୧(ଡି.ଏନ.ଏ.): ରସୁଲପୁର ବ୍ଲକର ୨୮ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ସମ୍ଭାବ୍ୟ ତାଲିକାକୁ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ପଞ୍ଚାୟତରେ ହିତାଧିକାରୀଙ୍କ ସମ୍ଭାବ୍ୟ ତାଲିକା ଝୁଲିବା ପରେ ଏଭଳି ସ୍ଥିତି ଉପୁଜିଛି। ଆବାସ ପାଇଁ ସବୁ ପଞ୍ଚାୟତରେ ଟଣାଓଟରା ପରିସ୍ଥିତି। ସମ୍ଭାବ୍ୟ ତାଲିକାକୁ ନେଇ ତଦନ୍ତ ଅଧିକାରୀମାନେ ହରଡ଼ଘଣାରେ ପଡ଼ିଛନ୍ତି। ପ୍ରତି ପଞ୍ଚାୟତରେ ଅଧିକାଂଶ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ସ୍ଥାନ ପାଇ ନ ଥିବାରୁ ପଞ୍ଚାୟତରେ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି। ବାଦ୍ ପଡିଥିବା ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ଭିଡ଼ ଜମାଉଛନ୍ତି। ତାଲିକା ବାଦ୍ ପଡ଼ିବା ପଛରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକଙ୍କ ହାତ ଥିବା ସନ୍ଦେହକରି ଲୋକେ ସେମାନଙ୍କ ଉପରେ ବର୍ଷୁଛନ୍ତି। ଏ ଦିଗରେ ହିତାଧିକାରୀଙ୍କ ନାନା ପ୍ରଶ୍ନରେ ଏହା କମ୍ପ୍ୟୁଟର ଜନିତ ତ୍ରୁଟିରୁ ଘଟିଛି ବୋଲି କହି ମାମଲାକୁ ଏଡାଇ ଦେବାକୁ ପ୍ରୟାସ କରୁଥିବା ଦେଖାଯାଉଛି। ଯୋଗ୍ୟଙ୍କୁ ଘର ନ ମିଳିଲେ ମାମଲା କୋର୍ଟକୁ ଯିବ ବୋଲି କେତେ ଜଣ ହିତାଧିକାରୀ ଧମକ ଦେବା ସହ ଅଧିକାରୀ ଓ ପ୍ରତିନିଧିଙ୍କୁ ଗାଳିଗୁଲଜ କରୁଛନ୍ତି। ଫଳରେ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ଭୟ କରୁଛନ୍ତି।

ସୂଚନା ମୁତାବକ, ଏହି ବ୍ଲକରେ ୩,୩୫୦ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ଯୋଗ୍ୟ ତାଲିକାରେ ସ୍ଥାନ ପାଇଥିଲେ। ବ୍ଲକକୁ ୨୪୨୨ଟି ଘର ମିଳିବା ପାଇଁ ଟାର୍ଗେଟ ପ୍ରଦାନ କରାଯାଇଛି। ଅଗ୍ରାଧିକାର ତାଲିକାରୁ ଅନ୍ୟୁନ୍ ୯୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ନାମ କାଟିବା ପାଇଁ ବ୍ଲକ ପକ୍ଷରୁ ପଞ୍ଚାୟତଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ପ୍ରତି ପଞ୍ଚାୟତରେ ଏକ ୩ ଜଣିଆ କମିଟି ଗଠନ କରାଯାଇଛି। ଉକ୍ତ କମିଟି ସପ୍ତାହେ କାଳ ଅଗ୍ରାଧିକାର ତାଲିକାରେ ସ୍ଥାନିତ ହିତାଧିକାରୀଙ୍କ ଘରକୁ ଯାଇ ତଦନ୍ତ କରି ସାରିଛନ୍ତି। ତଦନ୍ତ ମୁତାବକ ଅଯୋଗ୍ୟ ହିତାଧିକାରୀଙ୍କ ରିପୋର୍ଟ ବ୍ଲକରେ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟ ଆଧାରରେ ଅଯୋଗ୍ୟମାନଙ୍କୁ ବାଦ୍ ଦିଆଯାଇ ଚଳିତ ମାସ ୧୬ରେ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ସମ୍ଭାବ୍ୟ ତାଲିକା ଝୁଲାଯାଇଛି। ମାତ୍ର ତାଲିକାରେ ଅନେକ ତ୍ରୁଟିବିଚ୍ୟୁତ ପରିଲକ୍ଷିତ ହେଉଛି। ପ୍ରକାଶିତ ତାଲିକାରେ ଯୋଗ୍ୟଙ୍କୁ ସ୍ଥାନ ମିଳି ନଥିବା ବେଳେ ତିନି ଜଣିଆ କମିଟି ପକ୍ଷରୁ ପ୍ରଦାନ କରାଯାଇ ଥିବା ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ସ୍ଥାନ ଦିଆଯାଇଛି। ଏହା ଜାଣି କେତେକ ପଞ୍ଚାୟତରେ ନିର୍ବାହୀ ଅଧିକାରୀମାନେ ସମ୍ଭାବ୍ୟ ତାଲିକାକୁ ସାର୍ବଜନୀନ କରିବାରେ ବିଫଳ ହୋଇଛନ୍ତି। ଜନସାଧାରଣଙ୍କ ଚାପରେ ତାଲିକା ଝୁଲାଯିବା ପରେ ପଞ୍ଚାୟତ ପରିସରରେ ଗଣ୍ଡଗୋଳିଆ ପରିସ୍ଥିତି ଉପୁଜିଛି।

ଅଯୋଗ୍ୟଙ୍କ ନାମ ତାଲିକାରେ ସ୍ଥାନ ପାଇବାକୁ ନେଇ ପଞ୍ଚାୟତଠାରୁ ବ୍ଲକ ଓ ଜିଲା ପର୍ଯ୍ୟନ୍ତ କୌଣସି ଜଣେ ହେଲେ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇ ପାରୁନାହାନ୍ତି। ଇଂରାଜୀ ଭର୍ସନକୁ ଓଡ଼ିଆରେ ପରିଣତ କରିଦେବାରୁ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ପଡିଛି ବୋଲି ସଫେଇ ଦିଆଯାଉଛି। ଅଧିକାରୀମାନେ କମ୍ପ୍ୟୁଟର ତ୍ରୁଟିକୁ ଆଳକରି ଘଟଣାକୁ ଏଡାଇ ଦେବାକୁ ଚାହୁଁଛନ୍ତି। ବାଦ୍ ପଡ଼ିଥିବା ଲୋକେ ଏଭଳି ସାନ୍ତ୍ୱନାକୁ ବୁଝିବାକୁ ନାରଜ। ତେଣେ ଏବେ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ଯୋଡ଼ିବା ସମ୍ଭବ ହେଉ ନ ଥିବାରୁ ସେମାନଙ୍କୁ କେବଳ ଅଭିଯୋଗ କରି ଅପେକ୍ଷା କରିବାକୁ କୁହାଯାଉଛି। ଅପରପକ୍ଷରେ ତାଲିକାରୁ ଅଯୋଗ୍ୟଙ୍କୁ ବାଦ୍ ଦେବା ପାଇଁ ସପ୍ତାହେ କାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ ବାକ୍ସ ବସାଯାଇଛି। ଯେଉଁ ହିତାଧିକାରୀଙ୍କ ନାମରେ ଅଯୋଗ୍ୟ ବୋଲି ଅଭିଯୋଗ ପତ୍ର ଆସିବ, ସେମାନଙ୍କୁ ତଦନ୍ତ କରାଯାଇ ତାଲିକାରୁ ବାଦ ଦିଆଯିବ ବୋଲି କୁହାଯାଉଛି। ଏହିଭଳି ସ୍ଥିତିରେ ପଞ୍ଚାୟତକୁ ବାଦ୍ ଦିଆଯିବା ଅପେକ୍ଷା ଯୋଗ ଦେବା ପାଇଁ ସଂଖ୍ୟାଧିକ ହିତାଧିକାରୀଙ୍କ ଅଭିଯୋଗପତ୍ର ଆସୁଥିବା ଦେଖାଯାଉଛି। ଏହାକୁ ନେଇ ପଞ୍ଚାୟତ ପ୍ରତିନିଧିମାନେ ଏକ ପ୍ରକାର ହରଡ଼ଘଣାରେ ପଡ଼ିଛନ୍ତି। ମୋଟ୍ ଉପରେ ସମ୍ଭାବ୍ୟ ହିତାଧିକାରୀ ତାଲିକାରେ ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଦିଗରେ ବ୍ଲକସ୍ତରୀୟ ଅଧିକାରୀଙ୍କ ମତନେବାରୁ ସରକାରୀ ନିୟମ ଓ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରାଯାଉଛି। ପରବର୍ତ୍ତୀ ସ୍ଥିତିରେ ଯାହା ନିର୍ଦ୍ଦେଶ ଆସିବ ସେହି ମୁତାବକ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଗୋଟିଏ ଦିନରେ ସର୍ବାଧିକ ୪୮ଟ୍ରେନ୍‌ର ରେକ୍‌ରୁ ପଣ୍ୟ ଖଲାସ

ପାରାଦୀପ ୧୯।୧(ସ୍ୱ.ପ୍ର.): ପାରାଦୀପ ବନ୍ଦର ମଧ୍ୟରେ ବୁଧବାର ୨୪ ଘଣ୍ଟାରେ ରେକର୍ଡ ୪୮ଟି ମାଲବାହୀ ଟ୍ରେନର ରେକରୁ ପଣ୍ୟ ବୋଝେଇ ଖଲାସ ହୋଇଛି। ଏହା ଏପର୍ଯ୍ୟନ୍ତ ସର୍ବାଧିକ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଅଧକ୍ଷ ପି.ଏଲ୍. ହାରାନ୍ଧ ଟ୍ରାଫିକ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଏହାପୂର୍ବରୁ ଗତ ୪ ତାରିଖରେ ୪୭ ମାଲବାହୀ ଟ୍ରେନର ରେକ୍‌ରୁ ପଣ୍ୟ ବୋଝେଇ ଖଲାସ ହୋଇଥିଲା।

### ଶ୍ରୀଅରବିନ୍ଦଙ୍କ ରଥକୁ ସ୍ୱାଗତ

ବାଲିକୁଦା,୧୯।୧(ସ୍ୱ.ପ୍ର.): ତପସ୍ୱୀ ତଥା ସ୍ୱାଧୀନତା ସଂଗ୍ରାମୀ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲାସ୍ତରୀୟ ସଚେତନତା ରଥ ଗୁରୁବାର ବାଲିକୁଦା ବ୍ଲକ ଅତିକ୍ରମ କରିଛି। ଏହି ଅବସରରେ ରଥକୁ ବାଲିକୁଦାର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ବହୁତ ଅନୁଷ୍ଠାନ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଓଷକଣା ସରସ୍ୱତୀ ଶିଶୁ ମନ୍ଦିର ଶୋଭାଠାରେ ରଥକୁ ସ୍ୱାଗତ କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ରଥ ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟୁତ୍ ପରିଷଦର ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତି ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। ବିଦ୍ୟାଳୟ ଭିତରକୁ ରଥ ପ୍ରବେଶ କରିବା ପରେ ଯୋଗୀ ଶ୍ରୀଅରବିନ୍ଦଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ସମୟରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକମାନେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟ, ପ୍ରଶମନ ତାଲିମ

ରଘୁନାଥପୁର,୧୯।୧(ଡି.ଏନ୍.ଏ.): ରଘୁନାଥପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରରେ ଗୁରୁବାର ବ୍ଲକସ୍ତରୀୟ ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟ ଓ ପ୍ରଶମନ ସମ୍ପର୍କିତ ତାଲିମ ଦିଆଯାଇଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ ଟିସି ଶୁଭେନ୍ଦୁ କୁମାର ବରାଳ ସଂଯୋଜକ ଭାବେ ଉପସ୍ଥିତ ଥିଲେ। ଅଗ୍ନିଶମ ବାହିନୀ ଓଆଇସି ସୁବାସ କୁମାର ନନ୍ଦଙ୍କ ନେତୃତ୍ୱରେ କର୍ମଚାରୀମାନେ ଏ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ଏବଂ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ କିପରି ସୁରକ୍ଷା ଯୋଗାଇ ଦିଆଯାଇପାରିବ ସେସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାଛଡା ଗ୍ୟାସ ସିଲିଣ୍ଡରରେ ଲାଗିଥିବା ନିଆଁକୁ କିପରି ଲିଭାଇବ ଏବଂ ବିଦ୍ୟୁତ୍ ସଂଯୋଗରୁ ଉତ୍ପନ୍ନ ନିଆଁକୁ କିପରି କୌଶଳର ସହ ରୋକାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଡେମୋ ଦେଖାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ତାଲିମ କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ, ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ଦାଶ ଓ ବ୍ଲକର ୨୫ ସ୍କୁଲରୁ ଆସିଥିବା ପିଇଟି ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଟ୍ରମାକେୟାର ୟୁନିଟ ପାଇଁ ଶିଳାନ୍ୟାସ

ପାରାଦୀପ,୧୯।୧(ସ୍ୱ.ପ୍ର.): ପାରାଦୀପ ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ପେଲେଟ ପ୍ଲାଣ୍ଟ ପରିସରରେ ଗୁରୁବାର ଏକ ଟ୍ରମାକେୟାର ୟୁନିଟ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କମ୍ପାନୀ କାର୍ଯ୍ୟ ନିର୍ବାହୀ ସୁରେଶା ଜି. ଶିଳାନ୍ୟାସ କରିଥିଲେ। ୪ ହଜାର ବର୍ଗଫୁଟ ଅଞ୍ଚଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ହେବ। ୧୦ ଶଯ୍ୟା ବିଶିଷ୍ଟ ଏହି କେୟାରରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ଉପକରଣ ରହିବ। ଦୁର୍ଘଟଣା, ପୋଡିରେ ଆହତଙ୍କୁ ତତ୍କାଳ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

### କଂଗ୍ରେସ ସାଙ୍ଗଠନିକ ବୈଠକ

ତିର୍ତ୍ତୋଲ, ୧୯।୧ (ଡି.ଏନ୍.ଏ.):ପାରାଦୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ତିର୍ତ୍ତୋଲ ବ୍ଲକ ପୋରଗଦେଇ ପଞ୍ଚାୟତରେ କଂଗ୍ରେସ ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ନେତା ବାପି ସର୍ଖେଲ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ସଙ୍ଗଠିତ ହେବାକୁ ନିବେଦନ କରିଥିଲେ। ଗତ ନିର୍ବାଚନଠାରୁ କଂଗ୍ରେସ ପକ୍ଷରୁ ଏହି ପଞ୍ଚାୟତରେ ସାଙ୍ଗଠନିକ କାର୍ଯ୍ୟ ଶିଥିଳ ପଡ଼ିଥିଲା। ଏଥିରେ କର୍ମୀମାନଙ୍କ ମନୋବଳ ବୃଦ୍ଧି ଲାଗି ନିୟମିତ ଭାବେ ଦଳ ପକ୍ଷରୁ ଏଭଳି ଉଦ୍ୟମ କରାଯାଉ ବୋଲି କର୍ମୀମାନେ ମତ ଦେଇଥିଲେ। ରଞ୍ଜନ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଏଏନ୍‌ଡି ଯାଦବ, ରମେଶ ଚନ୍ଦ୍ର ଦାସ, ଅଶ୍ୱିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରାସ୍ତାରେ ଧାନ ଢାଳି ଚାଷୀଙ୍କ ପ୍ରତିବାଦ

ଜଗତ୍‌ସିଂହପୁର ଅଫିସ, ୧୯।୧:



ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ରାସ୍ତାରେ ପ୍ରତିବାଦ କରୁଛନ୍ତି।

■ ମଣ୍ଡିରେ ଅବ୍ୟବସ୍ଥାକୁ ବିରୋଧ

■ ୧୦ ଆନ୍ଦୋଳନକାରୀ କୋର୍ଟ ଚାଲାଣ

ଜଗତ୍‌ସିଂହପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଗୁରୁବାର ସକାଳେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ନବ ନିର୍ମାଣ କୃଷକ ସଙ୍ଗଠନ କର୍ମୀମାନେ ଧାନ ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ଧାନ ଢାଳି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏପରି କି ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ଏଆର୍‌ସିଏସ୍ ଆଦିଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଆଲୋଚନା ମାଧ୍ୟମରେ ଏହାର ସମାଧାନ ହେବ ବୋଲି ପୋଲିସ ବୁଝାଶୁଝା କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଶେଷରେ ଜଗତ୍‌ସିଂହପୁର ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂହ, ଆଇଆଇସି ଶୁଭ୍ରାଂଶୁ ପରିଡ଼ା ପ୍ରମୁଖ ବଳ ପ୍ରୟୋଗ କରି ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲେ। ଏହି ସମୟରେ ଆନ୍ଦୋଳନକାରୀମାନେ ରାସ୍ତାରେ ଶୋଇ ପଡ଼ିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ସେମାନଙ୍କୁ ଜଗତ୍‌ସିଂହପୁର ଥାନାକୁ ଆଣିଥିଲା। ସେଠାରେ ଜିଲା ପ୍ରଶାସନ ପକ୍ଷରୁ ଜଗତ୍‌ସିଂହପୁର ତହସିଲଦାର, ବିଡିଓ ଓ ଜିଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲେ ସୁଦ୍ଧା କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇପାରି ନ ଥିଲା। ଶେଷରେ ପୋଲିସ ସଙ୍ଗଠନର ୧୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ବରିଷ୍ଠ କର୍ମୀ ଦେବୀ ପ୍ରସାଦ ମହାରଣା, ମଙ୍ଗୁଳି ଚରଣ ରାଉତରାୟ, ଦେବଦତ୍ତ ସାହୁ, ସନ୍ତୋଷ ପ୍ରଧାନ, କରୁଣାକର ଦଳବେହେରା, ପ୍ରମୋଦ କୁମାର ଦାଶ, ନିଗମାନନ୍ଦ ଦାଶ, ଅଶୋକ କୁମାର ସ୍ୱାଇଁ ଓ ସୁରେଶ ପଟ୍ଟନାୟକ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଆଳିପିଙ୍ଗଳ ଉପ କାରାଗାର ପଠାଇ ଦିଆଯାଇଛି।

ଏ ସମ୍ପର୍କରେ ସଙ୍ଗଠନ ଜିଲା ସଂଯୋଜକ ରଶ୍ମିରଞ୍ଜନ କୁହନ୍ତି, ମହାନଦୀ ଆମର ଜୀବନ ରେଖା। ଏହାର ନିମ୍ନ ଅବବାହିକାରେ ଥିବା ସମତଳ ଅଞ୍ଚଳ ହେଉଛି ଜଗତ୍‌ସିଂହପୁର। ଏଠାରେ କୃଷି ହେଉଛି ଜୀବିକାର ମୁଖ୍ୟ ମାଧ୍ୟମ। କୃଷିଜାତ ଦ୍ରବ୍ୟରୁ ଚାଷୀ ଉପଯୁକ୍ତ ମୂଲ୍ୟ ପାଉନି। ସରକାରଙ୍କ ପକ୍ଷରୁ କୁଇଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ ୨୯୩୦ ଟଙ୍କା ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ବୋନସ ମଧ୍ୟ ଦିଆଯାଉନାହିଁ। ମଣ୍ଡିରେ ସେକ୍ରେଟାରୀ ଓ ମିଲର ମଧ୍ୟରେ ସଲାସୁତରା ଯୋଗୁ ଚାଷୀ ଶୋଷିତ ହେଉଛନ୍ତି। ଧାନର ଓଜନ ଠିକ୍ ରହୁନି। ମନଇଛା ଧାନ କାଟି ନିଆଯାଉଛି। ଆଗୁଆ ଖୋଟ ଅଖା ଦିଆଯିବା ବ୍ୟବସ୍ଥା ଥିଲେ ସୁଦ୍ଧା ତାହା ମିଳୁନି। ବିଭିନ୍ନ ମାଧ୍ୟମରେ ଚାଷୀଙ୍କୁ ଶୋଷଣ କରାଯାଉଥିଲେ ସୁଦ୍ଧା ଜିଲାପାଳ ନୀରବ ରହିଛନ୍ତି। ଜିଲା ଧାନ ସଂଗ୍ରହ କମିଟି ନଭେମ୍ବର ୧୯ରେ ବସିଥିଲା। କିନ୍ତୁ ଏପର୍ଯ୍ୟନ୍ତ ଅର୍ଦ୍ଧାଧିକ ମଣ୍ଡି ଖୋଲା ଯାଇନାହିଁ। ଜିଲାପାଳ କି ଅନ୍ୟ ବରିଷ୍ଠ ଅଧିକାରୀମାନେ ମଣ୍ଡି ନଅନୁଧାନ କରିବାକୁ ଯାଉନାହାନ୍ତି। ବହୁ ଚାଷୀ ଟୋକନ ପାଇଁ ଡିଜିଟାଲ ବାର୍ତ୍ତା ପାଇନାହାନ୍ତି। ଏହାଦ୍ୱାରା ସେମାନେ ଧାନ ବିକ୍ରିରୁ ବଞ୍ଚିତ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ବାଧ ହୋଇ ସେମାନଙ୍କୁ ଏଭଳି ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ପଡିଲା ବୋଲି ସେ କହିଛନ୍ତି।

# ଅଧିକାରୀଙ୍କୁ ୨୫ ହଜାର ଜରିମାନା

## ତଥ୍ୟ ନ ଦେବା ମହାଙ୍ଗା ପଡ଼ିଲା

ନାଉଗାଁ,୧୯।୧(ସ୍ୱ.ପ୍ର.):

ସୂଚନା ଅଧିକାର ଆଇନ ବଳରେ ଆବେଦନକାରୀଙ୍କୁ ତଥ୍ୟ ନ ଦେବା ପଞ୍ଚାୟତ ଜନ ସୂଚନା ଅଧିକାରୀଙ୍କୁ ପାଇଁ ମହଙ୍ଗା ପଡ଼ିଛି। ଏନେଇ ତାଙ୍କୁ ୨୫ ହଜାର ଟଙ୍କା ଜରିମାନା ଦେବାକୁ ରାଜ୍ୟ ସୂଚନା କମିଶନର ବି.କେ. ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଧିକାରୀ ହେଲେ ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣ ପଞ୍ଚାୟତ ଜନସୂଚନା ଅଧିକାରୀ ଅଶୋକ କୁମାର ନାୟକ। ସୂଚନା ଅଧିକାର ଆଇନ୍‌ର ଉଲ୍ଲଂଘନ କରିଥିବା ଅଭିଯୋଗର ବିଚାର କରି ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ମିଳିଛି। ଆଦେଶ ପାଇବା ଦିନଠାରୁ ଏକ ମାସ ମଧ୍ୟରେ ଜରିମାନା ବାବଦ ଅର୍ଥ ଟ୍ରେଜରୀରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବିଫଳ ହେଲେ ପଞ୍ଚାୟତ ଜନସୂଚନା ଅଧିକାରୀ ନାୟକଙ୍କ ବେତନରୁ ପାଞ୍ଚଟି କିସ୍ତିରେ ଉକ୍ତ ରାଶି କାଟିବା ପାଇଁ ପ୍ରଦକ୍ଷେପ ନେବାକୁ ନାଉଗାଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ତିରୁଣା ପଞ୍ଚାୟତର ସୂଚନା ଅଧିକାର କର୍ମୀ ପ୍ରଦୀପ କୁମାର ସ୍ୱାଇଁ ତିରୁଣା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଦି କାର୍ଯ୍ୟ ଉପରେ ୨୦୨୦ ଡିସେମ୍ବର ୨୧ରେ ବ୍ଲକ ଜନ ସୂଚନା ଅଧିକାରୀଙ୍କଠାରୁ ତଥ୍ୟ ମାଗିଥିଲେ। ଏହି ତଥ୍ୟ ଯୋଗାଇବା ପାଇଁ ବ୍ଲକ ସୂଚନା ଅଧିକାରୀ ପତ୍ର ମାଧ୍ୟମରେ ପଞ୍ଚାୟତର ଜନ ସୂଚନା ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ପଞ୍ଚାୟତ ଜନ ସୂଚନା ଅଧିକାରୀ ନାୟକ ସୂଚନା ଆଇନର ଅବମାନନା କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ଦେଇ ନ ଥିଲେ। ଏ ନେଇ ଆବେଦନକାରୀ ସ୍ୱାଇଁ ରାଜ୍ୟ ସୂଚନା ଅଧିକାର କମିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ୍ କରିଥିଲେ। ଏହି ଆବେଦନ ମାମଲା (ନଂ.୧୦୧୯/୨୦୨୧)କୁ ସୂଚନା ଅଧିକାର କମିଶନର ଗ୍ରହଣ କରି ନାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ମାତ୍ର ଉତ୍ତର ନ ମିଳିବାରୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡିତ କରାଯାଇଛି।

# ରିଫାଇନେରି କର୍ତ୍ତୃପକ୍ଷ, ଶ୍ରମିକସଂଘ ମଧ୍ୟରେ ଚୁକ୍ତିପତ୍ର

ପାରାଦୀପ,୧୯।୧(ସ୍ୱ.ପ୍ର.)



ଚୁକ୍ତିପତ୍ର ସ୍ୱାକ୍ଷର ସମୟରେ ଅରିନ୍ଦମ ସର୍ଖେଲ ଓ କମ୍ପାନୀ ଅଧିକାରୀଙ୍କ ସହ ଅନ୍ୟମାନେ।

■ ୨୩ ଦଫା ଦାବି ପୂରଣ

■ ଉପକୃତ ହେବେ ୩ ହଜାରରୁ ଊର୍ଦ୍ଧ୍ୱ ଠିକାଶ୍ରମିକ

ପାରାଦୀପ ଇଣ୍ଡିଆନ ଅଏଲ ରିଫାଇନେରି କର୍ତ୍ତୃପକ୍ଷ ଓ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ୨୩ ଦଫା ଦାବି ଉପରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଦାବି ପୂରଣ ହୋଇଥିବାରୁ ୩ ହଜାରରୁ ଊର୍ଦ୍ଧ୍ୱ ଠିକାଶ୍ରମିକ ଦରମା ଓ ଆନୁଷଙ୍ଗିକ ସୁବିଧା ପାଇବେ ବୋଲି ସଂଘ ସଭାପତି ଅରିନ୍ଦମ ସର୍ଖେଲ (ବାପି)କହିଛନ୍ତି। ସୂଚନାଯୋଗ୍ୟ, ଏହି ୨୩ ଦଫା ଦାବି ସମ୍ପର୍କରେ ଶ୍ରମିକ ସଂଘ ଏକାଧିକ ବାର ଚିଠି ଲେଖିବା ପରେ ମଧ୍ୟ କିଛି ହେଉ ନ ଥିଲା। ଏନେଇ ଗତମାସ ୬ ତାରିଖରୁ ୧୦ ପର୍ଯ୍ୟନ୍ତ ଅହରାତ୍ର ଧାରଣା ଦିଆଯାଇଥିଲା। ଏହାପରେ ଦାବି ସମ୍ପର୍କରେ ତ୍ରିପାକ୍ଷିକ ଆଲୋଚନା ହେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । କିନ୍ତୁ ତାହା କାର୍ଯ୍ୟକାରୀ ହୋଇ ନ ଥିଲା ବୋଲି ସଂଘ ସମ୍ପାଦକ ସମୀର ବିଶ୍ୱାଳ କହିଛନ୍ତି। ଗୁରୁବାର ଏ ନେଇ ରିଫାଇନେରି ପ୍ରଶାସନିକ ଭବନରେ ଆଲୋଚନା ହେବା ପରେ ସମାଧାନ ହୋଇଛି। ଏଥିରେ ଯେଉଁ ୨୩ଟି ଦାବି ଥିଲା ତାହା କାର୍ଯ୍ୟକାରୀ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଲୋଚନା ସମୟରେ ରିଫାଇନେରି ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ମୋହନ, ମାନବସମ୍ବଳ ଅଧିକାରୀ ଏ.କେ.ଭାଗବତ, ଡେପୁଟି ମ୍ୟାନେଜର ଧର୍ମେଶ ଚୌଧୁରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ସଂଘ ପକ୍ଷରୁ ସର୍ଖେଲ ଓ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ୨୧ରେ ଆର୍ତ୍ତେଶ୍ୱରଙ୍କ ପୀଠରେ ତ୍ରିବେଣୀ ମେଳା

ଡେରାବିଶ,୧୯।୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ଶ୍ରୀଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ୨୧ ତାରିଖରେ ଅନୁଷ୍ଠିତ ହେବ ତ୍ରିବେଣୀ ମେଳା ଓ ରୁଦ୍ରଶାନ୍ତି ମହାଯଜ୍ଞ। ବ୍ଲକ ସମେତ ଜିଲାରେ ପ୍ରସିଦ୍ଧି ଲାଭ କରିଥିବା ଏହି ମେଳା ୫ଦିନ ଧରି ଅନୁଷ୍ଠିତ ହେବ। ତ୍ରିବେଣୀ ଅମାବାସ୍ୟା ତିଥିରେ ଆରମ୍ଭ ହେବାକୁ ଥିବା ଏହି ମେଳା ପାଇଁ ଆର୍ତ୍ତେଶ୍ୱରଙ୍କ ମନ୍ଦିର ନିକଟରେ ବହି ଯାଇଥିବା ଗୋବରୀ ନଦୀରେ ବହୁ ଶ୍ରଦ୍ଧାଳୁ ବୁଡ଼ ପକାଇବେ। ଏଥିସହ ରୁଦ୍ରଶାନ୍ତି ମହାଯଜ୍ଞ ମଧ୍ୟ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। କରୋନା କଟକଣା ପରେ ଚଳିତ ବର୍ଷ ଏହି ମେଳାରେ ବହୁ ଶ୍ରଦ୍ଧାଳୁ ଯୋଗଦେବାକୁ ଥିବାରୁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସମ୍ପାଦକ ନାରାୟଣ ଲେଙ୍କା କହିଛନ୍ତି। ତେବେ ଏହି ମେଳାରେ ବହୁ ଦୋକାନ ବଜାର ପଡ଼ିବାକୁ ଥିବାରୁ ଆଇନଶୃଙ୍ଖଳା ରକ୍ଷା ପାଇଁ ନିକିରେଇ ଥାନା ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ଓ ପ୍ରବଚନ ସହ ଅପେରା ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ଅନୁଷ୍ଠିତ ହୋଇଥିବା ଶେଷ ପ୍ରସ୍ତୁତି ବୈଠକରେ ଅକ୍ଷୟ କୁମାର ଦାସ, ବୀରବର ସାହୁ, ଅଜୟ କୁମାର ମହାଭୋଇ, ହୃଷିକେଶ ଦାସ, କୃତ୍ତିବାସ ସେଠୀ, ପ୍ରସନ୍ନ କୁମାର ସାହୁ ଓ ପ୍ରଦୀପ କୁମାର ନାୟକ ପ୍ରମୁଖ କର୍ମକର୍ତ୍ତାମାନେ ମେଳାକୁ ଶୃଙ୍ଖଳିତ କରିବା ଉପରେ ଆଲୋଚନା କରିଥିଲେ।

# ପିପିଏଲ୍‌କୁ ଆସୋଚମ ଏଚ୍‌ଆର୍,ଆଇଆର୍ ଆୱାର୍ଡ




ପାରାଦୀପ,୧୯।୧(ସ୍ୱ.ପ୍ର.):

ପିପିଏଲ କମ୍ପାନୀକୁ ଗୁରୁବାର ଆସୋଚମ୍ ହ୍ୟୁମାନ ରିସୋର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିଲେସନ (ଏଚଆର/ଆଇଆର)ଆୱାର୍ଡ ମିଳିଛି। ମାନବସମ୍ବଳ ଓ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ସୁସମ୍ପର୍କ ରଖିବା ଦିଗରେ ଉଲ୍ଲେଖନୀୟ କାମ ପାଇଁ କମ୍ପାନୀକୁ ଏହି ସଫଳତା ହାସଲ କରିଛି ବୋଲି ଏହାର ସିଏମଓ ପ୍ରଣବ ଭଟ୍ଟାଚାର୍ଯ୍ୟ କହିଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବେ ବିଜୟ କୁମାର ପଟ୍ଟନାୟକଙ୍କଠାରୁ କମ୍ପାନୀର ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଏହି ଆୱାର୍ଡ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଦାନ୍ତ ସଭାପତି ତପନ କୁମାର ଚାନ୍ଦ, ଆସୋଚମ ସଂସ୍ଥାର ମୁଖ୍ୟ ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କାଦୁଆପଡ଼ାକୁ ହରାଇ ଗାରୋଇ ଚାମ୍ପିୟନ

## ମା'ବରୁଣେଇ କ୍ରିକେଟ

ନାଉଗାଁ,୧୯।୧(ସ୍ୱ.ପ୍ର.):

ନାଉଗାଁ ବ୍ଲକର ସିମାନ୍ତ ଅଞ୍ଚଳ ଏଡବାଂଶର ମା'ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୪ତମ ଟୁର୍ନାମେଣ୍ଟ ଶେଷ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗାରୋଇର ପଞ୍ଚସଖା କ୍ରିକେଟ ଦଳ କାଦୁଆପଡ଼ା ବାବା ଗାଦିବ୍ରହ୍ମ କ୍ରିକେଟ ଦଳକୁ ପରାସ୍ତ କରି ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ପଞ୍ଚସଖା କ୍ରିକେଟ ଦଳ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ଓଭର ମଧ୍ୟରେ ୭ ଉଇକେଟ ହରାଇ ୧୩୫ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବାବା ଗାଦିବ୍ରହ୍ମ କ୍ରିକେଟ ଦଳ ସମସ୍ତ ଉଇକଟ ହରାଇ ୮୮ରନ କରିବାରେ ସକ୍ଷମ ହୋଇଥିଲା। ବରୁଣେଇଁ କ୍ଲବର ସଭାପତି ଆଶିଷ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରତାପ କୁମାର ପରିଡା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅପଚ୍ଚ ମହାନ୍ତି, ପ୍ରଫୁଲ୍ଲ ସେନାପତି, ରବୀନ୍ଦ୍ର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନ ଗାରୋଇର ପଞ୍ଚସଖା କ୍ରିକେଟ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ଅତିଥିମାନେ ପ୍ରଦାନ କରିଥିଲେ। ଖେଳକୁ କ୍ଲବର ସମ୍ପାଦକ ବିନ୍ଦୁସାଗର ସେନାପତିଙ୍କ ସମେତ କ୍ଲବର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

# ଆବେଦନ ତାରିଖ ସ୍ୱଚ୍ଛତା ଉପରେ ସନ୍ଦେହ

## ତିର୍ତ୍ତୋଲ ବ୍ଲକର ବିଭିନ୍ନ କ୍ଲଷ୍ଟରରେ ସିଆରସିସି ୨ ନିଯୁକ୍ତି

ତିର୍ତ୍ତୋଲ, ୧୯।୧ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକର ବିଭିନ୍ନ କ୍ଲଷ୍ଟର କୋଲରେଷ୍ଟରରେ ସିଆରସିସି (କ୍ଲଷ୍ଟର ରିସୋର୍ସ କୋଡିନେଟର) ନିଯୁକ୍ତି ନିମନ୍ତେ ଆବେଦନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ପ୍ରକାଶ ପାଇଛି। ୨୦୨୨ ଡିସେମ୍ବର ୩୦ରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ନିକଟରେ ପ୍ରକାଶ ପାଇଥିଲା। ଏଥିରେ ଚଳିତ ମାସ ୧୪ ତାରିଖ ମଧ୍ୟରେ ଆବେଦନ ଲାଗି ନିର୍ଦ୍ଦେଶ ରହିଥିଲା। ଏଥିରେ ଏନ୍‌ଓସି ସଂଲଗ୍ନ ଲାଗି କୌଣସି ନିର୍ଦ୍ଦେଶ ନ ଥିଲା। ପରବର୍ତ୍ତୀ ସମୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ୧୩ ତାରିଖରେ ଅନ୍ୟ ଏକ ନୋଟିସରେ ଏହି ଆବେଦନ ତାରିଖ ପରିବର୍ତ୍ତନ କରାଯାଇ ୧୬ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ଜାନୁୟାରୀ ୧୪ ଓ ୧୫ ତାରିଖ ସରକାରୀ ଛୁଟିଦିନ ଥିବାରୁ ୧୬ ତାରିଖ ସୁଦ୍ଧା ଗୋଟିଏ ଦିନରେ ସମସ୍ତ ଅଧିକାରୀଙ୍କଠାରୁ ଏନ୍‌ଓସି ଆଣିବା କେତେକ ଆବେଦନକାରୀଙ୍କ ପକ୍ଷରେ ସମ୍ଭବ ନ ଥିଲା। ଆବେଦନ ଶେଷ ପରେ କେଉଁ ଆଧାରରେ ଏନ୍‌ଓସି ଲାଗି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ବାହାରିଲା। ଏନ୍‌ଓସି ସଂଲଗ୍ନ କରି ନ ଥିବା ପ୍ରାର୍ଥୀଙ୍କ ଆବେଦନ କାଏମ ରଖିଥିବା ଲାଗି ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ କିଶୋର ଭୂୟାଁ କହିଛନ୍ତି ଆବେଦନ ପ୍ରକ୍ରିୟାରେ କୌଣସି ବେନିୟମ ହୋଇନାହିଁ।

# 'ଶିକ୍ଷା ସହ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡ଼ିତ'



## ପଞ୍ଚସଖା ହାଇସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ

ତିର୍ତ୍ତୋଲ, ୧୯।୧ (ଡି.ଏନ.ଏ.)

କ୍ରୀଡ଼ା ସୁସ୍ଥ ଶରୀର ଗଠନ କରିବାରେ ସହାୟକ ହୋଇଥାଏ। ସୁସ୍ଥ ଶରୀରେ ସୁସ୍ଥ ମାନସିକ ଶକ୍ତି ଉତ୍ପନ୍ନ କରିଥାଏ। ଯାହା ଶିକ୍ଷା ଆହରଣ ଲାଗି ଉତ୍ତମ ପରିବେଶ ସୃଷ୍ଟି କରିଥାଏ। ତେଣୁ ବିଦ୍ୟାଳୟରେ ଶିକ୍ଷା ସହ କ୍ରୀଡା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ବକ୍ତାମାନେ କହିଥିଲେ। ଜଗତ୍‌ସିଂହପୁର ଜିଲା ପିପ୍ପଳମାଧବ ପଞ୍ଚାୟତ ଦିଘିସ୍ଥିତ ପଞ୍ଚଶଖା ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବରେ ଉପରୋକ୍ତ ମତପ୍ରକାଶ ପାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରଶାନ୍ତ କୁମାର ଓଝା, ଶ୍ରୀଧର ସେଠୀ, ସରସ୍ୱତୀ ନନ୍ଦ, ଶ୍ରଦ୍ଧାଞ୍ଜଳି ମହାପାତ୍ର, ପ୍ରତି ମଞ୍ଜରୀ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବାର୍ଷିକ କ୍ରୀଡା, ବିଦ୍ୟାଳୟର ଖେଳ ଶିକ୍ଷକ ବିକାଶ କୁମାର ବେହେରା ପରିଚାଳନା କରିଥିଲେ। ସଭା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାସ୍ତାରୁ ହଟୁନି ବିଦ୍ୟୁତ୍ ଖୁଣ୍ଟ, ଚାଲିଛି ନିର୍ମାଣ କାର୍ଯ୍ୟ

ନାଉଗାଁ,୧୯।୧(ସ୍ୱ.ପ୍ର.):



■ ସୂଚନା ଫଳକ ଲଗାଯାଇନି

■ ୨ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ

ନାଉଗାଁ ବ୍ଲକ ଅନ୍ତର୍ଗତ ତେଲସରା–କୋକିଡିହ ପୂର୍ତ୍ତ ବିଭାଗ ରାସ୍ତାର ପୁନଃ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଉକ୍ତ ୧୧ କିମି ରାସ୍ତାର ନିର୍ମାଣ ଓ ସମ୍ପ୍ରସାରଣ ପାଇଁ ବିଭାଗ ପକ୍ଷରୁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଲାଗି କୌଣସି ସୂଚନାଫଳକ ଲଗାଯାଇନାହିଁ। ଏ ନେଇ କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ରାସ୍ତା ସମ୍ପ୍ରସାରଣ କରାଯାଉଥିଲେ ମଧ୍ୟ ରାସ୍ତା ମଧ୍ୟରେ ବିଦ୍ୟୁତ୍ ଖୁଣ୍ଟ ରହିଥିବା ଜଣାପଡ଼ିଛି। ଏହାଦ୍ୱାରା ଯାନବାହନ ଯାତାୟାତ ସମୟରେ ଅସୁବିଧା ହୋଇ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ନିୟମାନୁସାରେ ରାସ୍ତା ନିର୍ମାଣ ପୂର୍ବରୁ ଉକ୍ତ ବିଦ୍ୟୁତ୍ ଖୁଣ୍ଟ ହଟାଯାଇ ରାସ୍ତା ନିର୍ମାଣ କରାଯିବା କଥା। କିନ୍ତୁ ବିଦ୍ୟୁତ୍ ଓ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏ ପର୍ଯ୍ୟନ୍ତ ଖୁଣ୍ଟ ହଟାଯିବା ନେଇ କୌଣସି ବ୍ୟବସ୍ଥା କରାଯାଇନାହିଁ।

ସରକାରୀ ନିୟମ ଅନୁଯାୟୀ, ରାସ୍ତା ନିର୍ମାଣ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ବିଦ୍ୟୁତ ବିଭାଗକୁ ରାସ୍ତାରୁ ଖୁଣ୍ଟ ହଟାଇବା ପାଇଁ ଚିଠି କରାଯିବ। ଏହି ଚିଠି ଅନୁସାରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଖୁଣ୍ଟ ହଟାଇବା ପାଇଁ କେତେ ଅର୍ଥ ବ୍ୟୟ କରାଯିବ ସେଥିପାଇଁ ବ୍ୟୟ ଆକଳନ କରାଯାଇ ପୂର୍ତ୍ତ ବିଭାଗକୁ ପଠାଯିବ। ଏହି ଅନୁସାରେ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ଅର୍ଥ ବିଦ୍ୟୁତ୍ ବିଭାଗକୁ ପୈଠ କରାଯିବ। ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଖୁଣ୍ଟ ହଟାଇବା ପାଇଁ ବିଧିବଦ୍ଧ ବ୍ୟବସ୍ଥା ହେବ। କିନ୍ତୁ ଏ ନେଇ କୌଣସି ପଦକ୍ଷେପ ନିଆ ନ ଯାଇ ୩ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଥାଇ ରାସ୍ତା ନିର୍ମାଣ କରାଯାଇଛି। ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ବଳରାମ ସ୍ୱାଇଁ କହିଛନ୍ତି, ଖୁଣ୍ଟ ଉଠାଇବା ପାଇଁ ବିଦ୍ୟୁତ୍ ବିଭାଗକୁ ବ୍ୟୟ ଆକଳନ ପାଇଁ ଚିଠି କରାଯାଇଛି। ଏହା ଆସିବା ପରେ ପରବର୍ତ୍ତୀ ବ୍ୟବସ୍ଥା କରାଯିବ। ସେହିପରି ଟାଟା ପାୱାରର ନାଉଗାଁ ଶାଖା ଲିଡ ମ୍ୟାନେଜର ଦୀପକ ଭୂୟାଁ କହିଛନ୍ତି, ଦୁଇଦିନ ହେବ ପୂର୍ତ୍ତ ବିଭାଗର ଚିଠି ହସ୍ତଗତ ହୋଇଛି। ଖୁବ୍‌ଶୀଘ୍ର ବ୍ୟୟ ଆକଳନ କରାଯାଇ ବିଭାଗକୁ ପଠାଯିବ।

## ସଂକ୍ଷେପରେ

### ଉପେନ୍ଦ୍ର ସ୍ମାରକୀ ରକ୍ତଦାନ ଶିବିର

ଗଞ୍ଜାମ,୧୯।୧(ଡି.ଏନ.ଏ.): ଗଞ୍ଜାମ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଯୁବ ସଙ୍ଗଠନ ୟୁଥ୍ ଫର୍ ଭିଲେଜ୍ ପକ୍ଷରୁ ସଦସ୍ୟ ସ୍ୱର୍ଗତ କେ ଉପେନ୍ଦ୍ର କୁମାର ରେଡ୍ଡୀଙ୍କ ସ୍ମୃତିରେ ଚତୁର୍ଥ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ୟୁଥ କ୍ଲବ ପ୍ରତିଷ୍ଠାତା ଡି. ଦେବହରି ରେଡିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ପ୍ରେସ କ୍ଲବ ଉପଦେଷ୍ଟା ଉମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଣି ପଞ୍ଚାୟତ ବଡ଼ରାମଚନ୍ଦ୍ରପୁରସ୍ଥିତ ନୀଳକଣ୍ଠେଶ୍ୱର କଲ୍ୟାଣମଣ୍ଡପଠାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକ୍ଷକ ଡ଼ା ସୌମ୍ୟକାନ୍ତ ମହାପାତ୍ର, ଗଞ୍ଜାମ ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ରମ୍ଭା ଥାନା ଉପଆରକ୍ଷୀ ଅଧିକାରୀ ଲିଙ୍ଗରାଜ ସାହୁ, ପୋଇରାସୀ ସରପଞ୍ଚ ରବୀନ୍ଦ୍ରନାଥ ବେହେରା, ଏନ୍ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଆଖଣ୍ଡଳମଣି ବେହେରା, ଦିଗଦର୍ଶନ ଫାଉଣ୍ଡେଶନ ନିର୍ଦ୍ଦେଶିକା ବିଜୟଲକ୍ଷ୍ମୀ ମହାକୁଡ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରହ୍ମପୁର ଏମକେସିଜି ରକ୍ତଭଣ୍ଡାର ପ୍ରଦୀପ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ରକ୍ତ ଭଣ୍ଡାର କର୍ମଚାରୀ ୫୭ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଦୀପକ ସାହୁ, ଚୈତନ୍ୟ ରେଡ଼ି, କୈଳାଶ ସେଠୀ, ସୁନିଲ ସେଠୀ, ଜଗନ୍ନାଥ ସେଠୀ, ବାବୁ ନାହାକ, ଅଶୋକ ବେହେରା, ଦୀପକ ଗୌଡ, ବି ଦେବାଶିଷ ରେଡ଼ି, ଆର୍ ମାଗୁଣି ରେଡ଼ି, ଆର୍ ଗଣେଶ ରେଡ଼ି, ପୂର୍ଣ୍ଣ ଚନ୍ଦ୍ର ଗୌଡ, ଅନିଲ ସେଠୀ, ସିମାଞ୍ଚଳ ମହାପାତ୍ର, ବି ତୋଫାନ ରେଡ଼ି, ରବୀନ୍ଦ୍ର ଗୌଡ, ସ୍ୱାଧୀନ ବେଜ, ମିଥୁନ ଗୌଡ, ମିଟୁ ମହାପାତ୍ର, ଟୁନା ବେହେରା, ରାଜୀବ ମହାପାତ୍ର ୟୁଥ ଫର ଭିଲେଜର କର୍ମକର୍ତ୍ତା ଓ ସଦସ୍ୟ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ହରଭଙ୍ଗୀ ଡ୍ୟାମ୍ ପରିଦର୍ଶନ

ଆର.ଉଦୟଗିରି,୧୯।୧(ଡି.ଏନ.ଏ.)- ଗଜପତି ଜିଲା ମୋହନା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ମୋହନା ବ୍ଲକରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଏବଂ ଅଭିଭାବକ ଅଡ଼ବା ହରଭଙ୍ଗୀ ଡ୍ୟାମ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତି ଗୋଷ୍ଠୀ ଶିକ୍ଷାଧିକାରୀ କେ. କୁନା ପାତ୍ର ଏବଂ ଅଫିସ୍‌ର ସମସ୍ତ କର୍ମଚାରୀ ଓ ସିଆରସିସିମାନେ ଯୋଗ ଦେଇଥିଲେ। ଏହାକୁ ପରିଚାଳନା କରିଥିଲେ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଭିନ୍ନକ୍ଷମ ବିଭାଗର ବିଆର୍ଆଇ ସୁମନ୍ତ ପ୍ରଧାନ ଓ ପ୍ରକାଶ କୁମାର ସାହୁ। ଏମାନଙ୍କୁ ସହଯୋଗ କରିଥିଲେ ପୋଇପାଣି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କରୁଣାକର ରାଇକା, ସହକାରୀ ଶିକ୍ଷକ ପଲେଇ ସାର ଏବଂ ସମସ୍ତ ଆଇଇଆରଏସ ଓ କାର୍ଯ୍ୟାଳୟର ଅନ୍ୟ ଶିକ୍ଷକମାନେ।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ରମ୍ଭା,୧୯।୧:ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ ଗୋପାଳକୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ସି ଏଚ ସୁଧାକରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମ୍ଭା ଥାନା କର୍ତ୍ତୃପକ୍ଷ ଲିଙ୍ଗରାଜ ସାହୁ ଏବଂ ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ବିଶ୍ୱାଳ ଯୋଗଦେଇ ସାମ୍ପ୍ରତିକ ସମୟରେ ଛାତ୍ରୀ ଆତ୍ମରକ୍ଷାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ଡ଼ଃ ଅନିତା ମିଶ୍ର ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମର ବିଭିନ୍ନ ଦିଗ ଉପରେ ସକରାତ୍ମକ ଆଲୋକପାତ କରିଥିଲେ। ସମାଜରେ ନାରୀ ସୁରକ୍ଷାର ଅତ୍ୟନ୍ତ ଆବଶ୍ୟକ ବୋଲି ସୂଚାଇଥିଲେ। ଅଧାପକ ରବୀନ୍ଦ୍ର ନାଥ ଜେନା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷିକା ମମତା ବେହେରା, ସଙ୍ଗୀତା କୁମାରୀ ସେଠି ତାଲିମ ପ୍ରଦାନ କରିଛନ୍ତି।

### ସାଧାରଣତନ୍ତ୍ର ଦିବସ ଲାଗି ପ୍ରତିଯୋଗିତା

ଭଞ୍ଜନଗର,୧୯।୧(ଡି.ଏନ.ଏ)-ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସରେ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଗୁରୁବାର ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉପଖଣ୍ଡସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତାଗୁଡ଼ିକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ, ଏବିଇଓ ନେତାଜୀ ବିଷୋୟୀ, ଶଙ୍କର୍ଷଣ ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ ।

# ପାଙ୍ଗା, ବାଲନ୍ଦାପଡ଼ାରେ ଡାକ୍ତର ନ ଥିବାରୁ ଅସନ୍ତୋଷ

**ଫିରିଙ୍ଗିଆ ପଞ୍ଚାୟତ ସମିତି ବୈଠକ**

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୯।୧

ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ୨୦୨୩ର ପ୍ରଥମ ସମିତି ବୈଠକ ଅନୁଷ୍ଠିତ ହୋଇଛି । ବିଡ଼ିଓ ରଶ୍ମିରଞ୍ଜନ ମହନ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। ବନଖଣ୍ଡ ଅଧିକାରୀ ଜଙ୍ଗଲକୁ କିଭଳି ଭାବରେ ରକ୍ଷା କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ । ପାଙ୍ଗା ଏବଂ ବାଲନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଥିବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ କିଛିଦିନ ହେବ ପଞ୍ଚାୟତ କାର୍ଯ୍ୟାଳୟମାନଙ୍କରେ ଚୋରି ହେଉଥିବା ବେଳେ ଗୋଟିଏ ମଧ୍ୟ ଘଟଣାରେ ପୋଲିସ ଚୋରମାନଙ୍କୁ ଧରିବାରେ ସଫଳ ହୋଇନାହିଁ । ପୋଲିସର କାର୍ଯ୍ୟକଳାପ ଉପରେ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରତ୍ୟେକ ପଞ୍ଚାୟତରେ ସିସି ଟିଭି ଲଗେଇବା ପାଇଁ ବ୍ୟବସ୍ଥା କରାଯିବାକୁ ଦାବି ହୋଇଥିଲା। ସେହିପରି ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ତହସିଲଦାରଙ୍କ ମାତ୍ରାଧିକ ହସ୍ତକ୍ଷେପକୁ ନେଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ ହୋଇଥିଲା। ସେହିପରି ପ୍ରାଣୀ ସମ୍ପଦ ବିଭାଗରେ ଖାଲି ଥିବା ପଦବୀ ପୂରଣ କରିବାକୁ ଦାବି ହୋଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ନମିତା କହଁର, ଉପାଧ୍ୟକ୍ଷ ଅଜିତ କୁମାର ସାହୁ, ଜିଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ, ସିଡିପିଓ ହରପ୍ରିୟା ମେହେର, ଜୟଶ୍ରୀ କହଁରଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ । ଜିପିଓ ରବୀନ୍ଦ୍ର ବେହେରା, ଏମଜିଏନଆରଇଜିଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁମନ୍ତ ଉଠାଣ ସିଂ ବୈଠକ ପରିଚାଳନା କରିଥିବା ବେଳେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଣବ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଜନ ପ୍ରତିନିଧି ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ସ୍ମୃତିସଭା

ଦଶପଲ୍ଲା,୧୯।୧(ଡି.ଏନ.ଏ.)

ଦଶପଲ୍ଲା ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ସାହୁଙ୍କ ବିୟୋଗରେ ସାତପାଟଣାସ୍ଥିତ ତାଙ୍କ ବାସଭବନରେ ଗୁରୁବାର ଏକ ସ୍ମୃତିସଭା ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି । ସଂକଳ୍ପ ସାହିତ୍ୟ ଅନୁଷ୍ଠାନର ସଭାପତି ଗୋଲକ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୁପେ ଦଶପଲ୍ଲା ତହସିଲଦାର ଶ୍ରୀକୁମାର ରଥ, ମୁଖ୍ୟବକ୍ତା ରୁପେ ଏନଏସି ଚେୟାରମ୍ୟାନ ଇଓ ପୁନମ ପ୍ରିୟଦର୍ଶନୀ, ସମ୍ମାନନୀୟ ଅତିଥି ରୁପେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା , ସାମାଜିକ କର୍ମୀ ସଜନ କୁମାର ରାୟ , ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, କିଶୋର ଦଳବେହେରା ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସାହୁ ଙ୍କ ଗୁଣାବଳୀ ଉପରେ ଉଦ୍‌ବୋଧନ ଦେଇଥିଲେ । ଦଶପଲ୍ଲା ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ହରାଇଲା ବୋଲି ମତବ୍ୟକ୍ତ କରିଥିଲେ । ସଂକଳ୍ପ ସାହିତ୍ୟ ଅନୁଷ୍ଠାନର ସମ୍ପାଦକ ତଥା ସାମ୍ବାଦିକ ପ୍ରକାଶ କୁମାର ପାଣି ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ମୃତିସଭାରେ ଯୋଗଦେଇଥିବା ଅତିଥି ।

# ପଥରକୁ ପଥରରେ ପିଟିଲେ ଘଣ୍ଟ ଶବ୍ଦ ଶୁଭେ

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଟିଣ୍ଡିବାଲି ପାହାଡ଼

ଦାରିଙ୍ଗବାଡ଼ି,୧୯।୧(ଡି.ଏନ୍.ଏ.)

ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ପର୍ଯ୍ୟଟନ କ୍ଷେତ୍ର ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ପସନ୍ଦ ପାଲଟିଛି। ଏଠାରେ ଥିବା ମିଡ଼ିୟୁବାନ୍ଧା ଜଳପ୍ରପାତ, ନେଚର ଲଭର୍ସ ପଏଣ୍ଟ, ପାଟାବାନ୍ଧା ଜଳପ୍ରପାତ, ଶାନ୍ତି ଉପତ୍ୟକା, କଫି ବଗିଚା ଆଦିରେ ଭିଡ଼ ଜମୁଛି। ଏହାବାଦ୍ ଏଭଳି ଏକ ପାହାଡ଼ ପର୍ଯ୍ୟଟକଙ୍କ ନଜରକୁ ଆସିଛି, ଯାହା କେବଳ ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ନିକଟରେ ଇତିହାସ ହୋଇ ରହିଛି। ପାହାଡ଼ରେ ଥିବା ଏକ ପଥରରେ ପଥର ପିଟିଲେ ଘଣ୍ଟ ଶବ୍ଦ ଶୁଣାଯାଉଛି।

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତ ପାଟାଙ୍ଗି ଗ୍ରାମଠାରୁ ପ୍ରାୟ ୨ କି.ମି. ଜଙ୍ଗଲ ଦେଇ ଗଲେ ଟିଣ୍ଡିବାଲି ପାହାଡ଼ ଉପରେ ପହଞ୍ଚିବ। ଜନଜାତିଙ୍କ କୁଇ ଭାଷାରେ ଟିଣ୍ଡିବାଲିର ଓଡ଼ିଆ ଅର୍ଥ ହେଉଛି ଘଣ୍ଟ ପଥର। ଉକ୍ତ ପାହାଡ଼ରେ ଥିବା ଏକ ପଥର ଉପରେ ପ୍ରାୟ ୫ରୁ ୭ ଫୁଟ ଲମ୍ବର ଅନ୍ୟ ଏକ ପଥର ରହିଛି। ଉକ୍ତ ପଥରକୁ ଅଲଗା ପଥରରେ ପିଟିଲେ ଘଣ୍ଟ ବାଜିବା ଭଳି ଶବ୍ଦ ଶୁଣାଯାଉଛି। ଗାଁର ଗାଈଗୋରୁ, ଛେଳି ଆଦି ସେହି ପାହାଡ଼କୁ ଚରିବାକୁ ଯାଆନ୍ତି। ଗ୍ରାମବାସୀ ପାଳି ଅନୁସାରେ ଗାଁର ସମସ୍ତଙ୍କ ଗୋରୁ, ଛେଳି ଆଦି ସେଠାକୁ ଚରେଇବାକୁ ନିଅନ୍ତି। ସେମାନେ ପଥରକୁ ଘଣ୍ଟ ଭଳି ବ୍ୟବହାର କରି ଜଙ୍ଗଲରେ ସୁରକ୍ଷିତ ରହିଥିବା ପାହାଡ଼ ତଳେ ଥିବା ଗ୍ରାମବାସୀଙ୍କୁ ଜଣାଇଥାନ୍ତି। ପୁଣି ଗାଈ, ବଳଦ, ଛେଳି ଧରି ଫେରିବା ବେଳେ ଆଉଥରେ ପଥରକୁ ପିଟି ଶବ୍ଦ କରନ୍ତି । ଗାଁ ଲୋକେ ୨ କି.ମି. ଦୂରରେ ଥାଇ ମଧ୍ୟ ଉକ୍ତ ଶବ୍ଦ ଶୁଣିପାରନ୍ତି। ଏବେ ସେହି ପଥରକୁ ଦେଖିବା ଏବଂ ଶବ୍ଦ ଶୁଣିବାକୁ ପର୍ଯ୍ୟଟକମାନେ ଆସୁଥିବା ଗ୍ରାମବାସୀ କହିଛନ୍ତି। ଉକ୍ତ ପଥରର ସୁରକ୍ଷା ଓ ପାହାଡ଼କୁ ପାଦଚଲା ରାସ୍ତାଟିଏ କରିବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।



ଜଣେ ପର୍ଯ୍ୟଟକ ପଥରକୁ ପଥରରେ ପିଟୁଛନ୍ତି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଜି.ଉଦୟଗିରି,୧୯।୧(ଡି.ଏନ.ଏ.)

ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ସୁଧାଂଶୁ ଶେଖର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର ମୁଖ୍ୟଅତିଥି, ଅଧାପିକା ସୁପ୍ରିୟା ମହାନ୍ତି, ସମ୍ମାନିତ ଅତିଥି ଓ ଅଧାପକ ଡଃ ନଳିନୀ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଂପ୍ରତିକ ସମାଜରେ ଝିଅମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ପ୍ରତିରୋଧ ପାଇଁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ପ୍ରଦାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଯୁକ୍ତ ୩ ଶ୍ରେଣୀ ଛାତ୍ରୀ ସୁରୁଚି ପ୍ରଧାନ, ସ୍ୱାତିଷ୍ଠା କହଁର, ଦାମିନୀ ପ୍ରଧାନ ଓ ନିହାରିକା ପ୍ରଧାନ ୮ ଦିନ ବ୍ୟାପୀ ତାଲିମ୍ ପ୍ରଦାନ କରିଥିଲେ। ଶେଷରେ ସଂଯୋଜିକା ଅଧାପିକା ଅନିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲା କାୟାକଳ୍ପ ଟିମ୍

ଆର.ଉଦୟଗିରି,୧୯।୧(ଡି.ଏନ.ଏ.)

ବୁଧବାର ଗଜପତି ଜିଲା ମୋହନା, ଚନ୍ଦ୍ରଗିରି ଏବଂ ମଙ୍ଗଳବାର ଆର.ଉଦୟଗିରି ଓ ଖଜୁରିପଦାରେ କାୟାକଳ୍ପ ବିଭାଗର ତିନିଜଣିଆ ଟିମ ପହଞ୍ଚି ପରିଦର୍ଶନ କରିଥିଲେ। କାୟାକଳ୍ପ ଟିମର ଡ. ହେମନ୍ତ କୁମାର ଦାସ, ସମ୍ବିତ କୁମାର ବେହେରା ଓ ମୃତ୍ୟୁଞ୍ଜୟ ରଥଙ୍କ ସମେତ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୌମ୍ୟା ଗୌଡ ପ୍ରମୁଖ ଗସ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି, ବିଭିନ୍ନ ଆନୁଷଙ୍ଗିକ ସୁବିଧା, ରୋଗୀ ଶଯ୍ୟା, ଶୌଚାଳୟ, ଆବଶ୍ୟକ ଡାକ୍ତର ଓ ମେଡିକାଲ ପରିବେଶ ଆଦିର ଯାଞ୍ଚ ପରେ ମେଡିକାଲର ମାନ ନିର୍ଦ୍ଧାରଣ ଅନୁଯାୟୀ ବିକାଶମୂଳକ କାର୍ଯ୍ୟ ପାଇଁ ମଞ୍ଜୁର ହେବ। ଗତବର୍ଷ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟରେ ପଞ୍ଚମ ସ୍ଥାନରେ ରହିଥିଲା। ଏହା ସହ ଇକୋଫ୍ରେଣ୍ଡ୍‌ଲିରେ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିଲା। ତେବେ ଚଳିତବର୍ଷ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଟି ରାଜ୍ୟରେ ପ୍ରଥମ ସ୍ଥାନ ଗ୍ରହଣ କରିବ ବୋଲି ଆଶା ବାନ୍ଧିଛନ୍ତି। କାୟାକଳ୍ପ ଟିମଙ୍କ ପରିଦର୍ଶନ ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଅଧିକାରୀ, କର୍ମଚାରୀ ଦାୟିତ୍ୱରେ ଥିବା ମେଡିକାଲ ଅଫିସର ଉପସ୍ଥିତ ରହି ସହଯୋଗ କରିଥିଲେ। କାୟାକଳ୍ପ ଟିମ ପରିଦର୍ଶନକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ଆନୁଷଙ୍ଗିକ ସୁବିଧା ସହ ନାନା ପ୍ରକାର ସୁନ୍ଦର ସାଜସଜ୍ଜା କରାଯାଇଥିଲା।



କାୟାକଳ୍ପ ଟିମ ସହ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ କର୍ମଚାରୀ।

# କିଶୋରୀ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବୁଗୁଡ଼ା,୧୯।୧(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ଆଞ୍ଚଳିକ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ କିଶୋରୀ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିପଦର ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସମାଜସେବିକା ଡି.ପ୍ରଜ୍ଞାଶ୍ରୀ ଆଚାରୀ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ପ୍ରଧାନ, ଅଧ୍ୟାପିକା ସୁଜାତା କୁମାରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ସହ ସ୍ୱଚ୍ଛତା ରକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ନାପକିନ୍ ବଣ୍ଟନ କରାଯାଇଥିଲା। ଶେଷରେ ଅଧ୍ୟାପିକା ସ୍ମିତାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମାଞ୍ଚଳରେ ରାଜସ୍ୱ ଅଦାଲତ ଶିବିର

ଜି.ଉଦୟଗିରି,୧୯।୧(ଡି.ଏନ.ଏ.)

ରାଜସ୍ୱ ବିଭାଗ ତରଫରୁ ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଇଁ କିସମ ପରିବର୍ତ୍ତନ, ଭାଗ ବଣ୍ଟନ, ଖାତା ପରିବର୍ତ୍ତନକୁ ସହଜ ସରଳ କରିବା ପାଇଁ ଗ୍ରାମାଞ୍ଚଳରେ ଜି.ଉଦୟଗିରି ତହସିଲ ତରଫରୁ ରାଜସ୍ୱ ଅଦାଲତ ଶିବିର ଅନୁଷ୍ଠିତ ହେଉଛି। ଏହି କ୍ରମରେ ଗୁରୁବାର ଜି.ଉଦୟଗିରି ନିକଟସ୍ଥ ଜଡାଙ୍ଗବାଲିଠାରେ ଅନୁଷ୍ଠିତ ହେଇଛି ରାଜସ୍ୱ ଅଦାଲତ ଶିବିର। ଏହି ଶିବିରରେ ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ, ଆରଆଇ ବୁଦ୍ଧଦେବ ବେହେରା, ଏଆରଆଇ ପ୍ରଜ୍ଞା କୁମାରୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ ରାଜସ୍ୱ ଆଇନ ସମ୍ପର୍କରେ ସଚେତନ କରିବା ସହିତ ଜନସାଧାରଣଙ୍କ ସମସ୍ୟା ଶୁଣି ସମାଧାନ ରାସ୍ତା ବାହାର କରିଥିଲେ। ଶିବିରରେ ଉଦେସନ ପ୍ରଧାନ, ଯସିତ ପ୍ରଧାନ, ବାଲକ୍ରିଷ୍ଣ ପ୍ରଧାନଙ୍କ ସହିତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।

# ସାମାଜିକ ନାଟକ ଉଦ୍‌ଘାଟନ କରି ବିବାଦରେ ବିଧାୟିକା



ବିଦ୍ୟାଳୟ ଫାଟକରେ ଲଗାଯାଇଥିବା ନାଟକ ପୋଷ୍ଟର।

ବେଗୁନିଆପଡ଼ା,୧୯।୧

ସରକାର କୋଟି କୋଟି ଟଙ୍କା ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରୁଛନ୍ତି। ବିଦ୍ୟାଳୟଗୁଡ଼ିକ ପରିଚାଳନା ପାଇଁ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ମଧ୍ୟ ପ୍ରଚଳନ କରିଛନ୍ତି। ତେବେ ଖୋଦ୍ ସରକାରୀ ଦଳର ନେତାମାନେ ଖୋଲାଖୋଲି ଶିକ୍ଷା ଆଇନର ଧଜିଆ ଉଡ଼ାଇବାକୁ ପଛାଉ ନଥିବା ଅଭିଯୋଗ କରିଛି ଭାଜପା। ସୂଚନାନୁଯାୟୀ ବୁଧବାର କୋଦଳା ନିକଟସ୍ଥ ମର୍ଦ୍ଦମେଖ ସରକାରୀ ହାଇସ୍କୁଲ ପରିସରରେ ଏକ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଏହି ନାଟକ ଉଦ୍‌ଘାଟନ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ମଧ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତେବେ ବିଦ୍ୟାଳୟ ପରିସରରେ ବେସରକାରୀ ଅନୁଷ୍ଠାନ ପକ୍ଷରୁ କୌଣସି କାର୍ଯ୍ୟକ୍ରମ କରିବା ପାଇଁ ବାରଣ ଥିବା ବେଳେ କିଏ ଅନୁମତି ଦେଲା ତାକୁ ନେଇ ପ୍ରଶ୍ନ କରିଛନ୍ତି ଭାଜପା ଉପସଭାପତି ଅନୀତା ଶୁଭଦର୍ଶନୀ। ଏନେଇ ମେଲ୍ ଯୋଗେ ଗଞ୍ଜାମ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସହ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ସହ ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସେପଟେ ଏନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ବେହେରାଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଅଜାଣତରେ ନାଟକ ହୋଇଥିବା ଏବଂ ଏଥିପାଇଁ କେହି ତାଙ୍କୁ ପଚାରି ନଥିବା ସେ କହିଛନ୍ତି। ଅନ୍ୟପଟେ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି।

# ବଣିକ ସଂଘ ପକ୍ଷରୁ ରକ୍ତଦାନ ଶିବିର





ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟ।

ରାଇକିଆ,୧୯।୧(ଡି.ଏନ୍.ଏ.)

ରାଇକିଆ ବଣିକ ସଂଘ ତରଫରୁ ଏକ ମେଗା ରକ୍ତଦାନ ଶିବିର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗୀତାଞ୍ଜଳୀ ନାୟକ, ଜିଲାପରିଷଦ ସଭ୍ୟ ସତ୍ୟବାନ ପାତ୍ର ଏଥିରେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ବଣିକ ସଂଘ ସଦସ୍ୟଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ବ୍ୟକ୍ତି ବିଶେଷ, ଛାତ୍ରୀଛାତ୍ର ଯୋଗଦେଇ ରକ୍ତଦାନ କରିଥିଲେ । ମୋଟ ୯୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଫୁଲବାଣୀ ରକ୍ତ ଭଣ୍ଡାରର ଅଫିସର୍ ଜୟଦୀପ କୁମାର ଘୋଷ, ଲ୍ୟାବ ଟେକ୍ନିସିଆନ ଶ୍ରୀକାନ୍ତ ସାହୁ, ଦୀନକୃଷ୍ଣ ମହନ୍ତ, ସୁଜିତ୍ ସାହୁ, ବରୁଣ ବେହେରା ଶିବିର ପରିଚାଳନା କରିଥିଲେ । ରାଇକିଆ ବିଡ଼ିଓ ଶରତ ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସଂଘ ସଭାପତି ପଦ୍ମଚରଣ ପଣ୍ଡା, ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା, ସହ ସଂପାଦକ ଶ୍ରୀନିବାସ ଆଚାରୀ, ସଂଗଠନ ସମ୍ପାଦକ ରାମକୃଷ୍ଣ ବେହେରା, ଉପସଭାପତି ତ୍ରିପତି ସୁବୁଦ୍ଧି, ପ୍ରତାପ ଜେନା, କୋଷାଧ୍ୟକ୍ଷ ବାଲ୍ମୀକି ପତିଙ୍କ ସମେତ ସଂଘର କର୍ମକର୍ତ୍ତା, ସଦସ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମଣ୍ଡି ସମସ୍ୟା: ନବନିର୍ମାଣ କୃଷକ ସଂଗଠନର ବିକ୍ଷୋଭ

ଛତ୍ରପୁର,୧୯।୧(ଡି.ଏନ୍.ଏ.)

ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାରେ ମଧ୍ୟ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଅତିରିକ୍ତ ଜିଲାପାଳ ଲିନା କୁମାରି ଖେସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଜିଲାରେ ମଣ୍ଡି ଖୋଲିବାର ମାସେ ବିତି ଯାଇଥିଲେ ସୁଦ୍ଧା ଅଧା ଚାଷୀଙ୍କ ଧାନକିଣା ଯାଇ ନାହିଁ । ବିଭିନ୍ନ ମଣ୍ଡିରେ ମିଲରମାନେ କଟନି ଛଟନି ନାମରେ କୁଇଣ୍ଟାଲ ପ୍ରତି ୧୦ କେଜି ଧାନ କାଟି ନେଉଥିବା ବେଳେ ଏଫ ଏ କ୍ୟୁର ମାନ ଆଳରେ ହଇରାଣ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏସବୁ ସମସ୍ୟା ସମାଧାନ ସହ ଅଖା ପଇସା ଏବଂ ଟୋକନ ଅବଧି ବୃଦ୍ଧି କରାନ ଗଲେ ରାଜରାସ୍ତା ଅବରୋଧ କରିବେ ବୋଲି ଚାଷୀନେତାମାନେ ଚେତାବନୀ ଦେଇଛନ୍ତି। ବିକ୍ଷୋଭରେ ଜିଲା ସଂଯୋଜକ ସଦସ୍ୟ ରମେଶ କର, ଇଜ୍ଜୁ ମିନ ଖାନ, ଭାଗିରଥୀ ବେହେରା, ରଙ୍ଗନାଥ ପାତ୍ର , କିଶୋର ଚନ୍ଦ୍ର ସାହୁ, ନାଗେଶ୍ୱର ଚାନ୍ଦ ଓ ମହେଶ ଗୌଡ ପ୍ରମୁଖ ସାମିଲ ଥିଲେ ।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ୨ ପରିବାରରେ ଗଣ୍ଡଗୋଳ, ୪ ଗିରଫ

ଧର୍ମଶାଳା,୧୯।୧(ଡି.ଏନ.ଏ.): ଜେନାପୁର ଥାନା ଅନ୍ତର୍ଗତ ଡଙ୍କାରୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଘଟିଥିବା ମାରପିଟ ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଡଙ୍କାରୀ ଗ୍ରାମର କୀର୍ତ୍ତନ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ନଂ.୨୨/୨୩ ଓ ପ୍ରମିଳା ଦାସଙ୍କ ଅଭିଯୋଗ କ୍ରମେ ନଂ.୨୩/୨୩ରେ ୨ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ସନ୍ଧ୍ୟାରେ ଘଟିଥିବା ଗଣ୍ଡଗୋଳରେ ଉଭୟ ପରିବାରର ୬ ଜଣ ଆହତ ହୋଇଥିଲେ। ପୋଲିସ ଗୋଟିଏ ଗୋଷ୍ଠୀର ସୁର ଦାଶ ଓ ଅନ୍ୟ ଗୋଷ୍ଠୀର ଅନୁଆ ସାହୁ, କୀର୍ତ୍ତନ ସାହୁ ଓ ଚନ୍ଦନ ସାହୁଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ନର୍ସ, ଆଟେଣ୍ଡାଣ୍ଟଙ୍କୁ ମହିଳା ଡାକ୍ତର ମାଡ଼ ମାରିଲେ
#### ପ୍ରତିବାଦରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

କଟକ ଅଫିସ,୧୯।୧: ଏସ୍‌ସିବି ମେଡିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗର ଲେବର ରୁମ୍‌ରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ଡାକ୍ତର କାର୍ଯ୍ୟରତ ଜଣେ ନର୍ସ ଓ ଜଣେ ଆଟେଣ୍ଡାଣ୍ଟଙ୍କୁ ମାଡ଼ ମାରିବା ନେଇ ଏସ୍‌ସିବି ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ନିକଟରେ ଅଭିଯୋଗ ହୋଇଛି। ଏଭଳି ଘଟଣାର ପ୍ରତିବାଦରେ ନର୍ସମାନେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ସମ୍ପୃକ୍ତା ମହିଳା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଧୀକ୍ଷକ ଧାରଣାସ୍ଥଳରେ ପହଞ୍ଚିବା ପରେ ସେମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅଧୀକ୍ଷକ ଦାବିପତ୍ର ଗ୍ରହଣ କରିବା ସହ ଘଟଣା ସମ୍ପର୍କରେ ବୁଝିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଲେବର ରୁମ୍‌ରେ ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ଜଣେ ମହିଳାଙ୍କ ପ୍ରସବ ହୋଇଥିଲା। ହେଲେ ନବଜାତ ଶିଶୁ ନିମନ୍ତେ ଆବଶ୍ୟକ ହେଉଥିବା ତ୍ୱରିତ ଚିକିତ୍ସା ସେବା, ଯନ୍ତ୍ର ପାଇଁ ମହିଳା ଡାକ୍ତର ଜଣକ ନର୍ସ ଓ ଆଟେଣ୍ଡାଣ୍ଟଙ୍କୁ ତାଗିଦ୍ କରିଥିଲେ। ତୁରନ୍ତ ଆବଶ୍ୟକ ସେବା, ଯନ୍ତ୍ର ଯୋଗାଇବାରେ ବିଳମ୍ବ ହେବାରୁ ମହିଳା ଡାକ୍ତର ଜଣକ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ନର୍ସ ଓ ଆଟେଣ୍ଡାଣ୍ଟଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ଧାରଣାରେ ବସିଥିଲେ।

# ୨୬ ରୁ ୧୯ ପଞ୍ଚାୟତରେ ଗରିବ ନାହାନ୍ତି

### ଯାଜପୁର ଜିଲ୍ଲାରେ ଆବାସ ତାଲିକା
■ ଯାଜପୁର ବ୍ଲକରେ ମାତ୍ର ୧୦୧ ହିତାଧିକାରୀ

ଯାଜପୁର ଅଫିସ,୧୯।୧: ଖୁସିର ଖବର ଯାଜପୁର ଜିଲା ସଦର ବ୍ଲକରେ ଗରିବ ଲୋକଙ୍କ ସଂଖ୍ୟା କମିଛି। ଏହି ବ୍ଲକରେ କୁଡିଆ କିମ୍ବା ମାଟି ଘରେ ରହୁଥିବା ଲୋକଙ୍କ ସଂଖ୍ୟା ବହୁତ କମ। ବ୍ଲକର ସମୁଦାୟ ୨୬ରୁ ମାତ୍ର ୭ ଗ୍ରାମ ପଞ୍ଚାୟତର ୧୦୧ ଜଣ କଚ୍ଚା ଘରେ ବସବାସ କରୁଥିବା ଗରିବ ଲୋକ ଅଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ତାଲିକାରୁ ଏହା ସ୍ପଷ୍ଟ ହୋଇଛି। ଜିଲାର ଅନ୍ୟ ବ୍ଲକଗୁଡିକରେ ୨ ହଜାରରୁ ୭ ହଜାର ପର୍ଯ୍ୟନ୍ତ ହିତାଧିକାରୀଙ୍କ ଚୟନ କରାଯାଇଥିବାବେଳେ ଏହି ବ୍ଲକରେ ସବୁଠାରୁ କମ ଆବାସ ଘର ମିଳିବ ବୋଲି ତାଲିକାରୁ ଜଣାପଡିଛି। ହେଲେ ବାସ୍ତବରେ ଏହି ବ୍ଲକରେ ୧୦ ହଜାରରୁ ଊର୍ଦ୍ଧ୍ୱ ଗରିବ ପରିବାର ବସବାସ କରୁଥିଲେ ହେଁ ସେମାନଙ୍କୁ ଆବାସ ତାଲିକାରେ ସାମିଲ ନ କରାଯିବା ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏହାବାଦ୍ ଗତ ବନ୍ୟାରେ କଚ୍ଚା ଘର ଭାଙ୍ଗି ଯାଇଥିବାରୁ ମରାମତି କରି ରହୁଥିବା ପରିବାରବର୍ଗ ମଧ୍ୟ ଏହି ତାଲିକାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଯାଜପୁର ନିର୍ବାଚନ ମଣ୍ଡଳୀ ଚୟନ ପ୍ରକ୍ରିୟାରେ ଏଭଳି ଅନିୟମିତତା ସମସ୍ତଙ୍କୁ ଆଚମ୍ବିତ କରିଛି।


ଆବାସ ତାଲିକାରେ ନାମ ନ ଥିବା ଜଣେ ବ୍ୟକ୍ତିଙ୍କ ଘର।

ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ସର୍ବହରାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ପ୍ରଣୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଜିଲାରେ ଲକ୍ଷ୍ୟଭ୍ରଷ୍ଟ ହୋଇଛି । ପୂର୍ବରୁ ଜିଲାରେ ଶତାଧିକ ସ୍ୱଚ୍ଛଳ ପରିବାର ଏହି ଯୋଜନାର ଲାଭ ପାଇଥିବା ନଜିର ରହିଛି। ଏପରିକି ମୃତବ୍ୟକ୍ତି, ସରକାରୀ କର୍ମଚାରୀମାନେ ଏହି ଯୋଜନାରେ ଉପକୃତ ହୋଇଛନ୍ତି । ଶାସକ ଦଳର କେତେକ ହିତାଧିକାରୀ ସାଜି ଯୋଜନା ଅନ୍ତର୍ଗତ ଗୃହଗୁଡିକୁ ନିଜ ନିଜ ମଧ୍ୟରେ ବାଣ୍ଟି ନେଇଛନ୍ତି। ଗ୍ରାମୀଣ ଆବାସ ଦୁର୍ନୀତି ସମ୍ପର୍କରେ ବିଶିଷ୍ଟ ସାମାଜିକ କର୍ମୀ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପୂର୍ବତନ ସରପଞ୍ଚ ଏସମ୍ପର୍କରେ ପ୍ରମାଣ ତଥ୍ୟ ସହ ରାଜ୍ୟ ପଞ୍ଚାୟତ ପ୍ରମୁଖ ସଚିବ, ରାଜ୍ୟ ଭିଜିଲାନ୍ସ ବିଭାଗ ଓ ଜିଲାପାଳଙ୍କୁ ଲିଖିତ ଭାବେ ଗତ ୨୦୧୭ରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଉପରେ ଆବଶ୍ୟକ ତଦନ୍ତ କରାଯାଇ ବିହିତ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି। ଅନୁରୂପ ଭାବେ ବର୍ତ୍ତମାନ ହିତାଧିକାରୀ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ସୂଚନା ମିଳିଛି। ଗତ ଡିସେମ୍ବରରେ ଜିଲାର ୧୦ଟି ବ୍ଲକର ୩୩,୫୨୦ ଜଣ ହିତାଧିକାରୀଙ୍କୁ ଚୟନ କରାଯାଇଥିଲା। ଏଥିରେ ବଡ଼ଚଣା ବ୍ଲକରେ ୩୨୦୦, ବରୀରେ ୨୭୫୩, ବିଞ୍ଝାରପୁରରେ ୪୮୫୬, ଦାନଗଦିରେ ୨୮୨୪, ଦଶରଥପୁରରେ ୭୧୨୮, ଧର୍ମଶାଳାରେ ୩୪୯୨, ଯାଜପୁରରେ ୧୦୧, କୋରେଇରେ ୩୪୩୭, ରସୁଲପୁରରେ ୨୮୯୩ ଓ ସୁକିନ୍ଦା ବ୍ଲକରେ ୧୮୩୬ ହିତାଧିକାରୀଙ୍କୁ ଚୟନ ତାଲିକାରେ ସାମିଲ କରାଯାଇଛି। ଏହି ତାଲିକାରେ ଜିଲାର ମୋଟ ୧୭୮୧ ଗ୍ରାମରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଗରିବ ପରିବାର କଚ୍ଚା ଘରେ ବସବାସ କରୁଥିବା କୁହାଯାଉଛି। ତେଣୁ ଏହି ଚୟନ ପ୍ରକ୍ରିୟା ତରବରରେ ହୋଇଥିବା ମନେ ହେଉଛି। ଏ ସମ୍ପର୍କରେ ସର୍ବସାଧାରଣରେ ଅଭିଯୋଗ ଗ୍ରହଣ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକୃତ ହିତାଧିକାରୀମାନେ ଅଭିଯୋଗ କରି ପାରିବେ। ଏଯାଏ ପ୍ରାୟ ୩୫୦ ଜଣ ବିଭିନ୍ନ ପ୍ରକ୍ରିୟାରେ ଅଭିଯୋଗ କରିଥିବା ଜଣାପଡିଛି।

ଏଠାରେ ଯାଜପୁର ବ୍ଲକକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ବ୍ଲକର ବାସୁଦେବପୁର, ବିଚିତ୍ରପୁର, ଜାହାନପୁର, ମାଳଆନନ୍ଦପୁର, ସାନସୁଆର, ସାହାସପୁର ଓ ସିମିଲିଆ ପଞ୍ଚାୟତବାସୀ କେବଳ ଆବାସ ଯୋଜନାରେ ଘର ପାଇବେ ବୋଲି ତାଲିକାରେ ଦର୍ଶାଯାଇଛି। ବାକି ୧୯ଟି ପଞ୍ଚାୟତବାସୀ ତଥା ବଡସୁଆଁର, ବେରୁଦା, ଭୁବନେଶ୍ୱରପୁର, ଭୁଇଁପୁର, ଚଇନପୁର, ଛତିଶଦେବିଲ, ଏରବାଙ୍ଗ, ଝାଲପଡା, ଖଇରାବାଦ, ଜାଫରପୁର, ମହେଶ୍ୱରପୁର, ମକରନ୍ଦପୁର, ନାଥସାହି, ପଣସା, ରୁଦ୍ରପୁର, ଶ୍ୟାମଦାସପୁର, ସୁଜନପୁର, ଉପରବରୁହାଁ ଓ ଜାମଧରପୁର ପଞ୍ଚାୟତର କୌଣସି ଗରିବ ହିତାଧିକାରୀଙ୍କୁ ଏହି ତାଲିକାରେ ସାମିଲ କରାଯାଇନାହିଁ। ଏଠାରେ ଯାଜପୁର ବ୍ଲକ ଏରବାଙ୍ଗ ପଞ୍ଚାୟତର କୈଳାସ ଚନ୍ଦ୍ର ମଲିକଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ସେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ଏବଂ ଏନେଇ ୫।୮।୨୦୨୨ରେ ତଦନ୍ତ କରିବାକୁ ଯାଜପୁର ମଣ୍ଡଳ ଉନ୍ନୟନ ଅଧିକାରୀ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ଉକ୍ତ ରିପୋର୍ଟରେ କୈଳାସ ଏକ ରାଜମିସ୍ତ୍ରୀ ଭାବେ କାମ କରନ୍ତି ଏବଂ ତାଙ୍କର ନିର୍ମାଣ ଶ୍ରମିକ ପ୍ରମାଣପତ୍ର ରହିଛି। ତାଙ୍କର ଏକ ବଖରା ଚାଳ ଘର ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଥିଲା। କିନ୍ତୁ ଏହି ତାଲିକାରେ ତାଙ୍କର ନାମ ନାହିଁ।

ଏ ସଂକ୍ରାନ୍ତରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରାଙ୍କୁ ପଚାରିବାରୁ ସେ କହିଛନ୍ତି,ଆବେଦନ ଅନୁଯାୟୀ ତାଲିକା ପ୍ରସ୍ତୁତ କରାଯାଇଛି। ଯେଉଁମାନଙ୍କ ତାଲିକାରେ ନାମ ନାହିଁ ସେମାନେ ଅଭିଯୋଗ କରି ପାରିବେ।

### ବସ୍ ଓଲଟିଲା, ୩୦ ଊର୍ଦ୍ଧ୍ୱ ଶ୍ରମିକ ଗୁରୁତର

ରାଜକନିକା, ୧୯।୧(ଡି.ଏନ.ଏ.): କଟକ-ଚାନ୍ଦବାଲି ରାଜ୍ୟ ରାଜପଥର କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଗଞ୍ଜା ନିକଟରେ ଗୁରୁବାର ସକାଳେ ଏକ ଘରୋଇ ବସ୍ ଓଲଟିଛି। ଏହି ବସ୍‌ରେ ଥିବା ୪୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ ୩୦ ଆହତ ହୋଇଛି। ୩ ଜଣ ଗୁରୁତରଙ୍କୁ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଛି। ୧୮ଜଣ ଆହତଙ୍କୁ ସ୍ଥାନୀୟ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଅବଶିଷ୍ଟ ସାମାନ୍ୟ ଆହତ ହୋଇଛନ୍ତି। ରାଜକନିକା ଓ ଆଳି ଅଞ୍ଚଳରେ ସିଏନ୍‌ଜି ଗ୍ୟାସ୍ ପାଇପ ଲାଇନ ବିଛାଯାଉଛି। ଏହି କାର୍ଯ୍ୟକୁ କାର୍‌ଟେକ୍ ଇଣ୍ଟରନ୍ୟାଶନାଲ କମ୍ପାନୀ ଠିକାରେ ନେଇଛି। କମ୍ପାନୀର ନିର୍ମାଣ ଶ୍ରମିକଙ୍କୁ ରାଜକନିକାରୁ ଆଳି ଅଞ୍ଚଳକୁ ଦୟାଳ ନାମକ ଏକ ଘରୋଇ ବସ୍ (ଓଆର ୦୫ ଜି ୧୮୮୨) ମାଧ୍ୟମରେ ନିଆଯାଉଥିଲା। ଗଞ୍ଜା ନିକଟରେ କୌଣସି କାରଣରୁ ଡ୍ରାଇଭର ଭାରସାମ୍ୟ ହରାଇବାରୁ ରାସ୍ତାର ବାମପାର୍ଶ୍ୱକୁ ବସ୍ ଓଲଟି ପଡିଥିଲା। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ଶ୍ରମିକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ। ଅପରପକ୍ଷରେ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ପୋଲିସ ଜବତ କରିବା ସହ ଘଟଣା ସମ୍ପର୍କରେ ତଦନ୍ତ କରୁଛି।



# ଜିଲାସ୍ତରୀୟ କୁକୁଡ଼ା ଚାଷ ସମ୍ପର୍କିତ ତାଲିମ ଶିବିର

ରସୁଲପୁର,୧୯।୧(ଡି.ଏନ.ଏ.): ରସୁଲପୁର ବ୍ଲକ କୃଷି ଓ ପରାମର୍ଶ କେନ୍ଦ୍ର ସମ୍ମିଳନୀ କକ୍ଷରେ ୩ଦିନିଆ ଜିଲାସ୍ତରୀୟ ଅଣ୍ଡାଦିଆ କୁକୁଡା ଚାଷ ସମ୍ପର୍କିତ କର୍ମଶାଳା ବୁଧବାରଠାରୁ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ପଦ୍ମନାଭ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଧର୍ମଶାଳା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ରଞ୍ଜନ କୁମାର ସେଠୀଙ୍କ ପୌରୋହିତରେ ଅନୁଷ୍ଠିତ ଶିବିରରେ ସମ୍ମନ୍ଦଳ ଅଧିକାରୀ ଭାବେ ଗଡ଼ମଧୁପୁର ଏମଭିୟୁ ପ୍ରାଣୀଧନ ଚିକିତ୍ସାଧିକାରୀ ଡା.ଦୀପ୍ତିମୟୀ ସାହୁ, ଛତିଆ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ଆର୍ଯ୍ୟପ୍ରକାଶ ପଣ୍ଡା, ଧର୍ମଶାଳା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ଲିୟାସୀନ ମହାନ୍ତି, ରସୁଲପୁର ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ମୁନମୁନ ଶତପଥୀ, ଧର୍ମଶାଳା ଅତିରିକ୍ତ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ଯେନା ପ୍ରମୁଖ ଯୋଗଦେଇ ଶିବରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଣ୍ଡାଦିଆ କୁକୁଡା ଚାଷର ଲାଭବାନ ଦିଗ ପ୍ରତି ଶିବିରାର୍ଥୀଙ୍କ ଧ୍ୟାନ ଆକର୍ଷଣ କରାଇବା ସହ କୁକୁଡା ପାଳନ ଓ ଅଣ୍ଡାର ଉପକାରିତା, କୁକୁଡାଙ୍କ ଯତ୍ନ ନେବା, ରୋଗ ପ୍ରତିଷେଧକ ବ୍ୟବସ୍ଥା କରିବା, ଅଧିକ ଅଣ୍ଡା ଉତ୍ପାଦନ ଭଳି ବିଭିନ୍ନ ଦିଗ ସମ୍ପର୍କରେ କୁହାଯାଇଥିଲା। ଏହି ଚାଷରେ ବିଳମ୍ବରେ ଲାଭ ମିଳେ ଆଉ ଲମ୍ବା ସମୟ ପର୍ଯ୍ୟନ୍ତ ଏହା ଉପଲବ୍ଧ ହୋଇଥାଏ ବୋଲି ଅତିଥି ମତ ରଖିଥିଲେ। ଏ ଦିଗରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ତାଲିମ ଦିଆଯାଇ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ରସୁଲପୁର, ବଡ଼ଚଣା, ଧର୍ମଶାଳା, କୋରେଇ ଆଦି ବ୍ଲକରୁ ୨୦ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ପ୍ରତିନିଧି ଅଂଶଗ୍ରହଣ କରି ତାଲିମ ନେଇଥିଲେ। ଶିବିରାର୍ଥୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରୁ ଅଣ୍ଡାଦିଆ କୁକୁଡା ଚାଷ ପାଇଁ ରିହାତି ହାରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ପ୍ରତ୍ୟେକ ୟୁନିଟ ପାଇଁ ୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ଆଗ୍ରହୀ ସ୍ୱୟଂସହାୟିକା ଗୋଷ୍ଠୀ ବ୍ଲକ ଜୀବିକା ମିଶନ ବିଭାଗ ନିକଟରେ ଆବେଦନ କରିବାକୁ ପଡିବ। ଯେଉଁ ହିତାଧିକାରୀ ପ୍ରଥମେ ଆବେଦନ କରିବେ ସେମାନଙ୍କୁ ଆଗ ସୁଯୋଗ ମିଳିବ ବୋଲି କୁହାଯାଇଛି। ଏହି ଶିବିରରେ ଦୁଇ ଦିନ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ଗୋଟିଏ ଦିନ କ୍ଷେତ୍ର ପରିଦର୍ଶନ କରି ଚାଷ ସମ୍ପର୍କରେ ଜ୍ଞାନ ଆହରଣ କରିବାର ବ୍ୟବସ୍ଥା ରହିଛି। ଶୁକ୍ରବାର ଶିବିରାର୍ଥୀ ବଡ଼ଚଣା ବ୍ଲକକୁ ଅଣ୍ଡାଦିଆ କୁକୁଡା ଚାଷ କ୍ଷେତ୍ର ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଏଠାରେ ଆୟୋଜିତ ଶିବିରକୁ ରସୁଲପୁର ବ୍ଲକ ପ୍ରାଣୀଧନ ଚିକିତ୍ସାର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।



ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ


ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ନେଉଛନ୍ତି।

କଳିଙ୍ଗନଗର,୧୯।୧(ଡି.ଏନ.ଏ): ଟୋଲକାନୀସ୍ଥିତ ଝଡେଶ୍ୱର ଜୁନିୟର କଲେଜରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ଯୁଗଳ କିଶୋର ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ମେଡିକାଲର ଡା. ପ୍ରତିଭା ପ୍ରିୟଦର୍ଶିନୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ଉତ୍ତମ ଜୀବନ ଗଠନ ପାଇଁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷିକାଭାବେ ଲିପ୍ସାରାଣୀ ଶତପଥୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସଂଯୋଜକ ଦିଲୀପ କୁମାର ଜେନା, ରଞ୍ଜନ କୁମାର ଖଣ୍ଡା, ଡ. ଅକ୍ଷୟ କୁମାର ପଣ୍ଡା, ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ପ୍ରଣତି ମହାନ୍ତି, ଶ୍ରୀମନ୍ତ ନାୟକ, ମୁଖ୍ୟ କିରାଣୀ ସୁକାନ୍ତ କୁମାର ସାହୁ, ସୁଶାନ୍ତ ପଣ୍ଡା ଓ ସନ୍ତୋଷ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଶିବିର ଆଗାମୀ ୩୦ ଜାନୁୟାରୀ ପର୍ଯ୍ୟନ୍ତ ଚାଲୁରହିବ।

## ପରିଚାଳନା କମିଟି ଗଠନରେ ଅନିୟମିତତା ଅଭିଯୋଗ

### ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ରସୁଲପୁର,୧୯।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁପୁର ରୂପାନ୍ତରୀକରଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା ହୋଇଛି। ଏନେଇ ଅଭିଭାବକ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ଯାଜପୁର ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ରସୁଲପୁର ବିଡିଓ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଚଳିତ ମାସ ୧୦ ତାରିଖରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ପ୍ରଧାନଶିକ୍ଷକ କୁଶମଣି ପଣ୍ଡା ନୋଟିସ ଜାରି କରିଥିଲେ। ବିଦ୍ୟାଳୟରେ ୫୪୦ ବିଦ୍ୟାର୍ଥୀ ଅଧ୍ୟୟନରତ ଅଛନ୍ତି। ଜଣେ ଅଭିଭାବକଙ୍କ ଏକାଧିକ ପିଲା ବିଦ୍ୟାଳୟରେ ପଢୁଥିବାରୁ ଅଭିଭାବକଙ୍କ ସଂଖ୍ୟା ୪୬୭କୁ ଖସି ଆସିଛି। ନିୟମାନୁଯାୟୀ ଅଭିଭାବକ ସଂଖ୍ୟାର ୪୦ଶତକାଡ ଉପସ୍ଥାନକୁ ନେଇ ପରିଚାଳନା କମିଟି ଗଠନ କରାଯିବ। ସେହି ଆଧାରରେ କମିଟି ଗଠନ ପାଇଁ ୧୮୭ ଅଭିଭାବକଙ୍କ ଉପସ୍ଥାନ ଆବଶ୍ୟକ ରହିଥିଲା। ମାତ୍ର ଅଭିଭାବକ ଓ ଶିକ୍ଷକଙ୍କ ବୈଠକରେ ୧୫୫ ଅଭିଭାବକ ଉପସ୍ଥିତ ଥିଲେ। କମିଟି ଗଠନ ପାଇଁ ଆବଶ୍ୟକ ଅଭିଭାବକ ସଂଖ୍ୟାଠାରୁ ୩୨ ଅଭିଭାବକ କମ୍ ରହିଥିଲେ। ପ୍ରଧାନଶିକ୍ଷକ କମ୍ ସଂଖ୍ୟକ ଅଭିଭାବକଙ୍କୁ ନେଇ କମିଟି ଗଠନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହାକୁ ଉପସ୍ଥିତ ଅଭିଭାବକ ବିରୋଧ କରିଥିଲେ। ମାତ୍ର ପ୍ରଧାନଶିକ୍ଷକ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ। ଏହାକୁ ନେଇ ବୈଠକରେ ହଟ୍ଟଗୋଳ ହେବାରୁ ଅଣ ଅଭିଭାବକ ବୈଠକକୁ ଧସେଇ ପଶି ବୈଠକ ସ୍ଥଳରୁ ରେଜୁଲେସନ ଖାତା ହାତେଇ ନେଇଥିଲେ। ପରେ କେତେଜଣ ଅଭିଭାବକଙ୍କ ନାଁରେ ଜାଲ ଦସ୍ତଖତକରି ଉପସ୍ଥାନ ସଂଖ୍ୟାକୁ ୧୯୯ ପର୍ଯ୍ୟନ୍ତ ବଢାଇଥିଲେ। ଉକ୍ତ ଦସ୍ତଖତକୁ ଆଧାରକରି ପ୍ରଧାନଶିକ୍ଷକ କମିଟି ଗଠନ କରିଥିଲେ। ଏଠାରେ ହୋଇଥିବା ଅନିୟମତିତା ଘଟଣାର ପ୍ରଧାନଶିକ୍ଷକ ପଣ୍ଡା ଓ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜନ ସେଠୀ ପ୍ରତ୍ୟେକ୍ଷଦର୍ଶୀ ହୋଇଥିବା ସତ୍ତ୍ୱେ ବିରୋଧ କରିନଥିଲେ। ଏହାକୁ ଦେଖି ଉପସ୍ଥିତ ଅଭିଭାବକ ବୈଠକ ଛାଡି ପଳାଇ ଆସିଥିଲେ। ବିଦ୍ୟାଳୟ ପକ୍ଷରୁ ଚଞ୍ଚକତା କରି ଗଠନ ହୋଇଥିବା କମିଟିକୁ ତୁରନ୍ତ ବାତିଲ କରିବା, କମିଟିର ପୂର୍ଣ୍ଣଗଠନ ପାଇଁ ନୋଟିସ କରାଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପକ୍ଷରୁ ଜାରି କରାଯାଇ ଥିବା ନିୟମାବଳୀକୁ କମିଟି ଗଠନ ବେଳେ ଅନୁପାଳନ କରିବାକୁ ଅଭିଯୋଗକାରୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ପଣ୍ଡାଙ୍କୁ ପଚାରିବାରୁ କ'ଣ ଅଭିଯୋଗ ହୋଇଛି ସେ ଜାଣିନାହାନ୍ତି। କମିଟି ଗଠନରେ କୌଣସି ଅନିୟମିତତା ହୋଇନାହିଁ। କୋରମ ପାଇଁ ୧୮୭ ଅଭିଭାବକ ଆବଶ୍ୟକ ଥିବା ବେଳେ ୧୯୯ ଉପସ୍ଥିତ ଥିଲେ ବୋଲି ମତ ରଖିଛନ୍ତି।

# ଦିନରେ ମେଳା ବୁଲା, ରାତିରେ ଅପେରା ଦେଖା

### ୬ଷ୍ଠ ଦିବସରେ ବରୁଣେଶ୍ୱର ମେଳା
■ ଘୋଡ଼ା ଚଢ଼ାର ଆନନ୍ଦ ସହ ଗରମ ଚା'ର ମଜା ଉଠାଉଛନ୍ତି ଦର୍ଶକ

ବିଞ୍ଝାରପୁର/ପ୍ରୀତିପୁର, ୧୯।୧(ଡି.ଏନ୍.ଏ.): ବରୁଣେଶ୍ୱର ମେଳା ଯେତେ ସରିସରି ଆସୁଛି ଲୋକଙ୍କ ଭିଡ଼ ସେତେ ବଢ଼ିବଢ଼ି ଚାଲିଛି। ଗୁରୁବାର ଷଷ୍ଠ ଦିନରେ ପହଞ୍ଚିଛି ବରୁଣେଶ୍ୱର ମେଳା। ଅପେରା ପ୍ରଚାରରେ ଦୁଲୁକୁଛି ବରୁଣେଶ୍ୱର କ୍ଷେତ୍ର। ଦର୍ଶକ ଏବେ ଦିନବେଳା ମେଳାବୁଲି ବିଭିନ୍ନ ଘରକରଣା ସାମଗ୍ରୀ କିଣୁଛନ୍ତି ଏବଂ ରାତିରେ ଅପେରା ଦେଖି ସକାଳେ ଫେରୁଛନ୍ତି। ମେଳା ପଡିଆରେ ୫ଟି ଅପେରା ନାଟକ ମଞ୍ଚସ୍ଥ କରୁଛନ୍ତି। ଦିନବେଳା ମେଳା ପଡିଆରେ ବ୍ୟବସାୟ ଜମୁଥିବାବେଳେ ରାତିରେ ଅପେରା ବେପାର ଜମୁଛି। ଦିନବେଳା ୫୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଭିଡ଼ ମେଳା ପଡିଆରେ ଥିବାବେଳେ ସଂଧ୍ୟାରେ ଭିଡ଼ ଆହୁରି ବଢିଥିବା ଆକଳନ କରାଯାଇଛି। ସକାଳୁ ରାତି ପର୍ଯ୍ୟନ୍ତ ମେଳାକୁ ଦର୍ଶକଙ୍କ ଆଗମନ ଲାଗିରହିଛି। ଯୁବଦର୍ଶକମାନେ ବୁଲିବୁଲି ମେଳର ଆନନ୍ଦ ନେଉଛନ୍ତି। ଦିନବେଳା ମେଳା ପଡିଆରେ ହରେକମାଲ, ଖେଳଣା, ଘରକରଣା ସାମଗ୍ରୀ ସମେତ ଦୋକି, ଖସଡ଼ା, ହୋଟେଲ, ଆଦିରେ ଭିଡ଼ ଦେଖିବାକୁ ମିଳୁଛି। ରାତିରେ ଅପେରା ନିକଟରେ ଦର୍ଶକଙ୍କ ଭିଡ଼ ରହୁଛି। ମେଳାରେ ବହୁ ଦୁଃଖୀ, ରଙ୍କି, ନିଆଶ୍ରୟଙ୍କୁ ଭିକ୍ଷା କରୁଥିବା ଦେଖାଯାଇଛି। ଅନ୍ୟପକ୍ଷରେପାଗ ସାମାନ୍ୟ ଶୀତୁଆ ଥିବାବେଳେ ମେଳା ପଡ଼ିଆରେ ମଧୁମଉସାଙ୍କ ଗରମ ଚାହାର ମଜା ଉଠାଇଥିଲେ ଦର୍ଶକ। ପଡ଼ିଆ ମଧ୍ୟ ଭାଗରେ ଥିବା ମଉସାଙ୍କ ଷ୍ଟଲରୁ ଚା' ନ ପିଇଲେ ସ୍ଥାନୀୟ ଲୋକଙ୍କ ମନ ବୁଝେନି। ପ୍ରତ୍ୟେକ ବର୍ଷ ମଧୁ ମଉସା ସେଠାରେ ଚା' ଷ୍ଟଲ ପକାଇ ଆସୁଥିବା ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ପ୍ରକାଶ। ସେହିପରି ପିଲାଙ୍କଠାରୁ ଆରମ୍ଭ କରି ଯୁବକ ପର୍ଯ୍ୟନ୍ତ ସମସ୍ତେ ମେଳା ପଡ଼ିଆରେ ଘୋଡା ଚଢାର ମଜା ଉଠାଉଥିବା ଦେଖାଯାଇଛି। ମେଳା ପଡ଼ିଆର ଜମା ହେଉଥିବା ଅଳିଆ ଓ ଆବର୍ଜନାକୁ ବରୁଣେଶ୍ୱର ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାତୀୟ ସେବା ଶିବିର ସ୍ୱତନ୍ତ୍ର ଶୀତକାଳୀନ ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ସଫେଇ କରାଯାଉଥିବା ଦେଖାଯାଇଛି। ସେହିପରି ଭିଡ ଅଧିକ ଥିବାରୁ ଦୋକାନୀଙ୍କ ବ୍ୟବସାୟ ମଧ୍ୟ ବେସ୍ ଭଲ ହେଉଥିବା ଜଣାଯାଇଛି। ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଞ୍ଝାରପୁର ଆଇଆଇସି ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ବ୍ୟବସ୍ଥାକୁ କଡ଼ାକଡି କରାଯାଇଛି। ବିଶେଷକରି ଅସାମାଜିକ ଲୋକ ଓ ମଦ୍ୟପଙ୍କୁ ସାବାଡ଼ କରିବା ପାଇଁ ସସ୍ୱନ୍ତ୍ର ବ୍ୟବସ୍ଥା କରାଯାଇଥିବା ଆଇଆଇସି କହିଛନ୍ତି।


ବରୁଣେଶ୍ୱର ମେଳାରେ ମହିଳାମାନେ ସାମଗ୍ରୀ କିଣୁଛନ୍ତି।


ମେଳାରେ ବିକ୍ରି ହେଉଥିବା ପଥର ମୂର୍ତ୍ତି ଓ ଅନ୍ୟ ସାମଗ୍ରୀ।


ଜଣେ ଯୁବକ ଘୋଡ଼ା ସବାର କରୁଛନ୍ତି।


ମେଳାରେ ଚା' ପିଇବାକୁ ଅପେକ୍ଷା କରିଥିବା ଗ୍ରାହକ।

**ରେଲଓ୍ବେ ଲୁହା ଯନ୍ତ୍ରାଂଶ ଚୋରି: ୨ ଗିରଫ**

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ପୋଲିସ ଗୁରୁବାର ରେଲଓ୍ବେ ଲୁହା ଯନ୍ତ୍ରାଂଶ ନେଇ ଯାଉଥିବା ଏକ ଗାଡ଼ିକୁ ଜବତ କରିଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଅଠରବାଙ୍କି ଅଞ୍ଚଳର ରମାକାନ୍ତ ବେହେରା ଓ ସୋନୁ ପଲେଇ। ଏନେଇ ଥାନାରେ ମାମଲା (ନଂ.୨୫/୨୩) ରୁଜୁ ହୋଇଛି। ରମାକାନ୍ତ ଓ ସୋନୁ ଏକ ପିକ୍ଅପ୍ ଭ୍ୟାନରେ ୧ ଟନ୍‌ରୁ ଊର୍ଦ୍ଧ୍ୱ ରେଲଓ୍ବେ ଲାଇନ ଲୁହା ଓ ଅନ୍ୟ ସାମଗ୍ରୀ ବୋଝେଇ କରି ଯାଉଥିବାବେଳେ ଭୂତମୁଣ୍ଡାଇ ପାଖରେ ପୋଲିସ ହାତରେ ଧରାପଡ଼ିଥିଲେ।

## ସଂକ୍ଷେପରେ

### ଟାଏକୋଣ୍ଡୋରେ ରାଜନଗର ଝିଅ ସଦ୍ୟସ୍ମିତା ସ୍ୱର୍ଣ୍ଣ ଜିତିଲେ



ରାଜନଗର, ୧୯।୧(ଡି.ଏନ.ଏ.): ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତର ପ୍ରତାପ କୁମାର ନାୟକ ଓ ସରୋଜିନୀ ନାୟକଙ୍କ ଝିଅ ସଦ୍ୟସ୍ମିତା ରାଜ୍ୟସ୍ତରୀୟ କନିଷ୍ଠ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି କେନ୍ଦ୍ରାପଡ଼ା ଜିଲା ପାଇଁ ଗୌରବ ଆଣିଛନ୍ତି। କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୩୫ତମ ଓଡ଼ିଶା ରାଜ୍ୟ ଟାଏକୋଣ୍ଡୋ ପ୍ରତିଯୋଗିତା ୨୦୨୩ର ୪୯ କେଜି ବାଳିକା ବିଭାଗରେ ନିଜର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସଦ୍ୟସ୍ମିତାଙ୍କ ସ୍ୱର୍ଣ୍ଣପଦକ ଜିତିବା ଖବର ଜଣାପଡ଼ିବା ପରେ ସମଗ୍ର ରାଜନଗର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ତାଙ୍କର ଏହି ସଫଳତା ପାଇଁ ସେ ପଢୁଥିବା କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ଅଧାପକ, ତାଙ୍କର କୋଚ୍, ସହପାଠୀ ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସ୍ମାରକପତ୍ର

କେନ୍ଦ୍ରାପଡ଼ା ଅଫିସ, ୧୯।୧: ସାମ୍ପ୍ରଦାୟିକ ବିଦ୍ୱେଷ ଅପେକ୍ଷା ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ କେନ୍ଦ୍ରାପଡ଼ା ଜିଲା ବଜରଙ୍ଗ ଦଳ ପକ୍ଷରୁ ଜିଲା ପ୍ରଶାସନକୁ ଗୁରୁବାର ସ୍ମାରକପତ୍ର ଦିଆଯାଇଛି। ଏ ସମ୍ପର୍କରେ କର୍ମକର୍ତ୍ତା ସତ୍ୟପ୍ରିୟ ଜେନା, ବବିନ ମଲ୍ଲିକ, ସୁଜିତ କୁମାର ରାଉତ ପ୍ରମୁଖ କହିଛନ୍ତି ଯେ, ସମ୍ପ୍ରତି ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ଦେଶର ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ବାଧକ ହୋଇଛି। ହିନ୍ଦୁ ସଂସ୍କୃତିକୁ ନିମ୍ନ ସ୍ତରରେ ଦେଖାଇବା ପାଇଁ କେତେଗୋଟି ସଙ୍ଗଠନ ଦେଶ ବିରୋଧୀ କାର୍ଯ୍ୟକଳାପ ଚଳାଇ ଆସିଛନ୍ତି। ଏହାର ପରିଣାମ ଆଗାମୀଦିନରେ ଭୟଙ୍କର ହେବା ଆଶଙ୍କା କରାଯାଉଛି। ହିନ୍ଦୁ ସଂସ୍କୃତି ଉପରେ କୁଠାରାଘାତ ହେଲେ ଏହା ବରଦାସ୍ତ ଯୋଗ୍ୟ ହେବ ନାହିଁ। ଏପରି କ୍ଷେତ୍ରରେ ବଜରଙ୍ଗ ଦଳ ପକ୍ଷରୁ ଜିଲା ପ୍ରଶାସନକୁ ହିନ୍ଦୁ ସଂସ୍କୃତି ବିରୋଧୀଙ୍କ ପାଇଁ ସତର୍କ ହେବାକୁ ସ୍ମାରକପତ୍ର ଦିଆଯାଇଛି।

### ବରୀକୁ ହରାଇ ପାରାଦୀପ ଫାଇନାଲରେ

**ମଦନପୁର ମହାବୀର ଚାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ରାଜନଗର, ୧୯।୧(ଡି.ଏନ.ଏ.): ରାଜନଗର ଯଜ୍ଞ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ମଦନପୁର ମହାବୀର ଚାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ଡାଇନାମିକ କ୍ରିକେଟ୍ କ୍ଲବ ବରୀକୁ ହରାଇ ଡାଇମଣ୍ଡ କ୍ରିକେଟ କ୍ଲବ ପରାଦୀପ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପାରାଦୀପ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୮ ରନ କରିଥିଲା। ଜବାବରେ ପାରାଦୀପ ଦଳ ୧୯.୩ ଓଭରରେ ୯ ଉଇକେଟ ହରାଇ ୧୭୯ ରନ କରି ବିଜୟ ଲାଭ କରିଥିଲା। ପାରାଦୀପର ଗୌତମ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂସାରଫଳ ପଞ୍ଚାୟତ ସମିତିସଭ୍ୟ ପର୍ଶୁରାମ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ବିଭୂତି ସ୍ୱାଇଁ, ଅଞ୍ଜନ ବେହୁରା ଅମ୍ପାୟରର ଭୂମିକା ତୁଲାଇ ଥିଲେ।

### ୩ ଏସ୍‌ଏଚ୍‌ଜିକୁ ଇ-ଅଟୋ ପ୍ରଦାନ

ରାଜନଗର, ୧୯।୧(ଡି.ଏନ.ଏ.): ରାଜନଗର ବ୍ଲକ ଜୀବିକା ମିଶନ ସହାୟତାରେ ୩ଟି ମହିଳା ଏସ୍‌ଏଚ୍‌ଜିକୁ ୩ଟି ଇ-ଅଟୋ ରାଜନଗର ବିଧାୟକ ଧ୍ରୁବ ସାହୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ମହୁଲିଆ ପଞ୍ଚାୟତର ପୋଖରିଆ ଗାଁର ନିଗମାନନ୍ଦ ଏସ୍‌ଏଚଜି ସଦସ୍ୟା ପ୍ରେମଲତା ବେହୁରା, ପୋଖରିଆ ଗାଁର ବୁଢ଼ୀ ମଙ୍ଗଳା ଏସ୍‌ଏଚଜି ସଦସ୍ୟା ଝରଣା ମଲିକ ଓ ଡେରା ପଞ୍ଚାୟତର ନୂଆଗାଁ ଗାଁର ଆଖଣ୍ଡଳମଣି ଏସ୍‌ଏଚ୍‌ଜିର ସଦସ୍ୟା ପୁଷ୍ପାବତୀ ରାଉତ ଗ୍ରାମପଞ୍ଚାୟତ ମହାସଂଘରୁ ୧ ଲକ୍ଷ ଟଙ୍କା ଲେଖାଏ ଋଣ ନେଇ ନିଜର ବ୍ୟବସାୟ ଆରମ୍ଭ କରିବେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ଓଡ଼ିଶା ଜୀବିକା ମିଶନ ରାଜନଗର ବ୍ଲକ ପ୍ରକଳ୍ପ ପରିଚାଳକ ରଶ୍ମିରଞ୍ଜନ ଦାଶ, ବ୍ଲକ ସଂଯୋଜକ ନୀହାର ରଞ୍ଜନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ମେଡିକାଲ ଛକରେ ପ୍ରଶାସନିକ ଚଢ଼ାଉ

- ୫ ବ୍ୟବସାୟିକ ପ୍ରତିଷ୍ଠାନ ସିଲ୍, ଦୋକାନ ବଜାର ବନ୍ଦ
- ସିଟି ହସ୍ପିଟାଲ ଦାବି ମହଙ୍ଗା ପଡ଼ିଲା
- ଅସନ୍ତୋଷ ତେଜୁଛି, କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା ଅଫିସ, ୧୯।୧

କେନ୍ଦ୍ରାପଡ଼ା ସହରର ଖଡ଼ିଅଙ୍ଗଠାରେ ସିଟି ହସ୍ପିଟାଲ ଦାବି ମେଡିକାଲ ଛକର ଔଷଧ ଦୋକାନ, ଲାବରେଟୋରିଗୁଡ଼ିକ ପାଇଁ ମହଙ୍ଗା ପଡିଛି। ଗତ ୧୭ ତାରିଖରେ କେନ୍ଦ୍ରାପଡ଼ା ସହର ବନ୍ଦ ପରେ ପ୍ରଶାସନିକ ଅଧିକାରୀ ଚିହ୍ନିକି ଉଠିଛନ୍ତି। ମେଡିକାଲ ଛକରେ ଥିବା ଏହି ପ୍ରତିଷ୍ଠାନ ଉପରେ ପ୍ରଶାସନିକ ଅଧିକାରୀ ଗୁରୁବାର ଚଢ଼ାଉ କରିଛନ୍ତି। ଚଢ଼ାଉ ସମୟରେ ୩ଟି ଲାବରେଟୋରି, ୨ଟି ଔଷଧ ଦୋକାନକୁ ସିଲ୍ କରାଯାଇଛି। କେତେଗୋଟି ଔଷଧ ଷ୍ଟ୍ରିପ୍‌କୁ ଜବତ କରାଯାଇଛି। ମେଡିକାଲ ଛକର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ପ୍ରଶାସନିକ ଅଧିକାରୀଙ୍କ ଏହି ଚଢ଼ାଉ ସହର ମଧ୍ୟରେ ଅସନ୍ତୋଷ ବୃଦ୍ଧି କରିବା ସହ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ହସ୍ପିଟାଲ ପ୍ରତିଷ୍ଠା ଦାବି ନେଇ ଜିଦ ବଢ଼ିଯାଇଛି। ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ଦିଆଯାଇ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି।

ଏ ସମ୍ପର୍କରେ ସେକ୍ ଆବିଦ୍, ଶ୍ୟାମସୁନ୍ଦର ଦାସ, ସୁରେନ୍ଦ୍ର କୁମାର ସାହୁ, ମହମ୍ମଦ ଇମିତିୟାଜ କହିଛନ୍ତି, ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ସହରର ଖଡ଼ିଅଙ୍ଗଠାରେ ଥିଲା। ଗତ ୯ ତାରିଖରେ ଏହି ଚିକିତ୍ସାଳୟ ଶାମଗୁଡିଆକୁ ସ୍ଥାନାନ୍ତର ହୋଇଯାଇଛି। ନୂତନ ଚିକିତ୍ସାଳୟଟି ସହରର ଗୋଟିଏ ମୁଣ୍ଡରୁ ପ୍ରାୟ ୧୦ କିଲୋମିଟର ଦୂରରେ ଅଛି। ସହର ଓ ଆଖପାଖ ୮ ପଞ୍ଚାୟତବାସୀଙ୍କ ଲୋକସଂଖ୍ୟା ଲକ୍ଷାଧିକ ହୋଇଥିବା ବେଳେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଭିତ୍ତିଭୂମି ଉପରେ ସିଟି ହସ୍ପିଟାଲ ସ୍ଥାପନ ପାଇଁ ଦାବି ହୋଇଛି। ଏ ନେଇ ବହୁବାର ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ ସତ୍ତ୍ୱେ ସୁଫଳ ନ ମିଳିବାରୁ ଗତ ୧୭ ତାରିଖରେ କେନ୍ଦ୍ରାପଡ଼ା ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରାର ଅପୂର୍ବ ସଫଳତା ପରେ ପ୍ରଶାସନ ଅଧିକାରୀ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି। ଦୀର୍ଘବର୍ଷ ହେବ କୌଣସି ଅଧିକାରୀ ସ୍ୱାସ୍ଥ୍ୟସେବାକୁ ନେଇ ଧ୍ୟାନ ଦେଇ ନ ଥିବା ବେଳେ ରାଗ ଶୁଝାଇବା ପରି ଔଷଧ ଦୋକାନ ଓ ଲାବରେଟୋରି ଉପରେ ଚଢ଼ାଉ କରିଛନ୍ତି। ଉପଜିଲାପାଳ ନିରଞ୍ଜନ ବେହେରା, କେନ୍ଦ୍ରାପଡ଼ା ତହସିଲଦାର ହେମଲତା ବାହାଲିଆ, ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ବେହେରା, ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ଟାଉନ ଥାନା ଆଇଆଇସି ତପନ କୁମାର ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଛି। ତେବେ ସହରବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଚଢ଼ାଉ ଭୟରେ ଆନ୍ଦୋଳନ ଦବିଯିବ ନାହିଁ। ତୁରନ୍ତ ସିଟି ହସ୍ପିଟାଲ ସ୍ଥାପନ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଜିଲାପାଳଙ୍କୁ ଲିଖିତ ପତ୍ର ଦିଆଯାଇଛି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ମିଶ୍ରଙ୍କୁ ପଚାରିବାରେ ଆନ୍ଦୋଳନ ସହ ଏହି ଚଢ଼ାଉରେ କୌଣସି ସମ୍ପର୍କ ନାହିଁ। ଏହା ନିୟମିତ ଯାଞ୍ଚ ପ୍ରକ୍ରିୟାରେ ସୀମିତ ଅଛି। କେତେଗୋଟି ବ୍ୟବସାୟିକ ପ୍ରତିଷ୍ଠାନରେ ଅନିୟମିତତା ଥିବା ଦୃଷ୍ଟିରୁ ସେଗୁଡ଼ିକ ସିଲ୍ କରାଯାଇଛି।



ଟିମ୍ ପକ୍ଷରୁ କାଗଜପତ୍ର ଯାଞ୍ଚ କରାଯାଉଛି।

# ବସ୍ ଓଲଟିଲା, ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ଗୁରୁତର



ଓଲଟି ପଡିଥିବା ବସ୍।

ରାଜକନିକା, ୧୯।୧(ଡି.ଏନ.ଏ.)

କଟକ-ଚାନ୍ଦବାଲି ରାଜ୍ୟ ରାଜପଥର କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଗଞ୍ଜା ନିକଟରେ ଗୁରୁବାର ସକାଳେ ଏକ ଘରୋଇ ବସ୍ ଓଲଟିଛି। ଏହି ବସ୍‌ରେ ଥିବା ୪୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ ୩୦ ଆହତ ହୋଇଛନ୍ତି। ୩ ଜଣ ଗୁରୁତରଙ୍କୁ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଛି। ୧୮ଜଣ ଆହତଙ୍କୁ ସ୍ଥାନୀୟ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଅବଶିଷ୍ଟ ସାମାନ୍ୟ ଆହତ ହୋଇଛନ୍ତି। ରାଜକନିକା ଓ ଆଳି ଅଞ୍ଚଳରେ ସିଏନ୍‌ଜି ଗ୍ୟାସ୍ ପାଇପ ଲାଇନ ବିଛାଯାଉଛି। ଏହି କାର୍ଯ୍ୟକୁ କାର୍‌ଟେକ୍ ଇଣ୍ଟରନ୍ୟାଶନାଲ କମ୍ପାନୀ ଠିକାରେ ନେଇଛି। କମ୍ପାନୀର ନିର୍ମାଣ ଶ୍ରମିକଙ୍କୁ ରାଜକନିକାରୁ ଆଳି ଅଞ୍ଚଳକୁ ଦୟାଲ ନାମକ ଏକ ଘରୋଇ ବସ୍ (ଓଆର ୦୫ ଜି ୧୮୮୨) ମାଧ୍ୟମରେ ନିଆଯାଉଥିଲା। ଗଞ୍ଜା ନିକଟରେ କୌଣସି କାରଣରୁ ଡ୍ରାଇଭର ଭାରସାମ୍ୟ ହରାଇବାରୁ ରାସ୍ତାର ବାମପାର୍ଶ୍ୱକୁ ବସ୍ ଓଲଟି ପଡିଥିଲା। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ଶ୍ରମିକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ। ଅପରପକ୍ଷରେ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ପୋଲିସ ଜବତ କରିବା ସହ ଘଟଣା ସମ୍ପର୍କରେ ତଦନ୍ତ କରୁଛି।

# ସରପଞ୍ଚଙ୍କ ସ୍ୱାମୀଙ୍କୁ କାର୍ଯ୍ୟାଳୟରେ ତାଲା ପକାଇ ଅଟକ





ମେଣ୍ଟପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଅଟକ ରଖାଯାଇଛି। ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀ ବିଡିଓ ଦାବିପତ୍ର ଦେଉଛନ୍ତି।

**ଆବାସ ଗୃହକୁ ନେଇ ଆଳିରେ ତେଜୁଛି ଅସନ୍ତୋଷ**

ଆଳି,୧୯।୧(ଡି.ଏନ.ଏ.)

ଦୀର୍ଘଦିନ ହେବ ଆବାସ ଯୋଜନାରେ ପକ୍କାଘର ଯୋଗାଣ ବନ୍ଦ ରହିଥିବାରୁ ଗରିବ ହିତାଧିକାରୀଙ୍କଠାରୁ ଆରମ୍ଭ କରି ବନ୍ୟା, ବାତ୍ୟାରେ କ୍ଷତିଗ୍ରସ୍ତ ପରିବାର କେଉଁଠି ଝାଟିମାଟି ଘରେ ତ କେଉଁଠି ଜରିପାଲ ଘେରେଇ ରହୁଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ ନିମନ୍ତେ ପଞ୍ଚାୟତକୁ ହିତାଧିକାରୀଙ୍କ ତାଲିକା ଆସିଛି। ଯେଉଁ ପରିବାରଗୁଡ଼ିକ ଦୟନୀୟ ଅବସ୍ଥାରେ ଦିନ କାଟୁଥିଲେ ସେମାନେ ଆଶା ରଖିଥିଲେ ସେମାନଙ୍କୁ ନିଶ୍ଚିତ ଭାବେ ଆବାସଟିଏ ମିଳିବ। କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଯାଇଥିବା ତାଲିକା ଦେଖି ସେମାନଙ୍କ ମୁହଁ ଆମ୍ବିଲା ପଡିଯାଇଛି। ସେମାନେ ଉତ୍ତ୍ୟକ୍ତ ହୋଇ କେଉଁଠାରେ ପଞ୍ଚାୟତରେ ସରପଞ୍ଚଙ୍କୁ ଘେରିଛନ୍ତି ତ ଆଉ କେଉଁଠି ହିତାଧିକାରୀମାନେ ବିଡିଓଙ୍କୁ ଘେରିଛନ୍ତି। ଏଭଳି ଅପ୍ରୀତିକର ପରିସ୍ଥିତି ଏବେ ଆଳି ବ୍ଲକର ୩୪ଟି ପଞ୍ଚାୟତରେ ଦେଖିବାକୁ ମିଳୁଛି। ଗୁରୁବାର ସକାଳେ ଆଳି ବ୍ଲକ ସଦର ମେଣ୍ଟପୁର ପଞ୍ଚାୟତରେ ହିତାଧିକାରୀ ତାଲିକା ପ୍ରକାଶ ପାଇଥିଲା। ଏହାପରେ ସେହି ତାଲିକାରେ ଗୃହ ପାଇବାକୁ ଥିବା ହିତାଧିକାରୀଙ୍କ ଅପେକ୍ଷା କୋଠାଘର ଥିବା ଓ ଥିଲାବାଲା ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ମେଣ୍ଟପୁର ସରପଞ୍ଚ ମେମୁନା ଖାତୁନଙ୍କ ସ୍ୱାମୀ ସେକ୍ ସୋପାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ପୂରାଇ ବାହାର ପଟରୁ ତାଲା ଦେଇ ଅଟକ ରଖିଥିଲେ। ଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ହିତାଧିକାରୀମାନଙ୍କୁ ବୁଝାଶୁଝା କରିବା ପରେ ତାଙ୍କୁ ମୁକୁଳାଇ ଥିଲେ। ସେହିପରି କଳସପୁର ପଞ୍ଚାୟତର ଆବାସ ତାଲିକାରୁ ବଞ୍ଚିତ ହିତାଧିକାରୀମାନେ ଆଳି ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କ ନିକଟରେ ଅଭିଯୋଗ ବାଢିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନେ କେଉଁଭଳି ଅବସ୍ଥାରେ ଝାଟିମାଟି ଘରେ ରହୁଛନ୍ତି ତାହାର ତଦନ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଓ ଗ୍ରାମ ରୋଜଗାର ସେବକମାନେ ତଦନ୍ତ କରି ସେମାନଙ୍କ ଆକାଉଣ୍ଟ ନମ୍ବର, ଆଧାର ଓ ଘର ଫଟୋ ଉଠାଇ ଆଣିଥିଲେ। କିନ୍ତୁ ଏବେ ଯେଉଁ ଆବାସ ତାଲିକା ପ୍ରକାଶ ପାଇଛି ସେଥିରେ ସେମାନଙ୍କ ନାମ ନାହିଁ। ଏ ନେଇ ଆଳି ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରୁ ବ୍ଲକର ୩୪ ପଞ୍ଚାୟତକୁ ମାତ୍ର ୨୭୦୦ ପ୍ରଧାନମନ୍ତ୍ରୀ ଆବାସ ଆସିଛି। ତେଣୁ ପଞ୍ଚାୟତରେ ଏହି ଆବାସରେ ତାଲିକାଭୁକ୍ତ ହିତାଧିକାରୀଙ୍କ ଏକ ସମ୍ଭାବ୍ୟ ନାମ ତାଲିକା ପ୍ରକାଶ ପାଇଛି। ଏ ନେଇ ଯେଉଁ ହିତାଧିକାରୀ ଅଯୋଗ୍ୟ ସେମାନଙ୍କ ନାମରେ ଅଭିଯୋଗ ବାକ୍ସରେ ଆବେଦନ କରାଗଲେ ତାଙ୍କ ନାମ କଟାଯିବା ସହ ଆଉ ଥରେ ତଦନ୍ତ କାରାଯାଇ ଆବାସ ଯୋଗାଇ ଦିଆଯିବ।

### ଡାକ୍ତର ପଦବୀ ପୂରଣ ପରେ ଧାରଣାରୁ ଓହରିଲେ ସୁଶାନ୍ତ

ରାଜକନିକା,୧୯।୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ଡ. ରାଧାନାଥ ରଥ ହସ୍ପିଟାଲରେ ସ୍ଥାୟୀ ଡାକ୍ତର ପଦବୀ ପୂରଣ ଓ ଅନ୍ୟ ଦାବି ନେଇ ୭ଦିନ ହେବ ଧାରଣାରେ ବସିଥିବା ଖବରଦାତା ସୁଶାନ୍ତ ନାୟକ ଓ ସାଥୀମାନେ ଗୁରୁବାର ନ୍ୟାୟ ପାଇ ଧାରଣାରୁ ଓହରିଥିବା ଦେଖିବାକୁ ମିଳିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି ହସ୍ପିଟାଲରେ ଡା. ବିଶ୍ୱଜିତ ମଲ୍ଲିକ ସପ୍ତାହକୁ ୩ଦିନ ଏଠାରେ ରୋଗୀ ଚିକିତ୍ସା କରିବେ ବୋଲି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ବିବେକାନନ୍ଦ ରାଉତ ସୂଚନା ଦେଇ ଧାରଣାରତ ସୁଶାନ୍ତ ଓ ତାଙ୍କ ସାଥୀମାନଙ୍କୁ ଧାରଣାରୁ ଓହରିବାକୁ କହିଥିବା ଦେଖିବାକୁ ମିଳିଛି। ଆଦୌ ଡାକ୍ତର ନ ଥିବା ସ୍ଥଳେ, ସାମୂହିକ ଭାବେ ଡାକ୍ତର ପଦବୀ ପୂରଣ ନେଇ ସୁଶାନ୍ତ ଏବଂ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

# ମାର୍ଚ୍ଚ ୧୫ ସୁଦ୍ଧା ସବୁ ବିବରଣୀ ଦିଅ

**ଲୋକାୟୁକ୍ତରେ ଉନ୍ନୟନ ଅର୍ଥ ଅନିୟମିତତା ମାମଲା**

କେନ୍ଦ୍ରାପଡ଼ା ଅଫିସ, ୧୯।୧

ଲୋକାୟୁକ୍ତରେ କେନ୍ଦ୍ରାପଡ଼ା ଜିଲାରେ ଉନ୍ନୟନ ଅର୍ଥ ଅନିୟମିତତା ମାମଲା (ନଂ. ୫୦୦/୨୨)ର ଶୁଣାଣି ମଙ୍ଗଳବାର ହୋଇଛି। ଲୋକାଲ ଅଡିଟ୍ ପରେ ଗତ ୭ ବର୍ଷରେ ମୋଟ ୭,୦୬,୨୮,୩୩୫ ଟଙ୍କା ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଫେରସ୍ତ ପାଇଁ ହୋଇଥିବା ଏହି ମାମଲାର ସମସ୍ତ ବିବରଣୀ ଆସନ୍ତା ମାର୍ଚ୍ଚ ୧୫ ତାରିଖ ମଧ୍ୟରେ ଦେବାକୁ ଜିଲାପାଳ ଓ ଯାଜପୁରସ୍ଥ ଅଡିଟ୍ ଅଧିକାରୀଙ୍କୁ ଲୋକାୟୁକ୍ତ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏ ସମ୍ପର୍କରେ ମାମଲାର ଆବେଦନକାରୀ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ୨୦୨୨ ମେ ୨୪ରେ ଯାଜପୁରସ୍ଥ ଡିଷ୍ଟ୍ରିକ୍ଟ ଲୋକାଲ ଫଣ୍ଡ ଅଡିଟ୍‌କୁ କେନ୍ଦ୍ରାପଡ଼ା ଜିଲାର ତଥ୍ୟ ସୂଚନା ଅଧିକାର ଆଇନରେ ମଗାଇଥିଲେ। ଏ ନେଇ ୨୦୨୨ ଜୁଲାଇ ୪ରେ ତଥ୍ୟ (ଚିଠି ନଂ. ୨୮୪୧) ମିଳିଥିଲା। ଏଥିରେ ୨୦୧୫- ୧୬ରୁ ୨୦୨୦- ୨୧ ଆର୍ଥିକ ବର୍ଷ ମଧ୍ୟରେ ଏହି ଅର୍ଥ ଅନିୟମିତତା ଥିବା ଜଣାଯାଇଛି। ଏହି ୭ ବର୍ଷ ମଧ୍ୟରେ ଆଳି ବ୍ଲକ ଅଞ୍ଚଳରେ ଉନ୍ନୟନ ଅର୍ଥ ମଧ୍ୟରୁ ମୋଟ ୨୪,୩୫,୫୨୫ ଟଙ୍କାର ଆର୍ଥିକ ଅନିୟମିତତା ଅଡିଟ୍ ସମୟରେ ଜଣାପଡିଛି। ସେହିପରି ଡେରାବିଶ ବ୍ଲକ ଅଞ୍ଚଳରେ ୨,୦୦,୯୫୬ ଟଙ୍କା, ଗରଦପୁରରେ ୨୩,୬୯,୩୩୮ ଟଙ୍କା, କେନ୍ଦ୍ରାପଡ଼ାରେ ୧,୧୨,୧୨,୩୨୫ ଟଙ୍କା, ମହାକାଳପଡ଼ାରେ ୧,୪୩,୩୫,୨୦୧ ଟଙ୍କା, ମାର୍ଶାଘାଇରେ ୭୧,୯୭,୭୬୩ ଟଙ୍କା, ପଟ୍ଟାମୁଣ୍ଡାଇରେ ୨,୧୦,୪୩,୦୨୧ ଟଙ୍କା, ରାଜକନିକାରେ ୨୫,୭୩,୩୯୨ ଟଙ୍କା ଓ ରାଜନଗର ବ୍ଲକ ଅଞ୍ଚଳରେ ଉନ୍ନୟନ ବାବଦ ଅର୍ଥରୁ ୯୨,୬୦,୯୧୪ ଟଙ୍କାର ଅନିୟମିତତା ଅଛି। ଏ ନେଇ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା କଥା। ତେବେ ଇତିମଧ୍ୟରେ କେତେଜଣ ଅଧିକାରୀ ସ୍ଥାନ ପରିବର୍ତ୍ତନ କରିଥିବା ବେଳେ ଅବଶିଷ୍ଟ ଅବସର ନେଇସାରିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ପତ୍ର ପୂର୍ବରୁ ଦିଆଯାଇଥିଲା। ସୁଫଳ ନ ମିଳିବାରୁ ଲୋକାୟୁକ୍ତରେ ଏହି ଅଭିଯୋଗ ଅଣାଯାଇଥିବା ସେ କହିଛନ୍ତି।

# ଧାନବସ୍ତା ଥୋଇ କୃଷକ ସଙ୍ଗଠନର ଗଣଧାରଣା

କେନ୍ଦ୍ରାପଡ଼ା ଅଫିସ, ୧୯।୧

ସରକାରୀ ଧାନମଣ୍ଡିରେ କଟ୍‌ନି ଛଟ୍‌ନିକୁ ନବ ନିର୍ମାଣ କୃଷକ ସଙ୍ଗଠନ ବିରୋଧ କରିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନବସ୍ତା ଥୋଇ ସଙ୍ଗଠନର କର୍ମକର୍ତ୍ତାମାନେ ଗୁରୁବାର ଗଣଧାରଣା ଦେଇଛନ୍ତି। ଏ ସମ୍ପର୍କରେ ଆନ୍ଦୋଳନକାରୀମାନେ କହିଛନ୍ତି ଯେ, ଜିଲା ପ୍ରଶାସନ ପକ୍ଷରୁ ୧୧୮ଟି ସରକାରୀ ଧାନମଣ୍ଡି ଖୋଲିଛି। ଏଠାରେ ଚାଷୀଙ୍କଠାରୁ ଧାନ କ୍ରୟ ହେଉଛି। ତେବେ ବିଭିନ୍ନ ମଣ୍ଡିରେ ୩ରୁ ୧୨ କେଜି ପର୍ଯ୍ୟନ୍ତ କୁଇଣ୍ଟାଲ ପିଛା କାଟ କରାଯାଉଛି। ଏହି ଟଙ୍କା ଚାଷୀଙ୍କୁ ମିଳିବ ନାହିଁ ବୋଲି ସମ୍ପୃକ୍ତ କର୍ମଚାରୀ କହୁଛନ୍ତି। ସେହିପରି ଅଖା ଦାମ୍ ଚାଷୀଙ୍କୁ ମିଳୁନାହିଁ। ଏ ନେଇ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଚଳିତବର୍ଷ ଚାଷୀ ନିଜର ସୁନା ରୁପା ବନ୍ଧକ ହେଉ, ଋଣ ଅଥବା ନିଜସ୍ୱ ଅର୍ଥରେ ଖରିଫ ଚାଷ କରିଥିଲେ। କଟ୍‌ନି ଛଟ୍‌ନି ଦ୍ୱାରା ଧାନର ପ୍ରକୃତ ମୂଲ୍ୟ ମିଳିପାରୁନାହିଁ। ଏହି ଅବ୍ୟବସ୍ଥା ଦୂର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।



ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନ ବସ୍ତା ରଖାଯାଇଛି।

# ରାଜକନିକାକୁ ହରାଇ ବୌଦ୍ଧ କ୍ଲବ ସେମିରେ

ଆଳି,୧୯।୧(ଡି.ଏନ.ଏ.)

ଆଳି ଆଥଲେଟିକ ଆସୋସିଏଶନ ପକ୍ଷରୁ ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଥିବା ୧୬ତମ ରାଜ୍ୟସ୍ତରୀୟ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ୫ମ ଦିବସରେ ରାଜକନିକା ଆଥଲେଟିକ ଆସୋସିଏଶନ ଓ ବୌଦ୍ଧ ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜକନିକାକୁ ୪-୦ ଗୋଲରେ ହରାଇ ବୌଦ୍ଧ କ୍ଲବ ସେମିରେ ପ୍ରବେଶ କରିଥିଲା। ଖେଳରେ ଅତିଥି ଭାବେ ୩ ନଂ. ଜୋନ ଜିଲା ପରିଷଦ ସଭ୍ୟ ସ୍ୱାଗତିକା ରାଉତ ଓ ଡା. ଇନ୍ଦ୍ରଭାନୁ ପ୍ରଧାନ ଯୋଗ ଦେଇ ବୌଦ୍ଧ କ୍ଲବର ଅଜିତ ଭୋଇଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଆର୍ଥିକ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳକୁ ରେଫରୀ ଭାବେ ସୁବ୍ରତ ପୁରୋହିତ, ପ୍ରିୟବ୍ରତ ବାହିନୀପତି, ବିଜୟ କୁମାର ମଙ୍ଗରାଜ, ସୁଦୀପ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# କେନ୍ଦ୍ରାପଡ଼ାକୁ ୭ ପଦକ

**ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍**

ଭୁବନେଶ୍ୱର,୧୯।୧(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଟାଏକୋଣ୍ଡୋ ସଂଘ ପକ୍ଷରୁ ପୁରୀରେ ଆୟୋଜିତ ରାଜ୍ୟସ୍ତରୀୟ ଚାମ୍ପିୟନଶିପରେ କେନ୍ଦ୍ରାପଡ଼ା ଦଳକୁ ୭ ପଦକ ମିଳିଛି। କୋଚ୍ ନରେଶ କୁମାର ବାରିକଙ୍କ ନେତୃତ୍ୱ ୧୪ ଜଣିଆ ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ ପଦକ ରହିଥିବା ବେଳେ ୩ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ରହିଛି। ମୀର ଆଫତାବ ଅଲି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଶୁଭମ କୁମାର ଦାସ, ଶ୍ରଦ୍ଧାଞ୍ଜଳି ବେହେରା ଓ ଭାଗ୍ୟଲିପି ମଲିକଙ୍କୁ ରୌପ୍ୟ ପଦକ ମିଳିଛି। ଅନ୍ୟ ପକ୍ଷରେ ପ୍ରିୟଙ୍କା ସିଂ, ଗାୟତ୍ରୀ ସିଂ ଓ ଆଶୁତୋଷ ଦାସ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ରାଜ୍ୟ ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ, ଜିଲା ସଂଘ ସମ୍ପାଦକ ଆଶୁତୋଷ ଦାସ, କୋଚ୍ ବିବେକାନନ୍ଦ ସାମଲ, ଏସ୍.କେ. ତଫିରୁଦ୍ଦିନ ଓ ସନ୍ଦୀପ କୁମାର ସିଂ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଟାଏକୋଣ୍ଡା ଚାମ୍ପିୟନଶିପ୍‌ରେ ପଦକଧାରୀ ପ୍ରତିଯୋଗୀ।

# କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ବନ୍ଧରୁ ଅତଡ଼ା ଖସିଲା

- କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗର ଅପାରଗତା
- ଆତଙ୍କିତ ଅବସ୍ଥାରେ କେନାଲ କୂଳିଆ ଗ୍ରାମବାସୀ

ଡେରାବିଶ,୧୯।୧(ସ୍ୱ.ପ୍ର.)

ଖରିଫ ଧାନ ଫସଲ ଅମଳ ପରେ କେନାଲ ଉପରେ ନିର୍ଭରଶୀଳ ଚାଷୀମାନେ ଜାନୁୟାରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ରବି ଫସଲ ଚାଷ କରିଥାନ୍ତି। ପ୍ରତ୍ୟେକ ବର୍ଷ ଜାନୁୟାରୀ ପ୍ରଥମରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ଚାଷ ଜମିକୁ ପାଇଁ କେନାଲରେ ପାଣି ଛଡ଼ାଯାଇଥାଏ। ମାତ୍ର ଚଳିତ ବର୍ଷ କେନାଲରେ ପାଣି ଛାଡ଼ିବା ନେଇ ବିଳମ୍ବ ହୋଇଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ତେବେ ଗୁରୁବାର କେନ୍ଦ୍ରାପଡ଼ା ମୁଖ୍ୟ କେନାଲରେ ଆବଶ୍ୟକତାଠାରୁ ଅଧିକ ପାଣି ଛଡାଯାଇଥିଲା। ଫଳରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ଯଅଁରାବାଗିମୂଳ ପଞ୍ଚାୟତ ଅର୍ତ୍ତାମୂଳ ଗାଁ ନିକଟରେ କେନାଲ ବନ୍ଧରୁ ୧୫ ଫୁଟର ଅତଡା ଖସିଛି। ଦୀର୍ଘବର୍ଷ ହେଲା ଦୁର୍ବଳ ନଦୀବନ୍ଧ ମରାମତି ହୋଇ ନ ଥିବାରୁ ଅର୍ତ୍ତାମୂଳ ଗାଁ ନିକଟରେ ବନ୍ଧ ବିପଦ ଶଙ୍କୁଳ ଅବସ୍ଥାରେ ରହିଥିଲା। ତେବେ ଗୁରୁବାର ମୁଖ୍ୟ କେନାଲ୍‌ରେ ଅଧିକ ପାଣି ଆସିବା ଫଳରେ ଏହି ଗାଁ ପ୍ରତି ବିପଦ ଦେଖା ଦେଇଛି। କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ମୁଖ୍ୟ କେନାଲରେ କିପରି ଏତେ ପାଣି ପ୍ରବାହିତ ହେଲା ତାହା ବିଭାଗର ଦାୟିତ୍ୱ ହୀନତାକୁ ପଦାରେ ପକାଇଛି। ଖବରପାଇ ପୁବଂଶ ଓ ଛତା ଜଳସମ୍ପଦ ଉପଖଣ୍ଡ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବନ୍ଧ ପ୍ରତି ଦେଖାଦେଇଥିବା ବିପଦକୁ କିପରି ଟଳାଯିବ ସେ ନେଇ ଯୁଦ୍ଧକାଳୀନ ଭିତ୍ତିରେ ବହ୍ଲା ପୋତା ଯିବା ସହ ବାଲିବସ୍ତା ପକାଇବା କାର୍ଯ୍ୟ କରିଥିଲେ। ତେବେ ଏ ବିଷୟରେ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରି ନ ଥିଲା। ତେବେ ଏଭଳି ବିପଦ ପାଇଁ ପ୍ରସ୍ତୁତ ନ ଥିବା ଅର୍ତ୍ତାମୂଳ ସମେତ କେନାଲ ପାର୍ଶ୍ୱବର୍ତ୍ତୀ ଦାନପୁର ପଞ୍ଚାୟତର ବିଭିନ୍ନ ଗ୍ରାମବାସୀ ଏକ ପ୍ରକାର ଭୟଭୀତ ଅବସ୍ଥାରେ ରହିଛନ୍ତି। ତେବେ ସନ୍ଧ୍ୟାରେ ଜଳସମ୍ପଦ ବିଭାଗର ଛତା ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କୁ ପଚାରିବାରେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲରେ ୨୦୦ କ୍ୟୁସେକ୍ ପାଣି ଛାଡ଼ିବା ପାଇଁ ଅଧୀକ୍ଷଣ ଯନ୍ତ୍ରୀ ସେଠୀ କଟକ ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ତେବେ ଏହି କେନାଲରେ ପାଣି ଛାଡ଼ିବା ପାଇଁ ନିୟନ୍ତ୍ରଣ ଦାୟିତ୍ୱରେ ଥିବା କେନ୍ଦୁପାଟଣା ସହକାରୀ ନିର୍ବାହୀ ଯନ୍ତ୍ରୀ ବହୁ ଅଧିକ ପାଣି ଛାଡ଼ି ଦେବା ଫଳରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ସନ୍ଧ୍ୟା ସୁଦ୍ଧା ଏହି କେନାଲର ଦାନପୁରଠାରେ ୭୦୦ କ୍ୟୁସେକ୍ ପାଣି ପ୍ରବାହିତ ହେଉଛି। କେଉଁ ମୁହୂର୍ତ୍ତରେ ଦୁର୍ବଳ କେନାଲ ବନ୍ଧ ଭାଙ୍ଗିଯିବାର ଆଶଙ୍କା ରହିଥିବା ନେଇ ଦାନପୁରର ପୂର୍ବତନ ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା କହିଛନ୍ତି। ପଣ୍ଡା କହିଛନ୍ତି, ବିରି ଫସଲ କରିବାକୁ ଅପେକ୍ଷା କରିଥିବା ଚାଷୀଙ୍କୁ ବିଳମ୍ବରେ ପାଣି ଯୋଗାଇବା ପାଇଁ କଟକ ଓ କେନ୍ଦ୍ରାପଡ଼ାର ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ସମନ୍ୱୟ ନ ରହିବା ଲୋକଙ୍କ ପାଇଁ ଏହା ବିପଦ ପାଲଟିଛି।



କେନ୍ଦ୍ରାପଡ଼ା ମୁଖ୍ୟ କେନାଲର ଆର୍ତ୍ତାମୂଳ ଗାଁ ନିକଟରେ ବନ୍ଧରୁ ଅତଡ଼ା ଖସିଛି।

## ସଂକ୍ଷେପରେ

### ୨୭ରେ ଡିଏଫ୍ଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

**ନୟାଗଡ଼ ଅଫିସ,୧୯।୧:** ଗଣିଆ ରେଞ୍ଜ ଅଞ୍ଚଳରେ ୨୦୨୦ରୁ ୨୦୨୨ ମଧ୍ୟରେ କାମ୍ପା, ପ୍ଲାଣ୍ଟେଶନ, ପଥରବନ୍ଧ ରୋଡରେ ଦୁର୍ନୀତି ପ୍ରତିବାଦରେ କଣିକିଆର ଗାଁର ସାମାଜିକ କର୍ମୀ ନୟାଗଡ଼ ଡିଏଫ୍ଓ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୨୭ ତାରିଖରେ ଧାରଣା ଦେବେ । ଏହି କାମରେ ୫ କୋଟି ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି । ଉନ୍ନୟନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି ଉଠିଛି । ଏନେଇ କେଶବ ଜିଲାପାଳ, ଡିଏଫ୍ଓ, ଏସ୍‌ପି ନୟାଗଡ଼, ଭିଜିଲାନ୍ସ ଡିଏସ୍‌ପି ନୟାଗଡ଼ଙ୍କୁ ଅବଗତ କରାଇଛନ୍ତି ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ନୟାଗଡ଼ ଅଫିସ,୧୯।୧:** ନାବାଳିକା ବଳାତ୍କାର ଅଭିଯୋଗରେ ଶରଣକୁଳ ଥାନା ପୋଲିସ ଗୋଡିପଡ଼ା ମହାରଣା ସାହିର ବିଜୟ ମହାରଣା(୩୨)ଙ୍କୁ ଗିରଫ କରିଛି । ଶୁକ୍ରବାର ବିଜୟଙ୍କୁ କୋର୍ଟ ଚାଲାଣ କରାଯିବ । ବିଜୟ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳର ଜଣେ ୧୭ ବର୍ଷର ନାବାଳିକାଙ୍କୁ ୨୦୨୧ ମାର୍ଚ୍ଚ ୭ରେ ଅପହରଣ କରି ବିବାହ କରି ଘରେ ରଖିଥିଲେ । ଝିଅ ସାବାଳକ ହେବା ପରେ ଘରେ ମାରପିଟ୍ କରି ବିଦା କରିଦେଇଥିଲେ । ସମ୍ପୃକ୍ତା ଯୁବତୀ ଏନେଇ ଶରଣକୁଳ ଥାନାରେ ସେପ୍ଟେମ୍ବର ୧୭ରେ ଅଭିଯୋଗ କରିଥିଲେ । ତାଙ୍କ ଇଚ୍ଛା ବିରୋଧରେ ବିଜୟ ତାଙ୍କୁ ବିବାହ କରିବା ସହ ବଳତ୍କାର କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ବିଜୟଙ୍କ ସମେତ ୯ଜଣଙ୍କ ନାଁରେ ୩୬୩, ୩୬୬, ୩୭୬, ୩୭୬(୨)(ଏନ), ୩୨୩, ୨୯୪, ୬ ଓ ୧୭ ପୋକ୍‌ସୋ ଆଇନ, ୯ ଓ ୧୦ ଶିଶୁ ବିବାହ ନିରୋଧ ଆଇନ ଦଫାରେ ୧୨୧/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ମାମଲା ରୁଜୁ ଜଣାପଡିବା ପରେ ବିଜୟଙ୍କ ପରିବାର ଗୋଡିପଡାରୁ ଫେରାର ହୋଇ ଯାଇଥଲେ ।

### ଓଡ଼ଗାଁ ବ୍ଲକରେ ନୂଆ ବିଡିଓ

**ନୟାଗଡ଼ ଅଫିସ/ଓଡ଼ଗାଁ, ୧୯।୧ (ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ଏନଏସିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନୟାଗଡ଼ ବିଡିଓ ଭାବେ ବଦଳି ହୋଇଛି । ଏନେଇ ବଦଳି ବିଜ୍ଞପ୍ତି ପ୍ରକାଶ ପାଇଛି । ଜେନା ଆସନ୍ତା ସପ୍ତାହରେ ବିଡିଓ ଭାବେ ଦାୟିତ୍ୱ ନେବେ ବୋଲି ପ୍ରକାଶ।

### ୨ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ଉଦ୍‌ଘାଟିତ

**ଓଡ଼ଗାଁ,୧୯।୧(ସ୍ୱ.ପ୍ର.):** ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ରାମ ସାଗର ପାର୍କ ସମ୍ମୁଖ ଓ ହସ୍ପିଟାଲ ସାମ୍ନାରେ ୨ଟି ବିଶୁଦ୍ଧ ପାନୀୟ ଜଳ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ସେହିପରି ହସ୍ପିଟାଲ ସଂଲଗ୍ନ ହନୁମାନ ବଜାର ଛକ ଓ ଶ୍ରୀରଘୁନାଥଜୀଉଙ୍କ ଝୁଲଣ ମଣ୍ଡପ ନିକଟରେ ଜନସାଧାରଣଙ୍କ ସୂଚନା ନିମନ୍ତେ ୨ଟି ଏଲଇଡି ସ୍କ୍ରିନ ଲୋକାର୍ପିତ ହୋଇଛି । ପ୍ରତି ପାନୀୟ ଜଳ କେନ୍ଦ୍ର ନିମନ୍ତେ ୧୨ ଲକ୍ଷ ଓ ପ୍ରତି ଏଲଇଡି ସ୍କ୍ରିନ ପାଇଁ ସାଢେ ୧୨ ଲକ୍ଷ ଅନୁଦାନ ମିଳିଛି । ଗୁରୁବାର ଅପରାହ୍ନରେ ଉପରୋକ୍ତ ପ୍ରକଳ୍ପକୁ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିରଞ୍ଚି ନାରାୟଣ ପ୍ରଧାନ,ସହକାରୀ ଯନ୍ତ୍ରୀ ସୁଧାକର ସ୍ୱାଇଁ, ଏନଏସି ଯନ୍ତ୍ରୀ ରଞ୍ଜନ କୁମାର ଦୋରା ଉପସ୍ଥିତ ଥିଲେ ।

# ୫ ଏକର ଜମିରୁ ଶାଳ ଜଙ୍ଗଲ ପଦା

■ଗୁମି ଫରେଷ୍ଟ ସେକ୍ସନରେ ଚାଲିଛି ଗଛ କଟା
■ସରୁ ମୁଗଡାଲି ଉପହାରରେ ଫରେଷ୍ଟରର ଖୁସ୍
■ରିପୋର୍ଟ ତଲବ କଲେ ଡିଏଫ୍ଓ

**ନୟାଗଡ଼ ଅଫିସ,୧୯।୧**

ନୟାଗଡ଼ ବନଖଣ୍ଡ ମହିପୁର ରେଞ୍ଜ ଗୁମି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ମୁରିଆମ୍ବା ନୂଆସାହିସ୍ଥିତ ଶାଳ ଜଙ୍ଗଲରୁ ୫ ଏକର ଶାଳ ଗଛ ପଦା ହୋଇଗଲାଣି । ଗୁମି ଫରେଷ୍ଟରଙ୍କୁ ସରୁ ମୁଗ ଡାଲି ପରି ଉପହାର ଦେଇ କେତେଜଣ ବ୍ୟକ୍ତି ଜଙ୍ଗଲ ପଦା କରୁଛନ୍ତି। ସ୍ଥାନୀୟ ବନ ସୁରକ୍ଷା ସମିତିପକ୍ଷରୁ ଅଭିଯୋଗ ସତ୍ତ୍ୱେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଭଳିସ୍ଥଳେ ଅଭିଯୋଗ ପାଇ ଡିଏଫ୍ଓ ଘଟଣାର ତଦନ୍ତ କରାଇ ସବିଶେଷ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଏନେଇ ମୁରିଆମ୍ବା ନୂଆସାହିର ଅନିରୁଦ୍ଧ ମାଝି କୁହନ୍ତି, ଆମ ଆଖି ଆଗରେ ଜଙ୍ଗଲ ପଦା ହୋଇ ଚାଲିଛି। ଆମେ ନୂଆସାହି ବନ ସୁରକ୍ଷା ସମିତି ପକ୍ଷରୁ ବାରମ୍ବାର ମନା କଲା ପରେ ବି ଜଙ୍ଗଲ ପଦା କରୁଥିବା ଲୋକମାନେ ଶୁଣୁ ନାହାନ୍ତି । ଜଙ୍ଗଲରୁ ଶାଳ ଗଛ ଲୋପ ପାଇ ଚାଲିଛି । ଯଦିବା ଗଣ୍ଡଗୋଳ ଲାଗିନୁ ତେବେ ମାଡଗୋଳଠାରୁ ଅଧିକ ହୋଇ ସାରିଲାଣି । ପ୍ରତିବାଦ କଲେ ଉତ୍ତର ମିଳୁଛି ସରକାରଙ୍କ ଜମି । ଗଛ କାଟିଲେ ତମର କ'ଣ ଗଲା । ଜୋର ଯାର ମୁଲକ ତାର। ଗାଁ ଶ୍ମଶାନରୁ ଗଛ କାଟେନା କହିବାରୁ ଆମ କଥା ଶୁଣୁ ନାହାନ୍ତି । ଫରେଷ୍ଟରଙ୍କୁ ସରୁ ମୁଗଡାଲି ଉପହାରରେ ଦୋଇଛୁ । ଅଭିଯୋଗ କଲେ କିଛି ଫରକ ପଡିବନି । ଘଟଣା ସମ୍ପର୍କରେ ବନ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନି । ଫରେଷ୍ଟଙ୍କ ସହଯୋଗ ମିଳି ନ ଥିଲେ ଜଙ୍ଗଲ ସଫା ହୁଅନ୍ତା ନାହିଁ । ଗଣମାଧ୍ୟମ ପକ୍ଷରୁ ବନବିଭାଗକୁ ପଚାରିଲେ ବାହାନା ଦେଖାଇ ଘଟଣାକୁ ଚାପି ଦେବେ । ଆମର ଅଭିଯୋଗ ଶୁଣିଥିଲେ ୫ ଏକରରୁ ଅଧିକ ଶାଳ ଜଙ୍ଗଲ ପଦା ହୋଇ ନ ଥାନ୍ତା । ଏବେ ବି ଜଙ୍ଗଲ ପଦା ହୋଇ ଚାଲିଛି ବୋଲି ସେ କହି କ୍ଷୋଭ ପ୍ରକାଶ କରିଛନ୍ତି ।

ଗୁମି ଫରେଷ୍ଟର ପବିତ୍ର ମୋହନ ପରିଡା କୁହନ୍ତି, କେତେକ ପରିବାର ଜଙ୍ଗଲକୁ ସଫା କରି ଚାଲିଛନ୍ତି । ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ବି ସୁଫଳ ମିଳିନି । ସରୁ ମୁଗଡାଲି ଉପହାର ପାଇ ଜଙ୍ଗଲ କାଟିବାକୁ ମୁଁ ଯେଉଁ ଅନୁମତି ଦେଇଛି ବୋଲି କଥା ଉଠିଛି ସେପରି ଅଭିଯୋଗର ସତ୍ୟତା ନାହିଁ । ଡିଏଫ୍ଓଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି । ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ କୁହନ୍ତି, ନୂଆସାହି ଶାଳ ଜଙ୍ଗଲ ପଦା ନେଇ ଅଭିଯୋଗ ପରେ ଫରେଷ୍ଟର ତଦନ୍ତ କରିଛନ୍ତି । ତଦନ୍ତରୁ ଜଣା ପଡିଛି ୪ରୁ ୫ଟି ପରିବାର ସରକାରୀ ଜମିକୁ ଅକ୍ତିଆର କରି ୨୦ରୁ ୨୫ ବର୍ଷ ହେଲା ନୂଆସାହି ଜଙ୍ଗଲିଆ ଅଞ୍ଚଳରେ ଅଛନ୍ତି । ଅଳ୍ପ କିଛି ଅଞ୍ଚଳ ଆମ ବନବିଭାଗକୁ ଲାଗି ଅଛି । ସେମାନେ କାଜୁ ଗଛ ଲଗାଇଛନ୍ତି । ଏଭଳିସ୍ଥଳେ ଫରେଷ୍ଟର ଓ ରେଞ୍ଜ ଅଫିସରଙ୍କୁ କୁହାଯାଇଛି କେତେ ଜଙ୍ଗଲ ଜମି ଜବରଦଖଲ କରିଛନ୍ତି ସେନେଇ ରିପୋର୍ଟ ଦେବେ । ରିପୋର୍ଟ ମିଳିବା ପରେ ଜବରଦଖଲକାରୀଙ୍କ ନାଁରେ ମାମଲା ରୁଜୁ ହେବ ବୋଲି କହିଛନ୍ତି । ଅନ୍ୟପକ୍ଷେ ବିରୁଡ଼ାର ଝାରପଡ଼ା ଜଙ୍ଗଲରୁ ଗଛ କଟା ନେଇ କହିଥିଲେ ଜଣେ ବ୍ୟକ୍ତିଗତ ବ୍ୟକ୍ତିଙ୍କ ଜଙ୍ଗଲରୁ ଶାଳ ଗଛ କଟାଯାଇଛି । ଘଟଣାର ତଦନ୍ତ ଚାଲିଛି ।

### ୧୦୦ ଶାଗୁଆନ ଗଛ କଟାଗଲା

ପଞ୍ଚରିଡା ରେଞ୍ଜ ନୟାଗଡ଼ ବ୍ଲକ ବିରୁଡା ଗାଁର ଜଣେ ମହିଳାଙ୍କ ଝାରପଡ଼ା ଜଙ୍ଗଲରୁ ୧ଶହରୁ ଉର୍ଦ୍ଧ୍ୱ ଶାଗୁଆନ ଗଛ କଟା ହୋଇଛି । ୪ ଦିନ ତଳେ କେତେଜଣ ବ୍ୟକ୍ତି ଶାଗୁଆନ ଗଛକୁ କାଟି ନେଇଛନ୍ତି । ଏନେଇ ସେ ପଞ୍ଚରିଡା ରେଞ୍ଜର, ନୟାଗଡ଼ ଡିଏଫ୍ଓ, ନୟାଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି । ତାଙ୍କ ସୂଚନା ଅନୁସାରେ ମୁଁ ନୟାଗଡ଼ରେ ରୁହେ । ମୋର ଝାରପଡ଼ା ଅଞ୍ଚଳରେ ୨ ହଜାର ହେକ୍ଟର ବ୍ୟକ୍ତିଗତ ଜଙ୍ଗଲ ଜମି ରହିଛି । ଯେଉଁଥିରେ ଶାଗୁଆନ ଗଛ, ବାଉଁଶ ସହ ଅନେକ ଗଛ ରହିଛି । ଗଛ କାଟିବା ସମ୍ପର୍କରେ ଅଭିଯୋଗ କରିବା ପରେ ବନବିଭାଗ ପକ୍ଷରୁ ଫଟୋ ଉତ୍ତୋଳନ କରାଯାଇ ତଦନ୍ତ କରାଯାଇଛି। ହେଲେ କାଠ ଚୋରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇନି । ଏଭଳି ଲାଗି ରହିଲେ ମୋ ବ୍ୟକ୍ତିଗତ ଜଙ୍ଗଲ ପଦା ହୋଇଯିବ ବୋଲି ସେ କହିଛନ୍ତି ।

# ପରିବେଶ ସଚେତନତା ପ୍ରତି ଗଛ ସାର୍‌ଙ୍କ ଗୁରୁତ୍ୱ

### ପର୍ବ ପର୍ବାଣିରେ ଆମ୍ବ ଡାଳ, ପତ୍ର, ଅଡୁଙ୍ଗା ଗଛ ନଷ୍ଟ ନ କରିବାକୁ ଅନୁରୋଧ

**ଖଣ୍ଡପଡ଼ା,୧୯।୧(ସ୍ୱ.ପ୍ର.)**

ମଣିଷ ପ୍ରତି ମୁହୂର୍ତ୍ତରେ ପ୍ରକୃତି ଓ ପରିବେଶକୁ କ୍ଷତାକ୍ତ କରିଚାଲିଛି। ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ଭାବେ ମଣିଷ ନିଜକୁ ପରିଚିତ କରାଉଥିବା ବେଳେ ତା'ର ସ୍ୱାର୍ଥପରତା ଯୋଗୁ ସମୁଦାୟ ଜୀବଜଗତ ଦିନେ ଲୋପ ପାଇବ । ବୃକ୍ଷହିଁ ପରିବେଶର ମୁଖ୍ୟ ସମ୍ପଦ, ଏହି ବୃକ୍ଷ ଦ୍ୱାରା ଆସନ୍ନ ବନ୍ୟା, ବାତ୍ୟାକୁ ପ୍ରତିହତ କରିବା ସମ୍ଭବ ହୋଇ ପାରିବ ବୋଲି ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋର ଗଛସାର। ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ କହିଛନ୍ତି । ବୃକ୍ଷ ଉତ୍ତାପକୁ ନିୟନ୍ତ୍ରଣ କରିବା ଦ୍ୱାରା ମାନବ ସମାଜ ସ୍ଥିତି ସମ୍ଭବ ହୋଇ ପାରିଛି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ପାହାଡ ପର୍ବତ ଓ ପରିବେଶର ସୁରକ୍ଷା ସହ ଚାରା ରୋପଣ ତଥା ସେହି ବୃକ୍ଷକୁ ବଞ୍ଚାଇ ରଖିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି । ବନ ବଞ୍ଚିଲେ ଜନେ ବଞ୍ଚିବେ । ଏଥିପାଇଁ ବିଭିନ୍ନ ପର୍ବପର୍ବାଣୀରେ ଆମ୍ବ ଡାଳ,ପତ୍ର ଓ ଅଡୁଙ୍ଗା ଗଛ ବ୍ୟବହାର ନ କରିବାକୁ ସେ ଅନୁରୋଧ କରିଛନ୍ତି । ଘରେ ହେଉ କି ଶିକ୍ଷାନୁଷ୍ଠାନରେ ସରସ୍ୱତୀ ଓ ଗଣେଶ ପୂଜାରେ ଆମ୍ବଗଛର ଡାଳପତ୍ର ଓ ଅଡୁଙ୍ଗା ଗଛରେ ତୋରଣ ନିର୍ମାଣ କରାଯାଇଥାଏ । ହେଲେ ପୂଜା ସରିବା ପରେ ସେହି ଡାଳପତ୍ର କୌଣସି କାମରେ ଲାଗେ ନାହିଁ । ତାହା ରାସ୍ତା କଡ଼ରେ ପଡି ନଷ୍ଟ ହୁଏ । ସେଥିପାଇଁ ଏପରି ବୃକ୍ଷ ଲତାକୁ ନଷ୍ଟ ନ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି । ଏହି ଅବସରରେ ସେ ନିଜ ହାତରେ ତିଆରି କରିଥିବା ସଚେତନତା ପୋଷ୍ଟର ପ୍ରଦାନ କରିଛନ୍ତି ।



ଗଛସାର୍ ପୋଷ୍ଟର ମାଧ୍ୟମରେ ସଚେତନତା ସୃଷ୍ଟି କରୁଛନ୍ତି ।

# ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

### ଖଟିଆରେ ବୁହାହେଲେ ରୋଗୀ

**ଦଶପଲ୍ଲା,୧୯।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଅଧିକାଂଶ ଗାଁରେ ଭଲ ରାସ୍ତାଟିଏ ନାହିଁ। ଫଳରେ ଜଣେ ରୋଗୀଙ୍କୁ ମେଡିକାଲ ନେବା ପାଇଁ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଗାଁରେ ପହଞ୍ଚି ପାରି ନ ଥିଲା । ଶେଷରେ ଗାଁ ଲୋକେ ରୋଗୀଙ୍କୁ ବୋହି ବୋହି ଆମ୍ବୁଲାନ୍ସ ପାଖକୁ ଆଣିବା ପରେ ରୋଗୀ ଡାକ୍ତରଖାନାରେ ପହଞ୍ଚି ଥିଲେ । ଗୁରୁବାର ଚଡେୟାପଲ୍ଲୀ ପଞ୍ଚାୟତ ରାଣିଝରି ଗ୍ରାମ ନିକଟ ବୁଲୁଙ୍ଗୁ ଗ୍ରାମରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା । ସୂଚନା ଅନୁଯାୟୀ, ଗ୍ରାମର ଜଣେ ମହିଳା ହଠାତ୍ ଅସୁସ୍ଥ ହୋଇ ପଡିଥିଲେ । ସେ ଗୁରୁତର ଥିବା ଜାଣିବା ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । ଆମ୍ବୁଲାନ୍ସ ଠିକ୍ ସମୟରେ ପହଞ୍ଚି ଥିଲେ ମଧ୍ୟ ଗାଁକୁ ରାସ୍ତା ନ ଥିବାରୁ ଆସି ପାରି ନ ଥିଲା । ଶେଷରେ ଗାଁଠାରୁ ଅଢେଇ କିଲୋମିଟର ଦୂରରେ ଅଟକି ଥିବା ଆମ୍ବୁଲାନ୍ସ ପାଖକୁ ରୋଗୀଙ୍କୁ ବୋହି ଆଣିବାକୁ ପଡିଥିଲା। ଏଥିରେ ଅବଶ୍ୟ ୧୦୮ଆମ୍ବୁଲାନ୍ସ କର୍ମଚାରୀ ବଦାନ୍ୟତା ଦେଖାଇ ଥିଲେ । ସମ୍ପୃକ୍ତା ମହିଳାଙ୍କୁ ଖଟିଆରେ ବୁଲୁଙ୍ଗୁଠାରୁ ରାଣୀଝରି ପର୍ଯ୍ୟନ୍ତ ବୋହିଆଣିକୁ ପଡିଥିଲା। ଦଶପଲ୍ଲା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସମ୍ପୃକ୍ତା ମହିଳାଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଛି।



### ବିଶିଷ୍ଟ ଆଦିବାସୀ ନେତାଙ୍କ ପରଲୋକ

**ଦଶପଲ୍ଲା,୧୯।୧(ଡି.ଏନ.ଏ.)**

ଦଶପଲ୍ଲା ଅଞ୍ଚଳର ବିଶିଷ୍ଟ ଆଦିବାସୀ ନେତା ତଥା ସିପିଆଇ(ଏମ) ନଚ୍ଛିପୁର ବ୍ରାଞ୍ଚ କମିଟି ସଭ୍ୟ, ଗମ୍ଭାରୀ ଖୋଲ ନିବାସୀ ପୁରସ୍ତମ ମଲିକଙ୍କ ଗୁରୁବାର ପୂର୍ବାହ୍ନରେ ବାର୍ଦ୍ଧକ୍ୟଜନିତ ରୋଗରେ ଦେହାନ୍ତ ହୋଇଛି । ସେ ଜଣେ ସ୍ନେହୀ ପରୋପକାରୀ ବ୍ୟକ୍ତି ଥିଲେ । ଆଦିବାସୀମାନଙ୍କ ଜମି, ଜଳ, ଜଙ୍ଗଲ ଅଧିକାର ପାଇଁ ସେ ସଂଗ୍ରାମ କରୁଥିଲେ । ତାଙ୍କ ପରଲୋକରେ ଆଦିବାସୀ ଅଧିକାର ସଂଗ୍ରାମ ମଞ୍ଚରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ଏହି ଦୁଃଖଦ ଖବର ଜଣାପଡିବା ପରେ ସିପିଆଇ(ଏମ)ର ନୟାଗଡ଼ ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା,ଆଦିବାସୀ ନେତା ନୀଳକଣ୍ଠ ଯାନି, ଲକ୍ଷ୍ମଣ ଯାନି, କ୍ଷେତମଜଦୁର ନେତା ଶ୍ୟାମସୁନ୍ଦର ମୁଦୁଲି ପ୍ରମୁଖ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ମରଶରୀରରେ ଲାଲ୍ ପତାକା ଆବରଣ କରି ସମ୍ମାନ ପ୍ରଦର୍ଶନ କରିଥିଲେ ।

# ନୟାଗଡ଼ ଲେଙ୍କୁଡ଼ିପଡ଼ା ରାସ୍ତା ଶିଳାନ୍ୟାସ



ବିଧାୟକ ଅରୁଣ ସାହୁ ଶିଳାନ୍ୟାସ କରୁଛନ୍ତି ।

**ନୟାଗଡ଼ ଅଫିସ,୧୯।୧**

ନୟାଗଡ଼ ଜିଲା ସଦର ମହକୁମାର ଟ୍ରାଫିକ ଛକଠାରୁ ଲେଙ୍କୁଡିପଡ଼ା କୋଏନା ଡ଼ାବା ପର୍ଯ୍ୟନ୍ତ ରାସ୍ତା ରୂପାନ୍ତରଣ ପାଇଁ ଗୁରୁବାର ନୟାଗଡ ବିଧାୟକ ଅରୁଣ କୁମାର ସାହୁଙ୍କ ଦ୍ୱାରା ଶିଳାନ୍ୟାସ ହୋଇଛି। ନୟାଗଡ଼ ସହର ତ୍ରିନାଥ ଛକଠାରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ନୟାଗଡ ବିଧାୟକ ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ରୂପାନ୍ତରଣ ହେବ ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ ପାତ୍ର ଉପସ୍ଥିତ ଥିଲେ।

# ୧୯୯୩ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ

**ଖଣ୍ଡପଡ଼ା,୧୯।୧(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ୧୯୯୩ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ମଶାନ ଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଇଂ.ବିନୋଦ କୁମାର ମହାରଣା, ତନ୍ମୟ କୁମାର ଚୌଧୁରୀ, ପଙ୍କଜ କୁମାର ସାହୁଙ୍କ ଉଦ୍ୟମ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗଦେଇ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ । ସହପାଠୀଙ୍କ ଅସୁବିଧା ସମୟରେ ଅନ୍ୟମାନେ ପରସ୍ପର ପ୍ରତି ସାହାଯ୍ୟ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।



ବନ୍ଧୁ ମିଳନରେ ଯୋଗଦେଇଥିବା ପୁରାତନ ଛାତ୍ର ।

# ଜିଲାସ୍ତରୀୟ ପ୍ରଦର୍ଶନୀ, ୫ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

**ଓଡ଼ଗାଁ,୧୯।୧(ସ୍ୱ.ପ୍ର.)**

ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସ୍ଥାନୀୟ ରଘୁନାଥ ସରକାରୀ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ଇନସ୍ପାୟାର ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ ଅଧକ୍ଷତା କରିଥିଲେ । ପୂର୍ବାହ୍ନ ଓ ଅପରାହ୍ନରେ ୨ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଓ ଜିଲା ପରିଷଦ ଅଧକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଓଡ଼ଗାଁ ମଣ୍ଡଳ ଶିକ୍ଷାଧିକାରୀ ଗୀତାଞ୍ଜଳୀ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଜିଲା ବିଜ୍ଞାନ ସୁପରଭାଇଜର ମାନସ ରଞ୍ଜନ ଷଡ଼ଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ।

ଏହି ପ୍ରଦର୍ଶନୀରେ ସମସ୍ତ ୮ ବ୍ଲକର ବିଭିନ୍ନ ସ୍କୁଲରୁ ଏନ୍‌ସିଇଆରଟି ଦ୍ୱାରା ମନୋନୀତ ୫୯ ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ସେଥିରୁ ନାରାୟଣ ପ୍ରସାଦ ପିୟୁପିଏସ୍ ଗଣିଆର ଓମ୍ ପ୍ରସାଦ ପଣ୍ଡାଙ୍କ ସୋଲାର ପେଡି କଟର, ଆରସି ହାଇସ୍କୁଲ ଖଣ୍ଡପଡ଼ାର ରିତେଶକୁମାର ଆଚାର୍ଯ୍ୟଙ୍କ ୱାସିଂମେଶିନ ଫର ଭେଜିଟେବୁଲ କଟର, ବଜେନ୍ଦ୍ର ହାଇସ୍କୁଲ ନୟାଗଡ଼ର ଅନିଲ କୁମାର ପାଲଙ୍କ ଇନୋଭେଟିଭ ପ୍ଲାଷ୍ଟିକ ଥ୍ରେଡ ପ୍ରୋଡକ୍ସନ, ମହିପୁର ହାଇସ୍କୁଲର ଅର୍ପିତା ସାହୁଙ୍କ ଆଲୁମିନିୟମ ଫୁଏଲ ସେଲ ଟେକ୍‌ନୋଲୋଜି ଓ ବିସି ହାଇସ୍କୁଲ ରଣପୁରର ଛାତ୍ରଙ୍କ ରାଜନନ୍ଦିନି ମହାନ୍ତିଙ୍କ ସ୍ମାର୍ଟ ହୋମ ଆଦି ପ୍ରକଳ୍ପ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ ହୋଇଛି । ସମସ୍ତ ଯୋଗ୍ୟ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପଦ୍ମନାଭ ମହାପାତ୍ର, ଡ. ସୁକାନ୍ତ କୁମାର ସାହୁ, ପ୍ରସନ୍ନ କୁମାର ଦାଶ ଓ ପ୍ରଶାନ୍ତ କୁମାର ପଣ୍ଡା ବିଚାରକ ଭାବେ ସମସ୍ତ ପ୍ରକଳ୍ପକୁ ଅନୁଧ୍ୟାନ କରିଥିଲେ । ସେହିପରି ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନ ଇଣ୍ଡିଆର ପ୍ରଜ୍ଞା ରୀତାପର୍ଣ୍ଣା ଓ ସୁବ୍ରତ କୁମାର ବାରିକ ପର୍ଯ୍ୟବେକ୍ଷକଭାବେ ଅଂଶ ଗ୍ରହଣ କରିଥିଲେ । ପଞ୍ଚାନନ ପଣ୍ଡା, ରଞ୍ଜନ କୁମାର ଦାଶ, ଭାବଗ୍ରାହୀ ମହାପାତ୍ର ଓ ଏକଲବ୍ୟ ଦାଶ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ନାୟକ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ ।

### ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ନାମେଣ୍ଟ

# କୋରାପୁଟ ଟିମ୍ ବିଜୟୀ

**ଦଶପଲ୍ଲା,୧୯।୧(ଡି.ଏନ.ଏ.)**

ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ସେମି ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଟିମ୍‌କୁ ହରାଇ କୋରାପୁଟ ଦଳ ବିଜୟୀ ହୋଇଛି । ଉଭୟ ଦଳ ଭଲ ଖେଳ ପ୍ରଦର୍ଶନ କରିଥିଲେ । ତେବେ କୋରାପୁଟ ଦଳ ପ୍ରଥମାର୍ଦ୍ଧର ଶେଷ ହେବା ପୂର୍ବରୁ ଗୋଟିଏ ଗୋଲ ଦେଇ ଅଗ୍ରଣୀ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଟିମ୍ ସେହି ଗୋଲକୁ ପରିଶୋଧ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲା । ଶେଷରେ କୋରାପୁଟ ଟିମ୍ ଆଉ ଗୋଟିଏ ଗୋଲ ଦେଇ ୨–୦ରେ ଅଗ୍ରଣୀ ହୋଇଥିଲା । ଖେଳ ପରିଚାଳନା କରିଥିଲେ ରେଫରି ଶ୍ୟାମସୁନ୍ଦର ସାହା । ଲାଇନ୍ସ ରେ ରବିନ୍ଦ୍ର ନାୟକ ଏବଂ ରବିନ୍ଦ୍ର ମୁଦୁଲି ତାଙ୍କୁ ସହାୟତା କରିଥିଲେ । ଅତିଥି ଭାବେ ମଟର ମାଲିକ ସଂଘ ସଭାପତି ସୂର୍ଯ୍ୟମଣି ଦାଶ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ୨ ଦଳର ଖେଳାଳି ।

# ଲଜ୍, ହୋଟେଲରେ ଚାଲିଛି ଅସାମାଜିକ କାମ

■ ରେଜିଷ୍ଟରରେ ଷ୍ଟେଟ୍‌ମେଣ୍ଟ ମେଣ୍ଟେନ ହେଉନି
■ ଧିମେଇଯାଉଛି ପୋଲିସର ଚଢ଼ାଉ

**ନୟାଗଡ଼ ଅଫିସ,୧୯।୧**

ନୟାଗଡ଼ ଜିଲା ସଦର ମହକୁମାର କେତେକ ଲଜ୍ ଓ ହୋଟେଲରେ ଅସାମାଜିକ କାର୍ଯ୍ୟ ଚାଲିଛି । ଗତ ଡିସେମ୍ବରରେ ନୟାଗଡ଼ ସଦର ମହକୁମାରୁ ଦୁଇ ଜଣ ଗିରଫ ହୋଇ ଜେଲ ଯିବା ପରେ ଏପରି ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଛି । ଲଜ୍ ଗୁଡିକ ପ୍ରତ୍ୟହ ଗ୍ରାହକଙ୍କ ରହିବା ଓ ଯିବା ସମ୍ପର୍କରେ ଷ୍ଟେଟମେଣ୍ଟ ଦେବାର ନିୟମ ରହିଛି । ହେଲେ ବିଭିନ୍ନ ଲଜ୍ ଓ ହୋଟେଲ ଏହି ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରୁନାହାନ୍ତି । ପୋଲିସ ଚଢ଼ାଉ ନ ଥିବାରୁ ସେ ଭୟ ଲଜ୍ ଓ ହୋଟେଲ ମାଲିକଙ୍କ ନାହିଁ । ଖଣ୍ଡପଡ଼ା ରୋଡ ଅଞ୍ଚଳରେ ଏପରି ଅସାମାଜିକ କାମ ବେଶୀ ଚାଲୁଛି । ଏଥିରେ ପୋଲିସର ଅନୁକମ୍ପା ରହିଥିବା ଅଭିଯୋଗ ହୋଇଛି।

ନୟାଗଡ ଜିଲା ସଦର ମହକୁମାରେ ୧୨ରୁ ଉର୍ଦ୍ଧ୍ୱ ଲଜ୍ ଓ ହୋଟେଲ ରହିଛି। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ୨୦ରୁ ଉର୍ଦ୍ଧ୍ୱ ଲଜ୍ ରହିଛି । ଏକାଧିକ ଲଜ୍ ବେଆଇନ ଭାବେ ଗଢ଼ି ଉଠିଛି । ଏଭଳିସ୍ଥଳେ ଲଜ୍ ଓ ହୋଟେଲରେ ଯେଉଁ ଗ୍ରାହକମାନେ ରହିବେ ସେମାନେ ନିଜର ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସପୋର୍ଟର ନକଲ ଦେବାର ନିୟମ ରହିଛି । ଝିଅକୁ ୧୮ ଓ ପୁଅକୁ ୨୧ ବର୍ଷ ବୟସ ହୋଇ ନ ଥିଲେ ଲଜ୍‌ରେ ରହିପାରିବେନି । ତେବେ ଅଧିକାଂଶ ଲଜ୍‌ରେ ଆଧାର କାର୍ଡ, ଭୋଟର ପରିଚୟ ପତ୍ର ପରି ପ୍ରମାଣ ପତ୍ର ଦେବାର ଆବଶ୍ୟକତା ପଡୁନାହିଁ । ଗତ ୬ ତାରିଖ ରାତି ସାଢ଼େ ୧୧ଟାରେ ୩ ଜଣ ନାବାଳିକା ପୁରୁଷ ବନ୍ଧୁଙ୍କ ସହ ଲଜ୍‌ରେ ରହିବାକୁ ନୟାଗଡ଼ର ଏକ ଲଜ୍‌କୁ ଆସିଥିଲେ । ସେମାନେ ପୂର୍ବରୁ ୩ଟି ବେଡ୍ ବୁକିଂ କରିଥିଲେ । ପରିଚୟ ପତ୍ରର ନକଲ ମାଗିବାରୁ ନାହିଁ କହିଥିଲେ। ପ୍ରତି ବଦଳରେ ଅଧିକ ଟଙ୍କା ଯାଚିଥିଲେ। ପ୍ରମାଣ ପତ୍ର ନ ଥିବାରୁ ଲଜ୍ ମାଲିକ ସେମାନଙ୍କୁ ଫେରାଇ ଦେଇଥିଲେ । ହେଲେ ସେମାନେ ଖଣ୍ଡପଡ଼ା ରୋଡରେ ଥିବା ଏକ ଲଜ୍‌ରେ ବିନା ପ୍ରମାଣପତ୍ର ନକଲରେ ରହିଥିଲେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ପୋଲିସକୁ ସେଦିନ ରାତିରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ବୋଲି ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି । ଏହି ଘଟଣାର ତଦନ୍ତ ଓ ସିସିଟିଭି ଯାଞ୍ଚ କଲେ ଅନେକ ଗୁମର ଫିଟିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଏ ସମ୍ପର୍କରେ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି କୁହନ୍ତି, ଆଧାର କାର୍ଡ, ଭୋଟ ପରିଚୟ ପତ୍ର ନ ଦେଇ ଲଜ୍, ହୋଟେଲରେ ରହିଲେ କିଛି ଅସୁବିଧା ନାହିଁ । ପୁରୀରେ ଅନେକ ଲଜ୍‌ରେ ବିନା ପ୍ରମାଣ ପତ୍ର ଦେଇ ଗ୍ରାହକ ରହୁଛନ୍ତି । ନୂଆ ନିୟମ ପରେ ଦେହ ବ୍ୟବସାୟ ଚାଲିବା ନେଇ ପ୍ରମାଣ ମିଳିବା ବହୁ କଷ୍ଟକର ବ୍ୟାପାର ବୋଲି ସେ କହିଛନ୍ତି। ଜଣେ ଯୁବକ କୁହନ୍ତି, କେତେଜଣ ନାବାଳିକା ଏକାଧିକ ଲଜ୍‌ରେ ରହୁଛନ୍ତି । ଲଜ୍ କର୍ତ୍ତୃପକ୍ଷ ସେମାନଙ୍କ ପୁରୁଷ ବନ୍ଧୁଙ୍କ ପ୍ରମାଣପତ୍ର ରଖିବାବେଳେ ନାବଳିକାଙ୍କ ପ୍ରମାଣପତ୍ର ରଖୁ ନାହାନ୍ତି । କେତେବେଳେ କେବଳ ଯୁବତୀଙ୍କମାନଙ୍କ ପ୍ରମାଣ ପତ୍ର ରଖୁଛନ୍ତି । ତାଙ୍କ ପୁରୁଷ ବନ୍ଧୁଙ୍କ କୌଣସି ତଥ୍ୟ ରଖୁ ନାହାନ୍ତି । ଲଜ୍ ଓ ହୋଟେଲର ମ୍ୟାନେଜର ସ୍ଥାନୀୟ କେତେଜଣ ଦଲାଲଙ୍କ ସହାୟତାରେ ଏପରି କାମ କରାଉଛନ୍ତି ବୋଲି ଅଭିଯୋଗ ହୋଇଛି ।

## ଖସିଲା ଶେୟାର ବଜାରର କାରବାର

**ନୂଆଦିଲ୍ଲୀ:** ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୭ (୧୮୭.୩୧) ପଏଣ୍ଟ ଖସି ୬୦,୮୫୮(୬୦,୮୫୮.୪୩) ଅଙ୍କରେ ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୫୮ (୫୭.୫୦) ପଏଣ୍ଟ ହ୍ରାସ ଘଟି ୧୮,୧୦୮(୧୮,୧୦୭.୮୫) ଅଙ୍କରେ ବଜାର କାରବାର ବନ୍ଦ କରିଥିଲା।



ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ନୂତନ ବୀମା ପ୍ଲାନ୍ 'ଏଲ୍‌ଆଇସି ଜୀବନ ଆଜାଦ୍' (ପ୍ଲାନ୍ ନଂ. ୮୬୮) ନିଗମର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁମ୍ବାଇସ୍ଥିତ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିଗମର ବରିଷ୍ଠ ଅଧିକାରୀମାନେ ନୂତନ ପ୍ଲାନ୍ 'ଏଲ୍‌ଆଇସି ଜୀବନ ଆଜାଦ୍'ର ପୋଷ୍ଟର ଉନ୍ମୋଚନ କରୁଛନ୍ତି।

## 'ରିଲାଏନ୍ସ ଜୁଏଲ୍‌ସ ଡ୍ରିମ୍ ଡାଇମଣ୍ଡ ସେଲ୍'

**ନୂଆଦିଲ୍ଲୀ,୧୯।୧**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ନିକଟରେ 'ରିଲାଏନ୍ସ ଜୁଏଲ୍‌ସ ଡ୍ରିମ୍ ଡାଏମଣ୍ଡ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର ଗ୍ରାହକମାନଙ୍କୁ ସର୍ବୋତ୍କୃଷ୍ଟ ଶପିଂ ଅନୁଭବ ପ୍ରଦାନ କରାଇବା ପାଇଁ ଆକର୍ଷଣୀୟ ଡିଜାଇନ, ୟୁନିକ୍ କଲେକ୍‌ସନ ଓ ଆହୁରି ଅନେକ କିଛି ଆକର୍ଷଣୀୟ ଅଫର ମଧ୍ୟ ଉପଲବ୍ଧ। ଏହି ଡ୍ରିମ୍ ଡାଏମଣ୍ଡ ସେଲ୍ ସହ ବ୍ରାଣ୍ଡ୍ ଏହାର ପୃଷ୍ଠପୋଷକମାନଙ୍କୁ ବ୍ୟାପକ ଶ୍ରେଣୀୟ ଡାଏମଣ୍ଡ ଜୁଏଲେରି ପ୍ରଦାନ କରିବା ଲାଗି ଆକର୍ଷଣୀୟ କାରିଗରିର ସୁଯୋଗ ମଧ୍ୟ ପ୍ରଦାନ କରୁଛି। ବିଶେଷକରି ଉକ୍ତ ଡାଇମଣ୍ଡ ସେଲ୍‌ରେ ବ୍ୟାପକ କଲେକସନ ଯଥା ନେକ୍‌ଲେସ୍ ସେଟ୍, ପେଣ୍ଡାଣ୍ଟ ସେଟ୍, ଚୁଡ଼ି, ବ୍ରେସ୍‌ଲେଟ୍, ରିଙ୍ଗ୍ ଓ ଆହୁରି ଅନେକ



ଆକର୍ଷଣୀୟ ଡିଜାଇନ ପ୍ରଦର୍ଶିତ କରିଥାଏ, ଯାହା ଆପଣଙ୍କର ସ୍ୱତନ୍ତ୍ର ଅବସରକୁ ଆହୁରି ସ୍ମରଣୀୟ କରିଥାଏ। ସେହିଭଳି ଏହି ସେଲ୍ ଅବସରରେ ଡାଇମଣ୍ଡ ମୂଲ୍ୟର ୨୫% ପର୍ଯ୍ୟନ୍ତ ଆକର୍ଷଣୀୟ ରିହାତି ରହିଛି। ଏହି ଅଫର ଚଳିତ ବର୍ଷ ୧୪ ଫେବୃୟାରୀ ପର୍ଯ୍ୟନ୍ତ ବୈଧ ରହିଛି। ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍‌ସର ସିଇଓ ସୁନୀଲ୍ ନାୟକ କହିଛନ୍ତି, ଆମର ଡାଇମଣ୍ଡ ଜୁଏଲେରି କଲେକ୍‌ସନ ହେଉଛି ଏକ ସ୍ୱତନ୍ତ୍ର କଳାକୃତିର ଡିଜାଇନ। ଏହି ଜୁଏଲେରି ପିସ୍‌ଗୁଡ଼ିକୁ ବହୁତ ଯତ୍ନର ସହିତ ପ୍ରସ୍ତୁତ କରାଯାଇଥାଏ।

## ଏସ୍‌ପିପିଏଲ୍ ପକ୍ଷରୁ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୧୯।୧**

ରାଜ୍ୟର ପ୍ରମୁଖ ବନ୍ଦର ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ପକ୍ଷରୁ ନିକଟରେ ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ବାଲିଆପାଳଠାରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀରାମପୁର ସରପଞ୍ଚ ଦେବକୁମାର ଦେ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୌମୁଖ ଗ୍ରାମପଞ୍ଚାୟତ ସ୍ତରୀୟ ସଂଘ ସଭାପତି ଓ ବାଲିଆପାଳ ବ୍ଲକ୍ ସ୍ତରୀୟ ସଂଘ ସଚିବ ସୁଷମା ଦତ୍ତ, ଟାଟା ଷ୍ଟିଲ୍ ଫାଉଣ୍ଡେଶନ ବାଲେଶ୍ୱରର ମୁଖ୍ୟ ପ୍ରମୋଦ କୁମାର ପାତ୍ରଙ୍କ ସମେତ ଟାଟା ଷ୍ଟିଲ୍ ସିଏସ୍‌ଆର ଟିମ୍‌ର ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ସ୍ଥାନୀୟ ମହିଳାମାନଙ୍କୁ ସଶକ୍ତୀକରଣକୁ ଗୁରୁତ୍ୱାରୋପ କରି ସ୍ଥାନୀୟ ଅଞ୍ଚଳରେ ଆତ୍ମନିଯୁକ୍ତି ଏବଂ ଜୀବନଜୀବିକା ସୁଯୋଗରେ ଉନ୍ନତି ଆଣିବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଏକ ୨ମାସିଆ ଚାନ୍ଦୁଆ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଉକ୍ତ କର୍ମଶାଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ର ସଦସ୍ୟମାନେ ଚାନ୍ଦୁଆ ହସ୍ତଶିଳ୍ପ ଉପରେ ନିଜର ଦକ୍ଷତା ବୃଦ୍ଧି କରିବା ଦ୍ୱାରା ନିଜ ପାଇଁ ଅତିରିକ୍ତ ଆୟର ସୁଯୋଗ ସୃଷ୍ଟି କରିପାରିବେ ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ପ୍ରଶିକ୍ଷିତ ସଦସ୍ୟମାନେ ଅନ୍ୟ ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ମଧ୍ୟ ଏହା ଉପରେ ପ୍ରଶିକ୍ଷଣ ପ୍ରଦାନ କରିପାରିବେ। ଏପରିକି ଏସ୍‌ପିପିଏଲ୍ ପକ୍ଷରୁ ଜୀବିକା କ୍ଷେତ୍ରରେ ନିଆଯାଉଥିବା ବିଭିନ୍ନ ଯୋଜନା ମଧ୍ୟରୁ ଏହା ଅନ୍ୟତମ ଓ ଭବିଷ୍ୟତରେ ମଧ୍ୟ ଆହୁରି ଅନେକ ଯୋଜନା କାର୍ଯ୍ୟକାରୀ କରିବାକୁ କମ୍ପାନୀ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ବେଦାନ୍ତ ଆଲୁମିନିୟମର ନିକ୍ଷୟ ମିତ୍ର ଅଭିଯାନ

**ଭୁବନେଶ୍ୱର,୧୯।୧**

ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ନିକ୍ଷୟ ମିତ୍ର ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ଟିବି ମୁକ୍ତ ଭାରତ ଅଭିଯାନ 'ନିକ୍ଷୟ ମିତ୍ର'କୁ କମ୍ପାନୀ ଦୃଢ଼ ସମର୍ଥନ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଉଛି। ସେହିଭଳି ୨୦୨୫ ଶେଷ ସୁଦ୍ଧା ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ଜରିଆରେ ଦେଶରୁ ଯକ୍ଷ୍ମାକୁ ଦୂରକରିବାକୁ ଲକ୍ଷ୍ୟ ରଖାଯାଇଛି। ଏପରିକି ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ସାଙ୍ଗକୁ ସେମାନଙ୍କ ଉପଯୁକ୍ତ ପୋଷଣ ଯତ୍ନ ଉପରେ କେନ୍ଦ୍ର ସରକାରଙ୍କ ଏହା ଏକ ବୃହତ୍ ପଦକ୍ଷେପ ବୋଲି କୁହାଯାଉଛି।

ଏହି ଅବସରରେ ବେଦାନ୍ତ ଲିଃ. (ଝାରସୁଗୁଡ଼ା)ର ସିଇଓ ସୁନୀଲ ଗୁପ୍ତାଙ୍କ ସମେତ ଝାରସୁଗୁଡ଼ା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ମୁଖ୍ୟ ଜିଲା ମେଡିକାଲ ଅଧିକାରୀ ଡୋଳାମଣି ପଟେଲ, ଜିଲା କାର୍ଯ୍ୟକ୍ରମ ସଂଯୋଜକ ରେସମା ରଣା ଏବଂ ଡବ୍ଲ୍ୟୁଏଚ୍‌ଓର ପରାମର୍ଶଦାତା ଦିନେଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ।

ଏ ସମ୍ପର୍କରେ ସିଇଓ ଗୁପ୍ତା କହିଛନ୍ତି, ଆମର ସାମାଜିକ ପଦକ୍ଷେପ ମଧ୍ୟରେ ସ୍ୱାସ୍ଥ୍ୟ ଓ ସୁସ୍ଥତା ଏକ ପ୍ରମୁଖ ଅଂଶ



ହୋଇଥାଏ। ଏପରିକି ପ୍ରଧାନମନ୍ତ୍ରୀଙ୍କ ଟିବିମୁକ୍ତ ଭାରତ ଆହ୍ୱାନକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ଓ ଜାତୀୟ ସ୍ତରୀୟ ଆହ୍ୱାନ ହୋଇଥିବାରୁ ଉକ୍ତ ଅଭିଯାନକୁ ଆମେ ବେଶ୍ ସକାରାତ୍ମକ ଭାବେ ଆରମ୍ଭ କରୁଛୁ। ବିଶେଷକରି ଉକ୍ତ ରୋଗକୁ ପ୍ରଭାବଶାଳୀ ହସ୍ତକ୍ଷେପ ଦ୍ୱାରା ରୋକାଯାଇପାରିବ। ତେଣୁ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମକୁ ଆମ ଅଞ୍ଚଳରେ ଠିକ୍ ଭାବେ କାର୍ଯ୍ୟକାରୀ କରାଇପାରିଲେ ସ୍ଥାନୀୟ ଗୋଷ୍ଠୀଙ୍କ ଜୀବନରେ ଉନ୍ନତି ଆସିପାରିବ ବୋଲି ସେ ମତପ୍ରକାଶ କରିଛନ୍ତି।

ସେହିଭଳି ଡା. ଡୋଳାମଣି ପଟେଲ କହିଥିଲେ, ଯକ୍ଷ୍ମା ଚିକିତ୍ସା ସହ ରୋଗୀଙ୍କୁ ସହାୟତା କରିବା ଓ ଦେଶରୁ ଟିବି ରୋଗ ବିଲୋପ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଟିବି ମୁକ୍ତ ଭାରତ ଅଭିଯାନରେ ସବୁ ହିତାଧିକାରୀଙ୍କୁ ଏକାଠି କରିବା ପାଇଁ ଏଭଳି ଏକ ଅଭିଯାନର ଯୋଜନା କରାଯାଇଛି। ତେଣୁ ମୁଁ ବେଦାନ୍ତ ଆଲୁମିନିୟମକୁ ଏଥିପାଇଁ ଧନ୍ୟବାଦ ଦେବାକୁ ଚାହିଁବି। ଏପରି ଏକ ମହତ୍ କାମରେ ଅଂଶଗ୍ରହଣ କରି ଲୋକମାନଙ୍କ ହିତ ପାଇଁ ସେମାନେ କାର୍ଯ୍ୟ କରୁଛନ୍ତି। ସେହିପରି ଉପଯୁକ୍ତ ସମୟରେ ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ଭଲ ହୋଇପାରିବେ ବୋଲି ଦିନେଶ କୁମାର ସାହୁ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ୬୫ଜଣ ରୋଗୀଙ୍କୁ ଆବଶ୍ୟକ ସହାୟତା କରିବା ସହ ସେମାନଙ୍କୁ ଉପଯୁକ୍ତ ପୋଷକ ଓ ଚିକିତ୍ସା ଯୋଗାଇଦେବାକୁ ମତପ୍ରକାଶ କରିଛି।

## ଲେନୋଭୋର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୧୯।୧**

ଗ୍ଲୋବାଲ ଟେକ୍ନୋଲୋଜି ଲିଡର ଲେନୋଭୋର ନୂତନ ଉତ୍ପାଦ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ଦେଶର ପ୍ରଥମ ୧୩ ଜେନ୍ ଇଣ୍ଟେଲ୍ କୋର୍‌ଟିଏମ୍ ପ୍ରୋସେସର ଦ୍ୱାରା ପରିଚାଳିତ ଲାପ୍‌ଟପ୍‌ର ଶୁଭାରମ୍ଭ କରାଯାଇଛି। ଏହି ପ୍ରିମିୟମ ୟୋଗା ୯ଆଇକୁ ବିବିଧତା ପାଇଁ ନିର୍ମାଣ କରାଯାଇଛି। ଏହା ଇଣ୍ଟେଲର ନୂଆ ପ୍ରୋସେସରଗୁଡିକ ଦ୍ୱାରା ପରିଚାଳିତ । ଯାହା ଚମତ୍କାର ପ୍ରଦର୍ଶନ କରିବା ପାଇଁ ପର୍‌ଫର୍ମାନ୍ସ ହାଇବ୍ରିଡ୍ ଆର୍କିଟେକ୍ଟରର ବ୍ୟବହାର କରୁଛି। ଇଣ୍ଟେଲ ଇଭୋଟିଏମ୍ ପ୍ଲାଟ୍‌ଫର୍ମ ସହ ଜଡ଼ିତ ଏହି ଲାପ୍‌ଟପ୍‌କୁ ସୃଜନଶୀଳ ଭାବେ ମଲ୍ଟିଟାସ୍କିଂ କରିବା ସହ ସିଷ୍ଟମର ବ୍ୟାଟେରି ଲାଇଫ୍, ପ୍ରତିକ୍ରିୟାଶୀଳତା କିମ୍ବା କନେକ୍ଟିଭିଟି ଉପରେ ପ୍ରଭାବକୁ ହ୍ରାସ କରିବା ପାଇଁ ଏକ ପ୍ରିମିୟମ ମୋବାଇଲ ଅନୁଭୂତି ଦେବା ପାଇଁ ନିର୍ମାଣ କରାଯାଇଛି।

ଏ ସମ୍ପର୍କରେ ଲେନୋଭୋ ଇଣ୍ଡିଆର କଞ୍ଜ୍ୟୁମର ବିଜ୍‌ନେସ୍ ବିଭାଗର ନିର୍ଦ୍ଦେଶକ ଦିନେଶ ନାୟାର କହିଛନ୍ତି, ଆମେ ପ୍ରଥମ ବ୍ରାଣ୍ଡ୍ ଭାବେ ଭାରତୀୟ ବଜାରରେ ଇଣ୍ଟେଲ୍‌ର ୧୩ ଜେନ୍ ନେକ୍ସଟ୍-ଲେଭେଲ୍ କମ୍ପ୍ୟୁଟିଂ ପ୍ରୋସେସର ଆଧାରିତ ଲାପ୍‌ଟପ୍‌ଗୁଡିକ ଶୁଭାରମ୍ଭ କରି ଉତ୍ସାହିତ ରହିଛୁ। ଆମର ୟୋଗା ରେଞ୍ଜ୍‌ର ଡିଭାଇସ୍‌ଗୁଡ଼ିକ ସବୁବେଳେ ସର୍ବୋତ୍ତମ ଶ୍ରେଣୀର ହେବା ପାଇଁ ଆଗଧାଡ଼ିରେ ରହିଛନ୍ତି ଏବଂ ଉପଭୋକ୍ତାଙ୍କ ସ୍ମାର୍ଟ ପସନ୍ଦ ଓ ସେମାନଙ୍କର ବିସ୍ତୃତ ଉତ୍ପାଦକତା ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ସୀମାରୁ ଆଗକୁ ବଢ଼ିଛନ୍ତି। ଆମେ ଏହି ପରମ୍ପରାକୁ ନୂଆ ଇଣ୍ଟେଲ୍ ପ୍ରୋସେସରଗୁଡିକ ଦ୍ୱାରା ପରିଚାଳିତ ଆମର ନୂତନ ଓ ରିଫ୍ରେଶ୍‌ଡ ୟୋଗା ୯ଆଇ ସହ ଜାରି ରଖିଛୁ। ଏହି ୨-୧ ଲାପ୍‌ଟପ୍ ବହୁମୁଖୀ ଜୀବନଶୈଳୀକୁ ଉପଭୋଗ କରୁଥିବା ଏବଂ ଟେକ୍ନୋଲୋଜି ଉପରେ ବହୁମାତ୍ରାରେ ନିର୍ଭର କରୁଥିବା ଲୋକମାନଙ୍କ ପାଇଁ ଉପଯୁକ୍ତ, ଯାହା ସେମାନଙ୍କୁ ଅଧିକ ସ୍ମାର୍ଟ, ସୁବିଧାଜନକ ଓ ଦକ୍ଷ ଉପାୟରେ କାର୍ଯ୍ୟ କରିବାକୁ ସକ୍ଷମ କରିଥାଏ।

## ଫୁର୍‌ସତ



ଦିଶା ପଟାନୀ

## ଫଟୋ ପାଇଁ ପ୍ରଶଂସା

**ମୁମ୍ବାଇ:** ଫଟୋ ଶୁଟ୍ ପାଇଁ ସବୁବେଳେ ଚର୍ଚ୍ଚାରେ ରହନ୍ତି ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ। ନିକଟରେ ସେ କରିଥିବା ଲକ୍‌ଜୁରୀ କ୍ଲୋଥିଙ୍ଗ ବ୍ରାଣ୍ଡର ଫଟୋଶୁଟ୍‌ର ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଫଟୋରେ ଦିଶା ଟାଇଗର ପ୍ରିଣ୍ଟର ଟପ୍ ପିନ୍ଧି ପୋଜ୍ ଦେଇଥିବାର ଦେଖିବାକୁ ମିଳିଛି। ତେବେ ଦିଶାଙ୍କ ଏହି ଫଟୋ ୟୁଜର୍ସଙ୍କୁ ଖୁବ୍ ପସନ୍ଦ ଆସିଛି। ବିଶ୍ୱର ସବୁଠାରୁ ସୁନ୍ଦରୀ ଝିଅ ଲେଖି ଜଣେ ୟୁଜର୍ସ କମେଣ୍ଟ ଦେଇଥିବାବେଳେ ଆଉ ଜଣେ ଲେଖିଛନ୍ତି, ସୁନ୍ଦରୀ ବୋଲି କମେଣ୍ଟ କରିଛନ୍ତି। ତେବେ ଫଟୋ ପାଇଁ ଦିଶାଙ୍କୁ ପ୍ରଶଂସା କରିବାକୁ ଭୁଲିନାହାନ୍ତି ଟାଇଗର ଶ୍ରଫ୍‌ଙ୍କ ମା' ଆୟେଶା ଏବଂ ଭଉଣୀ କ୍ରିଷ୍ଣା ଶ୍ରଫ୍। ବର୍ତ୍ତମାନ ଦିଶା ମଡେଲ ଆଲେକ୍‌ଜାଣ୍ଡର ଆଲେକ୍ସ ଇଲିକ୍‌ଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଅଛନ୍ତି। କିଛିଦିନ ପୂର୍ବେ ଇଲିକ୍ ଦିଶାଙ୍କ ସହ ଆଉଟିଂର ଏକ ଫଟୋ ପୋଷ୍ଟ କରିଥିଲେ। ଇଲିକ୍‌ଙ୍କ ସହ ସମ୍ପର୍କକୁ ନେଇ ଦିଶା ଗଣମାଧ୍ୟମରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଫିଲ୍ମ ବାଗି-୨ରେ ଟାଇଗର ଓ ଦିଶା ଏକାଠି ନଜରକୁ ଆସିଥିଲେ। ନିକଟରେ ଦିଶାଙ୍କ ଅଭିନୀତ ଫିଲ୍ମ 'ଏକ୍ ଭିଲେନ୍ ରିଟର୍ନସ୍' ରେ ନଜରକୁ ଆସିଥିଲେ।

## ୨ ଦିନ ପୂର୍ବରୁ ଅର୍ଡର କଲେ ମିଳିବ ସାଣ୍ଡୱିଚ୍

**ନୂଆଦିଲ୍ଲୀ:** ଅନେକେ ସାଣ୍ଡୱିଚ୍(ପାଉଁରୁଟି) ଖାଇବାକୁ ପସନ୍ଦ କରିଥାନ୍ତି। ସାଧାରଣତଃ ରାସ୍ତା କଡ଼ରେ ମିଳୁଥିବା ସାଣ୍ଡୱିଚ୍ ସବୁ ଲୋକେ କିଣି ଖାଇପାରନ୍ତି। ଦାମୀ ରେଷ୍ଟୁରାଣ୍ଟ ଏବଂ ବିଦେଶରେ ସାଣ୍ଡୱିଚ୍‌ର ଦର ଅଧିକ ରହିଥାଏ, ଯାହାକୁ ସବୁ ବର୍ଗର ଲୋକେ କିଣିପାରନ୍ତି ନାହିଁ। ଗିନିଜ୍ ୱାର୍ଲ୍ଡ ରେକର୍ଡ ମୁତାବକ ନ୍ୟୁୟର୍କର ସେରେନଡିପିଟି-୩ ରେଷ୍ଟୁରାଣ୍ଟରେ ଦୁନିଆର ସବୁଠାରୁ ମହଙ୍ଗା ସାଣ୍ଡୱିଚ୍ ମିଳିଥାଏ, ଯାହାର ମୂଲ୍ୟ ୨୧୪ ପଉଣ୍ଡ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୪ ହଜାର ଟଙ୍କା। ସେହି ସାଣ୍ଡୱିଚ୍‌କୁ ଗିନିଜ୍ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନିତ କରାଯାଇଛି।



ଏଥିସହ ସେହି ରେଷ୍ଟୁରାଣ୍ଟରେ ସବୁଠାରୁ ଦାମୀ ଡେଜର୍ଟ, ହେମ୍ବର୍ଗ, ହାଟ୍‌ଡଗ୍, ସବୁଠୁ ବଡ଼ ବିବାହ ପାଇଁ କେକ୍ ଗିନିଜ୍ ରେକର୍ଡ ହାସଲ କରିଛି। ସେଠାକାର ସାଣ୍ଡୱିଚ୍‌ର ନାମ ହେଉଛି କୁଇନ୍‌ଟେଷ୍ଟେନ୍‌ସିଆଲ୍ ଗ୍ରିଲ୍ଡ ଚିଜ୍। ମୁଖ୍ୟତଃ ଏଥିରେ ବ୍ୟବହୃତ ଛେନା ଇଟାଲିରୁ ଅଣାଯାଏ। ଏକ ଖାସ୍ ପ୍ରଜାତିର ଗାଈଙ୍କଠାରୁ ଏହି ଚିଜ୍ ତିଆରି ହୁଏ, ଯିଏକି ବର୍ଷକୁ ମାତ୍ର ୨ ମାସ କ୍ଷୀର ଦେଇଥାଏ।

## ଅନନ୍ତ-ରାଧିକାଙ୍କ ନିର୍ବନ୍ଧ ସମ୍ପନ୍ନ



**ମୁମ୍ବାଇ:** ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀଙ୍କର ନିର୍ବନ୍ଧ ଗୁରୁବାର ଗୁଜୁରାଟୀ ରିତିନୀତି ଓ ପରମ୍ପରା ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ମୁମ୍ବାଇସ୍ଥିତ ମୁକେଶଙ୍କ ବାସଭବନ ଆଣ୍ଟିଲିଆ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅମ୍ବାନୀ ପରିବାର ସଦସ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଏଥିରେ ସାମିଲ ଥିଲେ। ସେହିଭଳି ମୁକେଶ ଓ ନୀତା ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଆମେରିକାର ବ୍ରାଉନ୍ ୟୁନିଭର୍ସିଟିରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବାବେଳେ ବର୍ତ୍ତମାନ ସେ ରିଲାଏନ୍ସର ଏନର୍ଜି ବିଜ୍‌ନେସର ମୁଖ୍ୟ ଭାବେ ସେ କର୍ଯ୍ୟ କରୁଛନ୍ତି। ସେହିପରି ଶୈଳା ଏବଂ ବିରେନ ମର୍ଚ୍ଚାଣ୍ଟଙ୍କ ଝିଅ ରାଧିକା ନ୍ୟୁୟର୍କ ୟୁନିଭର୍ସିଟିରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବାବେଳେ ବର୍ତ୍ତମାନ ସେ ବୋର୍ଡ ଅଫ୍ ଏନ୍‌କୋର୍ ହେଲ୍‌ଥକେୟାରର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ ୨୦୨୨ ଡିସେମ୍ବର ୨୯ରେ ରାଜସ୍ଥାନର ନାଥଦ୍ୱାର ଠାରେ ରାଧିକା ମର୍ଚ୍ଚାଣ୍ଟ ଏବଂ ଅନନ୍ତ ଅମ୍ବାନୀଙ୍କର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ରୋକା' ଅନୁଷ୍ଠିତ ହୋଇଥିଲା।

## ଚ୍ୟାରିଟି ପାଇଁ ୩୫୪ କି.ମି. ଦୌଡ଼

**ଲଣ୍ଡନ**

ଟାଇପ୍ ୧ ମଧୁମେହ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ରୋଗର ନିରାକରଣ ପାଇଁ ଉନ୍ନତ ଚିକିତ୍ସା ପଦ୍ଧତି ଉପଲବ୍ଧ କରାଇବା ଲାଗି ଅଣ୍ଟା ଭିଡ଼ିଛନ୍ତି ଲଣ୍ଡନର ଇଷ୍ଟ ଫିଞ୍ଚଲିରେ ରହୁଥିବା ଜାମି ଆଉଷ୍ଟିନ୍। ଏ ନେଇ ସେ ଏକ ଚ୍ୟାରିଟି (ଦାତବ୍ୟ ଅନୁଷ୍ଠାନ) ମଧ୍ୟ ପ୍ରତିଷ୍ଠା କରିଛନ୍ତି। ଆସନ୍ତା ୨୩ ତାରିଖରେ ଜାମି ଏମ୍‌ଆଇ୧ ଚ୍ୟାଲେଞ୍ଜ ନାଁରେ ଏକ ନିଆରା ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ସେ ଗାଲଫୋର୍ଥରୁ ବ୍ରେଣ୍ଟ କ୍ରସ୍ ପର୍ଯ୍ୟନ୍ତ ପାଖାପାଖି ୩୫୪ କି.ମି. (୨୨୦ ମାଇଲ) ବାଟ ଦୌଡ଼ିବେ। ଏହି ୧୦ ଦିନିଆ ଅଭିଯାନ ଫେବୃୟାରୀ ୪ ତାରଖରେ ଶେଷ କରିବାର ଯୋଜନା ସେ ରଖିଛନ୍ତି। ତେବେ ଜାମିଙ୍କ ଏ ପ୍ରକାର ନିଆରା ଅଭିଯାନ ଆରମ୍ଭ କରିବାର ମୂଳ କାରଣ ହେଉଛି ତାଙ୍କ ୧୨ ବର୍ଷୀୟ ପୁଅ ହେନରୀ। ୨୦୨୦ରେ ହେନରୀଙ୍କୁ ଟାଇପ୍-୧ ଡାଇବେଟିସ୍ ହୋଇଥିବା ଜଣାପଡ଼ିବା ପରେ ଜାମିଙ୍କୁ ଏକ ଶକ୍ତ ଧକ୍କା ଲାଗିଥିଲା। କାଳବିଳମ୍ବ ନ କରି ଜାମି ପୁଅ ହେନରୀଙ୍କ ଚିକିତ୍ସା କରାଇଥିଲେ। ଟାଇପ୍-୧ ମଧୁମେହ ଲାଗି ଜୀବନତମାମ ହେନରୀଙ୍କୁ ଇଞ୍ଜେକ୍ସନ ଦିଆଯିବ ବୋଲି ଜଣାପଡ଼ିବା ପରେ ତାହା ଜାମିଙ୍କୁ କଷ୍ଟ ଦେଇଥିଲା। ଜାମି ପ୍ରତିଷ୍ଠା କରିଥିବା ଚ୍ୟାରିଟି ଲାଗି ବର୍ତ୍ତମାନ ସୁଦ୍ଧା ୫୦୦୦ ଡଲାର ପାଣ୍ଠି ଯୋଗାଡ଼ ହୋଇସାରିଛି।



## ୨୯.୮୫ ସେକେଣ୍ଡରେ ଚେସ୍ ବୋର୍ଡ ସଜାଇ ରେକର୍ଡ

**ମୁମ୍ବାଇ:** ଗିନିଜ୍ ୱାର୍ଲ୍ଡ ରେକର୍ଡ ତା'ର ସୋସିଆଲ ଆକାଉଣ୍ଟରେ ଏକ ବିଶ୍ୱ ରେକର୍ଡର ଭିଡିଓ ପୋଷ୍ଟ କରିଛି। ସେଥିରେ ପୁଡୁଚେରୀର ଏସ୍. ଓଡେଲା ଜସ୍ମିନ୍ ନାମ୍ନୀ ଯୁବତୀ ଚେସ୍ ବୋର୍ଡରେ ସମସ୍ତ ଗୋଟିକୁ ସୁନ୍ଦର ଭାବେ ତା' ସ୍ଥାନରେ ସଜାଇ ବିଶ୍ୱ ରେକର୍ଡ କରିଛନ୍ତି। ତାଙ୍କୁ ଏଥିପାଇଁ ୨୯.୮୫ ସେକେଣ୍ଡ ଲାଗିଥିଲା। ସେ କେବେ ବି ଚେସ୍ ଖେଳି ନାହାନ୍ତି। ଏହି ରେକର୍ଡ ପାଇଁ ୧ ବର୍ଷ ଧରି ଅଭ୍ୟାସ କରିଥିଲେ। ତେବେ ତାଙ୍କ ପୂର୍ବରୁ ୪ ଜଣଙ୍କ ନାମରେ ଏହି ୱାର୍ଲ୍ଡ ରେକର୍ଡ ରହିଥିଲା। ଏବେ ସେ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ଜସ୍ମିନ୍ ୨୦୨୧ ଜୁଲାଇ ୨୦ତାରିଖରେ ଏହି ରେକର୍ଡ କରିଥିଲେ। ତାଙ୍କ ପୂର୍ବରୁ ୨୦୨୧ରେ ଆମେରିକାର ଡେଭିଡ୍ ରୁଷ ୩୦.୩୧ ସେକେଣ୍ଡରେ, ୨୦୧୯ରେ ଆମେରିକାର ନକୁଲ ନାମାସ୍ୱାମୀ ୩୧.୫୫ ସେକେଣ୍ଡ, ୨୦୧୫ରେ ଆମେରିକାର ଆଲ୍‌ଭା ଉଇ ୩୨.୪୨ ସେକେଣ୍ଡ, ୨୦୧୪ରେ ସର୍ବିଆର ଡାଲିବର୍ ଜବ୍‌ଲାନୋଭିକ୍ ୩୪.୨୦ ସେକେଣ୍ଡରେ ଚେସ୍ ବୋର୍ଡ ସଜାଇ ରେକର୍ଡ କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଭାରତ ଯୋଡ଼ୋ ଯାତ୍ରା ଅବସରରେ ପଞ୍ଜାବର ପଠାନକୋଟ ଠାରେ ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଦଳୀୟ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ନେତାମାନେ ଏକ ସଭାରେ ଯୋଗ ଦେଇଛନ୍ତି।

# ବିସିଆଇ ତଦନ୍ତ ଟିମ୍ ପଠାଇବାକୁ ମମତାଙ୍କ ସମାଲୋଚନା

### କାଲକାଟା ହାଇକୋର୍ଟରେ ହଙ୍ଗାମା

କୋଲକାତା,୧୯।୧

କାଲକାଟା ହାଇକୋର୍ଟର ବିଚାରପତି ରାଜଶେଖର ମାନ୍ଥାଙ୍କ ଅଦାଲତ ବାହାରେ ହଙ୍ଗାମା ଘଟଣାର ତଦନ୍ତ ଲାଗି ବାର୍ କାଉନ୍ସିଲ ଅଫ୍ ଇଣ୍ଡିଆ (ବିସିଆଇ) ଟିମ୍ ପଠାଇଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ସମାଲୋଚନା କରିଛନ୍ତି। ଆଲିପୁରଦୁଆରରେ ପ୍ରଶାସନିକ ସମୀକ୍ଷା ବୈଠକରେ ଉଦ୍‌ବୋଧନ ଦେଇ ମମତା କହିଥିଲେ, ପଶ୍ଚିମବଙ୍ଗରେ କେଉଁଠି ଉଇ ଲାଗିଲେ, କେନ୍ଦ୍ରୀୟ ଟିମ୍ ପଠାଇଦିଆଯାଉଛି। କାଲକାଟା ହାଇକୋର୍ଟରେ କୌଣସି ସମସ୍ୟା ହୋଇଥିଲେ ମୁଖ୍ୟ ବିଚାରପତି ଏହାର ଅନୁଧ୍ୟାନ କରିବେ। ପଶ୍ଚିମବଙ୍ଗ ବାର୍ କାଉନସିଲ ରହିଛି, ସରକାର ରହିଛନ୍ତି। ଦିଲ୍ଲୀରୁ ତଦନ୍ତକାରୀ ଟିମ୍ ପଠାଗଲା କାହିଁକି ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି, ପଶ୍ଚିମବଙ୍ଗରେ ଫୋଟକା ଫୁଟିଲେ କେନ୍ଦ୍ର ଜାତୀୟ ତଦନ୍ତକାରୀ (ଏନ୍ଆଇଏ) ଟିମ୍ ପଠାଉଛି। କିନ୍ତୁ କୁଚ୍‌ବିହାର କିମ୍ବା ଦକ୍ଷିଣ ଦିନାଜପୁରରେ ସୀମା ସୁରକ୍ଷା ବଳ ଯବାନଙ୍କ ଗୁଳିରେ ନିରୀହ ଲୋକଙ୍କ ଜୀବନ ଯାଉଥିଲାବେଳେ ସେଠାକୁ କେନ୍ଦ୍ର ସରକାର ତଦାରଖ ଟିମ୍ ପଠାଉନାହାନ୍ତି। ଉତ୍ତରପ୍ରଦେଶରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ହେଉଥିବାବେଳେ ଏବଂ ଖାଇବାକୁ ନ ପାଇ ଚାଷୀ ମରୁଥିବାବେଳେ କେନ୍ଦ୍ରୀୟ ଟିମ୍ ପଠାଯାଉନାହିଁ। ସବୁ ସରକାରୀ ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋକୁ ମାମତା ସମାଲୋଚନା କରିଛନ୍ତି। ଯୋଜନାରେ ଫଟୋ ନ ଲଗାଇ ଲୋକଙ୍କ ହୃଦୟରେ ରହିବାକୁ ଉଦ୍ୟମ କରିବା ଆବଶ୍ୟକ ବୋଲି ମମତା ପ୍ରଧାନମନ୍ତ୍ରୀଙ୍କ ନାଁ ନ ନେଇ କହିଛନ୍ତି।

# ଭାରତ ଯୋଡ଼ୋ ଯାତ୍ରାରେ ଯୋଗଦେବେ ଫାରୁକ୍

ଜମ୍ମୁ,୧୯।୧

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ଭାରତ ଯୋଡ଼ୋ ଯାତ୍ରାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ସାମିଲ ହେବେ। ପଦଯାତ୍ରାରେ ଥିବା ରାହୁଲଙ୍କୁ ସ୍ୱାଗତ କରିବା ଲାଗି ଗୁରୁବାର ସେ ଜମ୍ମୁ-କଶ୍ମୀରର କଠୁଆ ଜିଲାର ଲଖନପୁର ଯାଇଥିଲେ। ତାଙ୍କ ସହ



ଫାରୁକ୍ ଅବଦୁଲ୍ଲା

ଦଳର ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ଥିଲେ। ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ମଧ୍ୟ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି। ଏହା ବ୍ୟତୀତ ଡୋଗ୍ରା ସ୍ୱାଭିମାନ ସଂଗଠନ ପାର୍ଟି ଅଧ୍ୟକ୍ଷ ଚୌଧାରୀ ଲାଲ୍ ସିଂ ମଧ୍ୟ କଶ୍ମୀରରେ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବେ।

# କେସିଆର୍‌ଙ୍କ ବିରୋଧୀ ରାଲି: ନୀତୀଶ କ୍ଷୁବ୍ଧ

ପାଟନା,୧୯।୧

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ବୁଧବାର ଖମ୍ମାମଠାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର ବିଶାଳ ରାଲି କରିଥିଲେ। ଏଥବରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ବାମଦଳ ନେତା ଡି. ରାଜା, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ପ୍ରମୁଖ ଆଞ୍ଚଳିକ ଦଳଗୁଡ଼ିକର ନେତା ସାମିଲ ହୋଇଥିଲେ। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାରଙ୍କୁ ଉକ୍ତ ରାଲିକୁ ଡକା ନ ଯିବା ପଛରେ ଷଡ଼ଯନ୍ତ୍ର ରହିଥିବା ସେ ଅଭିଯୋଗ କରିଛନ୍ତି। ଭାଜପା ବିରୋଧରେ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ଉଦ୍ୟମ ଚଳାଇଥିବା ନୀତୀଶ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ବିରୋଧୀ ରାଲିକୁ ନେଇ କ୍ଷୁବ୍ଧ ହୋଇଛନ୍ତି। କେସିଆର୍ ତାଙ୍କୁ ରାଲିକୁ ନିମନ୍ତ୍ରଣ ନ କରିବା ନେଇ ନୀତୀଶ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ। ଭାଜପା ବିରୋଧରେ ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ, ଆର୍‌ଜେଡି ଆଦି ଦଳଙ୍କୁ ନେଇ ମୁଖ୍ୟ ସାମ୍ମୁଖ୍ୟ ଗଠନ କରିବା ଓ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଲକ୍ଷ୍ୟରେ ଥିବା ନୀତୀଶଙ୍କୁ କେସିଆର୍ ନିମନ୍ତ୍ରଣ ନ କରିବା ତାଙ୍କ ପାଇଁ ଶକ୍ତ ଧକ୍କା ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।



ନୀତୀଶ କୁମାର

କେସିଆର୍ ଅଣଭାଜପା, ଅଣକଂଗ୍ରେସ ମେଣ୍ଟ କଥା କହୁଛନ୍ତି। ଆମେ କଂଗ୍ରେସ ସମେତ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ, ନବୀନ ପଟ୍ଟନାୟକଙ୍କ ବିଜେଡି, ଟିଡିପି, ଦେବଗୌଡ଼ାଙ୍କ ଜେଡିଏସ୍ ସମେତ ସମସ୍ତ ଅଣଭାଜପା ଦଳଙ୍କୁ ଏକାଠି କରିବାକୁ ଚାହୁଁ ବୋଲି ଜେଡିୟୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେ.ସି. ତ୍ୟାଗୀ କହିଛନ୍ତି। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଅଧା ଏକତା ଆଣି କେହି ଭାଜପାକୁ ହରାଇପାରିବେ ନାହିଁ ବୋଲି ସେ ମତ ଦେଇଛନ୍ତି।

# ବିଡିଓ-କନକବର୍ଦ୍ଧନ ମୁହାଁମୁହିଁ ଭିଡିଓ ଭାଇରାଲ

ବଲାଙ୍ଗୀର ଅଫିସ/ବେଲପଡା, ୧୯।୧ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅଫିସ ସମ୍ମୁଖରେ ଦୁଇଜଣ ଭାଜପା ଜିଲା ପରିଷଦ ସଦସ୍ୟା ବିଭିନ୍ନ ଦାବି ନେଇ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଥିଲା ବିଡିଓ ମନମୁଖି କରି ସେମାନଙ୍କ ଜିଲା ପରିଷଦ ଅନୁଦାନ କାଟି ଦେଉଛନ୍ତି। ଜିଲା ପରିଷଦ ଜୋନ୍ ୨୫ ସଦସ୍ୟା ଶବ୍ଦ ମିର୍ଦ୍ଧା ଏବଂ ଜୋନ୍ ୨୬ର ସଦସ୍ୟା ଅନିମା ଦାଶ ବ୍ଲକ ଅଫିସ ସମ୍ମୁଖରେ ମଙ୍ଗଳବାରଠାରୁ ବସିଥିଲେ ହେଁ ବିଡିଓ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିଲେ। ବୁଧବାର କନକ ବର୍ଦ୍ଧନ ସିଂଦେଓ ବ୍ଲକ୍‌କୁ ଆସି ଧାରଣାରେ ସାମିଲ ହୋଇଥିଲେ। ଖବର ପାଇ ପାଟଣାଗଡ଼ ଆସିଷ୍ଟାଣ୍ଟ କଲେକ୍ଟରଙ୍କ ସହ ବିଡିଓ ଭେକ୍ଟର ସୋରେନ୍ ଧାରଣାସ୍ଥଳକୁ ଆସିଥିଲେ। ଏହି ସମୟରେ ସିଂଦେଓ ବିଡିଓ ସୋରେନ୍‌ଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓରେ ଦେଖାଯାଇଛି ଯେ, ସିଂଦେଓ ବିଡିଓଙ୍କୁ ପଚାରୁଛନ୍ତି ଯେ, ଆପଣ ପବ୍ଲିକ୍ ସର୍ଭ୍ୟାଣ୍ଟ ନା ବସ୍। ବିଡିଓ କହୁଛନ୍ତି ପବ୍ଲିକ୍ ସର୍ଭ୍ୟାଣ୍ଟ। ସିଂଦେଓ ଆହୁରି କହୁଛନ୍ତି ଯେ, ଏହି ଅଞ୍ଚଳର ମାଲିକ ଭାବେ ବ୍ୟବହାର କରନାହିଁ। କୁଆଡ଼େ ଗଲା ତମ ମା'କୁ ସମ୍ମାନ ଦେଉଥିବା ୫-ଟି ସରକାର ବୋଲି ପ୍ରଶ୍ନ କରିଥିଲେ। ଏଭଳି କଥା କହିଲେ ପୁଣି କଳାବ୍ୟାଜ ପିନ୍ଧିବ କି ବୋଲି ପ୍ରଶ୍ନ କରିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଲୋକେ କିଛିଦିନ ତଳେ ଜିଲା ପରିଷଦ ବୈଠକରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଏବଂ ଜିଲାପାଳ ଚଞ୍ଚଳ ରାଣାଙ୍କ ମୁହାଁମୁହିଁ ଘଟଣା ସହ ଏହି ଘଟଣାକୁ ଯୋଡି ଚର୍ଚ୍ଚା କରୁଛନ୍ତି।



ବେଲପଡ଼ା ବ୍ଲକ୍ ଅଫିସ ସମ୍ମୁଖରେ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ଓ ବିଡିଓ ଭେକ୍ଟର ସୋରେନ୍‌ଙ୍କ ଭିଡିଓ ଫଟୋ।

# ଓବିସି ସର୍ଭେ ତୁରନ୍ତ ନ ସାରିଲେ ଆନ୍ଦୋଳନ: ଭାଜପା

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ରାଜ୍ୟ ଜନସଂଖ୍ୟାର ସର୍ବାଧିକ ୫୪ ପ୍ରତିଶତ ଓବିସି ଓ ଏସ୍‌ଇବିସି ବର୍ଗଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରି ରାଜ୍ୟ ସରକାର ପ୍ରଥମେ ସଂରକ୍ଷଣ ପ୍ରଦାନ କରନ୍ତୁ। ଏ ସମ୍ପର୍କରେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣକରି ବିନା ଓବିସି ସଂରକ୍ଷଣରେ ସ୍ଥାନୀୟ ନିର୍ବାଚନ ହୋଇପାରିବ ନାହିଁ ବୋଲି ବାରମ୍ବାର ରାୟ ଶୁଣାଇଥିଲେ। ଭାଜପା ପକ୍ଷରୁ ଓବିସି ଓ ଏସ୍‌ଇବିସିଙ୍କ ସର୍ଭେ କରାଯାଇ ଆନୁପାତିକ ପ୍ରତିଶତ ନିର୍ଦ୍ଧାରଣ କରି ସଂରକ୍ଷଣ ସୁନିଶ୍ଚିତ କରାଇବାକୁ ରାଜ୍ୟ ଓବିସି କମିଶନ ଏବଂ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଛି। ଯଦି ରାଜ୍ୟ ସରକାର ଓବିସି ସର୍ଭେ କାର୍ଯ୍ୟ ଜାଣିଶୁଣି ବିଳମ୍ବ କରାଇବେ ତା'ହେଲେ ଆଗାମୀ ଦିନରେ ଭାଜପା ରାଜ୍ୟର ଆନ୍ଦୋଳନ କରିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓବିସି ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଚେତାବନୀ ଦେଇଛନ୍ତି।

# 'ଗିରଫ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଦାୟୀ'



ସମ୍ବଲପୁର ମଣ୍ଡଳ କାରାଗାର ସମ୍ମୁଖରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟମାନେ ।

### ଜେଲରେ ଓକିଲଙ୍କୁ ଭେଟିଲେ ପିସିସି ସଭାପତି

ସମ୍ବଲପୁର,୧୯।୧(ବ୍ୟୁରୋ):

ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ସମୟରେ ଉପୁଜିଥିବା ଅପ୍ରୀତିକର ଘଟଣାରେ ଓକିଲ ଓ ଅନ୍ୟମାନେ ଗିରଫ ହେବା ପଛରେ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ଦାୟୀ। ବହୁ ବର୍ଷର ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଉଭୟ ସରକାର ଯୋଜନା କରିଛନ୍ତି। ସୁପ୍ରିମକୋର୍ଟଙ୍କୁ ଢାଲ କରି ସେମାନେ ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ଅନ୍ୟାୟ କରିଛନ୍ତି। ସମୟ ପୂର୍ବରୁ ଉଭୟ ସରକାର ପଦକ୍ଷେପ ଗ୍ରହଣ କରିଥିଲେ ଆଜି ସମ୍ବଲପୁରରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା ବୋଲି ଗୁରୁବାର ସମ୍ବଲପୁର ଗସ୍ତରେ ଥିବା ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ସେ ପ୍ରଥମେ ଜେଲ ଭିତରେ ଗିରଫ ଓକିଲମାନଙ୍କୁ ଭେଟି ଆଲୋଚନା କରିଥିଲେ। ଏହାସହ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିଲେ। କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ସେ ନେଇ କିଛି କହିହେବ ନାହିଁ। ହେଲେ ଗିରଫ ଓକିଲମାନଙ୍କ ଜାମିନ କିଭଳି ହେବ ଓ ସେମାନେ ଜେଲରୁ ମୁକୁଳିବେ ସେ ନେଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ।


# Classified Everyday 0674-2580101, 2549949



REAL ESTATE

SALE

Schedulecaste ପ୍ଲଟ୍ ଝାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ। 2400sqft. 24,00,000/-. 8260032051. D-74194

NH side plot (gharabari, boundarywall), Nakhara to Niali road, Cuttack. 8249851363. D-74628

Plot Sale at Nearby Sum Hospital, Mendhasala Bhubaneswar. 30ft Road, Plantation, Electricity, NH-16 Side, Price Rs-1050/-, Rs-1250/-. 7749892855, 8144855184, 9556392667. D-2449

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

Private resale plot sale measuring 2352sqft. near Chintamaniswar Temple, Laxmisagar, BBSR, cost @ 98 lakhs (only genuine buyer contact). 9938867397. D-2531

ଭୁବନେଶ୍ୱର ଟଙ୍କପାଣି (NH) ସାଇ ମନ୍ଦିରଠାରୁ 4K.M. ଯଶୁଆପୁର ପାଖରେ ଘରବାରି ପ୍ଲଟ୍ ରାସ୍ତା, ଇଲେକ୍ଟ୍ରି ସହ @ 630sqft. 8984911275. D-2596

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195

ଭୁବନେଶ୍ୱର ରସୁଲଗଡ଼ 3BHK flat, ନଖରା ଛକ, ହଂସପାଳ ଛକ, 3BHK Duplex, ଘରବାରି ପ୍ଲଟ୍ ସାଇ ମନ୍ଦିର, ରଙ୍ଗବଜାର, ବାଳକାଟୀ ନିକଟରେ ମିଳୁଛି। 8327785834, 9658122456. D-74188

ଭୁବନେଶ୍ୱର ବାଲିଅନ୍ତା ପୋଲିସ ଷ୍ଟେସନ ପାଖରେ ଘରବାରି ପ୍ଲଟ୍ 30'Road, Electricity ଥାଇ ମିଳୁଛି। (Boundary, registration free). 9337922588. D-74190

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଳକାଟୀ, ମନ୍ଦାରବସ୍ତ, ବାରଙ୍ଗ ନିକଟରେ flat, duplex, simplex plot ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। 7978671232 Whatsapp-8908710655. D-74189

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

କଳାରାହାଙ୍ଗ (New Railway Station) ପାଖରେ SC, General plot ମିଳୁଛି। 7008492511. D-2509

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652. D-74192

ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧ୍ୟରେ ବେଣୁପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322. D-74184

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

କଟକ-ଭୁବନେଶ୍ୱର ରୋଡ୍‌ରୁ 2.5.K.M., ନଖରା ଓ ପାହାଳରୁ 2.5.K.M. ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। 9348152874, 9337317665. D-74179

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173




Newly open SPA positively health benefits with expert therapist. 7849011931. D-73674

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74632

Revitalize your-self with our ayurvedic massage and refreshment. Contact: 8984068198. D-74509

Newly open full body massage ladies and gents. 8327740003, 8093860513. D-74631

AFFIDAVIT

Affidavit No.-63AA469980 dt 19.01.2023 before Executive Magistrate, BBSR my name has changed from Haragobinda Bhoi to Haragobinda Das. Henceforth I shall be known as Haragobinda Das, S/o- Saroj Kumar Bhoi, At- Bangurba Gadadharpur, PO.- Balipada, Puri for all purposes. D-2532

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit before the Executive Magistrate, Bhubanesar I, Bedanand Singh, S/o- Bhubaneswar Singh of Forsahi, Bihar declare that my name mentioned in few documents as Bedanand Singh and Bedanand Mandal is one and same i.e. myself. D-71668

By virtue of an affidavit sworn before the Notary Public, Bargarh I Sekh Kand Babu resident of At- Nuapada, Ward No-7, Bargarh, PS/ Dist-Bargarh has changed my name from Kanda Saheb to Sekh Kand Babu. Henceforth I shall be known as Sekh Kand Babu for all purposes.
-Sekh Kand Babu
Deponent D-2534

Happy 2nd Wedding Anniversary



Samay & Sonakshi

Wishing you a lifetime of love and happiness.

-:Best Wishes From:-

Roul Family, Bhubaneswar D-73739

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦିବ୍ୟ ଭାବନା ଦ୍ୱାରା ରାଷ୍ଟ୍ରର ବିକାଶ ସମ୍ଭବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଶାନ୍ତିଲତା କଲେଜର ବାର୍ଷିକ ଉତ୍ସବ

ରୂପସା,୧୯।୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ଉଇଟିକିରିସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟରେ ଗୁରୁବାର ୪୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକଙ୍କ ଦିବ୍ୟ ଭାବନା ବଳରେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ଅଧକ୍ଷ ପ୍ରାଧ୍ୟାପକ ମନୋରଞ୍ଜନ ବେହେରା ଉତ୍ସବରେ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ଯୋଗଦେଇ ବ୍ୟଙ୍ଗ କବିତା ମାଧ୍ୟମରେ ନୈତିକ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ଗଭର୍ନିଂ ବଡ଼ି ସଭାପତି ନବକାନ୍ତ ବିଶ୍ୱାଳ ଓ ସଦସ୍ୟା ଶତଭିଷା ପାଣି ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ମାନସ କୁମାର ଦତ୍ତ ଅତିଥି ପରିଚୟ ଓ ଅଧ୍ୟାପକ ସପନ କୁମାର ମହାପାତ୍ର ବେଦପାଠ କରିଥିଲେ। ଅଧ୍ୟାପିକା ଜେମାମଣି ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଡ. ସୁଶାନ୍ତ କୁମାର ଦେ, ଡ. ମମତା ସାହୁ, ଅଧ୍ୟାପକ ରଣଜିତ୍ ବେହେରା ଓ କଳିଙ୍ଗ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଜୀବନକୃଷ୍ଣ ଗିରିଙ୍କ ସଂଯୋଜନାରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପକ ଦୁର୍ଗା ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଉମାଶଙ୍କର ପାଣି, ପୂର୍ଣ୍ଣଚନ୍ଦ୍ର ଭୋଳ, ଅଧ୍ୟାପିକା ପ୍ରଣତି ବେହେରା ଓ ଭାରତୀ ଭୋଇ, ଲାଇବ୍ରେରୀୟାନ କାହ୍ନୁଚରଣ ପତି ଓ ଜନ୍ମେଜୟ ଗିରି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ 'ବାଲ୍ୟ ବିବାହ ବିରୋଧ' ନାଟକ ମଞ୍ଚସ୍ଥ ହୋଇଥିଲା।

## ୫'ଟି' ରୂପାନ୍ତରଣ ହେବ ସବୁ ଡିଏଚ୍‌ଏଚ୍

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

ଓଡ଼ିଶାରେ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ରାଜ୍ୟ ସରକାର ହସ୍ପିଟାଲଗୁଡ଼ିକୁ ୫'ଟି' ରୂପାନ୍ତରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟ ରୂପାନ୍ତରଣ ଜାନୁୟାରୀରୁ ଅକ୍ଟୋବର ମାସ ମଧ୍ୟରେ ହେବ। ଏ ନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜଣାଯାଇଛି। ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍), ରାଉରକେଲା ସରକାରୀ ହସ୍ପିଟାଲ ଏବଂ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରଣ ହେବ। ସେହିପରି ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀର ଗୋଟିଏ ହସ୍ପିଟାଲ ମଧ୍ୟ ରୂପାନ୍ତରଣ ହେବ। ତେବେ ଡିଏଚ୍‌ଏଚ୍, ରାଉରକେଲା ସରକାରୀ ହସ୍ପିଟାଲ ଏବଂ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଥିବା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଉ ଅତିରିକ୍ତ ହସ୍ପିଟାଲ ରୂପାନ୍ତରଣ ହେବ ନାହିଁ। ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ଏଫ୍‌ଆର୍‌ୟୁ (ଫାଷ୍ଟ ରେଫରାଲ ୟୁନିଟ୍)କୁ ପ୍ରଥମେ ପ୍ରାଧାନ୍ୟ ଦିଆଯିବ। ଯଦି ସେହି ଏଫ୍‌ଆର୍‌ୟୁ ଚଳିତବର୍ଷ ରୂପାନ୍ତରଣ ହେବା ପାଇଁ ଯୋଗ୍ୟ ନ ଥିବ ତେବେ ସେହି ନିର୍ବାଚନମଣ୍ଡଳୀର କୌଣସି ଗୋଟିଏ ଏସ୍‌ଡିଏଚ୍ କିମ୍ବା ସିଏଚ୍‌ସିକୁ ମନୋନୀତ କରାଯାଇପାରିବ।

# ଓର୍‌ସାକ୍‌କୁ ଗୋଲ୍ଡ ସ୍କଚ୍ ଆୱାର୍ଡ

ଭୁବନେଶ୍ୱର, ୧୯।୧(ବ୍ୟୁରୋ): ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର (ଓର୍‌ସାକ୍) ଚଳିତ ବର୍ଷ ନିମନ୍ତେ ସମ୍ମାନଜନକ ଗୋଲ୍ଡ ସ୍କଚ୍ ଆୱାର୍ଡ ପାଇବାକୁ ମନୋନୀତ ହୋଇଛି। ଏହି ପୁରସ୍କାର ଦୁଇଟି କ୍ଷେତ୍ର ପାଇଁ ମିଳିଛି। ବିନା ଜମିରେ ଚାଷ କରୁଥିବା ନକଲି ଚାଷୀଙ୍କୁ ସାଟେଲାଇଟ ଜିଆଇଏସ୍ ଜରିଆରେ ଧରିବା ଏବଂ ଠିକ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଓର୍‌ସାକ୍ ବେଶ୍ ସଫଳ ହୋଇଛି। ଏଥିପାଇଁ ଏହି ସଂସ୍ଥା ଦେଶରେ ଖୁବ ସୁନାମ ଅର୍ଜନ କରିଛି। ରାଜ୍ୟରେ ପ୍ରତି ଗ୍ରାମରେ ଧାନ ଫସଲ ଥିବା ପ୍ଲଟ ଭିତ୍ତିକ କ୍ଷେତ୍ରଗୁଡ଼ିକର ବିଶ୍ଳେଷଣ ନିମନ୍ତେ ଓଡ଼ିଶା ସରକାରଙ୍କ ତରଫରୁ ଏହି ଗୋଲ୍ଡ ଇ-ପ୍ରଶାସନ ସ୍କଚ୍ ପୁରସ୍କାର ମିଳିଛି। ଏହି ଅଭିନବ ପ୍ରକଳ୍ପ ଦେଶରେ ପ୍ରଥମ ଥର ଲାଗି ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି। ଯେଉଁ କୃଷକମାନେ ଖାଦ୍ୟ ଯୋଗାଣ ଓ ଉପଭୋକ୍ତା କଲ୍ୟାଣ ପ୍ରଣାଳୀର ପ୍ୟାଡି ପ୍ରୋକ୍ୟୁରମେଣ୍ଟ ଅଟୋମେଶନ୍ ସିଷ୍ଟମ୍ ବା ପି-ପାସ୍ ମାଧ୍ୟମରେ ପଞ୍ଜୀକୃତ ହୋଇଛନ୍ତି, ସେମାନଙ୍କଠାରୁ ଧାନ କ୍ରୟ କରାଯାଇଛି। ଏଥିଯୋଗୁ ଓଡ଼ିଶା ସରକାର ୧,୫୦୦ କୋଟିରୁ ଅଧିକ ଟଙ୍କା ସଞ୍ଚୟ କରିଛନ୍ତି। ଏହି ସଫଳତା ଲାଗି ସମସ୍ତ ହିତାଧିକାରୀଙ୍କୁ ଓର୍‌ସାକ୍ ସିଇଓ ପ୍ରଫୁଲ୍ଲ କୁମାର ମଲ୍ଲିକ ଧନ୍ୟବାଦ ଦେଇଛନ୍ତି।

---

**Government of Odisha**
**INVITATIONS FOR BIDS (IFB)**
No.B-1154: **'e' Procurement Notice**
**Bid Identification No. S.E. JSPR (R&B)- 09/2022-23**

1. Name of Work : Building,P.H. & Electrical work for the year 2022-23.
2. No. of Works : Total:- 02 (Two) nos Work
3. Estimated Cost : Above Rs.05.00 lakhs upto Rs.50.00 Lakhs (Approx.)
4. Period of Completion : As per Column No.8 of this NIT
5. Class of Contractors : As per Column No.7 of this NIT

Other details as follows:

6. Date & Time of availability of bid documents in Portal: 25.01.2023 at 11.30 A.M.
7. Last date/time for receipt of bids in Portal: 08.02.2023 upto 05.00 P.M.
8. Opening of Bid documents: 09.02.2023 at 11.30 A.M.
9. Procurement Officer: Superintending Engineer, Jagatsinghpur (R&B) Division, Jagatsinghpur with E-mail address: eerbjspr@gmail.com

Further details can be seen from the Govt. website tendersorissa.gov.in.

**Sd./- Superintending Engineer**
**Jagatsinghpur (R&B) Division**
OIPR-34093/11/0016/2223

---

**CHIEF DIST. AGRICULTURE OFFICER, BOLANGIR**
**No.236/Dated:19.01.2023**
**SHORT TENDER CALL NOTICE**

Chief Dist. Agriculture Officer, Bolangir, on behalf of A & FE, Govt. of Odisha invite proposal with certain terms & conditions from reputed & registered Tent Houses / firms / agencies / decorators / Transport agencies / security agencies having GSTIN no. may apply for the Tentage & Allied works / Security Services / Photo & Videography / Local Transportation / Printing of Flex Hoardings & Banners for the Krushi O Krushi Jantrapati Mela to be organized at Koshal Kalamandal Ground, Balangir from 3rd to 6th Feb' 23. The tender papers only for Tentage & allied works will be available for purchase from 20th January 2023 to 27th January 2023 during Official day of Office hour in the Accounts Section of CDAO, Bolangir. Details documents, terms & conditions on apply for tentage & allied work is mentioned in the tender paper. The sealed tenders will be received latest up to 5.00 PM on 27.01.2023 at Office of Chief Dist. Agriculture Officer, Bolangir, in the tender box. The tenders will be opened in the Office of Chief Dist. Agriculture Officer, Balangir on 27.01.2023 at 5.30 PM in the presence of the tenderers or their authorized representatives. If it will found that the quoted amount of LI party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

**Sd./- Chief Dist. Agriculture Officer, Bolangir**

---

**ODISHA CONSTRUCTION CORPORATION LIMITED**
BHUBANESWAR, ODISHA
PIN: 751012, Tel.No. (0674) 2562020
e-Mail: theoccltd@odishaconstruction.com
GSTIN- 21AAACO2571K2ZM
DESIGNED TO EXCEL

No.CAD-4550:- **'e'-Procurement Notice No.-38/OCCL/2022-23 (Online)**
**Online percentage rate tenders are invited for the following works**

| Sl. No. | Name of work | Bid Identification No. | Approx. value of work (Rs.in Crores) | Bid Security (through online transfer) (in Rs.) | Period of completion | Availability of tender (online) | Submission of tender (online) |
|---|---|---|---|---|---|---|---|
| 01 | Improvement of Service Road with black topping left main canal from RD 00 Km. to 51.40 Km. under LCD Division-I, Kusumkhunti | OCCL-TSP/ 05/2022-23 | Rs.24.87 Crores | Rs.24,87,000/- | 09 (nine) calendar months | From 21.01.2023, 03.30 P.M. to 04.02.2023, 5.30 P.M. | From 21.01.2023, 03.30 P.M. to 04.02.2023, 5.30 P.M. |
| 02 | Improvement of Service Road with black topping distributaries offtaking Left Main Canal from 00 Km. to 32.00 Km. under Left Canal Division No.1, Kusumkhunti | OCCL-TSP/ 06/2022-23 | Rs.16.60 Crores | Rs.16,60,000/- | 09 (nine) calendar months | From 21.01.2023, 03.30 P.M. to 04.02.2023, 5.30 P.M. | From 21.01.2023, 03.30 P.M. to 04.02.2023, 5.30 P.M. |

Procurement Officfer: Managing Director, OCCL
Date of opening of the technical bid: **06.02.2023, 12.00 Noon**
Further details can be seen from the e-procurement portal: https://www.tendersodisha.gov.in

**Sd./- MANAGING DIRECTOR**
OIPR-34120/11/0039/2223

---

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, हजारीबाग**

**ई-अल्पकालीन पुनर्निविदा आमंत्रण सूचना**

ई- अल्पकालीन पुनर्निविदा सूचना संख्या – **RE-RDD/SD/HZB/19/2022-23**

1. कार्य की विस्तृत विवरणी:

| क्र० सं० | आईडेन्टीफिकेशन संख्या / ग्रुप संख्या | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | RE-RDD/SD/HZB/19/2022-23 | हजारीबाग जिला अंतर्गत केरेडारी प्रखण्ड में मनातू पंचायत में ग्राम मसूरिया, लाजिदाग पहुंच मार्ग के गदुर विगवा नदी पर पुल निर्माण | 30100305.00 | 602500.00 | 10000.00 | 18 (अठारह) माह |

2. वेबसाईट में निविदा प्रकाशन की तिथि :– 24.01.2023
3. ई–निविदा प्राप्ति की अंतिम तिथि एवं समय :– 01.02.2023 अपराह्न 5.00 बजे तक।
4. ग्रामीण विकास विशेष प्रमंडल, हजारीबाग / मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0 एफ0 पी0 भवन धुर्वा, राँची में निविदा शुल्क, अग्रधन की राशि, Affidavit एवं Bank certificate for Credit Facility जमा करने की अंतिम तिथि एवं समयः–02.02.2023 अपराह्न 05:00 बजे तक
5. निविदा शुल्क, अग्रधन की राशि एवं Affidavit जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जाएगी।
6. निविदा खोलने का स्थान – मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0 एफ0 पी0 भवन, धुर्वा, राँची
7. निविदा खोलने की तिथि एवं समयः–03.02.2023 अपराह्न 2:00 बजे
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
9. ई–निविदा प्रकोष्ठ का दूरभाष सं० – 8986648686
10. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, हजारीबाग के पदनाम से देय हो, देना होगा।
11. परिमाण विपत्र की राशि घट–बढ़ सकती है, तदनुसार परिमाण विपत्र की राशि का 02 प्रतिशत राशि अग्रधन की राशि के रुप में जमा करना होगा।
12. विशेष परिस्थिति में बिना कारण बताए निविदा रद्द करने अथवा स्थगित करने का अधिकार अधोहस्ताक्षरी को सुरक्षित होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

**कार्यपालक अभियंता**
**ग्रामीण विकास विशेष प्रमंडल, हजारीबाग**

PR 287972 Rural Development(22-23)#D

---

**GOVERNMENT OF ODISHA** email-serwsbd2003@yahoo.com
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA**
No. **e- Procurement Notice for Bridge Work** Date:

**No.O-1661:**1. Name of the work : Construction of H.L. Bridge over river Bansadhara at 1st km on Karamuhan to Kumudabali road in the district of Rayagada under BSY(Balance Work). 2. Class of contractor: "A" & "Special" Class of (Odisha PWD) or relevant class of other licensing authority. 3. Estimated Cost: Rs. 790.61 Lakhs (Approximately). 4. Details projects as per Annexure attached.

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Sunabeda | CCER-WCSBD- Online-42/2022-23 | 24.01.2023 at 11.00 A.M. | 13.02.2023 upto 5.30 P.M. | 10.02.2023 upto 2.00 P.M. | 14.02.2023 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/ Addendum will be displayed in the above e-tender website.

**Sd./- Chief Construction Engineer,**
**Rural Works Circle, Sunabeda**
OIPR-25182/11/0054/2223

---

**NOTICE INVITING BID**
**Odisha State Medical Corporation Limited (OSMCL)**
**In front of Ram Mandir, Convent Square,**
**Unit - III, Bhubaneswar -751001**
**Notification No.486** **Date:18/01/2023**
**Tel. : (0674) 2380950, Website : www.osmcl.nic.in ,**
**Email: drugs-osmcl@gov.in**
**Bid Ref. No.:OSMCL/2023-24/DRUGS-DHS-ACD-GR-II/03**
**Date: 19.01.2023**

**No.CAD-4556:**Online Bids through **e-Tender portal** (https://tendersodisha.gov.in) are invited from eligible bidders for **supply of Anti Cancer items (Group-II) as per the particulars mentioned below**

| Sl. No. | Particulars | Date and time | |
|---|---|---|---|
| 1. | Date and time of release of bid | 19.01.2023, 3 P.M. | |
| 2. | Date & time for submission of queries by E-mail id: drugs-osmcl@gov.in | 23.01.2023, upto 5.00 PM | |
| 3. | Date & time of Online bid submission | Start Date & Time | End Date & time |
| | | 25.01.2023, 3 PM | 14.02.2023, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per Section-IV of tender document | Start Date & Time | End Date & Time |
| | | 15.02.2023, 10 AM | 21.02.2023, 11.00 AM |
| 5. | Date & time of online Technical bid Opening | 21.02.2023, 11.30 AM | |
| 6. | Date of Opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept/reject any part thereof or all the bids without assigning any reason thereof.

**Sd./-Managing Director**
OIPR-10112/11/0052/2223 **OSMC Ltd., Odisha**

---

**OFFICE OF THE ELECTION OFFICER**
**ODISHA STATE CO-OPERATIVE MARKETING FEDERATION LTD.**
**NOTICE ON ELECTION PROGRAMME**

**L. No. 11** **Dated: 19.01.2023**

No. CAD-4559: In pursuance of the provisions of Rules 5 of OCS (Election to the Committee) Rules, 1992, I Sri Debabrata Sahoo, OAS(S), Sub-Collector, Bhubaneswar-cum-Election Officer of Odisha State Co-operative Marketing Federation Ltd. (MARKFED - Odisha), do hereby publish the notice on Election Programme as in Schedule - A for information of all the members. There shall be election for 21 members to the Committee, one from each constituency as given in Schedule - B

**SCHEDULE - A**

| Sl. No. | Programme | Date | Place | Time |
|---|---|---|---|---|
| 01 | Publication of Provisional Electoral Roll (Separately for each constituency) | 25.01.2023 | Head Office, Odisha State Co-operative Marketing Federation Ltd. (MARKFED - Odisha), Bhubaneswar | 11.00 A.M. |
| 02 | Filling of objections to provisional Electoral Roll before the Election Officer | Within 4 days upto 29.01.2023 | - do - | 11.00 A.M. to 2.00 P.M. |
| 03 | Hearing of objections and finalization of Electoral Roll by the Election Officer | 01.02.2023 | - do - | 11.00 A.M. to 2.00 P.M. |
| 04 | Publication of Final Electoral Roll | 03.02.2023 | - do - | 11.00 A.M. |
| 05 | Filing of Nomination before the Election Officer along with fees and security | 04.02.2023 to 06.02.2023 | - do - | 11.00 A.M. to 2.00 P.M. |
| 06 | Display of the list of Nominations received | 06.02.2023 | - do - | 5.30 P.M. |
| 07 | Scrutiny of Nomination Papers, filing of objections along with supporting proof. | 08.02.2023 | - do - | 11.00 A.M. to 5.00 P.M. |
| 08 | Examination of Nomination Papers and hearing of objections by the Election Officer | 09.02.2023 | - do - | 11.00 A.M. to 2.00 P.M. |
| 09 | Hearing on the rebuttal of objections, if any and decision of the Election Officer | 10.02.2023 | - do - | 11.00 A.M. to 2.00 P.M. |
| 10 | Publication of the list of valid Nominations | 11.02.2023 | - do - | 5.00 P.M. |
| 11 | Filing of application for withdrawal of Nomination | 12.02.2023 | - do - | 11.00 A.M. to 2.00 P.M. |
| 12 | Publication of final list of contesting candidates along with symbols | 13.02.2023 | - do - | 5.00 P.M. |
| 13 | Polling, if necessary | 26.02.2023 | Govt. High School, Badagada, Bhubaneswar, Dist.: Khurdha | 07.00 A.M. to 04.00 P.M. |
| 14 | Counting of Votes & declaration of Result | 26.02.2023 | - do - | After completion of poll till counting is completed |

**SCHEDULE - B**
**One Member from each Constituency to be elected to the Committee**

**L. No. 12** **Dated: 19.01.2023**

| | Serian Number of the Constituencies | Category for Which Reserved |
|---|---|---|
| 1. | Mayurbhanj | ST |
| 2. | Balasore, Bhadrak, Keonjhar, Sundargarh | UR |
| 3. | Kendrapara, Cuttack | OBC/SEBC |
| 4. | Khurdha (Balianta & Balipatna) | Women |
| 5. | Khurdha (Bhubaneswar, BMC) | OBC/SEBC(W) |
| 6. | Khurdha (Khurdha, Jatni, Chilika, Bolagarh, Begunia, Banapur) | OBC/SEBC(W) |
| 7. | Puri | OBC/SEBC |
| 8. | Gajapati, Ganjam, Boudh, Rayagada | OBC/SEBC |
| 9. | Koraput, Malkangiri, Nabarangpur, Nuapada | ST |
| 10. | Kalahandi | ST |
| 11. | Bolangir, Sonepur | Women |
| 12. | Bargarh | OBC/SEBC |
| 13. | Sambalpur, Deogarh | SC |
| 14. | Angul (Athamalik) | OBC/SEBC |
| 15. | Angul (Kishore Nagar) | UR |
| 16. | Angul (Chendipada) | OBC/SEBC |
| 17. | Angul (Kaniha, Anugul, Banarapal) | OBC/SEBC |
| 18. | Dhenkanal (Parjang, Kankadahada, Bhuban) | SC |
| 19. | Dhenkanal (Odapoda, Hindol) | OBC/SEBC |
| 20. | Dhenkanal (Kamakhya Nagar, Dhenkanal) | OBC/SEBC |
| 21. | Dhenkanal (Gandia) | OBC/SEBC |

**ELECTION RELATED IMPORTANT INFORMATIONS**

**L. No. 15** **Dated: 19.01.2023**

- The voters whose name appears in the final electoral roll can only cast their vote.
- The eligible voters will produce the photocopy of the Identify Proof duly attested by the Chief Executive of the concerned society with seal & signature, before the Presiding Officer at the Polling Station, on the day of Poll.
- A voter belonging to a reserved category shall be eligible to become a candidate for the office of the member of the committee from any of the constituencies reserved for the said category as well as from any of the Un-Reserved constituencies provided that his/her proposer and seconder can only be from the constituency where he/she is going to contest.
- A voter whose name appears in the final electoral roll of any particular constituency shall be eligible to become a Proposer or Seconder for a candidate for the said office from that constituency.
- A voter shll not be eligible to contest at an election from more than one constituency.
- A person shall not be eligible to represent more than one Institution or Society or Body Corporate to become member of the Electoral College, but in case his name appears at more than one place of the provisional Electoral Roll of the Electoral College, such person shall exercise his option in writing before the Election Officer, on the date fixed for filing of objection to the Provisional Electoral Roll to retain any one.
- The nomination paper will be available, from the office of the Federation on payment of Rs.10/- per set.
- A candidate of reserved category desiring to file nomination for election of member of committee of Un-Reserved constituency has to deposit the fees mentioned for the said category. The details of the fees and security deposit are as follows:

| Sl. No. | Category | Fees | Security |
|---|---|---|---|
| 01 | Reserved Seats (SC/ST, OBC including SEBC and Women) | Rs.200/- | Rs.400/- |
| 02 | For other Seats | Rs.1000/- | Rs.2000/- |

- The nomination paper should filed along with money receipt showing the cost of nomination paper and the fees and security deposited with the Federation.
- The security deposit of the candidate will be forfeited if the candidate is not elected and the number of votes polled by him does not exceed 1/8th of the total number of valid votes polled by all candidates of the constituency.

**Sd./- Election Officer**
**Odisha State Cooperative Marketing Federation Ltd., Bhubaneswar**
OIPR-39017/11/0006/2223

---

**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, DEOGARH**
**TENDER CALL NOTICE No. 09/E.E.N.H. (DGH) of 2022-23 Dt.16.01.2023**
**FOR DISPOSAL OF UNSERVICEABLE AND SCRAP MATERIALS**

No. b-40: Sealed tenders for individual lot in conformity with Detailed Tender Call Notice are invited from intending farms/persons for seal of unserviceable scrap materials as detailed in the table given below on 'as is where in' basis. The tender will be received in the office of Executive Engineer, N.H. Division, Deogarh from 24.01.2023 to 30.01.2023 upto 3.00 P.M. and will be opened by the undersigned on same day of N.H. Division, Deogarh at 3.30 P.M. in presence of the tenderers or their authorized representatives, if any.

**TABLE**

| Sl. No. | Description of Materials | Approximate Quantity Number | Location | Upset Price | Amount in Rs. | EMD @ 1% on the upset Price in Rs. | Cost of Tender Document |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| | Lot No. 08 | | | | | | |
| 1. | Old Expansion Joint Members (Steel) | 1.272 MT | N.H. Sotre, Barkote | 16000.00 | 20352.00 | 500/- | 400.00 |
| | Lot No. 09 | | | | | | |
| 2. | Old Expansion Joint Members (Steel) | 1.272 MT | N.H. Sotre, Barkote | 16000.00 | 20352.00 | 500/- | 400.00 |
| | Lot No. 10 | | | | | | |
| 3. | Old Expansion Joint Members (Steel) | 1.378 MT | N.H. Sotre, Barkote | 16000.00 | 22048.00 | 500/- | 400.00 |

Intending tenderers may inspect the unserviceable and scrap materials at the location specified above during the working hours before the date of submission of tenders.

The details of the unserviceable and scrap materials and the detailed tender call notice will be sold along with terms and conditions and tender schedule in the Office of the Executive Engineer, N.H. Division, Deogarh from 24.01.2023 to 30.01.2023 during the office hours only, on payment of cost of tender documents as mentioned above (Non-refundable) in shape of Cash or Bank Draft issued from any Scheduled Bank payable at Deogarh in favour of the Executive Engineer, N.H. Division, Deogarh.

Intending tenderers are required to furnish the EMD in sahpe of KVP/NSC/PTDA/Postal Savings Bank Pass Book of the amount specified for the lot in the table under Column - 7 above duly pledged in favour of Executive Engineer, N.H. Division, Deogarh along with the tender without which the tender will be rejected, attested copies of GST Clearance Certificate and PAN Card to be attached with tender failing which the tender will be liable for rejection.

The undersigned will not be held responsible for the postal delay if any, in the delivery of the document or not receipt of the same.

The authority reserves the right to reject any or all the tenders without assigning and reason thereof.

OIPR-34019/11/0001/2223 **Sd./- Executive Engineer, N.H. Division, Deogarh**

---

**NOTICE INVITING BID**
**Odisha State Medical Corporation Limited (OSMCL)**
**In front of Ram Mandir, Convent Square,**
**Unit - III, Bhubaneswar -751001**
**Notification No.490** **Date:18/01/2023**
**Tel. : (0674) 2380950, Website : www.osmcl.nic.in ,**
**Email: drugs-osmcl@gov.in**
**Bid Ref. No.:OSMCL/2023-24/DRUGS-DHS-GEN-GR-I/02**
**Date: 20/01/2023**

**No.CAD-4557:**Online Bids through e-Tender portal (https://tendersodisha.gov.in) are invited from eligible bidders for supply of Drugs & Medical Consumables (Group-I) as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date and time of release of bid | 20.01.2023, 3 P.M. | |
| 2. | Date & time for submission of queries by E-mail id:drugs-osmcl@gov.in | 25.01.2023, upto 5.00 PM | |
| 3. | Date & time of Online bid submission | Start Date & Time | End Date & time |
| | | 31.1.2023, 3 PM | 20.02.2023, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per Section-IV of tender document | Start Date & Time | End Date & Time |
| | | 21.02.2023, 10 AM | 28.02.2023, 11.00 AM |
| 5. | Date & time of online Technical bid Opening | 28.02.2023, 11.30 AM | |
| 6. | Date of Opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept/reject any part thereof or all the bids without assigning any reason thereof.

**Sd./-Managing Director**
OIPR-10112/11/0054/2223 **OSMC Ltd., Odisha**



ଭାରତ-ୱେଲ୍ସ ମ୍ୟାଚ୍ ଆରମ୍ଭ ପୂର୍ବରୁ ଖେଳାଳିଙ୍କ ସହ ପରିଚିତ ହେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଥିରୁ ଉଦୟନିଧି ଷ୍ଟାଲିନ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ।



ଭାରତର ଆକାଶଦୀପ ସିଂଙ୍କୁ ପାରାଲିମ୍ପିୟାନ ଦୀପା ମଲ୍ଲିକ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।




କଳିଙ୍ଗ ଷ୍ଟାଡିୟମରେ ଇଂଲଣ୍ଡ-ସ୍ପେନ ମ୍ୟାଚର ଶ୍ରେଷ୍ଠ ଖେଳାଳି ଫିଲ ରୋପରଙ୍କୁ ପୁରସ୍କୃତ କରୁଛନ୍ତି ଟାଟା ଷ୍ଟିଲ୍‌ର କର୍ପୋରେଟ୍ ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧାରୀ।

# ଭାରତ-ନ୍ୟୁଜିଲାଣ୍ଡ, ମାଲେସିଆ-ସ୍ପେନ୍ କ୍ରସ୍ ଓଭର

**ଭୁବନେଶ୍ୱର, ୧୯।୧**
**(କ୍ରୀଡ଼ା ପ୍ରତିନିଧି)**

ଚଳିତ ହକି ବିଶ୍ୱକପ୍‌ର ଗ୍ରୁପ୍ 'ସି' ଓ 'ଡି'ର ଲିଗ୍ ପର୍ଯ୍ୟାୟ ଗୁରୁବାର ଶେଷ ହୋଇଛି। ଇଂଲଣ୍ଡ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ସ୍ପେନ୍‌କୁ ୪-୦ ଗୋଲରେ ହରାଇଥିବାରୁ ଉନ୍ନତ ଗୋଲ ବ୍ୟବଧାନରେ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ପାଇଛି। ଗ୍ରୁପ୍ 'ସି'ରେ ନେଦରଲାଣ୍ଡ୍ସ ୩ ବିଜୟ ସହ ୯ ପଏଣ୍ଟ ପାଇ ଅପରାଜେୟ ଭାବେ କ୍ୱାର୍ଟର ଫାଇନାଲରେ ପହଞ୍ଚି ଯାଇଛି। ମାତ୍ର ଗ୍ରୁପ୍ 'ଡି'ରେ ଦ୍ୱିତୀୟ ସ୍ଥାନରେ ରହିଥିବାରୁ ନିୟମ ଅନୁସାରେ ଭାରତକୁ ଗ୍ରୁପ୍ 'ସି'ର ତୃତୀୟ ସ୍ଥାନୀୟ ଦଳ ନ୍ୟୁଜିଲାଣ୍ଡ ସହ କ୍ରସ୍ ଓଭର ଖେଳିବାକୁ ହେବ। ଏହି ମ୍ୟାଚ ଜିତିଲେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିବ। ଅନ୍ୟ ଏକ କ୍ରସ୍ ଓଭର ମ୍ୟାଚ ଗ୍ରୁପ୍ 'ସି'ର ଦ୍ୱିତୀୟ ଦଳ ମାଲେସିଆ ଓ ଗ୍ରୁପ୍ 'ଡି'ର ତୃତୀୟ ଦଳ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ହେବ। କ୍ରସ୍ ଓଭର ମ୍ୟାଚ ୨ଟି ୨୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ନେଦରଲାଣ୍ଡ୍ସ କ୍ୱାର୍ଟର ଫାଇନାଲରେ ୨୫ ତାରିଖ ଦିନ ଗ୍ରୁପ 'ଏ'ର ଦ୍ୱିତୀୟ ଓ ଗ୍ରୁପ୍ 'ବି'ର ତୃତୀୟ ସ୍ଥାନୀୟ ଦଳ ମଧ୍ୟରେ ହେବାକୁଥିବା ମ୍ୟାଚର ବିଜେତାକୁ ଭେଟିବ। ୨୦ ତାରିଖରେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଗ୍ରୁପ୍ 'ଏ' ଓ 'ବି'ର ଶେଷ ୪ଟି ଲିଗ୍ ମ୍ୟାଚ ପରେ ଆଉ କେଉଁ ୨ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବେ ଏବଂ କେଉଁ ୪ ଦଳ କ୍ରସ୍ ଓଭରରେ କାହାକୁ ଭେଟିବେ ତାହା ସ୍ପଷ୍ଟ ହୋଇଯିବ।

## ହକି ବିଶ୍ୱକପ୍

(ଆଜିର ମ୍ୟାଚ୍)

**ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୧ଟା

**ଫ୍ରାନ୍ସ ବନାମ ଆର୍ଜେଣ୍ଟିନା**
ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା

**ବେଲଜିୟମ ବନାମ ଜାପାନ**
ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୫ଟା

**ଜର୍ମାନୀ ବନାମ କୋରିଆ**
ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା



ଭାରତ-ୱେଲ୍ସ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତା ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି।




ଫ୍ଲଡ୍ ଲାଇଟ୍ ବନ୍ଦ କରାଯିବା ଅବସରରେ ଦର୍ଶକମାନେ ମୋବାଇଲ ଫ୍ଲାସ୍ ଲାଇଟ ଦେଖାଉଛନ୍ତି।

## ମନୋରଞ୍ଜନ କଲେ ଅର୍ଚ୍ଚିତା-ସବ୍ୟସାଚୀ

ଭାରତ-ୱେଲ୍ସ ମ୍ୟାଚର ପ୍ରଥମାର୍ଦ୍ଧରେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ। ଦୁହେଁ ପଡ଼ିଆ ମଧ୍ୟକୁ ଆସି ଚିୟର ଗର୍ଲଙ୍କ ସହ ବିଶ୍ୱକପ୍ ସଙ୍ଗୀତର ତାଳେତାଳେ ନୃତ୍ୟ କରିଥିଲେ। ଇଣ୍ଡିଆ, ଇଣ୍ଡିଆ ଧ୍ୱନି ସହ ଉପସ୍ଥିତ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଦର୍ଶକମାନେ ମଧ୍ୟ ସେମାନଙ୍କ ସହ ସ୍ୱର ମିଳାଇ ଇଣ୍ଡିଆ ଇଣ୍ଡିଆ ଧ୍ୱନିରେ ଷ୍ଟାଡିୟମକୁ ପ୍ରକମ୍ପିତ କରିଥିଲେ।

### ଲାଇଟ ଲିଭିଲା, କେବଳ ମୋବାଇଲ ଫ୍ଲାସ୍

ପ୍ରଥମାର୍ଦ୍ଧ ବ୍ରେକ୍‌ର ଶେଷ ୪ ମିନିଟ ଫ୍ଲଡ୍‌ଲାଇଟ୍ ବନ୍ଦ କରିଦିଆଯାଇଥିଲା। ଘୋଷିକାଙ୍କ ଆହ୍ୱାନକ୍ରମେ ୪ଟି ଯାକ ଷ୍ଟାଣ୍ଡର ଦର୍ଶକ ମୋବାଇଲ ଫ୍ଲାସ୍‌ଲାଇଟ ଜଳାଇଥିଲେ। ଏହା ଅମାବାସ୍ୟା ରାତିରେ ଆକାଶରେ ତାରାର ଭ୍ରମ ସୃଷ୍ଟି କରିଥିଲା। କିଛି ସମୟ ପାଇଁ ଏହି ପ୍ରକ୍ରିୟା ଜାରି ରହିଥିଲା। ପରେ ଧୀରେ ଧୀରେ ଫ୍ଲଡ୍ ଲାଇଟ ଜଳି ଉଠିଥିଲା।

## ଫ୍ୟାନ୍ କର୍ନର



### ଭାରତ ଖେଳିଲା, କଳିଙ୍ଗ କମ୍ପିଲା

ଚଳିତ ହକି ବିଶ୍ୱକପ୍‌ରେ ନିଜର ପ୍ରଥମ ୨ଟି ଗ୍ରୁପ୍ ମ୍ୟାଚ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳି ସାରିଥିବା ଭାରତ ଗୁରୁବାର ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମ ଦର୍ଶକଙ୍କ ସମ୍ମୁଖରେ ପଡ଼ିଆକୁ ଓହ୍ଲାଇଥିଲା। ପୂର୍ବ ମ୍ୟାଚଗୁଡ଼ିକରେ ଓଡ଼ିଶା ଦର୍ଶକ ଏଠାରେ ବିଦେଶୀ ଦଳଗୁଡ଼ିକୁ ସମର୍ଥନ ଦେଇ ଆସିଥିଲେ। ମାତ୍ର ୱେଲ୍ସ ବିପକ୍ଷ ମ୍ୟାଚରେ ଘରୋଇ ଦଳ ଖେଳୁଥିବାରୁ ବହୁ ସଂଖ୍ୟାରେ ଦର୍ଶକ ଷ୍ଟାଡିୟମକୁ ଆସି ସେମାନଙ୍କ ପ୍ରିୟ ଖେଳାଳିଙ୍କୁ ସମର୍ଥନ ଜଣାଇଥିଲେ। ଭାରତର ପ୍ରତିଟି ମୁଭ୍‌ରେ ଷ୍ଟାଡିୟମ କମ୍ପି ଉଠିଥିଲା। ଇଣ୍ଡିଆ, ଇଣ୍ଡିଆ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା କଳିଙ୍ଗ। ଷ୍ଟାଡିୟମ ଦର୍ଶକରେ ଭରା ରହିଥିଲା। ଦେଶ ବିଦେଶର ଅନେକ ପୂର୍ବତନ ଖେଳାଳି ଦର୍ଶକ ଗ୍ୟାଲେରିରେ ଉପସ୍ଥିତ ଥିଲେ।

### ଚାରିଆଡ଼େ ତ୍ରିରଙ୍ଗା

ଭାରତ-ୱେଲ୍ସ ମ୍ୟାଚ ସମୟରେ ଚାରିଆଡ଼େ କେବଳ ତ୍ରିରଙ୍ଗା ହିଁ ଦୃଶ୍ୟମାନ ହୋଇଥିଲା। ଦର୍ଶକମାନେ ମୁହଁରେ ଜାତୀୟ ପତାକା ଚିତ୍ରିତ କରିଥିବାବେଳେ ମୁଣ୍ଡରେ ତ୍ରିରଙ୍ଗା ରଙ୍ଗର ବ୍ୟାଣ୍ଡ ପରିଧାନ କରିଥିଲେ। ଷ୍ଟାଡିୟମ ଭିତରେ ଲୋକଙ୍କ ହାତରେ ଛୋଟବଡ଼ ଜାତୀୟ ପତାକା ଶୋଭା ପାଉଥିଲା। ବିଶ୍ୱକପ୍‌ର ହକି ଆନ୍ଥେମ ସହ ମ୍ୟୁଜିକର ଝଙ୍କାର ଓ ଚିୟର ଗର୍ଲଙ୍କ ନୃତ୍ୟ ପରିବେଶକୁ ଉତ୍ସବମୁଖର କରି ଦେଇଥିଲା।

### ମ୍ୟାଚର ମଜାନେଲେ ନେଦରଲାଣ୍ଡ୍ସ ପ୍ରଶଂସକ

ହକି ବିଶ୍ୱକପ୍‌ର କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଚିଲି ବିପକ୍ଷ ପୁଲ୍ 'ସି' ମ୍ୟାଚରେ ବହୁ ସଂଖ୍ୟକ ନେଦରଲାଣ୍ଡ୍ସ ଦର୍ଶକ ୱେଷ୍ଟ ଷ୍ଟାଣ୍ଡରେ ଉପସ୍ଥିତ ରହି ମ୍ୟାଚ ଉପଭୋଗ କରିଥିଲେ। କମଳା ରଙ୍ଗର ଜର୍ସି ପିନ୍ଧିବା ସହ ବେଲୁନ ହଲାଇ, ତୁରୀ ବଜାଇ ସେମାନେ ମ୍ୟାଚର ମଜା ନେଇଥିଲେ। ନେଦରଲାଣ୍ଡ୍ସ-ଚିଲି ମ୍ୟାଚ ମଧ୍ୟ ବେଶ୍ ମନୋରଞ୍ଜକ ହୋଇଥିଲା। ଏହି ମ୍ୟାଚରେ ନେଦରଲାଣ୍ଡ୍ସ ୧୪-୦ ଗୋଲ ବ୍ୟବଧାନରେ ବିଜୟୀ ହୋଇ ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲା। ଏଥିରେ ସ୍ୱାଭାବିକ ଭାବେ ଅତ୍ୟନ୍ତ ଉଲ୍ଲସିତ ହୋଇଥିଲେ ଏହାର ସମର୍ଥକ।

# ସ୍ପେନ୍‌କୁ ୪-୦ରେ ହରାଇଲା ଇଂଲଣ୍ଡ

**ଭୁବନେଶ୍ୱର, ୧୯।୧**
**(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ ଏକ ପୁଲ୍ 'ଡି' ମ୍ୟାଚରେ ଇଂଲଣ୍ଡ ୪-୦ ଗୋଲରେ ସ୍ପେନ୍‌କୁ ପରାସ୍ତ କରିଛି। ଫଳରେ ଇଂଲଣ୍ଡ ଅପରାଜେୟ ରହି ୩ ମ୍ୟାଚରୁ ୭ ପଏଣ୍ଟ ପାଇଛି। ଦଳର ଗୋଲ ବ୍ୟବଧାନ +୯ ରହିଛି। ୩ ମ୍ୟାଚରେ ଦଳ ୨ଟି ବିଜୟ ହାସଲ କରିଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରଖିଛି। ୯ ଗୋଲ ଦେଇଛି, ହେଲେ ଗୋଟିଏ ବି ଗୋଲ ବରଣ କରିନାହିଁ। ଅନ୍ୟପକ୍ଷରେ ସ୍ପେନ୍ ୩ ମ୍ୟାଚରୁ ୨ ପରାଜୟ ସହ ୩ ପଏଣ୍ଟରେ ରହି କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଦଳ ୫ଟି ଗୋଲ ଦେଇଥିବାବେଳେ ୭ଟି ବରଣ କରିଛି। ଉନ୍ନତ ପ୍ରଦର୍ଶନ ପାଇଁ ଇଂଲଣ୍ଡର ଫିଲ୍ ରୋପର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଏହି ମ୍ୟାଚରେ ଇଂଲଣ୍ଡର ସ୍ପିଡ୍, ଷ୍ଟାମିନା, ବଲ୍ ପୋଜେଶନ ସବୁ ଚମତ୍କାର ରହିଥିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଇଂଲଣ୍ଡର ପ୍ରଦର୍ଶନ ଆଗରେ ସ୍ପେନ୍ ଲଢ଼େଇ ଫିକା ରହିଥିଲା। ମ୍ୟାଚର ୧୦ମ ମିନିଟରେ ଇଂଲଣ୍ଡ ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରି ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ୧୧ତମ ମିନିଟରେ ତାହାକୁ ଗୋଲରେ ପରିଣତ କରି ଫିଲ୍ ରୋପର ଦଳକୁ ଅଗ୍ରଣୀ କରିଥିଲେ। ୧୪ତମ ମିନିଟରେ ଗୋଲ ପରିଶୋଧ ପାଇଁ ସ୍ପେନ୍ ଭଲ ସୁଯୋଗ ପାଇଥିଲେ ହେଁ ପେନାଲ୍ଟି କର୍ନରର ସଦୁପଯୋଗ କରିପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୨୨ତମ ମିନିଟରେ ଡାଭିଡ କଣ୍ଡନ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଇଂଲଣ୍ଡ ଅଧିକ ଆକ୍ରମଣାତ୍ମକ ଖେଳିଥିଲା। ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୩୮ତମ ମିନିଟରେ ସ୍ପେନ୍ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ତାହା ବେକାର ଯାଇଥିଲା। ଫଳରେ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ବେଳକୁ ଇଂଲଣ୍ଡ ପଲା ଭାରି ହୋଇ ଯାଇଥିଲା। ଏହି ପର୍ଯ୍ୟାୟରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲେ ହେଁ କେବଳ ଇଂଲଣ୍ଡ ୨ଟି ଗୋଲ ଦେବାରେ ସକ୍ଷମ ହୋଇଥିଲା। ୫୧ତମ ମିନିଟରେ ନିକୋଲାସ ବଣ୍ଡୁରାକ ଏବଂ ଏହାର ୧ ମିନିଟ ପରେ ୫୨ତମ ମିନିଟରେ ଲିଆମ ଅନସେଲ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇ ସ୍ପେନ୍‌କୁ ସମ୍ପୂର୍ଣ୍ଣଭାବେ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ।

# ନେଦରଲାଣ୍ଡ୍‌ସର ବିଶ୍ୱ ରେକର୍ଡ

## ଚିଲିକୁ ୧୪-୦ରେ ହରାଇ ଅପରାଜେୟ

ଭୁବନେଶ୍ୱର, ୧୯।୧
(କ୍ରୀଡ଼ା ପ୍ରତିନିଧି)

ଗତ ଥରର ରନରଅପ୍ ନେଦରଲାଣ୍ଡ୍ସ ଚଳିତ ହକି ବିଶ୍ୱକପ୍‌ରେ ଗୋଟିଏ ମ୍ୟାଚରେ ସର୍ବାଧିକ ଗୋଲ ଦେଇ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ଗ୍ରୁପ୍ 'ସି' ମ୍ୟାଚରେ ଏହି ଦଳ ୧୪-୦ ଗୋଲରେ ଚିଲିକୁ ପରାସ୍ତ କରିଛି। ପୂରା ମ୍ୟାଚରେ ଗୋଲ ବର୍ଷା କରିଥିଲା ନେଦରଲାଣ୍ଡ୍ସ। କୌଣସି ଏକ ସିନିୟର ପୁରୁଷ ବିଶ୍ୱକପ୍

**ଗୋଟିଏ ମ୍ୟାଚରେ ସର୍ବାଧିକ ଗୋଲ**

୨୦୨୩: ନେଦରଲାଣ୍ଡ୍ସ –୧୪ ବନାମ ଚିଲି–୦
୨୦୧୦: ଅଷ୍ଟ୍ରେଲିଆ–୧୨ ବନାମ ଦକ୍ଷିଣ ଆଫ୍ରିକା–୦
୨୦୧୮: ଅଷ୍ଟ୍ରେଲିଆ–୧୧ ବନାମ ଚାଇନା–୦

ହକି ମ୍ୟାଚରେ ୧୪ ଗୋଲ ପୂର୍ବରୁ କେବେ ହୋଇ ନ ଥିଲା। ୨୦୧୦ ବିଶ୍ୱକପ୍‌ରେ ଲ୍ୟୁକ୍ ଡୋନେର୍ସଙ୍କ ୫ ଗୋଲ ସହାୟତାରେ ଅଷ୍ଟ୍ରେଲିଆ ୧୨–୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ରେକର୍ଡର ଅଧିକାରୀ ଥିଲା। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୨୦୧୮ ବିଶ୍ୱକପ୍‌ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ସର୍ବାଧିକ ୧୧–୦ ଗୋଲରେ ଚାଇନାକୁ ପରାସ୍ତ କରିଥିଲା। ଏଠାରେ ନେଦରଲାଣ୍ଡ୍ସ ୧୪ଟି ଗୋଲ ଦେଇ ଅଷ୍ଟ୍ରେଲିଆ ନାମରେ ଥିବା ୧୩ ବର୍ଷର ରେକର୍ଡକୁ ଭାଙ୍ଗିଛି। ନେଦରଲାଣ୍ଡ୍ସ ପକ୍ଷରୁ ଜିପ୍ ଜାନସେନ ୬, ୨୯ ୩୪ ଓ ୪୪ତମ ମିନିଟରେ ହ୍ୟାଟ୍ରିକ ସହ ଏକାକୀ ୪ଟି ଗୋଲ ଦେଇଥିବାବେଳେ ଥିଏରୀ ବ୍ରିଙ୍କ୍‌ମାନ ୨୫, ୩୩ ଓ ୫୮ତମ ମିନିଟରେ ହ୍ୟାଟ୍ରିକ ସହ ୩ଟି, କୋଏନ ବିଜେନ ୪୦ ଓ ୪୫ତମ ମିନିଟରେ ୨ଟି ଲେଖାଏ ଏବଂ ଡେର୍କ ଡି'ଭିଲ୍ଡର ୨୨, ଥିଜ୍ସ ଭାନ୍ ଡାମ୍ ୨୩, ଟେରାନ୍ସ ପିଟର୍ସ ୩୭, ଜଷ୍ଟେନ ବ୍ଲକ ୪୨ ଓ ଟିଉନ ବେନ୍ସ ୪୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଚିଲି ଏଥର ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଫଳରେ ଅଭିଜ୍ଞତାର ଅଭାବ ସ୍ପଷ୍ଟ ବାରି ହୋଇ ପଡ଼ିଥିଲା। ଅନ୍ୟପକ୍ଷରେ ୧୯୭୩, ୧୯୯୦ ଓ ୧୯୯୮ରେ ଚାମ୍ପିୟନ ଏବଂ ୧୯୭୮, ୧୯୯୪, ୨୦୧୪ ଓ ୨୦୧୮ରେ ୪ ଥର ରନରଅପ୍ ନେଦରଲାଣ୍ଡ୍ସ ଏଥର ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଟାଇଟଲ ଅଭିଯାନ ଦିଗରେ ଗୋଟିଏ ପାଦ ଅଗ୍ରସର ହୋଇଛି।

### ଗୋଲ ବର୍ଷା

ପୂର୍ବରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସାରିଥିବା ନେଦରଲାଣ୍ଡ୍ସ ଗ୍ରୁପ୍ 'ସି'ର ଶେଷ ଲିଗ୍ ମ୍ୟାଚରେ ବିଜୟୀ ହେବା ଫଳରେ ଅପରାଜେୟ ରହିଛି। ଏହି ଦଳ ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ହାସଲ କରିଛି। ଦଳର ଗୋଲ ବ୍ୟବଧାନ +୨୨ ରହିଛି। ଅର୍ଥାତ୍ ଦଳ ୨୨ଟି ଗୋଲ ସ୍କୋର କରିଥିବାବେଳେ ଗୋଟିଏ ହେଲେ ବରଣ କରିନାହିଁ। ମାଲେସିଆ ୩ ମ୍ୟାଚରୁ ୬ ଓ ନ୍ୟୁଜିଲାଣ୍ଡ ୩ ମ୍ୟାଚରୁ ୩ ପଏଣ୍ଟ ପାଇ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟତା ପାଇଛନ୍ତି। ଅନ୍ୟପକ୍ଷରେ ଚିଲି ୩ ମ୍ୟାଚରୁ ୩ୟ ପରାଜୟ ସହ ଅଭିଯାନ ଶେଷ କରିଛି। ନେଦରଲାଣ୍ଡ୍ସ ମୋଟ ୧୮ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିବାବେଳେ ଚିଲି ମାତ୍ର ୨ଟି ପେନାଲ୍ଟି କର୍ନର ପାଇଥିଲା। ଏହି ଦଳ ଏବେ କ୍ଲାସିଫିକେଶନ ମ୍ୟାଚ ଖେଳିବ।


ନେଦରଲାଣ୍ଡ୍ସ ଓ ଚିଲି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**କଳିଙ୍ଗରେ ଗୋଲ ସ୍କୋରିଂ ରେକର୍ଡ**

ଭୁବନେଶ୍ୱର, ୧୯।୧ (କ୍ରୀଡ଼ା ପ୍ରତିନିଧି): ହକି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ ଚିଲିକୁ ୧୪–୦ ଗୋଲରେ ହରାଇ ନେଦରଲାଣ୍ଡ୍ସ ବିଶ୍ୱରେକର୍ଡର ଅଧିକାରୀ ହୋଇଛି। କଳିଙ୍ଗ ଷ୍ଟାଡିୟମରେ କୌଣସି ସିନିୟର ପୁରୁଷ ହକି ମ୍ୟାଚରେ ଏହା ଏକ ରେକର୍ଡ। ତେବେ କଳିଙ୍ଗ ଷ୍ଟାଡିୟମରେ ଓଭରଅଲ୍ ଅନୁଷ୍ଠିତ ମ୍ୟାଚଗୁଡ଼ିକୁ ଦେଖିଲେ ଏହାଠାରୁ ଅଧିକ ଗୋଲ ମଧ୍ୟ ହୋଇଛି। ୨୦୨୧ରେ କଳିଙ୍ଗରେ ଅନୁଷ୍ଠିତ ଜୁନିୟର ପୁରୁଷ ହକି ବିଶ୍ୱକପ୍‌ର ଏକ ମ୍ୟାଚରେ ପାକିସ୍ତାନ ୧୮–୨ ଗୋଲରେ ଆମେରିକାକୁ ହରାଇ ରେକର୍ଡର ଅଧିକାରୀ ଅଛି। ଏହି ବିଶ୍ୱକପ୍‌ର ଅନ୍ୟ ଏକ ମ୍ୟାଚରେ ସ୍ପେନ୍ ୧୭–୦ ଗୋଲରେ ଆମେରିକାକୁ ପରାସ୍ତ କରିଥିଲା। ଆର୍ଜେଣ୍ଟିନା ୧୪–୦ ଗୋଲରେ ଇଜିପ୍ଟକୁ ଏବଂ ନେଦରଲାଣ୍ଡ୍ସ ସମାନ ୧୪–୦ ଗୋଲରେ ଆମେରିକାକୁ ପରାସ୍ତ କରିଥିଲା। ଜୁନିୟର ବିଶ୍ୱକପ୍‌ର ଏକ ମ୍ୟାଚରେ ଭାରତ ୧୩–୧ ଗୋଲରେ କାନାଡ଼ାକୁ ହରାଇଥିଲା।

**ଫ୍ୟାନ୍ କର୍ନର**


ତ୍ରିରଙ୍ଗାରେ ସଜେଇ ହୋଇଛନ୍ତି କୁନି ସମର୍ଥକ।


ସେଲ୍‌ଫି ନେବାରେ ବ୍ୟସ୍ତ ପ୍ରଶଂସକ।


ନେଦରଲାଣ୍ଡ୍ସ ସମର୍ଥକ।


ଓଲି ସହ ଫଟୋ ଉଠାଉଛନ୍ତି ଭାରତୀୟ ପ୍ରଶଂସକ।


କଳିଙ୍ଗ ଷ୍ଟାଡିୟମରେ ଦର୍ଶକ ଷ୍ଟାଣ୍ଡରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ତାଙ୍କ ପରିବାର।

## ହକି ବିଶ୍ୱକପ ପଏଣ୍ଟ ଟେବୁଲ

| ଦଳ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ଗୋ.ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| ପୁଲ୍ 'ଏ' | | | | | | | | |
| ଅଷ୍ଟ୍ରେଲିଆ | ୨ | ୧ | ୧ | ୦ | ୧୧ | ୩ | +୮ | ୪ |
| ଆର୍ଜେଣ୍ଟିନା | ୨ | ୧ | ୧ | ୦ | ୪ | ୩ | +୧ | ୪ |
| ଫ୍ରାନ୍ସ | ୨ | ୧ | ୦ | ୧ | ୨ | ୯ | –୭ | ୩ |
| ଦକ୍ଷିଣ ଆଫ୍ରିକା | ୨ | ୦ | ୦ | ୨ | ୧ | ୩ | –୨ | ୦ |
| ପୁଲ୍ 'ବି' | | | | | | | | |
| ବେଲଜିୟମ | ୨ | ୧ | ୧ | ୦ | ୭ | ୨ | +୫ | ୪ |
| ଜର୍ମାନୀ | ୨ | ୧ | ୧ | ୦ | ୫ | ୨ | +୩ | ୪ |
| ଦକ୍ଷିଣ କୋରିଆ | ୨ | ୧ | ୦ | ୧ | ୨ | ୬ | –୪ | ୩ |
| ଜାପାନ | ୨ | ୦ | ୦ | ୨ | ୧ | ୫ | –୪ | ୦ |
| ପୁଲ୍ 'ସି' | | | | | | | | |
| ନେଦରଲାଣ୍ଡ୍ସ | ୩ | ୩ | ୦ | ୦ | ୨୨ | ୦ | +୨୨ | ୯ |
| ନ୍ୟୁଜିଲାଣ୍ଡ | ୩ | ୨ | ୦ | ୧ | ୬ | ୮ | –୨ | ୬ |
| ମାଲେସିଆ | ୩ | ୧ | ୦ | ୨ | ୫ | ୮ | –୩ | ୩ |
| ଚିଲି | ୩ | ୦ | ୦ | ୩ | ୩ | ୨୦ | –୧୭ | ୦ |
| ପୁଲ୍ 'ଡି' | | | | | | | | |
| ଇଂଲଣ୍ଡ | ୩ | ୨ | ୧ | ୦ | ୯ | ୦ | +୯ | ୭ |
| ଭାରତ | ୩ | ୨ | ୧ | ୦ | ୬ | ୨ | +୪ | ୭ |
| ସ୍ପେନ୍ | ୩ | ୧ | ୦ | ୨ | ୫ | ୭ | –୨ | ୩ |
| ୱେଲ୍ସ | ୩ | ୦ | ୦ | ୩ | ୩ | ୧୪ | –୧୧ | ୦ |

# ନ୍ୟୁଜିଲାଣ୍ଡକୁ ହରାଇଲା ମାଲେସିଆ

ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୯।୧

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହକି ବିଶ୍ୱକପ୍‌ର ପୁଲ୍ 'ସି' ମ୍ୟାଚରେ ମାଲେସିଆ ୩–୨ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏଥିସହ ଦୁଇ ଦଳ ଗ୍ରୁପ୍ ପର୍ଯ୍ୟାୟ ଶେଷ କରିଛନ୍ତି। ମାଲେସିଆ ଅଧିନାୟକ ମାରହାନ ଜଲିଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମାଲେସିଆ ୩ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୩ ମ୍ୟାଚରୁ ୨ ପରାଜୟ ଓ ୧ ବିଜୟ ସହିତ ୩ ପଏଣ୍ଟ ପାଇଛି। ଫଳରେ ଏହି ଗ୍ରୁପ୍‌ରୁ ମାଲେସିଆ ଦ୍ୱିତୀୟ ଓ ନ୍ୟୁଜିଲାଣ୍ଡ ତୃତୀୟ ଦଳ ଭାବେ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ଗ୍ରୁପ୍‌ରୁ ନେଦରଲାଣ୍ଡ୍ସ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଆରମ୍ଭରେ ନ୍ୟୁଜିଲାଣ୍ଡ ପ୍ରଦର୍ଶନ ଅପେକ୍ଷାକୃତ ଧିମା ରହିଥିଲା। ଏହାର ଫାଇଦା ଉଠାଇଥିଲା ମାଲେସିଆ। ୯ମ ମିନିଟରେ ୧୦ ନମ୍ବର ଖେଳାଳି ଫୈଜଲ ସାରି ଫିଲ୍ଡ ଗୋଲଦେଇ ମାଲେସିଆକୁ ଅଗ୍ରଣୀ କରାଇଥିଲେ। ଏହାପରେ ନ୍ୟୁଜିଲାଣ୍ଡ ରଣନୀତିରେ ପରିବର୍ତ୍ତନ କରି ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିଥିଲେ ହେଁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଗୋଲ ପରିଶୋଧ କରିପାରି ନ ଥିଲା। ତୃତୀୟ କ୍ୱାର୍ଟର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪୨ତମ ମିନିଟରେ ମାଲେସିଆକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ୪୩ତମ ମିନିଟରେ ଏହାକୁ ଗୋଲରେ କନଭର୍ଟ କରିଥିଲେ ରାଜି ରହିମ। ତୃତୀୟ କ୍ୱାର୍ଟରରେ ଅସଲ ଖେଳ ଦେଖିବାକୁ ମିଳିଥିଲା। କାଉଣ୍ଟର ଆଟାକ୍ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ନ୍ୟୁଜିଲାଣ୍ଡ। ୫୨ତମ ମିନିଟରେ ହେଡେନ ଫିଲିପ୍ସ ଏକ ଫିଲ୍ଡ ଗୋଲ ଦେଇଥିବାବେଳେ ୫୩ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ କନଭର୍ଟ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ ସାମ୍ ଲେନ୍। ମାତ୍ର ମାଲେସିଆକୁ ଭାଗ୍ୟ ସାଥ୍ ଦେଇଥିଲା। ମ୍ୟାଚର ଶେଷ ଭାଗରେ ନ୍ୟୁଜିଲାଣ୍ଡ ଡି' ଏରିଆରେ ବଡ଼ ଗ୍ୟାପ୍‌ର ଫାଇଦା ଉଠାଇ ମାଲେସିଆର ଫୈଜଲ ସାରି ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିଲେ। ଏହି ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ନ୍ୟୁଜିଲାଣ୍ଡକୁ ପଛରେ ପକାଇ ମାଲେସିଆ ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରି ନେଇଥିଲା। ମାଲେସିଆ ୬ଟି ପେନାଲ୍ଟି କର୍ନର ପାଇଥିବାବେଳେ ଏଥିରୁ ଗୋଟିଏକୁ ଗୋଲରେ କନଭର୍ଟ କରିଥିଲା। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୩ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା ଏବଂ ସେଥିରୁ ଗୋଟିଏକୁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲା।


ନ୍ୟୁଜିଲାଣ୍ଡ ବିପକ୍ଷରେ ମାଲେସିଆ ଖେଳାଳିଙ୍କ ଗୋଲ୍ ସ୍କୋର ପ୍ରୟାସ।

**ବିଶ୍ୱକପ୍‌ର ୨୫୦୦ତମ ଗୋଲ**

ଭୁବନେଶ୍ୱର, ୧୯।୧(କ୍ରୀଡ଼ା ପ୍ରତିନିଧି): ହକି ବିଶ୍ୱକପ୍‌ର ୨୫୦୦ତମ ଗୋଲ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ସ୍କୋର ହୋଇଥିଲା। ମାଲେସିଆ ବିପକ୍ଷରେ ନ୍ୟୁଜିଲାଣ୍ଡର ସାମ୍ ଲେନ୍ ପେନାଲ୍ଟି କର୍ନରରୁ ଏହି ଗୋଲଟି ଦେଇଥିଲେ। ମ୍ୟାଚର ୫୩ତମ ମିନିଟରେ ନ୍ୟୁଜିଲାଣ୍ଡକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ସାମ୍ ଲେନ୍ ଏହାକୁ ଗୋଲରେ କନଭର୍ଟ କରି ନ୍ୟୁଜିଲାଣ୍ଡକୁ ୨–୨ ସ୍ଥିତିକୁ ନେଇ ଆସିଥିଲେ। ମାତ୍ର ପରେ ମାଲେସିଆ ଆଉ ଏକ ଗୋଲ ଦେଇ ୩–୨ ଗୋଲରେ ବିଜୟୀ ହୋଇଥିଲା।

# ଜୋକୋଭିଚ୍‌ଙ୍କ ସଂଘର୍ଷପୂର୍ଣ୍ଣ ବିଜୟ

**ଅଷ୍ଟ୍ରେଲିଆନ୍ ଓପନ୍**

ମେଲବୋର୍ନ,୧୯।୧

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଟୁର୍ନାମେଣ୍ଟରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି ସର୍ବିୟାର ନୋଭାକ ଜୋକୋଭିଚ୍। ସେ ୪ ସେଟ ବିଶିଷ୍ଟ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଫ୍ରାନ୍ସର ଏଞ୍ଜୋ କୋକଡଙ୍କୁ ପରାସ୍ତ କରିଛନ୍ତି। ୬-୧, ୬-୭(୭-୫), ୬-୨ ଓ ୬-୦ରେ ଜୋକୋଭିଚ୍ ଏହି ମ୍ୟାଚକୁ ଜିତି ନେଇଥିଲେ। ଦ୍ୱିତୀୟ ସେଟକୁ ଟାଇବ୍ରେକରରେ ହାରିବା ପରେ ଗୋଡରେ ଆଘାତ ସତ୍ତ୍ୱେ ଜୋକୋଭିଚ୍ ଲଢେଇ କରି ମ୍ୟାଚ ଜିତି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍ ବିଜୟୀ ହୋଇଥିଲେ ହେଁ ୧୨ ନମ୍ବର ସିଡ୍ ଆଲେକଜାଣ୍ଡାର ଜେଭରେଭ୍, ୮ ନମ୍ବର ଖେଳାଳି ଟେଲର ଫ୍ରିଜ୍ ଓ ୧୪ ନମ୍ବର ଖେଳାଳି ପଉଲା କାରେନ୍ ବୁସ୍ତା ପରାଜିତ ହୋଇଛନ୍ତି। ଅଷ୍ଟ୍ରେଲିଆର ମାଇକେଲ ମୋହ ୬-୭(୧-୭), ୬-୪, ୬-୩ ଓ ୬-୨ ସେଟରେ ଜେଭରେଭଙ୍କୁ ହରାଇଥିଲେ। ୮ ନମ୍ବର ମାନ୍ୟତାରେ ଥିବା ଆମେରିକାର ଟମି ଫ୍ରିଜ୍ ସ୍ଥାନୀୟ ଖେଳାଳି ଆଲେକ୍ସି ପପିରିନଙ୍କ ନିକଟରୁ ୭-୬, ୬-୭, ୪-୬, ୭-୬ ଓ ୨-୬ ସେଟରେ ପରାଜିତ ହୋଇଥିଲେ। ୧୪ ନମ୍ବର ଖେଳାଳି ପଉଲା କାରେନ୍ ବୁସ୍ତା ଫ୍ରାନ୍ସର ଅଣସିଡେଡ ଖେଳାଳି ବେଞ୍ଜାମିନ ବୋଞ୍ଜିଙ୍କ ଠାରୁ ୬-୪, ୬-୪, ୬-୭, ୧-୬ ଓ ୬-୭ ବ୍ୟବଧାନରେ ପରାଜିତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଦୁଇ ନମ୍ବର ଖେଳାଳି ଓନ୍ସ ଜାବେର ପରାଜିତ ହୋଇଥିବା ବେଳେ କାରୋଲିନା ଗାର୍ସିଆ, କାରୋଲିନା ପ୍ଲିସ୍‌କୋଭା ଓ ବେଲିଣ୍ଡା ବେନ୍ସିକ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ନୋଭାକ ଜୋକୋଭିଚ୍

## ୬ରୁ ୮ ସପ୍ତାହ ଖେଳି ନ ପାରନ୍ତି ନାଡାଲ

ମେଲବୋର୍ନ, ୧୯।୧(ଏପି)

ଅଷ୍ଟ୍ରେଲିଆନ ଓପନରେ ଏକ ମ୍ୟାଚ ଖେଳୁଥିବାବେଳେ ରାଫାଲ ନାଡାଲଙ୍କ ପିଚାରେ ଆଘାତ ଲାଗିଛି। ଫିଟ୍ ହେବା ଲାଗି ତାଙ୍କୁ ୬ରୁ ୮ ସପ୍ତାହ ସମୟ ଲାଗିପାରେ ବୋଲି ତାଙ୍କ ମ୍ୟାନେଜର ଗୁରୁବାର ପ୍ରକାଶ କରିଛନ୍ତି। ୨୨ ଥର ଗ୍ରାଣ୍ଡସ୍ଲାମ୍ ବିଜେତାଙ୍କର ଡାକ୍ତରଙ୍କ ତତ୍ତ୍ୱାବଧାନରେ ମେଲବୋର୍ନସ୍ଥିତ ଏକ ହସ୍ପିଟାଲରେ ଏମ୍ଆରଆଇ ପରୀକ୍ଷା କରାଯାଇଥିଲା। ମେଲବୋର୍ନ ପାର୍କଠାରେ ବୁଧବାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡ ବିପକ୍ଷ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳୁଥିବା ବେଳେ ନାଡାଲ ଆଘାତପ୍ରାପ୍ତ ହୋଇଥିଲେ। ଗତଥରର ଚାମ୍ପିୟନ ନାଡାଲ ଏଥର ଅଷ୍ଟ୍ରେଲିଆର ନମ୍ବର ୱାନ ସିଡ୍ ଖେଳାଳି ମାନ୍ୟତା ପାଇଥିଲେ। ୩୬ ବର୍ଷୀୟ ଟେନିସ ଷ୍ଟାର ବର୍ତ୍ତମାନ ବିଶ୍ରାମ ପାଇଁ ସ୍ୱଦେଶ ସ୍ପେନ୍ ଫେରିଯିବେ। ନାଡାଲ ତାଙ୍କ ଗତ ୯ ମ୍ୟାଚ ମଧ୍ୟରୁ ୭ଟିରେ ପରାଜିତ ହୋଇଛନ୍ତି।

## ସାନିଆ-ଡାନିଲିନା ଦ୍ୱିତୀୟ ରାଉଣ୍ଡରେ

ମେଲବୋର୍ନ, ୧୯।୧(ପି.ଟି.)

କ୍ୟାରିୟରର ଶେଷ ଗ୍ରାଣ୍ଡସ୍ଲାମ ଖେଳୁଥିବା ଭାରତ ଟେନିସ ଷ୍ଟାର ସାନିଆ ମିର୍ଜା ଅଷ୍ଟ୍ରେଲିଆନ ଓପନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସାନିଆ ଓ ତାଙ୍କ କାଜାଖସ୍ତାନ ପାର୍ଟନର ଆନା ଡାନିଲିନା ୬-୨, ୭-୫ରେ ହଙ୍ଗେରୀର ଡାଲ୍‌ମା ଗାଲ୍‌ଫି ଓ ଆମେରିକାର ବର୍ନାର୍ଡା ପେରାଙ୍କୁ ୬-୨, ୭-୫ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୧୫ ମିନିଟ ଧରି ଚାଲିଥିଲା। ଦ୍ୱିତୀୟ ରାଉଣ୍ଡରେ ସେମାନେ ଆଲିସନ ଭାନ୍ ୟୁଟି ଭାନକ ଓ ଆନ୍‌ହେଲିନା କାଲିନିନାଙ୍କୁ ଭେଟିବେ। ପୁରୁଷ ଡବଲ୍ସରେ ରାମକୁମାର ରମାନାଥନ ୟୁକି ଭାମ୍ବ୍ରି ଓ ସାକେତ ମାଇନେନି ଯୋଡ଼ି ସେମାନଙ୍କ ମ୍ୟାଚ ହାରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ରାମକୁମାର ଏବଂ ତାଙ୍କ ମେକ୍ସିକାନ୍ ପାର୍ଟନର ମିଗୁଏଲ୍ ଆଞ୍ଜେଲ ରିୟେସ୍-ଭାରେଲା ପ୍ରଥମ ସେଟ୍‌ରେ ଅଗ୍ରଣୀ ରହିଥିଲେ ମଧ୍ୟ ସିଟ୍‌ସିପାସ୍ ବ୍ରଦର୍ସ ଷ୍ଟିଫାନସ ଓ ପେଟ୍ରୋସ୍‌ଙ୍କଠାରୁ ୬-୩, ୫-୭, ୩-୬ରେ ହାରିଯାଇଛନ୍ତି। ୱାଇଲ୍ଡକାର୍ଡ ପ୍ରାପ୍ତ ଭାମ୍ବ୍ରି ଓ ମାଇନେନି ଅଷ୍ଟ୍ରେଲିଆନ-ଜର୍ମାନ ଯୋଡ଼ି ଆନ୍ଦ୍ରିଆସ୍ ମିଜ୍ ଓ ଜନ୍ ପିଅର୍ସଙ୍କଠାରୁ ୬-୭, ୭-୭, ୬-୩ରେ ପରାଜିତ ହୋଇଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ୨ ଘଣ୍ଟା ୪୫ ମିନିଟ ଧରି ଚାଲିଥିଲା।

## ଶୁଭ୍ରାଂଶୁଙ୍କ ବ୍ୟାଟିଂରେ ଓଡ଼ିଶା ଆଗୁଆ

**ରଣଜୀ ଟ୍ରଫି**

ଭୁବନେଶ୍ୱର,୧୯।୧
(ସ୍ପୋର୍ଟ୍ସ ବ୍ୟୁରୋ)


ଶୁଭ୍ରାଂଶୁ ସେନାପତି


ସୂର୍ଯ୍ୟକାନ୍ତ ପ୍ରଧାନ

ମିରଟର ଭିକ୍ଟୋରିଆ ପାର୍କରେ ଅନୁଷ୍ଠିତ ରଣଜୀ ଟ୍ରଫି ମ୍ୟାଚର ତୃତୀୟ ଦିନର ଖେଳ ଶେଷ ହୋଇଥିବା ବେଳେ ୧୬ ରନରେ ଆଗୁଆ ରହିଛି ଓଡ଼ିଶା। ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୨୨୬ ରନ୍ ଜବାବରେ ଉତ୍ତର ପ୍ରଦେଶ ୩୬୨ ରନ୍ କରିଥିଲା। ପ୍ରିୟମ ଗର୍ଗ ଓ ରିଙ୍କୁ ସିଂ ଶତକ ମାରିଥିବା ବେଳେ ୪ ଉଇକେଟ ନେଇଥିଲେ ସୂର୍ଯ୍ୟକାନ୍ତ ପ୍ରଧାନ। ଜବାବରେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୧ ଉଇକେଟ ବିନିମୟରେ ୧୫୨ ରନ୍ କରିବା ସହିତ ୧୬ ରନରେ ଆଗୁଆ ରହିଛି। ଅଧିନାୟକ ଶୁଭ୍ରାଂଶୁ ସେନାପତି ୯୧ ଓ ଅନୁରାଗ ଷଡ଼ଙ୍ଗୀ ୫୨ ରନରେ ବ୍ୟାଟିଂ କରୁଛନ୍ତି।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୨୫୭/୪ରୁ ଖେଳ ଆରମ୍ଭ କରିଥିବା ଉତ୍ତର ପ୍ରଦେଶ ୧୦୫ ରନ୍ ଯୋଡ଼ି ୬ ଉଇକେଟ ହରାଇଥିଲା। ୭୩ ରନରେ ଅପରାଜିତ ଥିବା ରିଙ୍କୁ ସିଂ ୧୦୫ ରନ୍ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷଦୀପ ନାଥ ଓ ସମୀର ଚୌଧୁରୀ ୨୧ ରନ୍ ଲେଖାଏ ଗୋଲ ସ୍କୋର କରିଥିଲେ। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ୪ ଉଇକେଟ ନେଇଥିବା ବେଳେ ସୁନୀଲ ରାଉଳ ଓ ପ୍ରୟାସ ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୩୬ ରନରେ ପଛୁଆ ରହିବା ପରେ ଓଡ଼ିଶା ପ୍ରଥମ ଇନିଂସର ଶତକ ହାସଲକାରୀ ଶାନ୍ତନୁ ମିଶ୍ର(୪)ଙ୍କ ଉଇକେଟ ହରାଇଥିଲା। ତେବେ ଶୁଭ୍ରାଂଶୁ ଓ ଅନୁରାଗ ଦ୍ୱିତୀୟ ଉଇକେଟରେ ଯୋଡିଥିଲେ ଅବିଭାଜିତ ୧୪୩ ରନ୍। ୧୦୭ ବଲ ଖେଳିଥିବା ଶୁଭ୍ରାଂଶୁ ୧୩ ଚୌକା ଓ ୧ ଛକା ସହିତ ୯୧ ରନ୍ କରିଥିବା ବେଳେ ଅନୁରାଗ ୧୨୮ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଛନ୍ତି। ଶିବମ ମାଭି ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

**ସଂକ୍ଷିପ୍ତ ସ୍କୋର: ଓଡ଼ିଶା ପ୍ରଥମ ଇନିଂସ:** ୨୨୬/୧୦

**ଉତ୍ତରପ୍ରଦେଶ ପ୍ରଥମ ଇନିଂସ:** ୧୦୦.୩ ଓଭରରେ ୩୬୨/୧୦ ( ପ୍ରିୟମ ଗର୍ଗ-୧୨୨, ରିଙ୍କୁ ସିଂ-୧୦୮, ଧ୍ରୁବ ଜୁରେଲ-୪୪, ସୂର୍ଯ୍ୟକାନ୍ତ ପ୍ରଧାନ-୪/୭୬,ସୁନୀଲ ରାଉଳ-୨/୮୪, ପ୍ରୟାସ ସିଂ-୨/୬୬)।

**ଓଡ଼ିଶା ଦ୍ୱିତୀୟ ଇନିଂସ:** ୪୧ ଓଭରରେ ୧୫୨/୧ (ଶୁଭ୍ରାଂଶୁ ସେନାପତି-୯୧, ଅନୁରାଗ ଷଡଙ୍ଗୀ-୫୨, ଶିବମ ମାଭି-୧/୩୭)।






## ହାଶିମ ଅମ୍‌ଲାଙ୍କ ଅବସର




ସରେ, ୧୯।୧(ପି.ଟି.)

ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ବ୍ୟାଟର ହାଶିମ୍ ଅମ୍‌ଲା କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଫଳରେ ତାଙ୍କ ଦୁଇ ଦଶନ୍ଧି ଧରି କ୍ୟାରିୟର୍‌ର ଅବସାନ ଘଟିଛି। ଏହି ୩୯ ବର୍ଷୀୟ ବ୍ୟାଟର ଅମ୍‌ଲା ୨୦୦୪ରୁ ୨୦୧୯ ମଧ୍ୟରେ ଦକ୍ଷିଣ ଆଫ୍ରିକା ତରଫରୁ ୧୨୪ ଟେଷ୍ଟ, ୧୮୧ ଅନ୍ତର୍ଜାତୀୟ ଦିନିକିଆ ଓ ୪୪ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ ତାଙ୍କ ଦେଶ ପାଇଁ ଅନେକ ରେକର୍ଡ କରିଛନ୍ତି। ଟେଷ୍ଟରେ ତ୍ରିଶତକ ହାସଲ କରିବାରେ ସେ ଦକ୍ଷିଣ ଆଫ୍ରିକାର ପ୍ରଥମ ଏବଂ ଏକମାତ୍ର ଖେଳାଳି। ୨୦୨୧ ଜୁଲାଇରେ ଦି ଓଭାଲଠାରେ ସେ ଇଂଲଣ୍ଡ ବିପକ୍ଷରେ ୩୧୧ ରନ କରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକାର ଜଣେ ଖେଳାଳି ହିସାବରେ ଏପର୍ଯ୍ୟନ୍ତ ଏହା ସର୍ବୋଚ୍ଚ ସ୍କୋର ବିବେଚନା କରାଯାଉଛି।

# ରେସ୍‌ଲରଙ୍କୁ ବବିତାଙ୍କ ଆଶ୍ୱାସନା

ନୂଆଦିଲ୍ଲୀ,୧୯।୧(ପି.ଟି.)

ସର୍ବଭାରତୀୟ କୁସ୍ତି ଫେଡେରେଶନ (ଡବ୍ଲ୍ୟୁଏଫ୍ଆଇ) ସଭାପତି ତଥା ଭାଜପା ଏମ୍‌ପି ବ୍ରଜଭୂଷଣ ଶରଣ ସିଂଙ୍କ ଇସ୍ତଫା ଦାବିରେ ଦେଶର ଶ୍ରେଷ୍ଠ ରେସ୍‌ଲରମାନଙ୍କ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ଗୁରୁବାର ଭାଜପା ବିଧାୟକ ତଥା ୩ଟି ରାଜ୍ୟଗୋଷ୍ଠୀ ପଦକ ବିଜେତା ବବିତା ଫୋଗତ ସରକାରଙ୍କ ପ୍ରତିନିଧି ଦଳ ସହିତ ଆନ୍ଦୋଳନକାରୀ ଖେଳାଳିଙ୍କୁ ଭେଟିଛନ୍ତି। ଖେଳାଳିମାନଙ୍କ ଦାବି ପୂରଣ ହେବା ସହିତ ଡବ୍ଲ୍ୟୁଏଫ୍ଆଇକୁ ଭାଙ୍ଗି ଦିଆଯିବ ବୋଲି ସେ କହିଛନ୍ତି। ଏହି ଧାରଣାରେ ଭିନେଶ ଫୋଗତ ଓ ବଜରଙ୍ଗ ପୁନିଆଙ୍କ ବ୍ୟତୀତ ରିଓ ଅଲିମ୍ପିକ୍ସ ପଦକ ବିଜେତା ସାକ୍ଷୀ ମଲିକ, ସରିତା ମୋର, ସଙ୍ଗୀତା ଫୋଗତ, ସତ୍ୟବ୍ରତ ମଲିକ୍, ଜିତେନ୍ଦର କିନ୍ହା ଓ ରାଜ୍ୟଗୋଷ୍ଠୀ ପଦକ ବିଜେତା ସୁମିତ୍ ମଲିକ୍ ପ୍ରମୁଖ ସାମିଲ ଅଛନ୍ତି। ବୁଧବାର ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ତଥା ଅଲିମ୍ପିଆନ୍ ଭିନେଶ ଫୋଗତ ବ୍ରଜ ଭୂଷଣଙ୍କ ବିରୋଧରେ ଯୌନ ଶୋଷଣ ଓ ହତ୍ୟା ଅଭିଯୋଗ ଆଣିଥିଲେ। ବବିତା ଧାରଣାସ୍ଥଳରେ ପହଞ୍ଚି ଖେଳାଳିଙ୍କ ସହିତ ଆଲୋଚନା କରିଥିଲେ। ରେସ୍‌ଲରଙ୍କ ଇଚ୍ଛା ମୁତାବକ ଆଗାମୀ ଦିନରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ବବିତା କହିଛନ୍ତି। କ୍ରୀଡା ସଚିବ ସୁଜାତା ଚତୁର୍ବେଦୀ ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଡିଜି ସନ୍ଦୀପ ପ୍ରଧାନ ଓ କ୍ରୀଡା ବିଭାଗ ଯୁଗ୍ମ ସଚିବ କୁନାଲ ମଧ୍ୟ ଏହି ପ୍ରତିନିଧି ଦଳର ଅଂଶ ରହିଥିଲେ। ଗୁରୁବାର ଟୋକିଓ ଅଲିମ୍ପିକ୍ସ ପଦକ ବିଜେତା ରବି ଦହିୟା ଓ ଦୀପକ ପୁନିଆ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଉତ୍ତରପ୍ରଦେଶର କେଶରଗଞ୍ଜରୁ ଏମ୍‌ପି ରହିଥିବା ଡବ୍ଲ୍ୟୁଏଫ୍ଆଇ ସଭାପତି ବ୍ରଜଭୂଷଣ ନିଜ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣିତ ହେଲେ ମୋ ପଦରୁ ଇସ୍ତଫା ପ୍ରଦାନ କରିବି ବୋଲି ସେ କହିଛନ୍ତି।


ଆନ୍ଦୋଳନକାରୀ ରେସ୍‌ଲରଙ୍କ ସହ ବବିତା ଫୋଗତ।

### ଫେରିଲେ ବ୍ରିନ୍ଦା କରାଟ

ବରିଷ୍ଠ ସିପିଆଇ(ଏମ୍) ନେତ୍ରୀ ବ୍ରିନ୍ଦା କରାଟ ଆନ୍ଦୋଳନରତ ରେସ୍‌ଲରଙ୍କ ପ୍ରତି ନିଜର ସମର୍ଥନ ଜଣାଇବାକୁ ପହଞ୍ଚିଥିଲେ। ତେବେ ଏହି ଆନ୍ଦୋଳନକୁ ରାଜନୈତିକ ରଙ୍ଗ ଦେବା ସପକ୍ଷରେ ନ ଥିବା କହି ସେଠାରୁ ଚାଲିଯିବା ପାଇଁ ଖେଳାଳିମାନେ ତାଙ୍କୁ ଅନୁରୋଧ କରିଥିଲେ। ଏହି ଆନ୍ଦୋଳନକୁ ରାଜନୈତିକ ରଙ୍ଗ ଦେବା ପାଇଁ ଆମେ ଇଚ୍ଛୁକ ନୁହେଁ, ଆପଣ ଦୟାକରି ଏହି ସ୍ଥାନ ପରିତ୍ୟାଗ କରନ୍ତୁ ବୋଲି ଅନୁରୋଧ କରିଥିଲେ ବଜରଙ୍ଗ ପୁନିଆ।

## ୱେଲ୍ସ ପୁରୁଷ, ମହିଳା ଫୁଟ୍‌ବଲ ଟିମ୍ ପାଇଁ ସମାନ ପାଉଣା

କାର୍ଡିଫ,୧୯।୧(ଏପି)

ନୂଆ ସମାନ ବେତନ ରାଜିନାମା ଅନୁସାରେ ଏଣିକି ୱେଲ୍ସ ସିନିୟର ପୁରୁଷ ଓ ମହିଳା ଫୁଟ୍‌ବଲ ଦଳର ଖେଳାଳିମାନେ ସମାନ ପାଉଣା ପାଇବେ ବୋଲି ଫୁଟ୍‌ବଲ ଆସୋସିଏଶନ ଅଫ୍ ୱେଲ୍ସ(ଏଫ୍ଏଡବ୍ଲ୍ୟୁ) ପକ୍ଷରୁ ଘୋଷଣା କରାଯାଇଛି। ଏହା ତୁରନ୍ତ କାର୍ଯ୍ୟକାରୀ ହେବ। ନୂଆ ବେତନ ରାଜିନାମାର ସମୟସୀମା ମଧ୍ୟରେ ୨୦୨୬ ବିଶ୍ୱକପ୍ ଏବଂ ୨୦୨୭ ମହିଳା ବିଶ୍ୱକପ୍ ରହିଛି। ସୂଚନାଯୋଗ୍ୟ, ଇଂଲଣ୍ଡର ଉଭୟ ସିନିୟର ପୁରୁଷ ଓ ମହିଳା ୨୦୨୦ ଜାନୁୟାରୀ ପରଠାରୁ ସମାନ ବେତନ ପାଇ ଆସୁଛନ୍ତି। ଆୟର୍ଲାଣ୍ଡ ପକ୍ଷରୁ ମଧ୍ୟ ୨୦୨୧ ଜାନୁୟାରୀରୁ ଏହା କାର୍ଯ୍ୟକାରୀ ହୋଇ ଆସୁଛି।

## ଲକ୍ଷ୍ୟ ସେନ ପରାସ୍ତ

**ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ**

ନୂଆଦିଲ୍ଲୀ, ୧୯।୧ (ପି.ଟି.)

ୟୋନେକ୍ସ ସନ୍‌ରାଇଜ୍ ଇଣ୍ଡିଆ ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଗତଥରର ଚାମ୍ପିୟନ ଲକ୍ଷ୍ୟ ସେନ୍ ତାଙ୍କ ଟାଇଟଲ ବଜାୟ ରଖିବାରେ ବିଫଳ ହୋଇଛନ୍ତି। ସ୍ଥାନୀୟ ଆଇଜି ଷ୍ଟାଡିୟମରେ ଏକ ଦ୍ୱିତୀୟ ରାଉଣ୍ଡ ଗେମ୍‌ରେ ବିଶ୍ୱର ୧୨ ନମ୍ବର ଖେଳାଳି ସେନ୍ ଡେନମାର୍କର ତଥା ବିଶ୍ୱର ୨୦ ନମ୍ବର ଖେଳାଳି ରାସ୍‌ମସ୍ ଜେମ୍‌କଙ୍କଠାରୁ ୨୧-୧୬, ୧୫-୨୧, ୧୮-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୨୧ ମିନିଟ ଧରି ଚାଲିଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ପୂର୍ବରୁ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଆଘାତପ୍ରାପ୍ତ ହେବାରୁ ସେ ଓ ତାଙ୍କ ପାର୍ଟନର ଚିରାଗ ଶେଟ୍ଟି ପୁରୁଷ ଡବଲ୍ସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି।

# ଷ୍ଟାଡିୟମ ବାହାରେ ଦଳାଚକଟା: ୪ ମୃତ, ୩୪ ଆହତ

ବାଗଦାଦ, ୧୯।୧ (ଏପି)

ଇରାକର ଦକ୍ଷିଣାଞ୍ଚଳ ଅନ୍ତର୍ଗତ ବାସ୍ରା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ ବାହାରେ ଦଳାଚକଟାରେ ୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩୪ ଜଣ ଆହତ ହୋଇଛନ୍ତି। କେତେଜଣ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଇରାକ ଓ ଓମାନ ମଧ୍ୟରେ ୮ଟି ଦେଶକୁ ନେଇ ଆୟୋଜିତ ଆରବିଆନ ଗଲ୍ଫ କପ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଏହା ପୂର୍ବରୁ ଏହି ଘଟଣା ଘଟିଥିଲା। ମ୍ୟାଚ ଦେଖିବା ଲାଗି ଷ୍ଟାଡିୟମରେ ଭରପୂର ଦର୍ଶକ ଥିଲେ ଓ ସମସ୍ତ ଗେଟ୍ ବନ୍ଦ ରହିଥିଲା। ଯେଉଁମାନଙ୍କ ପାଖରେ ଟିକେଟ ନାହିଁ ସେମାନଙ୍କୁ ଷ୍ଟାଡିୟମ ଛାଡ଼ି ଚାଲିଯିବାକୁ ଇରାକର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

ଦେଶରେ ୪ବର୍ଷ ବ୍ୟବଧାନରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବାରୁ ଖେଳପ୍ରେମୀଙ୍କର ଖୁବ୍ ଉତ୍ସାହ ରହିଥିଲା। ମ୍ୟାଚ ଦେଖିବା ଲାଗି ଜନସାଧାରଣଙ୍କ ଲାଗି ବାସ୍ରାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ସ୍କ୍ରିନ୍ ଲାଗିଥିଲା। ଏହି ଟୁର୍ନାମେଣ୍ଟ ଜାନୁୟାରୀ ୬ରୁ ଆରମ୍ଭ ହୋଇଛି। ଏଥିରେ ଗଲ୍‌ଫ କୋଅପରେଶନ କାଉନ୍‌ସିଲ ରାଷ୍ଟ୍ର ସମୂହର ୬ଟି ଦେଶ ବାହାରିନ୍, କୁଏଟ୍, ଓମାନ, କାତାର, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ ବ୍ୟତୀତ ୟେମେନ ଓ ଇରାକ ଭାଗ ନେଇଥିଲେ। ୧୯୭୯ ପରେ ଇରାକ ପ୍ରଥମ ଥର ଏହି ଟୁର୍ନାମେଣ୍ଟ ଆୟୋଜନ କରିଛି। ଚଳିତ ମାସ ପ୍ରାରମ୍ଭରେ ଓପନିଂ ମ୍ୟାଚ ବେଳେ ଭିଆଇପି ଷ୍ଟାଣ୍ଡରେ ଭିଡ଼ ଯୋଗୁ କୁଏଟ୍ ପ୍ରିନ୍ସ ଯୋଗ ଦେଇପାରି ନ ଥିଲେ।


ଇରାକର ବାସ୍ରା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ ବାହାରେ ଦଳାଚକଟାର ଦୃଶ୍ୟ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ।